ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଜାନୁୟାରୀ ୯/୨୦୧୯ (୧୬ ପୃଷ୍ଠା) | Sambalpur, Wednesday, January 9/ 2019 | ★★
୧୫ଶ ଭାଗ ୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



# ଆଲର୍ଜି (Allergy) ନିରୂପଣ ପରୀକ୍ଷା ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ବରଗଡ଼, ରାଉରକେଲା, ସମ୍ବଲପୁର, ବୁର୍ଲା, ଦେଓଗଡ଼ଠାରେ 11 ଓ 12 ଜାନୁୟାରୀ ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED
MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

## ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ସମ୍ବଲପୁର, ବୁର୍ଲା, ଦେଓଗଡ଼, ବରଗଡ଼, ରାଉରକେଲାରେ 11 ଓ 12 ଜାନୁୟାରୀ ଦିନ ସକାଳ ୨ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ **(complete Allergy Test - Food, Skin, Inhalant)** ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





## ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରକ ଏବଂ ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କ ପାଇଁ

### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

**EUROBlotOne**



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ (EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

**Jerath Path Labs & Allergy Testing Centre**

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**
**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

| | | | | | | |
|---|---|---|---|---|---|---|
| **SAMBALPUR** 98610-06911 Patho Lab, Bada Bazar Chowk Opp. Durga Mandir | **SAMBALPUR** 70084-87942 DAPS Diagnostics, Pani Tanki Chowk Near H.Q Hospital Road | **JHARSUGUDA** 94386-41115 DAPS Diagnostic, M.B Road Opp. Andhara Bank | **BALANGIR** 98539-17241 Sanatan Patho Clinic, Radha Rani Pada, Hospital Chowk | **BALANGIR** 78097-15417 82497-46824 Hanuman Pathology, Radha Rani Pada, Near, Govt Hospital | **ROURKELA** 7008380167 Sai Poly Clinic, C/318, Pandab Complex Koel Nagar, Rourkela | **BALANGIR** 9437135091 7978389886 Online Specialty's, Thikadar Pada Chhack |
| **SONEPUR** 94386-06671 Padhan Patho Lab & Prem Med. Opp. HDFC Bank | **SOHELA** 98611-97313 63709-00205 J.k Pathology, Po. Sohela, Bargah | **BURLA** 99379-64978 DTS Diagnostics, Dhipapara, Dindayal Nagar, PO. Burla | **DEOGARH** 94373-45922 New Life Dignostic Centre, Hospital Road Deogarh | **ROURKELA** 98612-26613 79782-60207 Tarini Poly Clinic S. T. I Chowk Opp. Rourkela Govt Hospital (R.G.H) J.B. Market | **BARGHRH** 9437647100 9437534608 Satyabhama Diagnostic & Ploy Clinic, Lengu Mishra Chowk | |

**HELPLINE NO. : 62831-99635, 62831-94640, 94656-08045**



ସିବିଆଇ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ସନ୍ତୁଳିତ ରାୟ କେନ୍ଦ୍ର ସରକାରଙ୍କ ପାଇଁ ଆଦୌ ଝଟକା ନୁହେଁ। ରାୟ ପଢ଼ିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ।

-ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

## ଭାଜପା ନେତାଙ୍କୁ ଟ୍ରେନରେ ହତ୍ୟା



**ଅହମଦାବାଦ,୮।୧(ପି.ଟି.):** ଗୁଜରାଟର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନ୍ତୀ ଭାନୁଶାଲି ସୋମବାର ବିଳମ୍ବିତ ରାତିରେ ଟ୍ରେନରେ ଯାତ୍ରା କରୁଥିବାବେଳେ କେହି ଅଜଣା ଦୁର୍ବୃତ୍ତ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଭାନୁଶାଲି (୫୩) ଭୁଜ୍ ସହରରୁ ଭୁଜ୍-ଦାଦର ଏକ୍ସପ୍ରେସ ଟ୍ରେନ ଯୋଗେ ଅହମଦାବାଦ ଫେରୁଥିବାବେଳେ ରାତି ପାଖାପାଖି ୨ଟା ବେଳେ ଗୁଳିକାଣ୍ଡ ଘଟିଥିଲା। ତାଙ୍କ ଦେହରେ ଦୁଇଟି ଗୁଳି ବାଜିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଗୁଳିକାଣ୍ଡର କାରଣ ଜଣାପଡିନାହିଁ। ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିବା ପରେ ଭାନୁଶାଲି ଗତବର୍ଷ ଜୁଲାଇରେ ଗୁଜରାଟ ଭାଜପା ଉପାଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ପରେ ମହିଳା ଜଣଙ୍କ ଅଭିଯୋଗ ପ୍ରତ୍ୟାହାର କରିନେବାରୁ ଗୁଜରାଟ ହାଇକୋର୍ଟ ମାମଲାକୁ ଖାରଜ କରିଦେଇଥିଲେ। ଭାନୁଶାଲି ୨୦୦୭ରୁ ୨୦୧୨ କୁଚ୍ ଜିଲାର ଅବଦାସା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଥିଲେ।

## ଟ୍ରେନ ଦୁର୍ଘଟଣା : ୩ ମୃତ, ୩ଶହ ଆହତ

**ଜୋହାନ୍ସବର୍ଗ,୮।୧(ପି.ଟି.):** ଦକ୍ଷିଣ ଆଫ୍ରିକାର ବ୍ୟସ୍ତବହୁଳ ସହର ପ୍ରିଟୋରିଆରେ ମଙ୍ଗଳବାର ସକାଳେ ଭୟାବହ ଟ୍ରେନ ଦୁର୍ଘଟଣା ଘଟିଛି। ଦୁଇ ଯାତ୍ରୀବାହୀ ଟ୍ରେନ ଧକ୍କାରେ ୩ଶହ ଆହତ ହୋଇଛନ୍ତି। ଦୁର୍ଘଟଣାସ୍ଥଳରୁ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତମାନଙ୍କ ମଧ୍ୟରେ ୮୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କାକୁ ଦୃଷ୍ଟିରେ ରଖି ଜରୁରିକାଳୀନ ସେବା ଓ ତଜ୍ଜନିତ ପ୍ରସ୍ତୁତି ଅଭିଯାନ ଜୋରଦାର ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରେନଦ୍ୱୟ ରେଳଧାରଣାରୁ ଲାଇନଚ୍ୟୁତ୍ ହୋଇ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟକୁ ବଳବତ୍ତର ରଖାଯାଇଛି। ଦକ୍ଷିଣ ଆଫ୍ରିକାରେ ପୂର୍ବରୁ ମଧ୍ୟ ଟ୍ରେନ୍ ଦୁର୍ଘଟଣା ଘଟିଛି। ବର୍ଷେ ତଳେ ଦକ୍ଷିଣାଞ୍ଚଳ ସହର ପୋର୍ଟ ଏଲିଜାବେଥ୍‌ଠାରେ ୧୯ ମୃତ ଓ ୨୫୪ ଆହତ ହୋଇଥିଲାବେଳେ ୨୦୧୬-୧୭ରେ ୪୯୫ ଯାତ୍ରୀ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ଭାରତ ସୀମାରେ ଚାଇନା ସୈନ୍ୟଙ୍କୁ ହାୱିଜର କମାଣ

**ବେଜିଂ,୮।୧(ପି.ଟି.):** ଭାରତ ସୀମାବର୍ତ୍ତୀ ତିବ୍ବତରେ ମୁତୟନ ଚାଇନା ସୈନ୍ୟଙ୍କ ଆକ୍ରମଣ ସାମର୍ଥ୍ୟ ବୃଦ୍ଧି ଲାଗି ନିକଟରେ ହାଲୁକା ଯୁଦ୍ଧଟ୍ୟାଙ୍କ ଯୋଗାଇ ଦିଆଯାଇଥିବାବେଳେ ଏବେ ମୋବାଇଲ ହାୱିଜର କମାଣ ଯୋଗାଇ ଦିଆଯାଇଛି। ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଅବସ୍ଥାପିତ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ର ଉଚ୍ଚ ପାର୍ବତ୍ୟାଞ୍ଚଳରେ ସୀମା ସୁରକ୍ଷାରେ ଉନ୍ନତି ଲାଗି ଆକ୍ରମଣ କ୍ଷମତା ବଢ଼ାଇବା ଲକ୍ଷ୍ୟରେ ହାୱିଜର କମାଣ ସଜ୍ଜିତ ଯାନ ଯୋଗାଇ ଦିଆଯାଇଥିବା ଗ୍ଲୋବାଲ ଟାଇମ୍ସ ରିପୋର୍ଟରେ କୁହାଯାଇଛି। ଜଣେ ସାମରିକ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ ହାୱିଜରରେ ୫୨ କାଲିବର ତୋପ ରହିଛି, ଯାହାର ଶୁଟିଂ ରେଞ୍ଜ ୫୦ କିଲୋମିଟରରୁ ଅଧିକ। ଏଥିରୁ ଲେଜର ଓ ସାଟେଲାଇଟ-ଗାଇଡେଡ୍ ଗୋଳାବର୍ଷଣ କରାଯାଇଥାଏ।

### ଇତିହାସର ଆଇନାରେ
## ଜାନୁୟାରୀ ୯ର ପ୍ରମୁଖ ଘଟଣା

୨୦୧୧ ଜାନୁୟାରୀ ୯ରେ ଇରାନ୍‌ର ଏୟାର ଫ୍ଲାଇଟ୍-୨୭୭ ଦେଶର ଉତ୍ତରପଶ୍ଚିମ ଭାଗ ଓରୁମିୟେ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଏଥିରେ ଥିବା ୧୦୦ ଯାତ୍ରୀଙ୍କ ମଧ୍ୟରୁ ୭୭ ଲୋକଙ୍କ ମୃତ୍ୟୁ ଘଟିଥିଲା। ବୋଇଂ ୭୨୭-୨୮୬ ଏଡିଭି ନାମକ ଏହି ଯାତ୍ରିବାହୀ ବିମାନ ତେହେରାନ୍‌ସ୍ଥିତ ମେହରାବାଦ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟରୁ ଲକ୍ଷ୍ୟସ୍ଥଳ ଉର୍ମିଆ ଅଭିମୁଖେ ଯାତ୍ରା କରୁଥିଲା। ପାଗ କୁହୁଡିଆ ଥିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଥିଲା।

୧୯୪୫ ଜାନୁୟାରୀ ୯ରେ ଷଷ୍ଠ ଆମେରିକୀୟ ସ୍ଥଳସେନା ପକ୍ଷରୁ ଲିଙ୍ଗାୟେନ୍ ଗଲ୍‌ଫ ଉପରେ ଆକ୍ରମଣ ହୋଇଥିଲା। ଆମେରିକାର ଷଷ୍ଠ ସ୍ଥଳସେନାର ମୁଖ୍ୟ କାର୍ଯ୍ୟାଳୟ ଫୋର୍ଟ ସାମ୍ ହ୍ୟୁଷ୍ଟନ୍‌ରେ ରହିଛି।

### ■ ବର୍ମାଙ୍କୁ ପଦ ଫେରାଇ ପକ୍ଷଚ୍ଛେଦନ
# ସ୍ୱାଧୀନ ରହୁ ସିବିଆଇ

**ନୂଆଦିଲ୍ଲୀ,୮।୧(ପି.ଟି.)**

ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା ହେଉଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। ଏହାର ନିର୍ଦ୍ଦେଶକଙ୍କୁ 'ସ୍ୱାଧୀନତା ଓ ଅଖଣ୍ଡତାର ଆଦର୍ଶ' ହେବାକୁ ପଡ଼ିବ। ସିବିଆଇର ସ୍ୱାଧୀନତାକୁ ସମସ୍ତ ପ୍ରକାର ନିୟନ୍ତ୍ରଣ ଓ ହସ୍ତକ୍ଷେପରୁ ମୁକ୍ତ ହେଲେ ହିଁ ଏହା ସୁନିଶ୍ଚିତ କରାଯାଇପାରିବ। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ନିଜ ପଦରେ ପୁନଃ ଅବସ୍ଥାପିତ କରି ମଙ୍ଗଳବାର ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ। କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସବୁ କ୍ଷମତା ଛଡ଼ାଇନେଇ ତାଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ, ଯାହାକୁ ସର୍ବୋଚ୍ଚ ଅଦାଲତ ନାପସନ୍ଦ କରିଛନ୍ତି।



ସିବିଆଇ ମୁଖ୍ୟଙ୍କ କାର୍ଯ୍ୟାଳୟର ସ୍ୱାୟତ୍ତତା ବଜାୟ ରଖିବା ପାଇଁ ଏହାକୁ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ କରିବା ଉପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁତ୍ୱ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିବର୍ତ୍ତନର ଦୀର୍ଘ ଇତିହାସ ସୂଚାଏ ଯେ, ତଦନ୍ତକାରୀ ସଂସ୍ଥାରେ ହସ୍ତକ୍ଷେପ ସିବିଆଇକୁ ଭୟ ଓ ଅନୁଗ୍ରହ ଆଡ଼କୁ ଟାଣିନେବାର ଆଶଙ୍କା ସୃଷ୍ଟିକରେ। ସିବିଆଇକୁ ବାହ୍ୟ ହସ୍ତକ୍ଷେପରୁ ମୁକ୍ତ ରଖାଗଲେ ଯାଇ ଏହା ପ୍ରଭାବିତ ନ ହୋଇ ସାଧାରଣ ସ୍ୱାର୍ଥ ପାଇଁ ଉଚିତ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିପାରିବ। ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠା (ଡିଏସ୍‌ପିଇ) ଆଇନର ଧାରା ୪ଖ(୨)ର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କମିଟିର ପୂର୍ବ ସହମତି ବିନା ବଦଳି କରାଯାଇ ପାରିବ ନାହିଁ ବୋଲି ଅଦାଲତ ୪୪ ପୃଷ୍ଠାର ରାୟରେ ସ୍ପଷ୍ଟ କରିଛନ୍ତି। ଏହାସହ ଗତବର୍ଷ ଅକ୍ଟୋବର ୨୩ ମଧ୍ୟରାତ୍ରିରେ ସିଭିସି ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମାକୁ ଅଦାଲତ ଖାରଜ କରିଦେଇଛନ୍ତି। ହେଲେ ବର୍ମା ନିଜ କାର୍ଯ୍ୟକାଳ ମଧ୍ୟରେ କୌଣସି ବଡ଼ ଧରଣର ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିବା ସହ ତାଙ୍କର ପକ୍ଷଚ୍ଛେଦନ କରିଦେଇଛନ୍ତି ସୁପ୍ରିମକୋର୍ଟ। କାରଣ ଜାନୁୟାରୀ ୩୧ରେ ବର୍ମାଙ୍କ ଦୁଇବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପରେ ସେ ଅବସର ନେବେ।

## 'ରାଫାଲ ତଦନ୍ତରୁ ବର୍ତ୍ତିପାରିବେନି ମୋଦି'

**ନୂଆଦିଲ୍ଲୀ,୮।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ରକ୍ଷା କରିପାରିବେ ନାହିଁ। ମୋଦି ଜନସାଧାରଣଙ୍କ ୩୦,୦୦୦ କୋଟି ଟଙ୍କା ନେଇ ତାଙ୍କ ବନ୍ଧୁ ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି। ଏହି ବିଷୟ ବିନା କୌଣସି ସନ୍ଦେହର ଛାୟାରେ ସାରା ଦେଶ ଜାଣିବ। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ସୁପ୍ରିମକୋର୍ଟ ପୁନଃ ଅବସ୍ଥାପିତ କରିବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଭଳି ଭାଷାରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ସ୍ୱାଗତ କରି ରାହୁଲ କହିଛନ୍ତି, ବର୍ମା ରାଫାଲ ଯୁଦ୍ଧବିମାନ ଚୁକ୍ତିରେ ହୋଇଥିବା ଦୁର୍ନୀତିର ତଦନ୍ତ ଆରମ୍ଭ କରିବାକୁ ଯାଉଥିବାବେଳେ କେନ୍ଦ୍ର ସରକାର ତାଙ୍କୁ ଏଥିରୁ ବିଚ୍ୟୁତ କରିଥିଲେ। ଏବେ ବର୍ମାଙ୍କୁ କିଛି ମାତ୍ରାରେ ନ୍ୟାୟ ମିଳିଛି। ମୋଦି ଉକ୍ତ ତଦନ୍ତରୁ ଆଉ ପଳାୟନ କରିପାରିବେ ନାହିଁ ବୋଲି ପାର୍ଲାମେଣ୍ଟ ବାହାରେ ରାହୁଲ କହିଛନ୍ତି।



## 'ଇସ୍ତଫା ଦିଅନ୍ତୁ ପ୍ରଧାନମନ୍ତ୍ରୀ'



ସୁପ୍ରିମକୋର୍ଟ ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରେ ପୁନଃ ଅବସ୍ଥାପିତ କରିଛନ୍ତି। ପ୍ରଧାନମନ୍ତ୍ରୀ ଓ ତାଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଦୋଷୀ ବୋଲି ଅଦାଲତଙ୍କ ରାୟରୁ ସ୍ପଷ୍ଟ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ। ସ୍ୱାଧୀନ ଭାରତରେ କୌଣସି ସରକାର ଏଭଳି ଭାବେ ସଂସ୍ଥାଗୁଡ଼ିକୁ ହତ୍ୟା କରିବାକୁ ଉଦ୍ୟମ କରି ନ ଥିଲେ।

-ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ



ଶୀର୍ଷ ଅଦାଲତଙ୍କ ରାୟ ମୋଦି ସରକାର ଏବଂ କେନ୍ଦ୍ରୀୟ ଭିଜିଲାନ୍ସ କମିଶନରଙ୍କ ଗାଲରେ ଏକ ଶକ୍ତ ଚାପୁଡ଼ା। ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ବଞ୍ଚାଇବା ଲାଗି ଉଭୟେ ହସ୍ତକ୍ଷେପ କରିଥିଲେ। ଏଥିପାଇଁ ଉଭୟଙ୍କୁ ଦାୟୀ କରାଯିବା ଉଚିତ। କେନ୍ଦ୍ର ଆଲୋକ ବର୍ମାଙ୍କୁ ଯେତିକି ଦିନ ଛୁଟିରେ ପଠାଇଥିଲା, ତାଙ୍କର କାର୍ଯ୍ୟକାଳ ସେତିକି ଦିନ ବୃଦ୍ଧି କରାଯାଉ।

-ଏସ୍. ସୁଧାକର ରେଡ୍ଡୀ, ସିପିଆଇ ସାଧାରଣ ସମ୍ପାଦକ



କେନ୍ଦ୍ର ସରକାର ଲୋକଙ୍କ ଉପରେ ଚାପ ପକାଇବା ପାଇଁ ଏଭଳି ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଛନ୍ତି। ଆସନ୍ତାକାଲି ଆଉ କେହି ଏପରି କଲେ ଗଣତନ୍ତ୍ରର ଅବସ୍ଥା କ'ଣ ହେବ? ସୁପ୍ରିମକୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଏକ ଶିକ୍ଷା।

-ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାରେ କଂଗ୍ରେସ ନେତା



ପ୍ରଧାନମନ୍ତ୍ରୀ ଦେଶର ସଂସ୍ଥାଗୁଡ଼ିକୁ ଓ ଗଣତନ୍ତ୍ରକୁ ଧ୍ୱଂସ କରିଦେଲେଣି। ତାଙ୍କ ଆଡକୁ ପ୍ରତ୍ୟକ୍ଷ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ରାଫାଲ ଦୁର୍ନୀତିର ତଦନ୍ତକୁ ବନ୍ଦ କରିବା ଲାଗି ସିବିଆଇ ନିର୍ଦ୍ଦେଶକଙ୍କୁ ରାତିଅଧିଆ ପଦରୁ ହଟାଇ ଦିଆଯାଇ ନ ଥିଲା କି?

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ଆଲୋକ ବର୍ମାଙ୍କ ବିଜୟ ହୋଇଛି। କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କଠାରୁ କାଢ଼ି ନିଆଯିବା ଆଶ୍ଚର୍ଯ୍ୟଜନକ।

-ପ୍ରଶାନ୍ତ ଭୂଷଣ, ବରିଷ୍ଠ ଆଇନଜୀବୀ



ଅଦାଲତଙ୍କ ରାୟ ସଂସ୍ଥାଗତ ସ୍ୱାଧୀନତା ପ୍ରତି ଲୋକଙ୍କ ପୁନଃ ଆସ୍ଥା ସ୍ଥାପିତ କରିଛି। ଏହା କେନ୍ଦ୍ର ସରକାରଙ୍କ ପରାଜୟ।

-ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା

## ନାଗରିକତ୍ୱ ସଂଶୋଧନ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ

**ନୂଆଦିଲ୍ଲୀ,୮।୧(ପି.ଟି.)**

ବାଂଲାଦେଶ, ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଆସିଥିବା ଅଣ ମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସରକାର ଆଣିଥିବା ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ବିଲ୍‌କୁ କଂଗ୍ରେସ, ବାମଦଳ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ଉତ୍ତରପୂର୍ବାଞ୍ଚଳର ଅଧିକାଂଶ ଦଳ ଏପରିକି ଭାଜପା ସହଯୋଗୀ ମଧ୍ୟ ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯ ସମ୍ବିଧାନର ମୂଳ ଆଭିମୁଖ୍ୟର ପରିପନ୍ଥୀ ଦର୍ଶାଇ ଦୃଢ଼ବିରୋଧ କରିଥିଲେ। ବିଲ୍‌କୁ ପୁଣି ଥରେ ସଂସଦୀୟ କମିଟିକୁ ପଠାଇବା ପାଇଁ କଂଗ୍ରେସ ଓ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଥିଲା। ସରକାର ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରିଦେବା ପରେ ଉଭୟ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ଭାଜପାର ଆଞ୍ଚଳିକ ସହଯୋଗୀ ଆସାମ ଗଣପରିଷଦ (ଏଜିପି) ସୋମବାର ସମ୍ପର୍କ ଛିନ୍ନ କରିଥିଲା।

ବିଲ୍ ଆଗତ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଏହା ସାମ୍ବିଧାନିକ ବ୍ୟବସ୍ଥା ବିରୋଧୀ ନୁହେଁ ଏବଂ ଉପରୋକ୍ତ ତିନି ପଡୋଶୀ ଦେଶର ପ୍ରପୀଡ଼ିତ ସଂଖ୍ୟାଲଘୁଙ୍କ ଲାଗି ସହାୟକ ହେବ। ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ଯେଉଁ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନର ହିନ୍ଦୁ, ଜୈନ, ଖ୍ରୀଷ୍ଟିୟାନ, ଶିଖ୍, ବୌଦ୍ଧ ଧର୍ମାବଲମ୍ବୀ ଏବଂ ପାର୍ସୀ ଭାରତରେ ୧୨ ବର୍ଷ ପରିବର୍ତ୍ତେ ଅନ୍ୟୂନ ୬ ବର୍ଷ ରହିଥିବେ, ସେମାନଙ୍କ ପାଖରେ ଆବଶ୍ୟକ କାଗଜପତ୍ର ଥାଉ କି ନ ଥାଉ ଭାରତୀୟ ନାଗରିକତ୍ୱ ମିଳିପାରିବ।

ଏହି ବିଲ୍‌କୁ ଆସାମ ଏବଂ ଉତ୍ତରପୂର୍ବାଞ୍ଚଳରେ ଦୃଢ଼ବିରୋଧ କରାଯାଇଛି। ମଙ୍ଗଳବାର ଉପରୋକ୍ତ ରାଜ୍ୟରେ ବନ୍ଦ ପାଳନ କରାଯାଇଥିଲା। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ବାସଭବନ ଘେରିବାକୁ ବିକ୍ଷୋଭକାରୀ ଉଦ୍ୟମ କରିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆସାମର କେତେକ ସ୍ଥାନରେ ବନ୍ଦ ହିଂସାତ୍ମକ ରୂପ ନେଇଥିଲା। ଡିବ୍ରୁଗଡରେ ଭାଜପା କାର୍ଯ୍ୟାଳୟ ଭଙ୍ଗାରୁଜା ଲାଗି ଆନ୍ଦୋଳନକାରୀ ଉଦ୍ୟମ କରିବାରୁ ସେମାନଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାର୍ଜ କରିବା ସହ ରବର ବୁଲେଟ୍ ଫାୟାରିଂ କରିଥିଲା। ବନ୍ଦ ପାଳନ ଯୋଗୁ ଆସାମ ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା।

## ବିକ୍ରମ ମିସ୍ରି ଚାଇନାରେ ଭାରତର ରାଷ୍ଟ୍ରଦୂତ

**ବେଜିଂ,୮।୧(ପି.ଟି.)**

ଚାଇନାରେ ଭାରତର ରାଷ୍ଟ୍ରଦୂତ ଭାବେ ବିକ୍ରମ ମିସ୍ରି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଚାଇନାର ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି। ଏଥିସହ ସେ ତାଙ୍କ ବିଶ୍ୱସନୀୟତାର ପ୍ରମାଣପତ୍ର ବେଜିଂସ୍ଥିତ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟରେ ପ୍ରୋଟକଲ ଉପମହାନିର୍ଦ୍ଦେଶକ ହୋଙ୍ଗ୍ ଲିଙ୍କୁ ହସ୍ତାନ୍ତର କରିଛନ୍ତି।



## ସାମ୍ବିଧାନିକ ପୀଠରେ ହେବ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୮।୧(ପି.ଟି.)**

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ ଏସ.ଏ. ବୋବଡେ, ଏନ.ଭି. ରମାନା, ୟୁ.ୟୁ. ଲଳିତ ଏବଂ ଡି.ୱାଇ.ଚନ୍ଦ୍ରଚୂଡ଼ ରହିଛନ୍ତି। ଆସନ୍ତା ୧୦ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ଉକ୍ତ ଖଣ୍ଡପୀଠ ମାମଲାର ଶୁଣାଣି କରିବେ। ଅଯୋଧ୍ୟା ଜମି ବିବାଦ ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ରେ ଦେଇଥିବା ରାୟକୁ ବିରୋଧ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଥିଲା। ଆଲ୍ଲାହାବାଦ ହାଇକୋର୍ଟ ୨.୭୭ ଏକର ବିବାଦୀୟ ଜମିକୁ ସୁନ୍ନୀ ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଅକ୍ଟୋବର ୨୯ରେ ସୁପ୍ରିମକୋର୍ଟ ମାମଲାର ଶୁଣାଣି ଜାନୁୟାରୀ ପ୍ରଥମ ସପ୍ତାହରେ ହେବ ବୋଲି କହିଥିଲେ। ଗତ ୪ ତାରିଖରେ ସର୍ବୋଚ୍ଚ ଅଦାଲତ ଉପଯୁକ୍ତ ଖଣ୍ଡପୀଠରେ ୧୦ରେ ମାମଲାର ଶୁଣାଣି ଲାଗି ସମୟ ଧାର୍ଯ୍ୟ କରିଥିଲେ।



### ଫୁର୍ସତ

## ମଲାଲାଙ୍କ ନୂଆ ପୁସ୍ତକ 'ଆମେ ବିସ୍ଥାପିତ'

**ନୂଆଦିଲ୍ଲୀ:** ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ପାକିସ୍ତାନୀ ସାମାଜିକ କର୍ମୀ ମଲାଲା ୟୁସଫ୍‌ଜାଇଙ୍କ ନୂଆ ପୁସ୍ତକ ବୁଧବାର ରିଲିଜ ହେଉଛି। ସେ ବିଶ୍ୱର ବିଭିନ୍ନ ଶରଣାର୍ଥୀ ଶିବିର ପରିଦର୍ଶନ କରି ବିଶେଷକରି ବାଳିକା ଓ ମହିଳା ଶରଣାର୍ଥୀଙ୍କ ସହ ଭାବବିନିମୟ କରି ଯେଉଁ ଅନୁଭୂତି ହାସଲ କରିଛନ୍ତି ତାହା ଏହି ପୁସ୍ତକରେ ବର୍ଣ୍ଣିତ ହୋଇଛି। ଉକ୍ତ ପୁସ୍ତକର ନାମ 'ଉଇ ଆର୍ ଡିସ୍‌ପ୍ଲେସ୍‌ଡ' (ଆମେ ବିସ୍ଥାପିତ) ରଖାଯାଇଛି। ବୁଧବାର ଭାରତରେ ଏହି ପୁସ୍ତକ ବହୁଳ ଭାବରେ ବିକ୍ରିହେବା ଆଶା କରାଯାଉଛି। ପ୍ରଥମକରି ସେ ନିଜେ ଜଣେ ତରୁଣୀ ସ୍କୁଲରେ ପାଠ ପଢୁଥିବା ବିସ୍ଥାପିତ ବ୍ୟକ୍ତି। ପାକିସ୍ତାନର ଏହି ସମୟରେ ବାଳିକା ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟିକରିବାରୁ ଆକ୍ରମଣର ଶିକାର ହୋଇଥିଲେ। ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ମଲାଲାଙ୍କୁ ନିଜ ଦେଶରୁ ବିସ୍ଥାପିତ ହେବାକୁ ପଡ଼ିଥିଲା। ବର୍ତ୍ତମାନ ଅନ୍ତର୍ଜାତୀୟ ସାମାଜିକ କର୍ମୀ ପାଲଟି ଯାଇଥିବାରୁ ସେ ବିଶ୍ୱର ଯେ କୌଣସି ସ୍ଥାନକୁ ଯାଇପାରୁଛନ୍ତି। କିନ୍ତୁ ତାଙ୍କର ପ୍ରିୟ ଜନ୍ମଭୂମିକୁ ସେ ମୁକ୍ତଭାବରେ ଯାଇପାରୁନାହାନ୍ତି। ମଲାଲା ବିଭିନ୍ନ ଶରଣାର୍ଥୀ ଶିବିରରେ ଅନେକ ବାଳିକାଙ୍କୁ ଭେଟିଛନ୍ତି, ଯେଉଁମାନେ ନିଜର ଦେଶ, ସମ୍ପ୍ରଦାୟ ଏବଂ ଆତ୍ମୀୟସ୍ୱଜନଙ୍କୁ ହରାଇ ଦୁନିଆରେ ଏକା ଏକା ଜୀବନ ବଞ୍ଚୁଛନ୍ତି।






ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୧.୭ |
| ଚାନ୍ଦବାଲି | ୨୬.୩ | ୧୩.୨ |
| କଟକ | ୨୮.୨ | ୧୧.୨ |
| ପାରାଦ୍ୱୀପ | ୨୭.୦ | ୧୫.୦ |
| ଭୁବନେଶ୍ୱର | ୩୦.୦ | ୧୩.୦ |
| ଗୋପାଳପୁର | ୨୮.୯ | ୧୫.୩ |
| ପୁରୀ | ୨୮.୬ | ୧୬.୨ |
| ଅନୁଗୋଳ | ୨୫.୭ | ୧୦.୪ |
| ବାରିପଦା | ୨୬.୫ | ୧୨.୫ |
| ଝାରସୁଗୁଡ଼ା | ୨୫.୭ | ୧୨.୭ |
| କେନ୍ଦୁଝର | ୨୪.୯ | ୯.୮ |
| ସମ୍ବଲପୁର | ୨୫.୮ | ୧୨.୪ |
| ସୁନ୍ଦରଗଡ଼ | --- | ୯.୦ |
| ହୀରାକୁଦ | ୨୫.୪ | ୧୩.୯ |
| ତାଳଚେର | ୨୯.୬ | ୯.୮ |
| ଭବାନୀପାଟଣା | ୨୬.୨ | ୧୩.୦ |
| ବଲାଙ୍ଗୀର | ୨୭.୬ | ୧୦.୦ |
| କୋରାପୁଟ | ୨୪.୬ | ୧୦.୪ |
| ଫୁଲବାଣୀ | --- | ୯.୮ |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୦.୦ | ୧୫.୫ |
| ସୋନପୁର | ୨୭.୮ | ୧୦.୪ |
| ଦାରିଙ୍ଗିବାଡ଼ି | --- | ୧୦.୯ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ବିରୋଧରେ ପିଆଇଏଲ୍

**ନୂଆଦିଲ୍ଲୀ:** 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର'ର ଟ୍ରେଲର ରିଲିଜକୁ ନିଷିଦ୍ଧ କରିବା ନିମନ୍ତେ ଦିଲ୍ଲୀ ହାଇକୋର୍ଟରେ ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଉକ୍ତ ଫିଲ୍ମ ପ୍ରଧାନମନ୍ତ୍ରୀ ଭଳି ଏକ ସାମ୍ବିଧାନିକ ପଦ ଓ ମର୍ଯ୍ୟାଦାର ଅବମାନନା କରୁଥିବା ଆବେଦନରେ ଦର୍ଶାଯାଇଛି। ଏହାର କାହାଣୀ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପୂର୍ବତନ ମିଡିଆ ଆଡଭାଇଜର ସଞ୍ଜୟ ବାରୁଙ୍କ ଦ୍ୱାରା ଲିଖିତ ପୁସ୍ତକ ଉପରେ ଆଧାରିତ। ଉକ୍ତ ପୁସ୍ତକର ଟାଇଟଲ୍ ମଧ୍ୟ ସମାନ ରଖାଯାଇଛି। ଅଭିନେତା ଅନୁପମ ଖେର ଏବଂ ଅକ୍ଷୟ ଖାନ୍ନା ଯଥାକ୍ରମେ ମନମୋହନ ସିଂ ଏବଂ ସଞ୍ଜୟ ବାରୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଦିଲ୍ଲୀର ଫେଶନ ଡିଜାଇନର ପୂଜା ମହାଜନ ତାଙ୍କ ଓକିଲ ଅରୁଣ ମୈତ୍ରୀଙ୍କ ଜରିଆରେ ଏହି ଜନସ୍ୱାର୍ଥ ସମ୍ବଳିତ ମାମଲା ଦାଏର କରିଛନ୍ତି। ପ୍ରଧାନମନ୍ତ୍ରୀ ଭଳି ଏକ ସାମ୍ବିଧାନିକ ପଦବୀର ଭାବମୂର୍ତ୍ତି କ୍ଷୁଣ୍ଣ ହେବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ପଦବୀର ଦୁର୍ନାମ ହେଉଥିବା ପୂଜା ତାଙ୍କ ଆବେଦନରେ ଅଭିଯୋଗ କରିଛନ୍ତି।





# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୯/୨୦୧୯ | Sambalpur, Wednesday, January 9/ 2019 | ପୃଷ୍ଠା-୧




## ସୂର୍ଯ୍ୟକାନ୍ତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ବିକାଶ ଗ୍ରାଉଣ୍ଡରେ ଚାଲିଥିବା ଗୋଆ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ ସହ ୫ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ। ୧୨

୧୧

## ନିଲେକାନି ହେଲେ ଆର୍‌ବିଆଇ କମିଟି ଅଧକ୍ଷ

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗଠିତ ୫ ଜଣିଆ କମିଟିରେ ଇନଫୋସିସ୍ ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନିଙ୍କୁ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି।



### ସିବିଆଇ ବିବାଦରେ କେନ୍ଦ୍ରକୁ ସୁପ୍ରିମକୋର୍ଟ ଝଟକା

# ଆଲୋକ ବର୍ମା ପୁନଃ ଅବସ୍ଥାପିତ



ଆଲୋକ ବର୍ମା

- ସରକାରଙ୍କ ଅକ୍ଟୋବର ୨୩ ନିର୍ଦ୍ଦେଶ ଖାରଜ
- ପଦକୁ ଫେରିଲେ ବର୍ମା, ହେଲେ ନେଇପାରିବେନି ବଡ଼ ନିଷ୍ପତ୍ତି
- ସିବିଆଇ ନିର୍ଦ୍ଦେଶକଙ୍କ ଉପରେ ସପ୍ତାହେ ମଧରେ ଉଚ୍ଚକ୍ଷମତାସମ୍ପନ୍ନ କମିଟି ବିଚାର କରିବ

ନୂଆଦିଲ୍ଲୀ,୮।୧(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ କେନ୍ଦ୍ରର ମନମାନି ଚାଲିବ ନାହିଁ। ଏହାକୁ ନେଇ ସରକାର ଏକତରଫା କୌଣସି ବଡ଼ ନିଷ୍ପତ୍ତି ନେଇପାରିବେ ନାହିଁ। ସୁପ୍ରିମକୋର୍ଟ ମଙ୍ଗଳବାର ଏହା ସ୍ପଷ୍ଟ କରିବା ସହ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ତାଙ୍କ ପଦବୀରେ ପୁନଃ ଅବସ୍ଥାପିତ କରିଛନ୍ତି। ଏଥିସହ ଶୀର୍ଷ ଅଦାଲତ କେନ୍ଦ୍ରର ଅକ୍ଟୋବର ୨୩ ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି। କିନ୍ତୁ ବର୍ମାଙ୍କ ବିରୋଧରେ ଆଗତ ଦୁର୍ନୀତି ମାମଲାର ତଦନ୍ତ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଶେଷ ନ କରିବା ଯାଏ ସେ କୌଣସି ବଡ଼ ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଅଦାଲତ ବାରଣ କରିଛନ୍ତି। ଅନ୍ୟପକ୍ଷରେ ବର୍ମାଙ୍କ ବିରୋଧରେ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବ, ଯାହାକି ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଇଥାଏ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା ଭାବେ ଅଭିହିତ କରିଛି। ସରକାରଙ୍କ ପକ୍ଷରୁ ଅଦାଲତଙ୍କ ରାୟକୁ ଏକ ସନ୍ତୁଳିତ ଅଭିମୁଖ୍ୟ ବୋଲି କୁହାଯାଇଛି।

ସିବିଆଇରେ ଅହମିକାର ଲଢ଼େଇ ଚରମ ସୀମାରେ ପହଞ୍ଚିଥିଲା। ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହି ବିବାଦ ଏତେ ଜଟିଳ ହୋଇପଡ଼ିଥିଲା ଯେ, ଶେଷରେ ଅକ୍ଟୋବର ୨୩ରେ କେନ୍ଦ୍ର ସରକାର ରାତିଅଧିଆ ଏହି ଦୁଇ ☞ପୃଷ୍ଠା–୨

### ଧାନର ଏମ୍‌ଏସ୍‌ପି ବୃଦ୍ଧି ଦାବି କଲା ବିଜୁ କୃଷକ ଜନତା ଦଳ

# ନୂଆଦିଲ୍ଲୀରେ ଶକ୍ତି ପ୍ରଦର୍ଶନ



କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଧାନର ଏମ୍‌ଏସ୍‌ପି ଅପର୍ଯ୍ୟାପ୍ତ ଦର୍ଶାଇ ନୂଆଦିଲ୍ଲୀ ଧାଇଁଛି ରାଜ୍ୟରେ ସରକାରରେ ଥିବା ବିଜେଡି। ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀ ଦରବାରରେ କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରି କାଠଗଡାରେ ଛିଡ଼ା କରାଇଛନ୍ତି। କେନ୍ଦ୍ର ସରକାର ଚାଷୀ ବିରୋଧୀ । ତେଣୁ କୃଷକଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି ବୋଲି ନବୀନ ମୋଦି ସରକାର ଉପରେ ବର୍ଷିଛନ୍ତି।

- କେନ୍ଦ୍ର ସରକାର ଚାଷୀ ବିରୋଧୀ: ନବୀନ
- ଉଠିଲା ଆର୍ଥିକ ସ୍ୱାୟତ୍ତତା ପ୍ରସଙ୍ଗ
- ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ୨୯୩୦ ଟଙ୍କାକୁ ବୃଦ୍ଧି କରାଯାଉ। ଏହି ଦାବିରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ନୂଆଦିଲ୍ଲୀରେ ଶକ୍ତି ପ୍ରଦର୍ଶନ କରାଯାଇଛି। ଏମ୍‌ଏସ୍‌ପି ଲାଗୁ ନ ହେବା ପ୍ରସଙ୍ଗରେ କେନ୍ଦ୍ର ସମ୍ପୂର୍ଣ୍ଣଭାବେ ଦାୟୀ। ତେଣୁ ଓଡ଼ିଆ ଚାଷୀଙ୍କ କଲ୍ୟାଣ ପାଇଁ କେନ୍ଦ୍ର ତୁରନ୍ତ ଏମ୍‌ଏସ୍‌ପି ବୃଦ୍ଧି କରୁ । ବିଜୁ କୃଷକ ଜନତା ଦଳ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ କୃଷକ ଅଧିକାର ସମାବେଶରେ ଯୋଗଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ନୂଆଦିଲ୍ଲୀସ୍ଥିତ ତାଲକୋଟ୍ରା ଷ୍ଟାଡିୟମରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ର ଉପରେ ବର୍ଷିଛନ୍ତି। ଏଥିସହିତ ବିକ୍ଷୋଭ ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ଯାଇ ଦାବି ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏମ୍‌ଏସ୍‌ପି ବୃଦ୍ଧି ନେଇ ଓଡ଼ିଶା ବିଧାନସଭାରେ ଗୃହୀତ ପ୍ରସ୍ତାବକୁ କେନ୍ଦ୍ରର ଅବହେଳା, ଉକ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ସମୟ ନ ଦେବା ଏବଂ ସ୍ୱାମୀନାଥନ୍ କମିଟର ସୁପାରିସ ଲାଗୁ କରା ନ ଯିବାକୁ ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି। ନିର୍ବାଚନ ପୂର୍ବରୁ ଚାଷ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଭାଜପା କ୍ଷମତା ଲାଭ ପରେ ସବୁ ଭୁଲି ଯାଇଥିବା କହି ନବୀନ କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ସେହିପରି ଦଳର ପ୍ରତିଷ୍ଠା ଦିବସ ☞ପୃଷ୍ଠା–୨



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତୃବୃନ୍ଦ ।

### ସାଧାରଣ ବର୍ଗ ଗରିବଙ୍କ ଲାଗି ୧୦% ସ୍ଥାନ ସଂରକ୍ଷଣ

# ସମ୍ବିଧାନ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୮।୧(ପି.ଟି.)

ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ୩୨୩ ସଦସ୍ୟ ବିଲ୍‌କୁ ସମର୍ଥନ କରିଥିବାବେଳେ ମାତ୍ର ୩ ଜଣ ବିରୋଧରେ ଭୋଟ ଦେଇଥିବା ବାଚସ୍ପତି ସୁମିତ୍ରା ମହାଜନ କହିଛନ୍ତି। ଏହି ବିଲ୍ ଆଲୋଚନାରେ ପାଖାପାଖି ୩୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ବୁଧବାର ବିଲ୍‌କୁ ରାଜ୍ୟ ସଭାରେ ଆଗତ କରାଯିବ।

ଭାଜପା ନେତାମାନେ ଏହି ବିଲ୍‌କୁ 'ମାଷ୍ଟରଷ୍ଟ୍ରୋକ୍' ଏବଂ ଗେମ୍ ଚେଞ୍ଜର କହିଥିବାବେଳେ ଅଧିକାଂଶ ବିରୋଧୀ ଦଳ ବିଲ୍‌କୁ ସମର୍ଥନ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ବିଲ୍ ଅଣାଯିବାକୁ ନେଇ ବିରୋଧୀ ଦଳ ସମାଲୋଚନା କରିଥିଲେ। ବିଲ୍ ଆଣିବାରେ ବିଳମ୍ବ ହୋଇଥିବା କଥାକୁ ସ୍ୱୀକାର କରି ସାମାଜିକ ନ୍ୟାୟ ମନ୍ତ୍ରୀ ଥୱର ଚାନ୍ଦ ଗେହଲଟ କହିଥିଲେ, ସରକାରଙ୍କ ନୀତି ଓ ଉଦ୍ଦେଶ୍ୟ ଭଲ । ଏହି ସଂଶୋଧନ ଦ୍ୱାରା ସବୁ ଧର୍ମର ଗରିବ ଲୋକେ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ସମ୍ବିଧାନ ସଂଶୋଧନ ବିଲ୍ ଆଲୋଚନା ଆରମ୍ଭ କରି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ, କଂଗ୍ରେସ ସମେତ ସମସ୍ତ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏଭଳି ପଦକ୍ଷେପକୁ ସମର୍ଥନ କରିଥିବାରୁ ଏହା ସେମାନଙ୍କ ପ୍ରତିବଦ୍ଧତାର ଅସଲ ପରୀକ୍ଷା ହେବ । ସୁପ୍ରିମକୋର୍ଟ ମୋଟ ସ୍ଥାନ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ ବୋଲି ଧାର୍ଯ୍ୟ କରିଥିବାରୁ ସରକାରଙ୍କ ଏହି ନିଷ୍ପତ୍ତି ତାହାର ଉଲ୍ଲଂଘନ ବୋଲି ବିଭିନ୍ନ ଦଳ ଉଠାଇଥିବା ପ୍ରଶ୍ନକୁ ଖଣ୍ଡନ କରି ଜେଟ୍‌ଲୀ କହିଥିଲେ, ଉକ୍ତ ସୀମା କେବଳ ଜାତିଭିତ୍ତିକ କୋଟା ପାଇଁ ଉଦ୍ଦିଷ୍ଟ। ସରକାର ଆଣିଥିବା ବିଲ୍ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ହୋଇଥିବାରୁ ଏକ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ☞ପୃଷ୍ଠା–୨

# ରାଉରକେଲାରେ ବିମାନବନ୍ଦର

ରାଉରକେଲା ଅଫିସ୍, ଭୁବନେଶ୍ୱର, ୮।୧(ବ୍ୟୁରୋ)

**ଡିଜିସିଏ ପକ୍ଷରୁ ମିଳିଲା ଲାଇସେନ୍ସ**

ଓଡ଼ିଶାର ଇସ୍ପାତ ନଗରୀରେ ରାଜ୍ୟର ତୃତୀୟ ବିମାନବନ୍ଦର ପ୍ରତିଷ୍ଠା ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ(ଡିଜିସିଏ) ପକ୍ଷରୁ ସବୁଜ ସଙ୍କେତ ମିଳିସାରିଛି। ରାଉରକେଲାରେ ବିମାନ ବନ୍ଦର ନିର୍ମାଣ ଲାଗି ଡିଜିସିଏ ଲାଇସେନ୍ସ ଦେଇସାରିଛି। ଏ ନେଇ ସୋମବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଟୁଇଟ୍‌ରେ ଉଲ୍ଲେଖ ରହିଛି ଯେ, ରାଉରକେଲାରେ ଓଡ଼ିଶାର ତୃତୀୟ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଡିଜିସିଏ ଗତ ୭ତାରିଖରେ ଲାଇସେନ୍ସ ପ୍ରଦାନ କରିଛି। ରାଉରକେଲା ହେଉଛି ଓଡ଼ିଶାର ଶିଳ୍ପ ରାଜଧାନୀ। ବିମାନବନ୍ଦର ପ୍ରତିଷ୍ଠା ହେବା ଦ୍ୱାରା ଷ୍ଟିଲ୍‌ସିଟି ଦେଶର ଅନ୍ୟଭାଗ ସହିତ ଯୋଡ଼ିହେବାର ସୁଯୋଗ ସୃଷ୍ଟି ହେବ ବୋଲି ଟୁଇଟ୍ କରାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପରେ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ☞ପୃଷ୍ଠା–୨






**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ହସ୍ତକ୍ଷେପ କାଳ

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ରକ୍ଷାକରି ପାରିବେ ନାହିଁ।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ

**କିଛି ତଥ୍ୟ**

ଡିସେମ୍ବର ୨୧ ବେଳକୁ ବ୍ୟାଙ୍କଗୁଡ଼ିକର ଜମା ଅଭିବୃଦ୍ଧି ୯.୨୨% ବଢି ୧୧୮.୧୮ ଲକ୍ଷ କୋଟି ଟଙ୍କା ଛୁଇଁଛି।

–ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 08.01.2019 Venky's... Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


### ୨ ଦିନିଆ ଧର୍ମଘଟ

# ଜନଜୀବନ ପ୍ରଭାବିତ

ଭୁବନେଶ୍ୱର,୮।୧(ବ୍ୟୁରୋ)

- ଦୋକାନ ବଜାର, ଯାନବାହନ, ଶିକ୍ଷାନୁଷ୍ଠାନ ବନ୍ଦ
- ହୀନସ୍ତା ହେଲେ ଯାତ୍ରୀ
- କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ରେଳଷ୍ଟେଶନ ସମ୍ମୁଖରେ ପିକେଟିଂ
- ୧୦ରୁ ଉର୍ଦ୍ଧ୍ୱ ଶ୍ରମିକ ସଂଗଠନ ସାମିଲ

କେନ୍ଦ୍ରର ଏନଡିଏ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ୧୦ରୁ ଉର୍ଦ୍ଧ୍ୱ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଧର୍ମଘଟର ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ଟ୍ରେଡ ୟୁନିୟନ ସଂଗଠନ ଏବଂ ବାମପନ୍ଥୀ ଦଳଗୁଡ଼ିକର କର୍ମକର୍ତ୍ତାମାନେ ସକାଳ ୭ଟାରୁ ରାଜ୍ୟ ସାରା ଧର୍ମଘଟରେ ସାମିଲ ହୋଇଥିଲେ। ବନ୍ଦ ବେଳେ ଦୁଇଚକିଆ ଓ କାଁ ଭାଁ ୪ ଚକିଆ ଯାନକୁ ଛାଡ଼ି ☞ପୃଷ୍ଠା–୨

## ୨୯ ଜିଲାରେ ସ୍କୁଲ, କଲେଜ ବନ୍ଦ

**କଳାହାଣ୍ଡିରେ ଖୋଲା ରହିବ**

ଭୁବନେଶ୍ୱର, ୮।୧(ବ୍ୟୁରୋ)

କେନ୍ଦ୍ରୀୟ ଶ୍ରମିକ ସଂଗଠନର ଦୁଇଦିନିଆ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାଜ୍ୟର ସମସ୍ତ ସ୍କୁଲ, କଲେଜ ବନ୍ଦ ରହିଥିଲା। ଏ ନେଇ ସୋମବାର ସରକାର ଛୁଟି ଘୋଷଣା କରିଥିଲେ। କିନ୍ତୁ ବୁଧବାର ଛୁଟି ରହିବ କି ନାହିଁ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବାବେଳେ ☞ପୃଷ୍ଠା–୨

### ବନାବିରା ଗୁଳିକାଣ୍ଡ ଘଟଣା

## ଅଭିଯୁକ୍ତ ବଣ୍ଟି ଗିରଫ

ସୋହେଲା,୮।୧(ଡି.ଏନ୍.ଏ.)

୨୦୧୮ ଫେବୃୟାରୀ ୨୨ ରାତିରେ ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ବନାବିରା ନିକଟରେ ସଂଘଟିତ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ବଣ୍ଟି ଓରଫ ଆୟୁଷ୍ମାନ ପୁରୋହିତ (୨୮)ଙ୍କୁ ପୋଲିସ ମଙ୍ଗଳବାର ସମ୍ବଲପୁରରୁ ଗିରଫ କରି କୋର୍ଟଚାଲାଣ କରିଛି। ବଣ୍ଟିଙ୍କ ବିରୋଧରେ ସମ୍ବଲପୁର ଟାଉନ ଥାନାରେ ୧୦ଟି ଓ ଖେତରାଜପୁର ଥାନାରେ ଗୋଟିଏ ମାମଲା ରହିଛି। ବଣ୍ଟି ସମ୍ବଲପୁରରେ ଥିବା ସୂଚନା ପାଇ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସୋହେଲା ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି ☞ପୃଷ୍ଠା–୨

# ରକ୍ତରେ ଭିଜିଲା ଶୁଳିଆ ପୀଠ

ବଲାଙ୍ଗୀର ଅଫିସ,୮।୧

ଆଦିବାସୀଙ୍କ ପ୍ରସିଦ୍ଧ ଧାର୍ମିକସ୍ଥଳୀ ଶୁଳିଆ ପୀଠରେ ମଙ୍ଗଳବାର ସହସ୍ରାଧିକ ପଶୁପକ୍ଷୀ ବଳି ଦିଆଯାଇଛି। ପରମ୍ପରା ଅନୁଯାୟୀ ପୌଷ ମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ପାଳିତ ହୋଇଆସୁଥିବା ଏହି ଶୁଳିଆ ଯାତ୍ରା ବଳିପ୍ରଥାକୁ ନେଇ ବେଶ୍ ଚର୍ଚ୍ଚିତ ହୋଇରହିଛି। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡ଼ା ପଞ୍ଚାୟତ ଅନ୍ତର୍ଗତ ଖଇରଗୁଡ଼ାସ୍ଥିତ ମୁଖ୍ୟ ଶୁଳିଆ ପୀଠ ବଡ଼ଖଲା ଓ କୁମୁରିଆସ୍ଥିତ ସାନଖଲାରେ ଶୁଳିଆ ଯାତ୍ରା ଅନୁଷ୍ଠିତ ହେବା ସହ ସହସ୍ରାଧିକ ସଂଖ୍ୟାରେ କୁକୁଡ଼ା, ଛେଳିମେଣ୍ଢା, ବତକ, ପାରା ଓ ପୋଢ଼ ବଳି ପଡ଼ିଛି। ଏହି ଦୁଇ ପୀଠ ସହ ଜିଲାର ସଦର ବ୍ଲକ ଅନ୍ତର୍ଗତ ମିର୍ଦ୍ଧାପାଲି, ଦୁଷରା ନିକଟ ଚାଣ୍ଡିପଦର ଓ ଖର୍ଲିକାନୀଠାରେ ଶୁଳିଆ ପୂଜା ଓ ବଳି ଦିଆଯାଇଛି। ଶୁଳିଆ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ପୋଲିସ ବିଭାଗ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲେ।



ଶୁଳିଆ ବଳିପୀଠରେ ଦେହେରିଆମାନେ।

ଖଇରଗୁଡ଼ା ଗ୍ରାମ ନିକଟ ଶୁଳିଆ ଡଙ୍ଗର ପାଦଦେଶରେ ଥିବା ପ୍ରସିଦ୍ଧ ଶୁଳିଆ ପୀଠ ବଡ଼ଖଲାଠାରେ ମଙ୍ଗଳବାର ସକାଳ ପ୍ରାୟ ୮ଟାରୁ ପାରମ୍ପରିକ ଶୁଳିଆ ପୂଜା ଆରମ୍ଭ ହୋଇଥିଲା। ଖଇରଗୁଡ଼ା ଗାଁରୁ ବରୁଆମାନେ ପାରମ୍ପରିକ ଢୋଲ, ନିଶାନ ବାଜା ସହ ପାଟବୁକା, ପାଟଟାଙ୍ଗି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ବଡ଼ଖଲା ଅଭିମୁଖେ ☞ପୃଷ୍ଠା–୨



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୁର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସିଦ୍ଧି
ପରିବାରବର୍ଗ



ଲିବୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




**BRIDE WANTED**

Wanted Brahmin homely bride for 1980 born 5'9" Diploma Engineer Brahmin boy. Contact: 8917628852, 6370737397. D-64767

Brahmin boy 1988 B.Tech MBA (IIM, Bangalore) Engineer Bangalore. 9439901263. D-58027

**GROOM WANTED**

Divorcee bride Engineer 35, Clerk 38, Business 41 (caste-no-bar). 7873374269. D-65437

Brahmin girl M.F.Sc., 1989, 5'2", Agriculture Officer, Parents: service holder, Sangaam: 9338224867, 9439291250. D-64682

Now Matrimonial ads. only on Wednesday & Sunday
Book 1 Get 1 FREE

## classified




**SALE**

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Book 3BHK duplex house at Jagamara, Bhubaneswar having land area 1260 sqft. and 1900 sqft. construction area, price-77 lakh. 9078151122. D-65293

Schedule caste & General conversion plot sale IIT Argul Railway Station 4000 sqft. 8,00,000/-. 8249086912. D-65322

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30'ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପାଚେରିସହ ପିଚୁରୋଡ୍‌କୁ ଲାଗି sqft. 480/-, ଜଟଣୀଗେଟ୍‌ରୁ 1km. ଦୂରତାରେ 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65319

Plot sale near AIIMS Hospital Bhubaneswar with 30'road. 8456850883. D-65311

ଭୁବନେଶ୍ୱର Khordha NHରୁ 100' ଦୂରତାରେ BDA plot 400/-ରେ ମିଳୁଅଛି। 9090963952. D-65328

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Godown available near Infocity, Bhubaneswar. 2000 sqft. single hall. 8763802787. D-63895

BMC AC Keshari Mall Shop No. B-32 (SBA/LBA 411/355 sqft.) Unit-2, adjacent to Market Building, Bhubaneswar will be given on rent from 13th January 2019. Interested persons may please contact: 9337122436. D-58028




Roshin ayurvedic massage club fully relaxed by smart lady home service facility available. 9937637219. D-64678

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ**



ସ୍ୱର୍ଗତ ବିଷ୍ଣୁଚରଣ ବେହେରା
ଅବସରପ୍ରାପ୍ତ ଶିକ୍ଷକ
ସୋଲପାଟ, ପାରିପଦା- ନିଜାମ୍ପୁର, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୨।୦୨।୧୯୪୫
ତିରୋଧାନ: ୧୦।୦୧।୨୦୧୮
ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ- ବୋହୂ: ମଣ୍ଟୁ, ଟିଟୁ, ରିଲି, ମମ, ଭାଇ-ଭାଉଜ, ଭାଇବୋହୂ, ସମସ୍ତ ପୁତୁରା-ପୁତୁରାବୋହୂ, ସମୂହ ନାତି-ନାତୁଣୀ, ଝିଅ-ଜ୍ୱାଇଁ ତଥା ଆତ୍ମୀୟସ୍ୱଜନ, ବନ୍ଧୁ ଓ ବେହେରା ପରିବାରବର୍ଗ। ଧ-୧୦୪୫୪

**ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ**



ସ୍ୱର୍ଗତା ଶଶୀକଳା ବେହେରା
ସୋଲପାଟ, ପାରିପଦା- ନିଜାମ୍ପୁର, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୧୦।୧୦।୧୯୫୨
ତିରୋଧାନ: ୧୩।୧୨।୨୦୧୭
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ କାମନା କରୁଛୁ। ଶୋକସନ୍ତପ୍ତ: ପୁଅ-ବୋହୂ: ମଣ୍ଟୁ-ରିଲି, ଟିଟୁ-ମମ, ଝିଅ-ଜ୍ୱାଇଁ: ମିନୁ-ଶଶିକାନ୍ତ, ଲିନା-ସୁରେନ୍ଦ୍ର, ଅସୀମା-ମନୋଜ, ଯା-ଦିଅର, ସମସ୍ତ ପୁତୁରା ଓ ପୁତୁରାବୋହୂମାନେ, ସମସ୍ତ ନାତି-ନାତୁଣୀ, ଝିଅ-ଜ୍ୱାଇଁ ତଥା ଆତ୍ମୀୟସ୍ୱଜନ, ବନ୍ଧୁ ଓ ବେହେରା ପରିବାରବର୍ଗ। ଧ-୧୦୪୫୫

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



ବିନୋଦିନୀ ସେନାପତି
ବାପୁଜୀନଗର, ଭୁବନେଶ୍ୱର
ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶିବ ପ୍ରସାଦ, ଶ୍ୱେତା, ସିଦ୍ଧାର୍ଥ
ଧ-୧୦୪୧୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଲାଲସାହେବ ବିଭାସ ଚନ୍ଦ୍ର ଭଞ୍ଜଦେଓ
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୩୦।୦୧।୧୯୪୬
ତିରୋଧାନ: ୩୦।୧୨।୨୦୧୮
ବିଭାସ ଦାଦା ଆପଣ ଆମମାନଙ୍କୁ ଏକା କରି ଚାଲିଗଲେ। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା ଓ ସାଧୁତା ସବୁବେଳେ ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' କିଚକେଶ୍ୱରୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ। ଧ-୧୦୪୬୧

**ଜନ୍ମଦିନ ଶୁଭେଚ୍ଛା**



(ସିଦ୍ଧି)

ସିଦ୍ଧି ପ୍ରିୟଦର୍ଶିନୀ ଦାଶ
କେନ୍ଦୁପାଲି, ଗୋଡଭଗା, ବରଗଡ଼,
ବର୍ତ୍ତମାନ ଠିକଣା: ଡ଼କରା, ଧମା, ସମ୍ବଲପୁର
ମାଁ ବହଲମୁଡ଼ିଏନ୍, ଦୁର୍ଗାଦେବୀ ଏବଂ ବଡଲୋକଙ୍କର ଆଶୀର୍ବାଦ ସଦାସର୍ବଦା ରହିଥାଉ। ତୋର ଚଲାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହେଉଥାଉଁ ଏତିକି ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଦାଦା, ମାମା, ବାପା, ମା, ବାବୁବାପା, ବୀରେନ ପିଉସା, ମିନିଝିଅ, ପ୍ରଶାନ୍ତ ପିଉସା, ବେବି ଝିଅ, ଶୁଭମଦାଦା, ଆକାଂକ୍ଷା ନାନି, ଆଲିଶା ନାନି, ଆରିୟନ୍ତ ଦାଦା, ସ୍ନେହର ସିଦ୍ଧୁ ଭାଇ ଓ ଦାଶ ପରିବାରବର୍ଗ।
ଧ-୧୦୪୬୦


## ପ୍ରଥମ ପୃଷ୍ଠାରୁ...

### ୨୯ ଜିଲ୍ଲାରେ...

ଏ ସମ୍ପର୍କରେ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ପ୍ରଥମ ଦିନର ପ୍ରଭାବ ଓ ସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ନିର୍ଦ୍ଦେଶ ପାଇବା ପରେ ରାଜ୍ୟର ଅଧିକାଂଶ ଜିଲାରେ ଜିଲାପାଳମାନେ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଛନ୍ତି। ୨୯ ଜିଲାରେ ସ୍କୁଲ ଓ କଲେଜ ଛୁଟି ରହିଥିବା ବେଳେ କଳାହାଣ୍ଡି ଜିଲାରେ ଶିକ୍ଷାନୁଷ୍ଠାନ ଖୋଲାରହିବ। ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ଜିଲାଗୁଡ଼ିକ ହେଲା ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ଗଜପତି, କୋରାପୁଟ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ବରଗଡ଼, ନୂଆପଡ଼ା, କେନ୍ଦୁଝର, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା ଏବଂ ସୁବର୍ଣ୍ଣପୁର।

### ଆଲୋକ ବର୍ମା ...

ଶୀର୍ଷ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ। ଏଥିସହ ୧୯୮୯ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ଏମ୍.ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଥିଲେ। ଫଳରେ ବର୍ମା ଓ ଅସ୍ଥାନା ପୃଥକ୍ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ କେନ୍ଦ୍ରର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ବର୍ମା ଆସନ୍ତା ୩୧ରେ ଅବସର ନେବାକୁ ଥିବାବେଳେ ତାଙ୍କ ଆବେଦନର ଶୁଣାଣି ଶେଷ କରି ମଙ୍ଗଳବାର ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କରି ନିଯୁକ୍ତି ଦେଉଥିବା ତଥା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସିଭିସିଙ୍କ ତଦନ୍ତ ଆଧାରରେ ବର୍ମାଙ୍କ ଉପରେ ନିଷ୍ପତ୍ତି ନେବ। ଏହି କମିଟିର ବୈଠକ ୧ ସପ୍ତାହ ମଧ୍ୟରେ ଡକାଯିବା ଉଚିତ ବୋଲି ଖଣ୍ଡପୀଠରେ ସାମିଲ ଥିବା ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସ୍ପଷ୍ଟ କରିଛନ୍ତି। ସିଜେଆଇ ଗୋଗୋଇ ଏହି ରାୟ ଲେଖିଥିବାବେଳେ ରାୟ ଶୁଣାଇବା ସମୟରେ କୋର୍ଟରୁମ୍‌ରେ ଉପସ୍ଥିତ ନ ଥିଲେ। ଏହାବ୍ୟତୀତ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ସିବିଆଇର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓଙ୍କୁ ତଦନ୍ତକାରୀ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଭାବେ କେନ୍ଦ୍ର ସରକାର ନିଯୁକ୍ତି ଦେଇଥିବା ନିଷ୍ପତ୍ତିକୁ ମଧ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

### ରାଉରକେଲାରେ ...

ରାଜ୍ୟର ଦ୍ୱିତୀୟ ବିମାନ ବନ୍ଦର ଭାବେ ନିର୍ମାଣ ହୋଇଥିଲା।ଗତ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିଥିଲେ। ଏୟାର ଓଡ଼ିଶା ଏହି ବିମାବନନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ବିଭିନ୍ନ ସମସ୍ୟା ପରେ ଏୟାର ଓଡ଼ିଶା ପକ୍ଷରୁ ବିମାନ ସେବା ବନ୍ଦ କରିଦିଆଯାଇଛି। ଏଠାରେ ପୁନଃ ବିମାନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ମଧ୍ୟରୁ ଏକ ବିମାନକୁ ଭାୟା ଝାରସୁଗୁଡ଼ା ଦେଇ ଯିବା ପାଇଁ ଏଏଆଇ(ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ)କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହା ଭିତରେ ରାଜ୍ୟର ଆଉ ଏକ ନୂତନ ବିମାନବନ୍ଦରର ପ୍ରତିଷ୍ଠା ପାଇଁ ଡିଜିସିଏ ପକ୍ଷରୁ ଲାଇସେନ୍ସ ମିଳିବା ପରେ ରାଜ୍ୟବାସୀ ବିଶେଷକରି ରାଉରକେଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ରାଉରକେଲା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ସମ୍ପର୍କରେ ଡିଜିସିଏ ପକ୍ଷରୁ ସମୀକ୍ଷା ହୋଇଥିଲା ଏବଂ ବିମାନ ଉଡ଼ାଣ ପାଇଁ 'ଉଡ଼େ ଦେଶ୍ କା ଆମ୍ ନାଗରିକ(ଉଡ଼ାନ୍)' ଯୋଜନାରେ ଏହି ବିମାନବନ୍ଦର ପ୍ରସ୍ତୁତ ଅଛି ବୋଲି ଘୋଷଣା କରାଯାଇଥିଲା। ଓଡ଼ିଶାରେ ଆଉ ୩ଟି ନୂତନ ବିମାନବନ୍ଦର ହେବ ବୋଲି ଗତବର୍ଷ ସେପ୍ଟେମ୍ବରରେ ଏଏଆଇ ପକ୍ଷରୁ ଘୋଷଣା କରାଯାଇଥିଲା। ସେଗୁଡ଼ିକ ହେଲା ଜୟପୁର, ରାଉରକେଲା ଓ କଳାହାଣ୍ଡିର ଉତ୍କେଲା। ଏହି ୩ଟି ବିମାନବନ୍ଦରର ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ସୂଚନା ମିଳିଛି।

### ନୂଆଦିଲ୍ଲୀରେ ଶକ୍ତି ...

ପରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ସଭାରେ ଆର୍ଥିକ ସ୍ୱାୟତ୍ତତା ଦାବି ଉଠାଇଛନ୍ତି। ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି ଯେ, ଚାଷୀ ଭାରତୀୟ ଅର୍ଥନୀତିର ଆତ୍ମା। ଏମ୍ଏସ୍‌ପି ବୃଦ୍ଧି ନେଇ ଓଡ଼ିଶା କେନ୍ଦ୍ର ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛି। ମାତ୍ର, କେନ୍ଦ୍ର ସବୁବେଳେ ଏହାକୁ ଅଗ୍ରାହ୍ୟ କରିଛି। ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ ଏମ୍ଏସ୍‌ପି ମୂଲ୍ୟ ଦେଢ଼ଗୁଣା ବୃଦ୍ଧିକରିବା ପାଇଁ ଭାଜପା ୨୦୧୪ ସାଧାରଣ ନିର୍ବାଚନ ଇସ୍ତାହାରରେ ରଖିଥିଲା। ହେଲେ କ୍ଷମତାକୁ ଆସିବା ପରେ ଭାଜପା ଉକ୍ତ ପ୍ରତିଶ୍ରୁତିକୁ ଭୁଲି ଯାଇଛି। ଓଡ଼ିଶା ବିଧାନସଭାରେ ବହୁ ପୂର୍ବରୁ କୁଇଣ୍ଟାଲ ପିଛା ଧାନର ଏମ୍ଏସ୍‌ପି ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇସାରିଛି। ରାଜ୍ୟ ପକ୍ଷରୁ ଏଥିପାଇଁ ଲଗାତର ଦାବି ହେଉଛି। ଓଡ଼ିଶାର ସବୁ ବର୍ଗର ଚାଷୀ ଏହି ଦାବିକୁ ସକରାତ୍ମକ ସମର୍ଥନ ଦେଇଆସିଛନ୍ତି। ଉପରୋକ୍ତ ଦାବି ସତ୍ତ୍ୱେ କେନ୍ଦ୍ର ଚଳିତ ଖରିଫ ଋତୁ ପାଇଁ ଧାନର ଏମ୍ଏସ୍‌ପି ମାତ୍ର ୧୭୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହି ମୂଲ୍ୟ ଧାର୍ଯ୍ୟ କରାଯିବା ସମୟରେ ଓଡ଼ିଶାର ଦାବିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି। ବିହନ, ସାର, ଇନପୁଟ୍ ସବ୍‌ସିଡି , ମାଇକ୍ରୋ ନ୍ୟୁଟ୍ରାଣ୍ଟ, ଜଳସେଚନ ସମ୍ବନ୍ଧୀୟ ବ୍ୟୟ, କୃଷି ଯନ୍ତ୍ରପାତି ମୂଲ୍ୟ ମଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସବୁକୁ ଦୃଷ୍ଟିରେ ରଖି ଏମ୍ଏସ୍‌ପି ମୂଲ୍ୟ ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ରହିଛି। ସେହିପରି କୃଷକ ସଶକ୍ତୀକରଣ ଲକ୍ଷ୍ୟ ରଖି ରାଜ୍ୟ ସରକାର ନିକଟରେ ଲାଗୁ କରିଥିବା 'କାଳିଆ'ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ, ଏହି ଯୋଜନା ସିଧାସଳଖ ଭାବେ ରାଜ୍ୟର ୯୨ ପ୍ରତିଶତ ଚାଷୀଙ୍କୁ ସହାୟକ ହେବ। ଆଗାମୀ ୩ ବର୍ଷରେ ଏଥିପାଇଁ ୧୦,୧୮୦ କୋଟି ଟଙ୍କାର ବଜେଟ୍ ରଖାଯାଇଛି। ଏଥିରେ ଚାଷୀଙ୍କୁ ଆର୍ଥିକ ସହାୟତା ସହ ବୀମା ସୁରକ୍ଷା ମଧ ପ୍ରଦାନ କରିବାରେ ସହାୟକ ହେବ। ୫ ରାଜ୍ୟର ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ସରକାର ଯାହା କହିଥାନ୍ତି, ତାହା ପାଳନ କରିଥାନ୍ତି। କାଳିଆ ଯୋଜନାକୁ ନେଇ କୃଷି-ଅର୍ଥନୀତିଜ୍ଞ ଏବଂ ଚାଷୀମାନେ ସକାରାତ୍ମକ ମନ୍ତବ୍ୟ ଦେଉଛନ୍ତି। ତେଣୁ ଚାଷୀଙ୍କ ଉନ୍ନତି ପାଇଁ ଏହି ସମୟରେ କେନ୍ଦ୍ର ସହ ଏମ୍ଏସ୍‌ପି ନେଇ ଆଲୋଚନାର ଉପଯୁକ୍ତ ସମୟ ଆସିଛି। ଯଦି ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତା ଥାଆନ୍ତା, ତେବେ ଏହି ଦାବି ନେଇ ଦିଲ୍ଲୀ ଆସିବାକୁ ପଡି ନ ଥାନ୍ତା। ତେଣୁ ଆର୍ଥିକ ସ୍ୱାୟତ୍ତତା ଦାବିର ଯଥାର୍ଥତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଜୁ କୃଷକ ଜନତା ଦଳର ମହାସଚିବ ପ୍ରତାପ ଜେନା କହିଛନ୍ତି ଯେ,ଚାଷୀଙ୍କ ଦୁର୍ଦ୍ଦଶା ଦୂର କରିବା ପାଇଁ ଏମ୍ଏସ୍‌ପି କେବଳ ଏକ ଅସ୍ତ୍ର ନୁହେଁ, ବରଂ ଏହା ସେମାନଙ୍କ ଆୟ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଗତ ସାଧାରଣ ନିର୍ବାଚନରେ ଏମ୍ଏସ୍‌ପି ବୃଦ୍ଧି ନେଇ ଭାଜପା ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ସମୟରେ ୨୦୧୫ ଫେବୃୟାରୀ କେନ୍ଦ୍ର ପକ୍ଷରୁ ଏମ୍ଏସ୍‌ପି ବୃଦ୍ଧି କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ତେଣୁ ଏହି ପ୍ରସଙ୍ଗରେ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନୁହେଁ। ପ୍ରତିବର୍ଷ ରାଜ୍ୟର ୪୦ ଲକ୍ଷ ହେକ୍ଟରରେ ଧାନ ଅମଳ କରାଯାଇଥାଏ। ଧାନ ପ୍ରକ୍ରିୟାକରଣ କ୍ଷେତ୍ରରେ ଓଡ଼ିଶା ଦେଶର ୪ ନଂ ରାଜ୍ୟ। ତେଣୁ ଏମ୍ଏସ୍‌ପି ମୂଲ୍ୟ ସିଧାସଳଖ ଚାଷୀଙ୍କ ଆୟକୁ ପ୍ରଭାବିତ କରିଥାଏ ବୋଲି ପ୍ରତାପ କହିଛନ୍ତି। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ, ତଥାଗତ ସତପଥୀ, ପିନାକୀ ମିଶ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ବରିଷ୍ଠ ନେତା ଉମେଶ ସାହୁ ଏବଂ ବଳଭଦ୍ର ମାଝୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସେହିପରି ବିଜୁ କୃଷକ ଜନତା ଦଳର କାର୍ଯ୍ୟକର୍ତ୍ତା, ବିଜୁ ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର କର୍ମକର୍ତ୍ତା ଏବଂ ଚାଷୀ ପ୍ରତିନିଧି ଏହି ସମାବେଶରେ ସମବେତ ହୋଇଥିଲେ।

### ସମ୍ବିଧାନ ସଂଶୋଧନ ବିଲ୍ ...

ଧାର୍ଯ୍ୟ ସୀମା ଲାଗୁ ହେବ ନାହିଁ। ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ସ୍ଥାନ ସଂରକ୍ଷଣ ନିମନ୍ତେ ସମ୍ବିଧାନରେ ସଂଶୋଧନ ଆବଶ୍ୟକ ପଡୁଛି। ସେଥିପାଇଁ ସରକାର ସମ୍ବିଧାନ (୧୨୪ତମ ସଂଶୋଧନ) ବିଲ୍, ୨୦୧୯ ଆଣିଛନ୍ତି। ପୂର୍ବରୁ କୋଟା ସୁବିଧା ଲାଗି କେବଳ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆକୁ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଥିଲା। କଂଗ୍ରେସ ଇସ୍ତାହାରରେ ଏଭଳି କୋଟା ସମ୍ପର୍କରେ ଉଲ୍ଲେଖ କରିଥିବାରୁ ଏହା ଏବେ ବିରୋଧୀ ଦଳ ଲାଗି ପରୀକ୍ଷା ବୋଲି ଜେଟ୍‌ଲୀ କହିଥିଲେ। ଭାଜପା ମଧ ଏହାର ଇସ୍ତାହାରରେ ଆର୍ଥିକ ଦୁର୍ବଳଙ୍କ ଲାଗି ସ୍ଥାନ ସଂରକ୍ଷଣକୁ ସମର୍ଥନ କରିଥିଲା ଏବଂ ଏହାକୁ ଲାଗୁ କରିବା ଦିଗରେ କାର୍ଯ୍ୟ କରୁଛି। ସମ୍ବିଧାନ ପ୍ରଣେତାମାନେ ସ୍ଥିତି ଓ ସୁଯୋଗର ସମାନତା ସମ୍ପର୍କରେ କହିଥିବା ଅର୍ଥମନ୍ତ୍ରୀ ଉଲ୍ଲେଖ କରିଥିଲେ। ଯଦି ବିରୋଧୀ ଦଳ ବିଲ୍‌କୁ ସମର୍ଥନ କରୁଛନ୍ତି ତେବେ ଖୋଲା ହୃଦୟରେ କରିବା ଉଚିତ, ଅନିଚ୍ଛାକୃତ ଭାବେ ନୁହେଁ ବୋଲି ଜେଟ୍‌ଲୀ କହିଥିଲେ। ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ରାଜ୍ୟ ବିଧାନସଭାଗୁଡିକର ଅନୁମୋଦନ ଆବଶ୍ୟକ ନାହିଁ ବୋଲି ସେ କହିଥିଲେ। ଏହା କାର୍ଯ୍ୟକାରୀ ହେଲେ ଦେଶରେ ପ୍ରଥମ ଅର୍ଥନୈତିକ ସ୍ଥାନ ସଂରକ୍ଷଣ ହେବ। ସୋମବାର କେନ୍ଦ୍ର କ୍ୟାବିନେଟ ସାଧାରଣ ବର୍ଗର ଆର୍ଥିକ ଦୁର୍ବଳଙ୍କ ଲାଗି ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଥିଲା।

### ଜନଜୀବନ ...

ଦେଲେ ଅନ୍ୟ କୌଣସି ଯାନବାହନ ରାସ୍ତାରେ ଚଳାଚଳ କରୁ ନ ଥିଲା। ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ବନ୍ଦ ରହିଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, କେନ୍ଦ୍ରୀୟ ଉଦ୍ୟୋଗ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ରେଳଷ୍ଟେଶନ ଆଦି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ସରକାରଙ୍କ ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଧର୍ମଘଟ ଯୋଗୁ ବିଭିନ୍ନ ରେଳଷ୍ଟେଶନରେ ଦୀର୍ଘ ସମୟ ଧରି ଟ୍ରେନଗୁଡ଼ିକ ଅଟକି ରହିଥିଲା। ବସ୍ ଓ ଟ୍ରେନ ଚଳାଚଳ କରୁ ନ ଥିବାରୁ ଦୂର ଦୂରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ହୀନସ୍ତା ହୋଇଥିଲେ। କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ଯାଜପୁର, ଅନୁଗୋଳ, ଝାରସୁଗୁଡ଼ା ଆଦି ସ୍ଥାନରେ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ହାତରେ ବ୍ୟାନର ଧରି ପ୍ରତିବାଦ କରିଥିଲେ। ସଚିବାଳୟ କର୍ମଚାରୀମାନେ ଧର୍ମଘଟକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୯ଟା ୩୦ ପୂର୍ବରୁ କାର୍ଯ୍ୟାଳୟକୁ ଆସିଥିଲେ। ରାଜଧାନୀରେ ସିପିଆଇ, ସିପିଆଇ(ଏମ),ଆଇଏନଟିୟୁସି,ଏଆଇଟିୟୁସି,ଏଚଏମଏସ, ସିଆଇଟିୟୁ, ଏଆଇସିସିଟିୟୁ, ୟୁଟିୟୁସି, ଏଲପିଏଫ ଆଦି ସଂଗଠନଗୁଡ଼ିକର ରାଜ୍ୟ ଶାଖାଗୁଡ଼ିକ ଧର୍ମଘଟ ପାଳନ କରିଥିଲେ। କେନ୍ଦ୍ର ସରକାର ଯଦି ଜନ ବିରୋଧୀ ନୀତିଗୁଡ଼ିକୁ ପ୍ରତ୍ୟାହାର ନ କରନ୍ତି ତେବେ ଆଗାମୀ ଦିନରେ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସିପିଆଇ(ଏମ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି କହିଛନ୍ତି। ବୁଧବାର ଦ୍ୱିତୀୟ ଦିନ ଦେଶବ୍ୟାପୀ ବନ୍ଦ ପାଳନରେ ସାମିଲ ହେବାକୁ ଟ୍ରେଡ୍‌ୟୁନିୟନ ଗୁଡ଼ିକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ବୁଧବାର ମଧ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବାକୁ ବିଭିନ୍ନ ଜିଲାପାଳମାନେ ନିଷ୍ପତ୍ତି ନେଇଛନ୍ତି।

### ରକ୍ତରେ ଭିଜିଲା...

ବାହାରିଥିଲେ। ମୁଖ୍ୟ ପୂଜକ ସୋମନାଥ ଦେହେରିଆ ଦେବ ନିମନ୍ତ୍ରଣ କରିବା ପରେ ସିଆଳପତ୍ର ପିନ୍ଧି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏହାପରେ ସହସ୍ରାଧିକ ମାନସିକଧାରୀ ଓ ଶ୍ରଦ୍ଧାଳୁ ଆଣିଥିବା ନଡ଼ିଆ ଭୋଗ ଶୁଲିଆ ବୁଢ଼ାଙ୍କୁ ଅର୍ପଣ କରି ପ୍ରାର୍ଥନା ଜଣାଇଥିଲେ। ବିଭିନ୍ନ ପ୍ରକାର ରୋଗ, ଦୁଃଖ, କ୍ଳେଶ ଓ ସମସ୍ୟା ଦୂର କରିବାକୁ ଗୁହାରି କରିଥିଲେ। ଯେଉଁ ଶ୍ରଦ୍ଧାଳୁମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥିଲା ସେମାନେ ବଳି ଉଦ୍ଦେଶ୍ୟରେ ଆଣିଥିବା କୁକୁଡା, ପାରା, ବତକ, ଛେଳି, ମେଣ୍ଢା ଓ ପୋଢ଼କୁ ଶୁଲିଆ ବୁଢ଼ାଙ୍କୁ ଅର୍ପଣ କରିଥିଲେ। ବାଜା ବଜାଇ ପୂଜା ଓ ବଳି ପାଇଁ ଥିବା ପଶୁପକ୍ଷୀଙ୍କୁ ଶୁଲିଆ ପୀଠକୁ ଅଣାଯାଇଥିଲା। ସେଠାରେ ଦେହେରିଆମାନେ ବଳି ଦେଇଥିଲେ। ସହସ୍ରାଧିକ ପଶୁପକ୍ଷୀଙ୍କ ରକ୍ତରେ ଭିଜିଥିଲା ପୀଠ। ଶୁଲିଆ ପୀଠରେ ପଡ଼ିଥିବା ବଳି ରକ୍ତ ଦେହରେ ଲାଗିଲେ ଦୁରାରୋଗ୍ୟ ବ୍ୟାଧି ଦୂର ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ଅନେକ ଶ୍ରଦ୍ଧାଳୁ ପୀଠର ବଳି ରକ୍ତ ଦେହରେ ଲଗାଉଥିବା ଦେଖାଯାଇଥିଲା। ଅନୁରୂପ ଭାବେ କୁମୁରିଆ ଗାଁର ସାନଖଲାରେ ମଧ ପାରମ୍ପରିକ ପୂଜା ଓ ବଳି ସମ୍ପନ୍ନ ହୋଇଥିଲା। ବଡ଼ଖଲାରେ ୪୦ରୁ ଊର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳିମେଣ୍ଢା ଓ ସହସ୍ରାଧିକ କୁକୁଡ଼ା, ପାରା ବଳି ଦିଆଯାଇ ଥିବାବେଳେ ସାନଖଲାରେ ୩୦ରୁ ଊର୍ଦ୍ଧ୍ୱ ପୋଢ଼, ଶତାଧିକ ଛେଳିମେଣ୍ଢା, ସହସ୍ରାଧିକ କୁକୁଡ଼ା, ପାରା ବଳି ପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ବଲାଙ୍ଗୀର ଉପଜିଲାପାଳ ଭୈରବ ସିଂ ପଟେଲ, ଏସ୍‌ଡିପିଓ କ୍ଷୀରସାଗର ନାଏକ, ଦେଓଗାଁ ବିଡିଓ ଶଙ୍କର ପ୍ରସାଦ ସାହୁ, ସହକାରୀ ଜିଲାପାଳ ବନବିହାରୀ ହରିପାଲ, ଟିଙ୍କୁନି ପୁଟା, କର୍ଣ୍ଣ ମଲ୍ଲିକ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବିଭିନ୍ନ ପୀଠରେ ତଦାରଖ କରିଥିଲେ। ସମସ୍ତ ପୀଠରେ ୫ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଅଭିଯୁକ୍ତ ବର୍ଣ୍ଣି ...

ମାମଲାର ସମସ୍ତ ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରକ୍ରିୟା ଜାରି ରହିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ବିଜେପୁର ବିଧାନସଭା ଉପନିର୍ବାଚନ ପୂର୍ବରୁ ବନାବିରାଠାରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ସୁବ୍ରତ ସିଂ ଓ ଅନ୍ୟ ୩ ଜଣ ବିଜେଡି କର୍ମୀଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ଏଥିରେ ସୋହେଲା ଥାନା ଅନ୍ତର୍ଗତ ଚିଚିଣ୍ଡା ଗ୍ରାମର ମାଗି ଓରଫ ଡିଲେଶ୍ୱର ସାହୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସୋହେଲା ଥାନା ପୋଲିସ ଏକ ମାମଲା (ନଂ.୩୪/୧୮) ରୁଜୁ କରି ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ଜୟନାରାୟଣ ମିଶ୍ରଙ୍କ ସମେତ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ



**ମେଷ** - ଆଜିର ଚନ୍ଦ୍ର ରାଶ୍ୟାଧିପ ମଙ୍ଗଳଙ୍କ ନକ୍ଷତ୍ରରେ ଥିବାରୁ କର୍ମକ୍ଷେତ୍ରରେ ତତ୍ପରତାର ସହ ସଫଳତା ହାସଲ କରିବାରେ ସମର୍ଥ ହେବେ। ପାପଯୁକ୍ତ ଚତୁର୍ଥାଧିପତି ହେତୁ ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସେତେଟା ଭଲ ଫଳ ମିଳି ନ ପାରେ। ପାରିବାରିକ ସ୍ତରରେ ମଧ ବୁଝାମଣା ଠିକ୍ ରହିବ ନାହିଁ।

**ବୃଷ** - ପାପଗ୍ରହ ଯୁକ୍ତ ଧନସ୍ଥାନ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିବ। ଅବଶ୍ୟ ଶୁକ୍ରଙ୍କ ରାଶି ଅବଲୋକନ ଦୈହିକ ଦୁର୍ବଳତାକୁ ଦୂର କରିବାରେ ସାହାଯ୍ୟ କରିବ। ଆତ୍ମୀୟମାନଙ୍କ ସହ ଯୋଗରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସହକର୍ମୀଙ୍କ ଜରିଆରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ** - ବନ୍ଧୁବର୍ଗଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କରଜକରି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ ଉପରିସ୍ଥଙ୍କ କଟୁ ସମାଲୋଚନା ଶୁଣିବାକୁ ପଡିବ। ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ** - ରବିଙ୍କ ପ୍ରଭାବରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହଯୋଗ ଲାଭକରି ଅଟକି ରହିଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ମାଲିମକଦ୍ଦମାରେ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିପାରେ। ପ୍ରକାଶନ, ଚୁକ୍ତିପତ୍ର, ପ୍ରଶାସନ, ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ସିଂହ** - ଗୁରୁ ଓ ଶୁକ୍ର ପରିବାର ସ୍ଥାନରେ ଲୋକସମ୍ପର୍କ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ଶୁଣି କିମ୍ବା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ,ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ସହ ମାନମନାନ୍ତର ଦେଖା ଦେଇପାରେ। ମିତ୍ର କେହି ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଛଳନା କରି ଦୂରେଇ ଯାଇପାରନ୍ତି।

**କନ୍ୟା** - ଧର୍ମଭାବ ପ୍ରତି ଗ୍ରହମାନଙ୍କ ଦୃଷ୍ଟି କୌଣସି ନୂତନ କର୍ମାରମ୍ଭ ସକାଶେ ମାନସିକତା ସୃଷ୍ଟି କରିବ,ସାହିତ୍ୟ, ସାମ୍ବାଦିକତା,ଗବେଷଣା,ବ୍ୟବସାୟ,ଚୁକ୍ତିପତ୍ର,ସଭା ସମିତି, ଆଲୋଚନା କ୍ଷେତ୍ରରେ ସଫଳତା ପାଇବେ। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟିତ ହେବେ। ଆଜିର ଯାତ୍ରା,ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ କ୍ଷୀଣ ଆଶା ରହିଛି।

**ତୁଳା** - ଆଜିର ଗ୍ରହଯୋଗ ପ୍ରଭାବରେ ଯାହାକୁ ଯାହା କହିବେ ତାହା କଦାପି ନିଷ୍ଫଳ ହେବନାହିଁ। କିନ୍ତୁ ତୃତୀୟସ୍ଥ ପାପଗ୍ରହ ଜନିତ କୌଣସି କାମରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସାମ୍ବାଦିକତା, ସଭାସମିତିରେ ସୁନାମ ମିଳିବ। ଅଫିସ୍ କାମରୁ ଫାଇଲ କିମ୍ବା ଅର୍ଥ ସମ୍ପର୍କୀୟ କୌଣସି ଅଭିଯୋଗ ଆସିପାରେ।

**ବିଛା** - ବୃହସ୍ପତିଙ୍କ ଶୁଭଦୃଷ୍ଟିଜନିତ ସମ୍ପର୍କ ଦୃଢୀଭୂତ ହେବା ସହ ଲକ୍ଷ୍ୟପୂରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। କିନ୍ତୁ ଭିତରେ ଭିତରେ ଈର୍ଷା କରୁଥିବା କୌଣସି ନିଜ ପରିସରର ବ୍ୟକ୍ତିଙ୍କ ସହ ସମ୍ପର୍କ ହ୍ରାସ ହେବ। ଆପଣ ସାଧାରଣ ପ୍ରଶଂସାରେ ଯେତିକି ଉତ୍‌ଫୁଲ୍ଲିତ ହେବେ ଠିକ୍ ମାତ୍ର ସମାଲୋଚନାରେ ତଦନୁପାତରେ ବ୍ୟସ୍ତବିବ୍ରତ ହୋଇପାରନ୍ତି।

**ଧନୁ** - ପାପଗ୍ରହମାନେ ରାଶିରେ ଅବସ୍ଥାନ କରିବିବାଦୀୟ ଚିନ୍ତାଧାରା ଉତ୍ପନ୍ନ କରିପାରନ୍ତି। ଚନ୍ଦ୍ର ଓ କେତୁଙ୍କ ସ୍ଥିତିଜନିତ ବନ୍ଧୁମାନେ ପରୋକ୍ଷ ଭାବରେ ବିରୁଦ୍ଧାଚରଣ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। କିନ୍ତୁ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମଗୁଡ଼ିକ ସୁବିଧାରେ ହେବାକୁ ସାହାଯ୍ୟ କରିବ।

**ମକର** - ରାଶିରେ ଚନ୍ଦ୍ର ମନ୍ଦଗ୍ରହ ଶନିକ୍ଷେତ୍ରସ୍ଥ କାରଣରୁ ପ୍ରତ୍ୟେକ କାର୍ଯ୍ୟ ଓ ଚିନ୍ତାଧାରା ଶିଥିଳ ରହିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ ନିନ୍ଦା ଶୁଣିବେ। ସାହିତ୍ୟ, ସଙ୍ଗୀତ, ଶିଳ୍ପ, ବ୍ୟବସାୟ,ପରିବହନ ଓ ଏଜେନ୍ସିରୁ ଖୁସି ରହିବେ।

**କୁମ୍ଭ** - କୌଣସି ଦାୟିତ୍ୱପୂର୍ଣ୍ଣ କାମଟି ଧିମେଇ ଯିବାରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। ବ୍ୟବସାୟିକ ସଫଳତା ଅବଶ୍ୟ ମିଳିବ କିନ୍ତୁ ଋଣ ପରିଶୋଧଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା, ବାଣିଜ୍ୟ, ପରିବହନରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ। ତଥାପି ରାଜନୀତି, ଆନୁଷ୍ଠାନିକ ପାଇଁ ଦିନଟି ମନ୍ଦ ହେବନି।

**ମୀନ** - ଧନ ଭାଗ୍ୟାଧିପତି ରାଶିରେ ରହିଥିବାରୁ ଅର୍ଥ ସହ ବିଶିଷ୍ଟବ୍ୟକ୍ତି ସାନ୍ନିଧ୍ୟ କିମ୍ବା ଅନୁକମ୍ପା ଲାଭ କରିପାରିବେ। ଧର୍ମକାର୍ଯ୍ୟ, ସନ୍ତାନଙ୍କ ଉଚ୍ଚଶିକ୍ଷା, ନୂତନ କର୍ମାରମ୍ଭ ଓ ଯୋଜନା ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମାଲିମକଦ୍ଦମା, ରାଜନୀତି,ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ପରିଲକ୍ଷିତ ହୋଇପାରେ।

ଆଜି ପୌଷ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ଜାନୁୟାରୀ ୯ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ୧।୫୭ମି. ଗତେ, କୁମ୍ଭ ଚନ୍ଦ୍ର, କର୍କଟ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରବାସୀଭାରତୀୟ ଦିବସ, ଶରଣ ଦିବା ଘ୭।୪୭ମି. ଗତେ, ଘ୯।୦୯ମି. ମଧ୍ୟେ ଘ୨।୩୮ମି. ଗତେ, ଘ୪।୦୦ମି. ମଧ୍ୟେ.ଅମୃତବେଳା। ସକାଳ ଘ୭।୪୭ମି. ମଧ୍ୟେ, ଘ୧୦।୩୦ମି. ଗତେ, ଘ୧୧।୫୦ମି. ମଧ୍ୟେ ଘ୪।୦୦ମି. ଗତେ, ଘ୫।୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୪ମି. ଗତେ ଘ୧।୧୫ମି. ମଧ୍ୟେ ରାହୁ କାଳ।



"ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ






# ଜେଇଇ ମେନ୍: ପରୀକ୍ଷା ଦେଲେ ୩୯ ହଜାର ଛାତ୍ରୀଛାତ୍ର

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଟ୍ରେଡ୍ ୟୁନିୟନର ଧର୍ମଘଟ ସତ୍ତ୍ୱେ ମଙ୍ଗଳବାର ଜେଇଇ ମେନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସମେତ ରାଜ୍ୟର ୯ଟି ସହରରେ ପରୀକ୍ଷା ହୋଇଥିଲା। ସାରା ଦେଶରେ ୯ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଓଡ଼ିଶାରୁ ପ୍ରାୟ ୩୯ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମଙ୍ଗଳବାର ପ୍ରଥମ ଦିନରେ ବି.ଆର୍କ ଓ ବି.ପ୍ଲାନିଂ ପାଇଁ ପରୀକ୍ଷା ହୋଇଥିଲା। ସକାଳ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଓ ଅପରାହ୍ନ ସାଢ଼େ ୨ଟାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂ ପରୀକ୍ଷା ଚାଲିଥିଲା। ବୁଧବାରଠାରୁ ୧୨ତାରିଖ ପର୍ଯ୍ୟନ୍ତ ବି.ଟେକ୍ ପାଇଁ ପରୀକ୍ଷା ହେବ। ଚଳିତ ବର୍ଷ ପ୍ରଥମଥର ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପରୀକ୍ଷା ପରିଚାଳନା କରୁଛି। ତେବେ ଭାରତ ବନ୍ଦ ଯୋଗୁ ପରୀକ୍ଷା କେନ୍ଦ୍ରକୁ ଆସୁଥିବା ପରୀକ୍ଷାର୍ଥୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖାଯାଇଥିଲା।




■ ମହାମେଣ୍ଟ ପ୍ରସଙ୍ଗ

# ନିଷ୍ପତ୍ତି ପାଇଁ ଆହୁରି ସମୟ ଆବଶ୍ୟକ: ନବୀନ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ପ୍ରାୟ ୪ ମାସରୁ କମ୍ ସମୟ ରହିଛି। ଦେଶରେ ପ୍ରଭାବଶାଳୀ ଆଞ୍ଚଳିକ ଦଳ ମଧ୍ୟରୁ ବିଜେଡି ଅନ୍ୟତମ। ହେଲେ ୨୦୦୯ରୁ ବିଜେଡି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଛାଡି ସାରିଛି। ସେହିପରି କଂଗ୍ରେସ ନେତୃତ୍ୱାଧୀନ ଉପା ଠାରୁ ମଧ୍ୟ ଦୂରତା ରକ୍ଷା କରିଛି। ତେଣୁ ଆଗାମୀ ଦିନରେ ବିଜେଡି କି ରଣନୀତି ଗ୍ରହଣ କରୁଛି, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ଏହିକ୍ରମରେ ଭାଜପା ବିରୋଧରେ ଦେଶରେ ମହାମେଣ୍ଟ ମୁଣ୍ଡ ଟେକିଲାଣି। ହେଲେ ଏଥିରେ ବିଜେଡିର ଯୋଗଦାନ ନେଇ ଏବେ ମଧ୍ୟ କିଛି ସ୍ପଷ୍ଟ ହୋଇନାହିଁ। ବିଜେଡି ସମଦୂରତ୍ୱ ନୀତି ବଜାୟ ରଖି ନିଜ କାର୍ଡ ଏଯାବତ୍ ଖୋଲିନାହିଁ। ଏହି ସମୟରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ମହାମେଣ୍ଟରେ ଯୋଗଦେବେ କି ନାହିଁ, ସେ ପ୍ରସଙ୍ଗରେ ବିଚାରବିମର୍ଶ ପାଇଁ ଅଧିକ ସମୟ ଦରକାର। ତେଣୁ ପୂର୍ବପରି ସମଦୂରତ୍ୱ ଜାରି ରହିବ।

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବା ପାଇଁ ବିଜେଡି ପକ୍ଷରୁ ମଙ୍ଗଳବାର କୃଷକ ଅଧିକାର ସମାବେଶ କରାଯାଇଥିଲା। ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହି ସମୟରେ ଜାତୀୟ ଗଣମାଧ୍ୟମ ପ୍ରତିନିଧିମାନେ ଆଗାମୀ ସାଧାରଣ ନିର୍ବାଚନ ନେଇ ବିଜେଡି ଆଭିମୁଖ୍ୟ ସମ୍ପର୍କରେ ଜାଣିବା ପାଇଁ ନବୀନଙ୍କୁ ପ୍ରଶ୍ନ କରିଥିଲେ। ଯାହାର ଉତ୍ତରରେ ସେ ଅଧିକ ସମୟ ଆବଶ୍ୟକ ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ଜାତୀୟ ରାଜନୀତିରେ ନାନା ଚର୍ଚ୍ଚା ଜୋର ଧରିଛି।

# ଜେଲ ଗଲେ ସ୍ୱାମୀ, ହାଜର ହେଲେନି ଶାଶୁ, ଶ୍ୱଶୁର

କଟକ ଅଫିସ, ୮।୧

**ଅଭିନେତ୍ରୀ ନିକିତା ମୃତ୍ୟୁ ଘଟଣା**

ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଲିପନ ସାହୁ ମଙ୍ଗଳବାର ଜେଲ ଯାଇଛନ୍ତି। ଲିପନଙ୍କୁ ସୋମବାର ପୋଲିସ ଗିରଫ କରିଥିଲା। ଆଇପିସି ଦଫା ୩୦୨, ୧୦୨, ୧୨୦(ବି) ଓ ୪୯୮ (ଏ) ତାଙ୍କୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ବିଶ୍ୱଜିତ ବରାଳ କହିଛନ୍ତି। ଅନ୍ୟପକ୍ଷରେ ନିକିତାଙ୍କ ଶାଶୁ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜଙ୍କୁ ପଚରାଉଚରା ନିମନ୍ତେ ପୋଲିସ ଡକାଇଥିଲା। ହେଲେ ସେମାନେ ପୋଲିସ ନିକଟରେ ହାଜର ହୋଇନାହାନ୍ତି। ବୁଧବାର ଉଭୟଙ୍କୁ ଅଣାଯିବାକୁ ବ୍ୟବସ୍ଥା କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।

ଲିପନ ଗିରଫ ହେବା ପରେ ମଙ୍ଗଳବାର ପ୍ରଥମଥର ପାଇଁ ଲିପନଙ୍କ ଭଉଣୀ ଅର୍ଥାତ୍ ନିକିତାଙ୍କ ନଣନ୍ଦ ସୋନମ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ନିକିତା ବହୁତ ବଦରାଗୀ। କୌଣସି କଥା ସେ ଏତେ ସହଜରେ ଗ୍ରହଣ ନ କରି ଅନେକ ସମୟରେ ଆମ ପରିବାର ଲୋକଙ୍କ ସହ ଯୁକ୍ତିତର୍କ କରନ୍ତି। ମୋ ଭାଇ ଲିପନ ଭାଉଜଙ୍କୁ ମାରିଛନ୍ତି ବୋଲି ମୁଁ କାହିଁ ବିଶ୍ୱାସ କରିପାରୁନାହିଁ। ମୃତା ନିକିତାଙ୍କ ବାପା ସନାତନ କହିଛନ୍ତି, ଆଇନ ଆଖିରେ ଲିପନ କେବଳ ଦୋଷୀ। ହେଲେ ମୋ ନଜରରେ ସେ ହତ୍ୟାକାରୀ। କିନ୍ତୁ ଏହି ଘଟଣାରେ ଲିପନଙ୍କ ମା' ଓ ବାପା ହେଉଛନ୍ତି ସବୁରି ମୂଳ। ପୋଲିସ ତଦନ୍ତ ଉପରେ ମୋର ଆସ୍ଥା ରହିଛି। ଆଗକୁ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗିରଫ ହେବେ ବୋଲି ସନାତନ କହିଛନ୍ତି।



ଲିପନଙ୍କୁ ଜେଲକୁ ନିଆଯାଉଛି।

ସୂଚନାଯୋଗ୍ୟ, ନିକିତା ମହାନଦୀ ବିହାରସ୍ଥିତ ବାପ ଘରେ ଥିବାବେଳେ ଗତ ୪ ତାରିଖ ଶନିବାର ରାତିରେ ତାଙ୍କୁ ସ୍ୱାମୀ ଲିପନ ଛାତରୁ ଠେଲି ଦେଇଥିଲେ। ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୬ ତାରିଖରେ ବାପା ସନାତନ ଚାଉଳିଆଗଞ୍ଜ ଥାନାରେ ମଧ୍ୟ ନିକିତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଲିପନଙ୍କ ସମେତ ଶାଶୁ କୁନ୍ତଳା ଓ ଶ୍ୱଶୁର ଲିଙ୍ଗରାଜଙ୍କ ନାଁରେ ଅଭିଯୋଗ କରିଥିଲେ। ଆଇଆଇସି ଅଜୟ ଦାସଙ୍କ କହିବାନୁଯାୟୀ, ଲିପନ ହେଉଛନ୍ତି ବାପା ମା'ଙ୍କର ଗୋଟିଏ ପୁଅ। ଶାଶୁ ଓ ଶ୍ୱଶୁର ଚାହୁଁଥିଲେ ନିକିତା ଘରର ବୋହୂ ହୋଇ ଚଳନ୍ତୁ। ଠିକ୍ ସମୟରେ ଘରକୁ ଆସନ୍ତୁ। ସମସ୍ତ ରୋଜଗାର ଆମକୁ ଦିଅନ୍ତୁ। ଯେହେତୁ ନିକିତା ଗ୍ଲାମର ଦୁନିଆ ସହିତ ଜଡ଼ିତ ଥିଲେ ତାଙ୍କ ପକ୍ଷରେ ଏସବୁ ସମ୍ଭବ ହୋଇ ନ ଥିଲା। ଏହାକୁ ନେଇ ପରିବାରରେ ଅଶାନ୍ତି ଉପୁଜିଥିଲା। ପରିଣାମ ଶେଷରେ ଏଭଳି ଭୟଙ୍କର ରୂପ ନେଇଥିଲା।

# ଗଣତନ୍ତ୍ର ଦିବସ ପରେଡ୍‌ରୁ ବାଦ୍ ପଡ଼ିଲା ଓଡ଼ିଶା

■ ଦେଖିବାକୁ ମିଳିବନି ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୮।୧(ବ୍ୟୁରୋ)

ଏଥର ଗଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବନି ଓଡ଼ିଶା। ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ପରେଡ୍‌ରେ ଚଳିତବର୍ଷ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିବନି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶେଷଜ୍ଞ କମିଟିକୁ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ସମ୍ପର୍କିତ ଯେଉଁ ପ୍ରସ୍ତାବ ଦିଆଯାଇଥିଲା, ତାହାକୁ ଅନୁମୋଦନ ମିଳି ନ ଥିବାରୁ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିବ।

ଜାନୁୟାରୀ ୨୬ରେ ଦିଲ୍ଲୀ ରାଜପଥରେ ହେବାକୁ ଥିବା ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପରେଡ୍‌ରେ ଏଥର ୧୪ ରାଜ୍ୟର ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିବ। ଚଳିତବର୍ଷ ୩୨ ରାଜ୍ୟରୁ ଆସିଥିବା ପ୍ରସ୍ତାବ ମଧ୍ୟରୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶେଷଜ୍ଞ କମିଟି ୧୪ ରାଜ୍ୟର ପ୍ରସ୍ତାବକୁ ଅନୁମୋଦନ ଦେଇଛି, ଯାହା ମଧ୍ୟରେ ଲଗାତର ଦ୍ୱିତୀୟ ଥର ପାଇଁ ଓଡ଼ିଶାର ନାମ ନାହିଁ। ଏହାବ୍ୟତୀତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ହିମାଚଳ ପ୍ରଦେଶ, ଆସାମ, କେରଳର ପ୍ରଜ୍ଞାପନ ମେଢ଼କୁ ମଧ୍ୟ ଚୟନ କରାଯାଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଚଳିତବର୍ଷ ଗଣତନ୍ତ୍ର ଦିବସ ପରେଡ୍ ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ 'ଗାନ୍ଧୀ କନେକ୍ଟ' ଥିମ୍‌ରେ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ପଠାଇବାକୁ ରାଜ୍ୟଗୁଡ଼ିକୁ କହିଥିଲା। ଏହାକୁ ଆଧାର କରି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ର କମିଟିକୁ ମୋଟ ୫ଟି ପ୍ରସ୍ତାବ ଦିଆଯାଇଥିଲା। ଓଡ଼ିଶା ଯେଉଁ ୫ଟି ଡିଜାଇନ୍ ପଠାଇଥିଲା, ସେଥିରେ ଗାନ୍ଧୀଙ୍କ ଜୀବନୀକୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ବିଶେଷଜ୍ଞ କମିଟିର ପ୍ରଥମ ବୈଠକରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇନାହିଁ, ଯେଉଁଥିପାଇଁ ଓଡ଼ିଶା ଏହି ପରେଡ୍‌ରୁ ବାଦ୍ ପଡ଼ିଛି। ୨୦୧୮ରେ ଓଡ଼ିଶା 'ବ୍ରହ୍ମପୁର ଠାକୁରାଣୀ ଯାତ୍ରା' ସମ୍ପର୍କିତ ପ୍ରଜ୍ଞାପନ ମେଢ଼ ଡିଜାଇନ୍ ଦେଇଥିବା ବେଳେ ଶେଷ ମୁହୂର୍ତ୍ତରେ ଏହାକୁ ବାଦ୍ ଦିଆଯାଇଥିଲା।

# ଭାଜପା କୃଷକ ମୋର୍ଚ୍ଚାର ସଚିବାଳୟ ଘେରାଉ ଉଦ୍ୟମ

■ ଶଗଡ଼, ଲଙ୍ଗଳ ଧରି ପ୍ରତିବାଦ
■ ପୋଲିସ ସହ ଧସ୍ତାଧସ୍ତି

ଭୁବନେଶ୍ୱର, ୮।୧(ବ୍ୟୁରୋ)



ସଚିବାଳୟ ଅଭିମୁଖେ ବାହାରିଥିବା ଭାଜପା କୃଷକ ମୋର୍ଚ୍ଚାର କର୍ମକର୍ତ୍ତାମାନେ।

ସବୁ ଦଳ ବର୍ତ୍ତମାନ ଚାଷୀ ସମସ୍ୟାକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଚାଷୀ ପ୍ରସଙ୍ଗରେ ଦିଲ୍ଲୀରେ ବିଜେଡି ନିଜର ଦମ୍ ଦେଖାଇବାକୁ ପ୍ରୟାସ କରିଥିବା ବେଳେ ଭାଜପା ରାଜଧାନୀରେ ସମାନ ଉଦ୍ୟମ କରିଛି। ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଚିବାଳୟ ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟରେ ମଣ୍ଡି ନ ଖୋଲିବା, କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ନ କିଣାଯିବା, ସୁଧ ମୁକ୍ତ ଋଣ ଚାଷୀମାନଙ୍କୁ ଯୋଗାଇଦେବା, କୃଷିଋଣ ଛାଡ଼ କରିବା, ଜମିକୁ ଜଳସେଚନ ଯୋଗାଇଦେବା ଆଦି ବିଭିନ୍ନ ପ୍ରସଙ୍ଗରେ ଭାଜପା ରାସ୍ତାକୁ ଓହ୍ଲାଇଥିଲା। ପୂର୍ବାହ୍ନ ୧୦ଟା ସମୟରେ ବିଭିନ୍ନ ଜିଲାରୁ ଆସିଥିବା କୃଷକ ମୋର୍ଚ୍ଚା ସଦସ୍ୟମାନେ ଦଳୀୟ କାର୍ଯ୍ୟାଳୟଠାରୁ ସଚିବାଳୟ ଅଭିମୁଖେ ବାହାରିଥିଲେ। ଚାଷୀମାନଙ୍କ ଭିନ୍ନ ଭିନ୍ନ ଚରିତ୍ରର ଅଭିନୟ କରି ରାସ୍ତାରେ ନାଟକ ମଧ୍ୟ କରାଯାଇଥିଲା। ରାଜ୍ୟରେ ଚାଷୀମାନେ କିପରି ଶୋଷଣର ଶିକାର ହେଉଛନ୍ତି ତା'ର ମଧ୍ୟ ନକଲ ନାଟକ ମାଧ୍ୟମରେ କରିଥିଲେ। ଏପରିକି କିଛି ମୋର୍ଚ୍ଚା ସଦସ୍ୟ ଧାନବସ୍ତା, ଲଙ୍ଗଳ, ଶଗଡ଼ ଆଦି ଧରି ରାଜଧାନୀରେ ପହଞ୍ଚିଥିଲେ। ଏହିପରି ଭାବେ ଶତାଧିକ ଚାଷୀ ରାଜଧାନୀଠାରେ ଏକତ୍ରିତ ହୋଇ ସଚିବାଳୟ ଅଭିମୁଖେ ଯାଇଥିଲେ।

ଭାଜପାର ଏହି ଶୋଭାଯାତ୍ରା କେଶରୀ ଟକିଜ୍ ନିକଟରେ ପହଞ୍ଚିବାପରେ ସେଠାରେ ପୋଲିସ୍ ରାସ୍ତା ଅବରୋଧ କରି ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ଏବଂ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ହୋଇଥିଲା। ଏହାପରେ ଚାଷୀମାନେ ସେଠାରେ ରାସ୍ତା ଉପରେ ଧାନ ଗଡାଇ ପ୍ରତିବାଦ କରିଥିଲେ। କିଛି ସମୟ ପରେ କୃଷକ ମୋର୍ଚ୍ଚା ସଦସ୍ୟମାନଙ୍କୁ ପୋଲିସ ସେଠାରୁ ଉଠାଇ ନେଇ ରିଜର୍ଭ ଭିତରେ ଅଟକ ରଖିଥିଲା। ୨ଘଣ୍ଟା ପାଖାପାଖି ପୋଲିସ୍ ସେମାନଙ୍କୁ ଅଟକ ରଖିବାପରେ ଛାଡି ଦେଇଥିବା ଜଣାପଡିଛି। ଏହାପରେ ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପା କୃଷକ ମୋର୍ଚ୍ଚାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭାଜପାର ଏହି ଚାଷ ସମାବେଶ ପାଇଁ ଦିନକ ଆଗରୁ ପଶ୍ଚିମ ଓ ଉତ୍ତର ଓଡ଼ିଶାର ଶତାଧିକ ଚାଷୀ ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ଏ ନେଇ ସମୀର ମହାନ୍ତି କହିଛନ୍ତି ଯେ, କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କୃଷି ଋଣ ଛାଡ, ବ୍ୟାପକ ସଂଖ୍ୟାରେ ମଣ୍ଡି ଖୋଲାଯିବା, ଧାନ ମଣ୍ଡିରେ ପ୍ରତି କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ପ୍ରଦାନ ଏବଂ ରାଜ୍ୟ ସରକାର ଶହେ ଟଙ୍କାର ବୋନସ ଦେବା ଦରକାର। ରାଜ୍ୟ ସରକାର କିଛି ଦାୟିତ୍ୱ ନ ନେଇ କେବଳ ସମାଲୋଚନା କଲେ ରାଜ୍ୟରେ ଚାଷୀର ଉନ୍ନତି ହେବ ନାହିଁ ବୋଲି ସମୀର କହିଛନ୍ତି।

# ଟ୍ରକ୍ ତଳେ ଚାପିହୋଇ ୨ ମୃତ

ମୁନିଗୁଡ଼ା,୮।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ହନୁମାନ ବଜାରର ମୁଖ୍ୟ ରାସ୍ତାରେ ଏକ ମାଲ ବୋଝେଇ ଟ୍ରକ ଚକ ତଳେ ଚାପି ହୋଇ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଦ୍ୱୟ ହେଲେ ଏହି ବ୍ଲକ ଅନ୍ତର୍ଗତ ଭାଲିଆପଦର ଗ୍ରାମର ଥିବିର ପଲକିଆ(୨୫) ଓ ନରେନ୍ଦ୍ର ହିଆଲ(୨୬) । ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ମୃତ ପରିବାରଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୋଲିସ ଓ ଯବାନ ମୁତୟନ କରାଯାଇଛି। ଟ୍ରକଟି ବିଶାଖାପାଟଣାରୁ ମାଲ ବୋଝେଇ ହୋଇ ଛତିଶଗଡ଼ ଯାଉଥିବା ଜଣାଯାଇଛି।

MAHALAXMI WEAVERS
CO-OPERATIVE SOCIETY LTD.
At- Baghapali, P.O. : Khari, Dist- Subarnapur,
(Odisha), Pin- 767016
Regd. No. 9/SNP/Date : 29.06.1977

WAREHOUSING OPEN SPACE AVAILABLE
Warehousing open space (uncovered) with compound wall measuring appx. 30000 sq. ft. available on N.H. 5, Rudrapur, Pahala, Bhubaneswar. Ideally suitable or storage of telecom equipment, heavy machinery etc. Interested party may contact
Mr. R.K. Barik: 9861084873

THE KOSALA SCHOOL, Estd-1979
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632
KOSALA ENTRANCE TEST 2019-20
- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)

**ସୁବର୍ଣ୍ଣଲୋକ ମହୋତ୍ସବ ଅବସରରେ ଶୁଭେଚ୍ଛା ବାର୍ତ୍ତା**

ଜିଲ୍ଲାର ସମସ୍ତ ପିତାମାତା ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ମାନଙ୍କୁ ସୁବର୍ଣ୍ଣଲୋକ ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତ ଶିଶୁମାନଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ନିକଟରେ ମଙ୍ଗଳ କାମନା କରୁଛି।

ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

# ରାକେଶ ରୋଶନ୍‌ଙ୍କୁ କ୍ୟାନ୍‌ସର

ମୁମ୍ବାଇ



ଅଭିନେତା ତଥା ଫିଲ୍ମ ନିର୍ମାତା ରାକେଶ ରୋଶନ୍ (୬୯)ଙ୍କଠାରେ କ୍ୟାନ୍ସର ଲକ୍ଷଣ ପ୍ରକାଶ ପାଇଛି। ତାଙ୍କଠାରେ ସ୍କ୍ୱାମସ୍ ସେଲ୍ କାର୍ସିନୋମା ନାମକ ଏକ ପ୍ରକାର କ୍ୟାନ୍‌ସର(ଗଳାକର୍କଟ)ର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇଥିବା ତାଙ୍କ ଅଭିନେତା ପୁତ୍ର ହୃତିକ୍ ରୋଶନ୍ ସୂଚନା ଦେଇଛନ୍ତି। ହୃତିକ ତାଙ୍କ ପିତା ରାକେଶଙ୍କ ପାର୍ଶ୍ୱରେ ଛିଡାହୋଇଥିବାର ଫଟୋ ଇନଷ୍ଟାଗ୍ରାମ୍‌ରେ ହୋଇଛି। ସେ ଖୁବ୍ ଦୃଢ଼ମନା ମଣିଷ। ଏପରି କି ମଙ୍ଗଳବାର ଅସ୍ତ୍ରୋପଚାର ଦିନ ମଧ୍ୟ ସେ ଜିମ୍ ଯାଇଥିବା ହୃତିକ ପ୍ରକାଶ କରିଥିଲେ। ଅସ୍ତ୍ରୋପଚାର ପାଇଁ ଯିବାବେଳେ ସେ ଖୁବ୍ ଉତ୍ସାହିତ ଥିବା ଦେଖାଯାଉଥିଲେ। ତାଙ୍କ ଭଳି ଜଣେ ଦୃଢ଼ମନା ବ୍ୟକ୍ତି ତାଙ୍କ ପରିବାର ପାଇଁ ଆଶୀର୍ବାଦ ବୋଲି ହୃତିକ ଫଟୋ ତଳେ ଉଲ୍ଲେଖ କରିଛନ୍ତି। ଏହି ଫଟୋ ଭାଇରାଲ ହେବା ପରେ ଅଭିଷେକ ବଚ୍ଚନ, ସଞ୍ଜୟ କପୁର, ଅଲିମ ହାକିମ, ଦର୍ଶନ କୁମାର, ନନ୍ଦୀଶ ସାନ୍ଧୁ, ଡବ୍ବୁ ରତ୍‌ନାନି ଏବଂ ବିଶାଲ ଦଦ୍‌ଲାନି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାକେଶଙ୍କ ଆଶୁ ଆରୋଗ୍ୟ କାମନା କରି ଶୁଭେଚ୍ଛା ଜଣାଇଛନ୍ତି। ଅଭିନୟକୁ ଛାଡ଼ିଦେଲେ ରାକେଶ ରୋଶନ କେତେକ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ସେହିସବୁ ଫିଲ୍ମ ମଧ୍ୟରେ 'କିଷନ କନ୍ହୈୟା', 'କରନ୍ ଅର୍ଜୁନ', 'କହୋ ନା... ପ୍ୟାର ହୈ', 'କୋଇ... ମିଲ୍ ଗୟା' ଏବଂ ସୁପର ହିରୋ 'କ୍ରିଶ' ଫିଲ୍ମ ସିରିଜ ଅନ୍ୟତମ।

**ଗୋଲ୍‌ଡେନ୍ ଫରେଷ୍ଟ୍ସ (ଇଣ୍ଡିଆ) ଲିମିଟେଡ୍**

**ନିବେଶକମାନଙ୍କ ପାଇଁ ନୋଟିସ**

୧. କମିଟି-ଜିଏଫ୍‌ଆଇଏଲ୍‌ଙ୍କ ନିକଟରେ ଶେଷ ତାରିଖ (ଜିଏଫ୍‌ଆଇଏଲ୍ ପାଇଁ ଅଗଷ୍ଟ ୧୦, ୨୦୦୬ ଏବଂ ଜିପିଏଲ୍ ପାଇଁ ଜାନୁୟାରୀ ୨୧, ୨୦୧୩) ସୁଦ୍ଧା ନିଜର ଦାବିକୁ ପଞ୍ଜୀକୃତ କରିବାରେ ଅକ୍ଷମ ହୋଇଥିବା ନିବେଶକମାନେ ଏବେ ସେମାନଙ୍କର ଦାବିକୁ କମିଟି-ଜିଏଫ୍‌ଆଇଏଲ୍ ଠିକଣାରେ ଡାକ ଯୋଗେ ଦାଏର କରିପାରନ୍ତି:
(i) ଦାବିକର୍ତ୍ତାମାନେ ଜମାର ମୂଳ/ନୋଟାରାଇଜ୍‌ଡ ପ୍ରତିଲିପି ଏବଂ ବର୍ତ୍ତମାନ ବ୍ୟାଙ୍କ ଖାତାର ଏକ ରଦ୍ଦ ହୋଇଥିବା ଚେକ୍‌ର ପ୍ରତିଲିପି ସଂଲଗ୍ନ କରିବା ଆବଶ୍ୟକ।
(ii) ଦାବି ଫର୍ମର ପ୍ରୋଫର୍ମା ଏବଂ ନିୟମ ଓ ସର୍ତ୍ତାବଳୀ www.goldenforestcommittee.comରେ ଦେଖାଯାଇପାରିବ।
(iii) ପୁନଃପୌନିକ ଜମା ମାମଲାରେ, ଦାବିକର୍ତ୍ତାମାନେ କେବଳ ପ୍ରଥମ ଏବଂ ଶେଷ କିସ୍ତି ରସିଦ୍ ଦାଖଲ କରିବା ଆବଶ୍ୟକ।

୨. କମିଟି ନିକଟରେ ନିଜର ଦାବି ଫାଇଲ୍ କରିଥିବା ନିବେଶକମାନଙ୍କ ହିତ ପାଇଁ, ବ୍ୟାଙ୍କ ବିବରଣୀ ଅପ୍‌ଲୋଡିଂ ଲାଗି ୱେବ୍ ପୋର୍ଟାଲ୍ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖୋଲା ରହିବା ଜାରି ରହିବ।
ହେଲେ, ୱେବ୍ ପୋର୍ଟାଲ୍‌ରେ ଇତିମଧ୍ୟରେ ନିଜର ବିବରଣୀ ଅପ୍‌ଲୋଡ୍ କରିସାରିଥିବା ଦାବିକର୍ତ୍ତାମାନଙ୍କୁ ପୁନର୍ବାର ସେମାନଙ୍କ ବିବରଣୀ ଦାଏର କରିବାକୁ ପଡ଼ିବ ନାହିଁ।

କମିଟି - ଜିଏଫ୍‌ଆଇଏଲ୍
ଭିପିଓ ଝାରମାରୀ, ଅମ୍ବାଲା-ଚଣ୍ଡିଗଡ଼ ଜାତୀୟ ରାଜପଥ-୨୨,
୦୯/୦୧/୨୦୧୯ ତହସିଲ ଡେରା ବସ୍ସି, ଜିଲ୍ଲା ଏସ୍‌ଏଏସ୍ ନଗର (ମୋହାଲି)-୧୪୦୫୦୧
ଇ-ମେଲ: committee_gfil@rediffmail.com

ଏହି ଶୀତଋତୁରେ ମନ ଚାହୁଁଥିବା ସମୟ ପାଆନ୍ତୁ

ଜୋଶ୍, ଶକ୍ତି ଓ ସ୍ଫୁର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ୍ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
ଏକ୍ସଟ୍ରା ଟାଇମିଂ ପାଇଁ
Helpline : 09321790671
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।


www.playwincapsule.com
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
SS : Mahendra Pharma / Orissa Drug Distributors
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୁର୍ତ୍ତି ବଢ଼ାଏ

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେ କୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ

# ହସ୍ତକ୍ଷେପ କାଳ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଛୁଟିରେ ଯିବାକୁ ଦିଆଯାଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଜାନୁୟାରୀ ୮ରେ ସୁପ୍ରିମକୋର୍ଟ ପୁନଃ ଅବସ୍ଥାପିତ କରିଛନ୍ତି। ଚୟନ କମିଟି ସହ ବିଚାରବିମର୍ଶ ନ କରି ସରକାର ତତ୍କ୍ଷଣାତ୍ ଏଭଳି ନିଷ୍ପତ୍ତି ନେବା ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଚୟନ କମିଟି ବର୍ମାଙ୍କ ସମ୍ପର୍କରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବ ବୋଲି ଅଦାଲତ କହିଛନ୍ତି। ଇତିମଧ୍ୟରେ ବର୍ମା କୌଣସି ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ସୁପ୍ରିମ୍‌କୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଝଟକା ହୋଇଥିଲେ ମଧ୍ୟ ବର୍ମାଙ୍କ ସମ୍ପୂର୍ଣ୍ଣ ବିଜୟ ହୋଇଛି ବୋଲି କୁହାଯାଇପାରିବ ନାହିଁ। କାରଣ ଆଉ ୨୨ ଦିନ ପରେ ସିବିଆଇ ନିର୍ଦ୍ଦେଶକ ପଦରୁ ସେ ଅବସର ନେବେ। ଏଠାରେ ସୂଚନାଯୋଗ୍ୟ ଯେ, ସିବିଆଇ ନିର୍ଦ୍ଦେଶକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖାଦେବା ପରେ ୨୦୧୮ ଅକ୍ଟୋବର ୨୩ରେ ସରକାର ଉଭୟଙ୍କୁ ଦାୟିତ୍ୱମୁକ୍ତ କରି ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋକ ବର୍ମାଙ୍କ ସ୍ଥାନରେ ଏମ୍. ନାଗେଶ୍ୱର ରାଓଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିଲା। ଏବେ ଶୀର୍ଷ ଅଦାଲତଙ୍କ ରାୟ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇଛି।

ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ଅଧିକାରୀଙ୍କ ମଧ୍ୟରେ କ୍ଷମତା ଯୁଦ୍ଧ ସଂସ୍ଥାକୁ ନିନ୍ଦିତ କରିଛି। ଦୁର୍ନୀତିରେ ସମ୍ପୃକ୍ତ ରହିଥିବା କହି ସେମାନେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ଲଗାଇଥିଲେ। ସେତେବେଳେ ଆଲୋଚନା ହୋଇଥିଲା ଯେ, ରାକେଶ ଓ ଆଲୋକ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଥିବା ପ୍ରଭାବଶାଳୀ ଦୁଇ ଶୀର୍ଷ ଅଧିକାରୀ ଗୋଷ୍ଠୀଙ୍କ ସହ ଯୋଗାଯୋଗରେ ଅଛନ୍ତି। ପିଏମ୍‌ଓ ଅଧିକାରୀଙ୍କ ହସ୍ତକ୍ଷେପ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି। ଅର୍ଥାତ୍ ସିବିଆଇକୁ ପିଏମ୍‌ଓର କେଉଁ ଗୋଷ୍ଠୀ ନିୟନ୍ତ୍ରଣ କରୁଛି, ତାହା ସୁନିଶ୍ଚିତ କରାଯିବା ଦିଗରେ ଏଭଳି ପ୍ରୟାସ ଚାଲିଛି ବୋଲି ଚର୍ଚ୍ଚା ହୋଇଥିଲା। ଏବେ ସୁପ୍ରିମ୍‌କୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଛନ୍ତି। ବର୍ମା ରାଫାଲ ଦୁର୍ନୀତିର ତଦନ୍ତ କରୁଥିବା ବେଳେ କେନ୍ଦ୍ର ସରକାର ପ୍ରତିଶୋଧପରାୟଣ ହୋଇ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ସଦ୍ୟ ନିର୍ଦ୍ଦେଶ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଫାଲ ତଦନ୍ତରୁ କେହି ବଞ୍ଚାଇପାରିବେ ନାହିଁ ବୋଲି ସେ କହିଛନ୍ତି। ସେହିପରି ସୁପ୍ରିମ୍‌କୋର୍ଟଙ୍କ ରାୟ କେନ୍ଦ୍ର ପାଇଁ ଏକ ଉଚିତ ଶିକ୍ଷା ବୋଲି ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅଦାଲତଙ୍କ ରାୟକୁ ଏକ ସନ୍ତୁଳିତ ଆଭିମୁଖ୍ୟ ଭାବେ ଅଭିହିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଇଛି ଯେ, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଭଳି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ବାସ୍ତବତା ହେଲା ସିବିଆଇ ନିର୍ଦ୍ଦେଶକ ବର୍ମା ୨୦୧୭ ଫେବୃୟାରୀ ୧ରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨ ବର୍ଷ ପାଇଁ ସେ ପଦବୀରେ ରହିବା ଧାର୍ଯ୍ୟ କରାଯାଇଥିଲା। ନିୟମ ଅନୁଯାୟୀ ସିବିଆଇ ନିର୍ଦ୍ଦେଶକଙ୍କୁ ଛୁଟିରେ ଯିବା ଲାଗି ସିଭିସି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ସରକାରଙ୍କ ହସ୍ତକ୍ଷେପ ଯୋଗୁ ଏକ ପ୍ରମୁଖ ତଦନ୍ତକାରୀ ସଂସ୍ଥା ତା'ର ବିଶ୍ୱସନୀୟତା ହରାଉଛି।

ଏଇ କିଛିବର୍ଷ ହେବ ଦେଖାଯାଉଛି, ସ୍ୱାଧୀନ ଓ ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକ ରାଜନୈତିକ ହସ୍ତକ୍ଷେପ ଯୋଗୁ ଅଡୁଆରେ ପଡ଼ିଛନ୍ତି। ସରକାରଙ୍କୁ ସୁହାଇଲା ଭଳି ନିଷ୍ପତ୍ତି ନେଇ ନ ପାରିଲେ ସେଗୁଡ଼ିକ ଉପରେ ଅଙ୍କୁଶ ଲଗାଯାଉଛି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଙ୍କ କାର୍ଯ୍ୟଶୈଳୀ ନେଇ ଅନେକ ପ୍ରଶ୍ନବାଚୀ ଉଠିଛି। ତେଣୁ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଲାଗି ସୁଯୋଗ ଦିଆଯିବା ଆବଶ୍ୟକ। ବିଶେଷକରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଓ ସିବିଆଇ ଭଳି ତଦନ୍ତ ସଂସ୍ଥା ବାହ୍ୟ ହସ୍ତକ୍ଷେପରୁ ଯେତେ ମୁକ୍ତ ରହିବେ, ତାହା ଗଣତନ୍ତ୍ର ପାଇଁ ସେତେ ଶୁଭଙ୍କର।

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି
ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ
ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | 3 | C | | E | | D | | 5 | | 2 |
| | | | | | | | B | | | | | | | C |
| 8 | C | A | | 4 | | | | 9 | 5 | 0 | | | 1 | |
| | | 2 | E | | | | | | 7 | | | | | D |
| | | B | C | | | | 3 | 1 | 8 | | | | | |
| E | | | 4 | | 7 | | 1 | A | | B | | | | |
| B | 7 | 9 | | | 1 | | | | D | | | A | 8 | 0 |
| | | | | | | | 8 | | E | | | 1 | | |
| | 2 | | A | D | | | C | 0 | 6 | | | | 9 | |
| C | A | 8 | 2 | E | 0 | | | | 4 | | | | 6 | 7 |
| | 4 | C | 9 | | 5 | 6 | | | 0 | 8 | | | 7 | |
| | | 7 | | 3 | | | | | A | | 1 | | | |
| | 1 | 6 | | 2 | | B | 9 | 7 | | | | | | |
| | | | | 8 | D | | | | | 4 | | | E | |
| D | | | | A | 4 | 2 | | | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 8 | 4 | 6 | 2 | D | 1 | 3 | B | C | 0 | A | 7 | E | 9 |
| 7 | 1 | 9 | C | 8 | 4 | 2 | E | 0 | 6 | 5 | 3 | B | D | A |
| 2 | A | B | E | 1 | 3 | C | 6 | 7 | 8 | 9 | D | 5 | 0 | 4 |
| E | D | 3 | 7 | 9 | 0 | 5 | 8 | A | 1 | B | 4 | 2 | 6 | C |
| C | 6 | 0 | B | 5 | A | 4 | 9 | D | E | 2 | 7 | 8 | 3 | 1 |
| 3 | 2 | 7 | 9 | D | B | E | 5 | 6 | 4 | C | 8 | A | 1 | 0 |
| 8 | 0 | C | 3 | A | 5 | 9 | D | 4 | 2 | E | 1 | 6 | B | 7 |
| B | 5 | 6 | 4 | 7 | C | A | 1 | 8 | 9 | D | 0 | E | 2 | 3 |
| 1 | 9 | E | 0 | 6 | 8 | 7 | B | 2 | 3 | A | 5 | C | 4 | D |
| A | 4 | D | 2 | E | 1 | 3 | 0 | C | B | 7 | 6 | 9 | 8 | 5 |
| D | B | 8 | 5 | 3 | 9 | 6 | C | 1 | 7 | 4 | E | 0 | A | 2 |
| 0 | 7 | 2 | 1 | 4 | E | 8 | A | 5 | D | 6 | 9 | 3 | C | B |
| 4 | E | A | 8 | 0 | 7 | B | 2 | 3 | 5 | 1 | C | D | 9 | 6 |
| 9 | C | 1 | A | B | 6 | D | 7 | E | 0 | 3 | 2 | 4 | 5 | 8 |
| 6 | 3 | 5 | D | C | 2 | 0 | 4 | 9 | A | 8 | B | 1 | 7 | E |

ଗତକାଲିର ଉତ୍ତର

# କେତେ ସତ, କେତେ ମିଛ

ଡ. ସନ୍ତୋଷ କୁମାର ମହାପାତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ରାଜନୈତିକ ଜୀବନର ସବୁଠୁ ବଡ଼ ଚ୍ୟାଲେଞ୍ଜ ୨୦୧୯ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛନ୍ତି। ବିଶେଷକରି କଂଗ୍ରେସ ବା ସମ୍ଭାବିତ ମହାମେଣ୍ଟ ତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ନିକଟରେ ୫ଟି ରାଜ୍ୟ ବିଶେଷକରି ହିନ୍ଦୀଭାଷୀ ରାଜ୍ୟରେ ଭାଜପା ବିପର୍ଯ୍ୟୟର ସମ୍ମୁଖୀନ ହେବା, ଦଳ ମଧ୍ୟରେ କମ୍ପନ ସୃଷ୍ଟି କରିଛି। ୨୦୧୪ ପରି ସଫଳତା ୨୦୧୯ରେ ମିଳିବ ନାହିଁ ବୋଲି ଭାଜପା ନେତୃତ୍ୱ ହୃଦୟଙ୍ଗମ କଲେଣି। ଏଣୁ ସେମାନେ କଳେବଳେକୌଶଳେ କ୍ଷମତାକୁ ବଜାୟ ରଖିବା ପାଇଁ ପ୍ରୟାସ ଚଳାଇଛନ୍ତି। ଏହି ଅବସରରେ ନରେନ୍ଦ୍ର ମୋଦି ପରୋକ୍ଷରେ ନୂତନ ବର୍ଷରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ବଦଳରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ନୂଆବର୍ଷର ସନ୍ଧ୍ୟାରେ ଦୀର୍ଘ ୯୫ ମିନିଟ୍ ଧରି ଖବର ସରବରାହ ସଂସ୍ଥା ଏଏନ୍‌ଆଇକୁ ସାକ୍ଷାତ୍‌କାର ଦେଇ ଆତ୍ମପ୍ରଶସ୍ତି ଗାନ ସହ ବିରୋଧୀଙ୍କୁ ନିନ୍ଦା କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ପ୍ରଦର୍ଶିତ ଏହି ସାକ୍ଷାତ୍‌କାର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କୁ ସୁହାଇଲା ପରି ପ୍ରଶ୍ନ କରାଯାଇଥିଲା। ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା ରାମମନ୍ଦିର ନିର୍ମାଣ, ବିମୁଦ୍ରୀକରଣ, ଉର୍ଜିତ ପଟେଲଙ୍କ ଇସ୍ତଫା, ଜିଏସ୍‌ଟି, କଂଗ୍ରେସର କାର୍ଯ୍ୟକଳାପ, ସାବରିମାଲା ପରମ୍ପରା, ରଣଛାଡ, ତିନି ତଲାକ, ଲିଙ୍ଗ ସମାନତା ଉପରେ ନିଜ ମତ ରଖିଥିଲେ। କିନ୍ତୁ ପ୍ରଶ୍ନ ଏପରିଭାବେ ପଚରାଯାଇଥିଲା ଏବଂ ଉତ୍ତର ସେ ଏପରି ଭାବରେ ରଖିଥିଲେ ଯେ ନିତିଦିନିଆ ଘଟଣା ଉପରେ ଜ୍ଞାନ ନ ଥିବା ଜଣେ ବ୍ୟକ୍ତି ଭାବିବ ଯେ ଏ ସରକାର ଅମଳରେ ସବୁ ଠିକ୍ ଚାଲିଛି। ଦ୍ରୁତ ପ୍ରଗତି ଓ ଅଭିବୃଦ୍ଧି ଘଟୁଛି। କିନ୍ତୁ ବାସ୍ତବରେ ଏହା ଓଲଟା। ଯଦି ଜଣେ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ୍‌କାରକୁ ଠିକ୍‌ଭାବେ ସମୀକ୍ଷା କରିବ ସେ ଏହି ସିଦ୍ଧାନ୍ତରେ ଉପନୀତ ହେବ ଯେ ପ୍ରଧାନମନ୍ତ୍ରୀ ଅଧା ସତ ଅଧା ମିଛ କହି ଲୋକଙ୍କୁ ନିଜ ଓ ନିଜ ଦଳ ସପକ୍ଷରେ ନେବା ପାଇଁ ପ୍ରୟାସ କରିଛନ୍ତି।

ପ୍ରଧାନମନ୍ତ୍ରୀ ନିଜକୁ ସାଧାରଣ ଜନତାଙ୍କ ଭଲପାଇବା ଓ ଆଶୀର୍ବାଦର ଇସ୍ତାହାର ଭାବେ ଅଭିହିତ କରିବା ସହିତ ଆଗାମୀ ଦିନରେ କଂଗ୍ରେସ ନେତୃତ୍ୱରେ ବିଭିନ୍ନ ଦଳକୁ ନେଇ ଯେଉଁ ମହାମେଣ୍ଟ ହେବାକୁ ଯାଉଛି ତାହା ସାଧାରଣ ଜନତାଙ୍କ ଆଶା, ଭରସା ପୂରଣ କରିପାରିବ ନାହିଁ ବୋଲି କହିଥିଲେ। ନିଜକୁ ଲୋକଙ୍କ ପ୍ରତୀକ ଭାବେ କହି ଆଗାମୀ ନିର୍ବାଚନରେ ଜନତା ବନାମ ମହାମେଣ୍ଟ ଲଢ଼େଇ ଦେଖିବାକୁ ମିଳିବ ବୋଲି କହିଥିଲେ। ଅତ୍ୟନ୍ତ କ୍ରୂର ସତ୍ୟ ହେଉଛି ବର୍ତ୍ତମାନର ରାଜନୀତିରେ କୌଣସି ନୈତିକତା, ଆଦର୍ଶବାଦ, ମାନବିକତା ଓ ମୂଲ୍ୟବୋଧ ଦେଖିବାକୁ ମିଳୁନାହିଁ। କଳେବଳେକୌଶଳେ କ୍ଷମତା ଅକ୍ତିଆର କରିବା ବିଭିନ୍ନ ରାଜନେତା ଓ ଦଳର ଲକ୍ଷ୍ୟ ହୋଇଛି। ଏଣୁ ଭାଜପା ହେଉ ବା ମହାମେଣ୍ଟ କେହି ଜନସାଧାରଣଙ୍କ ଆସ୍ଥାଭାଜନ ହେବେ ନାହିଁ। କିନ୍ତୁ ମେଣ୍ଟ ଗଠନ କରି ନିର୍ବାଚନ ଲଢ଼ିବା ଓ ମିଳିତ ସରକାର ଗଢ଼ିବା ଗଣତନ୍ତ୍ରର ଏକ ଅଂଶ। ଏହାକୁ ପ୍ରଧାନମନ୍ତ୍ରୀ ବିରୋଧ କରିବା ଅଗଣତାନ୍ତ୍ରିକ। ପୁନଶ୍ଚ ବର୍ତ୍ତମାନର ଭାଜପା ପୂର୍ବରୁ ଭାରତୀୟ ଜନସଂଘ ଥିଲା। ଏହା ଅନ୍ୟ ବିରୋଧୀ ଦଳଙ୍କ ସହିତ ମିଶି ଇନ୍ଦିରା ଗାନ୍ଧୀଙ୍କ କଂଗ୍ରେସ ବିରୋଧରେ ଲଢ଼ିଥିଲା ଏବଂ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲା। ୧୯୭୭ରେ ଯେଉଁ ଜନତା ଦଳ ସରକାର କରିଥିଲା, ତାହା ଏକ ମିଳିତ ସରକାର ଥିଲା, ଯେଉଁଥିରେ ଭାରତୀୟ ଜନସଂଘ ଏକ ଅଂଶୀଦାର ଦଳ ଥିଲା। ପରେ ଜନତା ପାର୍ଟିର ବିଲୟ ପରେ ୧୯୮୦ରେ ଭାରତୀୟ ଜନସଂଘ ଭାଜପା ନାମରେ ନୂଆ ଅବତାରରେ ଆବିର୍ଭୂତ ହୋଇଥିଲା। ପୁନଶ୍ଚ ଗୋଟିଏ ଦଳ ଶାସନ କଲେ ଏହା ବେଶି ଏକଚ୍ଛତ୍ରବାଦୀ ହେବାର ସମ୍ଭାବନା ଥାଏ। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ୱାଇ.ଭି. ରେଡ୍ଡୀଙ୍କ କହିବା ଅନୁଯାୟୀ ମିଳିତ ସରକାର ସମୟରେ ଆର୍ଥିକ ଅଭିବୃଦ୍ଧି ଭଲ ହୋଇଛି। ବିଶେଷକରି ଉପା-୧ ସରକାର ଅମଳରେ ଆର୍ଥିକ ଅଭିବୃଦ୍ଧି, ଆଭ୍ୟନ୍ତରୀଣ ସଞ୍ଚୟ, ନିବେଶ ହାର ଅନ୍ୟ ସବୁ ସରକାର ତୁଳନାରେ ଅଧିକ ହୋଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଲୋକମାନେ ସବୁ ଦେଖୁଛନ୍ତି। ଯଦି ଏହା ସତ୍ୟ ତେବେ ତାଙ୍କ ସରକାର ପ୍ରଚାରରେ କାହିଁକି ଏତେ ଖର୍ଚ୍ଚ କରୁଛି? ୨୦୧୪-୧୫ରୁ ୨୦୧୭-୧୮ ମଧ୍ୟରେ ତାଙ୍କ ସରକାର ଗଣମାଧ୍ୟମରେ ୪୮୮୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ପ୍ରଧାନମନ୍ତ୍ରୀ ସ୍ୱୟଂ ଦଳୀୟ ସଭାପତି ପରି ବିଭିନ୍ନ ସଭାସମିତି ରାଲିରେ ଦଳ ସପକ୍ଷରେ ଏବଂ କଂଗ୍ରେସ ତଥା ବିରୋଧୀ ଦଳ ବିରୋଧରେ ପ୍ରଚାର କରିଛନ୍ତି। ବିମୁଦ୍ରୀକରଣ ସମ୍ପର୍କରେ ମତଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିମୁଦ୍ରୀକରଣ ଏକ ଝଟ୍‌କା ନ ଥିଲା। ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଏହା ଜରୁରୀ ଥିଲା। ବାସ୍ତବରେ ବିମୁଦ୍ରୀକରଣ ଏକ ରାଜନୈତିକ ପଦକ୍ଷେପ ଥିଲା। ନରେନ୍ଦ୍ର ମୋଦି ନିଜକୁ କଳାଧନ ଓ ଦୁର୍ନୀତି ବିରୋଧୀ ଭାବେ ପ୍ରତିପାଦନ କରି ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଜିତିବା ପାଇଁ ବିମୁଦ୍ରୀକରଣ ପଦକ୍ଷେପ ନେଇଥିଲେ। ଅନେକ ବିଶିଷ୍ଟ ଅର୍ଥନୀତିଜ୍ଞ ଏପରିକି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଏହାକୁ ଏକ କ୍ରୂର ପଦକ୍ଷେପ ବୋଲି କହିଛନ୍ତି। ଏହାଦ୍ୱାରା କୌଣସି କଳାଧନ ଉଦ୍ଧାର ହେଲା ନାହିଁ ବରଂ କଳାଟଙ୍କାର ଅଧିକାରୀ ତାଙ୍କ କଳାଟଙ୍କାକୁ ଧଳା କରିପାରିଲେ। ଯେଉଁ ଲକ୍ଷ୍ୟ ନେଇ ବିମୁଦ୍ରୀକରଣ କରାଯାଇଥିଲା ତାହାର ଗୋଟିଏ ବି ପୂରଣ ହୋଇନାହିଁ। ବରଂ ଲୋକମାନେ ହଇରାଣ ହୋଇଛନ୍ତି ଏବଂ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ଜିଏସ୍‌ଟି ସପକ୍ଷରେ କହିଛନ୍ତି। କିନ୍ତୁ ପ୍ରଶ୍ନକର୍ତ୍ତା ତାଙ୍କୁ ପଚାରିଲେ ନାହିଁ ଯେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ କାହିଁକି ଜିଏସ୍‌ଟିକୁ ବିରୋଧ କରୁଥିଲେ। ଜିଏସ୍‌ଟି ଏକ ପରୋକ୍ଷ ଟିକସ ସଂସ୍କାର। ଏହାର ଆବଶ୍ୟକତା ଥିଲା। କିନ୍ତୁ ଏହା ଯେପରି ତରବରିଆ ଭାବେ କାର୍ଯ୍ୟକାରୀ କରାଗଲା ତାହାଦ୍ୱାରା ଅର୍ଥନୀତିର କ୍ଷତି ହୋଇଛି। ବ୍ୟବସାୟୀ ହଇରାଣ ହୋଇଛନ୍ତି। ଅର୍ଥନୈତିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହୋଇଛି। ଭାରତରେ ପ୍ରଚଳିତ ଜିଏସ୍‌ଟି ଏକ ଜଟିଳ ପ୍ରକ୍ରିୟା ବୋଲି ବିଶ୍ୱବ୍ୟାଙ୍କ ମତ ଦେଇଛି। ଜିଏସ୍‌ଟି ଯୋଗୁ ଦରଦାମ୍ ହ୍ରାସ ପାଇବ, ଟିକସ ଫାଙ୍କି ରୋକାଯାଇପାରିବ ଏବଂ ଅଧିକ ରାଜସ୍ୱ ଆଦାୟ ହେବ ବୋଲି ଯାହା କୁହାଯାଇଥିଲା ତାହା ପୂରଣ ହୋଇପାରି ନାହିଁ। ଚଳିତ ଆର୍ଥିକବର୍ଷ ଏପ୍ରିଲରୁ ଅକ୍ଟୋବର ୨୦୧୮ ମଧ୍ୟରେ ୩୮,୮୯୬ କୋଟି ଟଙ୍କାର ଜିଏସ୍‌ଟି ଟିକସ ଫାଙ୍କି ଘଟିଛି। ଗତ ନଭେମ୍ବର ଓ ଡିସେମ୍ବରରେ ଧାର୍ଯ୍ୟଲକ୍ଷ୍ୟଠାରୁ କମ୍ ଜିଏସ୍‌ଟି ଆଦାୟ ହୋଇଛି। ସେହିପରି ଭାଜପା-ଶାସିତ ରାଜ୍ୟ କୃଷିଋଣ ଛାଡ କଲାବେଳେ ମୋଦି ବିରୋଧ କରୁ ନ ଥିଲେ। କିନ୍ତୁ କଂଗ୍ରେସ କଲା ବେଳକୁ ବିରୋଧ କରୁଛନ୍ତି।

ନରେନ୍ଦ୍ର ମୋଦି ପରୋକ୍ଷରେ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳକୁ ଦୁର୍ନୀତିଗ୍ରସ୍ତ କହିଲାବେଳେ ନିଜକୁ ସ୍ୱଚ୍ଛ ବୋଲି କହିଛନ୍ତି। ଯଦି ଏହା ସତ କିପରି ବିଭିନ୍ନ ସଭାସମିତି, ରାଲିରେ ତାଙ୍କ ଦଳ ପକ୍ଷରୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏସବୁ କିଏ ଦେଉଛି? ୨୦୧୭-୧୮ରେ ଭାଜପାର ଦଳୀୟ ପାଣ୍ଠିକୁ ୧୦୦୦ କୋଟି ଟଙ୍କା ଆସିଛି। ଯେଉଁମାନେ ଦେଇଛନ୍ତି ସେମାନେ କ'ଣ କିଛି ସୁବିଧା ନ ପାଇ ଦେଇଛନ୍ତି? ବର୍ତ୍ତମାନ ଦୁର୍ନୀତି ଅନ୍ତରଙ୍ଗ ପୁଞ୍ଜିବାଦ ବା କ୍ରୋନି କ୍ୟାପିଟାଲିଜିମ୍‌ର ରୂପ ନେଇଛି। କରପ୍ସନ ପର୍‌ସିପସନ୍ ଇଣ୍ଡେକ୍ସରେ ଭାରତର ଅବନତି ଘଟିଛି। ଅର୍ଥାତ୍ ଦୁର୍ନୀତି ବୃଦ୍ଧି ପାଇଛି। ନରେନ୍ଦ୍ର ମୋଦି କହିଛନ୍ତି ଯେ, ଯେଉଁମାନେ ଦେଶର ସମ୍ପଦ ଲୁଟ୍‌କରି ଦେଶ ଛାଡିପଳାଇଛନ୍ତି ସେମାନଙ୍କୁ ପୁଣି ଦେଶକୁ ଅଣାଯିବ। ସେମାନଙ୍କଠାରୁ କଡ଼ାଗଣ୍ଡା ଆଦାୟ କରାଯିବ। କିନ୍ତୁ ବିଜୟ ମାଲ୍ୟା ଦେଶ ଛାଡ଼ିବା ପୂର୍ବରୁ ସିବିଆଇ ତରଫରୁ ଯେଉଁ ଡିଟେନ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା ତାହାକୁ ଇନ୍‌ଫର୍ମକୁ କାହିଁକି ପରିବର୍ତ୍ତନ କରାଗଲା? ଏହି ପ୍ରଶ୍ନ ପ୍ରଧାନମନ୍ତ୍ରୀଙ୍କୁ ପଚାରିବାର ଥିଲା। ରିଜର୍ଭ ବ୍ୟାଙ୍କର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୭-୧୮ରେ ବ୍ୟାଙ୍କଗୁଡ଼ିକରେ ହୋଇଥିବା ଠକାମିର ପରିମାଣ ୪୧,୨୦୦ କୋଟି ଟଙ୍କା, ଯାହା ୨୦୧୪-୧୫ଠାରୁ ୧୧୨% ଅଧିକ।

ଉର୍ଜିତ ପଟେଲଙ୍କ ଇସ୍ତଫା ଉପରେ ମତଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ଇସ୍ତଫା ଦେବା ପାଇଁ ୬ ବା ୭ ମାସ ତଳୁ କହି ଆସୁଥିଲେ। କିନ୍ତୁ ଏ କଥା ଉର୍ଜିତ ପଟେଲ ଇସ୍ତଫା ଦେବା ସମୟରେ ପ୍ରଧାନମନ୍ତ୍ରୀ କାହିଁକି କହିଲେ ନାହିଁ? କୌଣସି ବ୍ୟକ୍ତି ସେପରି ଅଯଥା ଚାପର ବଶବର୍ତ୍ତୀ ନ ହେଲେ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦରୁ ଇସ୍ତଫା ଦେବାକୁ ଚାହିଁବ ନାହିଁ। ନିକଟରେ ରିଜର୍ଭ ବ୍ୟାଙ୍କର ଗଚ୍ଛିତ ପାଣ୍ଠି ବା ରିଜର୍ଭରୁ ସରକାରଙ୍କୁ କିଛି ଅଂଶ ଦେବାକୁ ନେଇ ରିଜର୍ଭବ୍ୟାଙ୍କ ଉପରେ ସରକାରଙ୍କ ତରଫରୁ ଚାପ ଥିଲା, ଯାହା ତାଙ୍କ ଇସ୍ତଫାର କାରଣ। କେବଳ ଉର୍ଜିତ ପଟେଲ ନୁହନ୍ତି, ନୀତି ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ଇସ୍ତଫା ଦେଇଛନ୍ତି। ସିବିଆଇ ଭଳି ସଂସ୍ଥାର ମୁଖ୍ୟ ଆଲୋକ ବର୍ମାଙ୍କୁ ତାଙ୍କ କାର୍ଯ୍ୟକାଳ ପୂର୍ବରୁ ବାହାର କରିଦିଆଯାଇଛି। ଏପରିକି ବିଭିନ୍ନ ତଥ୍ୟ ପ୍ରଦାନ କରୁଥିବା ସିଏସ୍‌ଓ କାର୍ଯ୍ୟକଳାପରେ ହସ୍ତକ୍ଷେପ କରାଯାଉଛି। ଏହାର ଅର୍ଥ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ନିୟାମକ ସଂସ୍ଥାର କାର୍ଯ୍ୟକଳାପରେ ସରକାର ଅଯଥାରେ ହସ୍ତକ୍ଷେପ କରୁଛନ୍ତି। ପୁନଶ୍ଚ ସାବରିମାଲା ମନ୍ଦିରରେ ମହିଳାମାନଙ୍କ ପ୍ରବେଶକୁ ନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ମନ୍ଦିରରେ ବିଭିନ୍ନ ପ୍ରଥା ରହିଛି। ଭାଜପା ସୁପ୍ରିମ୍‌କୋର୍ଟଙ୍କ ରାୟ ବିରୋଧରେ ଯାଇ ମନ୍ଦିରରେ ମହିଳା ପ୍ରବେଶକୁ ବିରୋଧ କରିବାକୁ ପ୍ରଧାନମନ୍ତ୍ରୀ ସମାଲୋଚନା କରିନାହାନ୍ତି। ସେ କୁସଂସ୍କାରକୁ ବିରୋଧ କରିବାକୁ ଅନିଚ୍ଛୁକ। ଏପରିକି ରାମମନ୍ଦିର ପ୍ରସଙ୍ଗରେ କଂଗ୍ରେସକୁ ସମାଲୋଚନା କରିବାକୁ ପଛେଇ ନାହାନ୍ତି। ପ୍ରଧାନମନ୍ତ୍ରୀ ପ୍ରତ୍ୟେକ କଥାରେ ବିକାଶ କଥା କହିଛନ୍ତି। କିନ୍ତୁ ବିକାଶ ହୋଇଛି ଧନିକ ଶ୍ରେଣୀର। ୨୦୧୭ରେ ଯେତିକି ସମ୍ପଦ ସୃଷ୍ଟି ହୋଇଥିଲା ତାହାର ୭୩% ଯାଇଛି ୧% ଧନିକଙ୍କ ପାଖକୁ। ଅପରପକ୍ଷେ ବିକାଶ ସୂଚାଉଥିବା ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ପୂର୍ବପରି ନିମ୍ନରେ ରହିଛି। କେତେକ କ୍ଷେତ୍ରରେ ଅବନତି ମଧ୍ୟ ଘଟିଛି। ଏହିସବୁ ପ୍ରଶ୍ନ ସାମ୍ବାଦିକ ପ୍ରଧାନମନ୍ତ୍ରୀଙ୍କୁ ପଚାରିବାର ଥିଲା।

# ନମସ୍କାର ଓ ଆଶୀର୍ବାଦ

ଅଲେଖ ଚନ୍ଦ୍ର ମିଶ୍ର

ନମସ୍କାର ଓ ଆଶୀର୍ବାଦ ଏ ଦୁଇଟି ଆପେକ୍ଷିକ ଶବ୍ଦ। ଦ୍ୱିତୀୟଟି ପ୍ରଥମର ଅନୁଚର। ନମଃ, ନମସ୍ତେ, ନମସ୍କାର, ଜୁହାର, ଓଳଗି, ଦଣ୍ଡବତ, ପ୍ରଣାମ ଓ ଅଭିବାଦନ- ଏ ସମସ୍ତ ଏକ ପର୍ଯ୍ୟାୟବାଚୀ ଶବ୍ଦ। ଏପରି ସମ୍ବେଦନଶୀଳ ଯେ ଏହାର ଉଚ୍ଚାରଣ କର୍ତ୍ତା ଏବଂ ଗ୍ରହୀତା ଉଭୟଙ୍କୁ ଆପ୍ୟାୟିତ କରେ। ଏଥିରେ ସାନବଡ଼, ଉଚ୍ଚନୀଚର ଭେଦଭାବ ରହିବା ଉଚିତ ନୁହେଁ। କାରଣ 'ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ।' ବରଂ ଏହା କର୍ତ୍ତାଙ୍କର ବିନମ୍ରତାର ନିଦର୍ଶନ ଏବଂ ଗ୍ରହୀତାଙ୍କର ଶୁଭେଚ୍ଛାର ବାର୍ତ୍ତାବହ। ସମ୍ମାନ ପ୍ରଦାନ, ଭକ୍ତି ନିବେଦନ, ଆନୁଗତ୍ୟ ପ୍ରକାଶ, ସ୍ୱାଗତ ସମ୍ବର୍ଦ୍ଧନା, ସାକ୍ଷାତ ସମ୍ଭାଷଣ, କୃତଜ୍ଞତା ଜ୍ଞାପନ, ଖୁସି ପ୍ରକଟ ଇତ୍ୟାଦି ପାଇଁ ସଚରାଚର ବ୍ୟବହୃତ ଏହା ଏକ ଲୋକପ୍ରିୟ ମାଧ୍ୟମ। ସ୍ଥଳବିଶେଷରେ ଏହାର ପ୍ରକାରଭେଦ ଭିନ୍ନ ଭିନ୍ନ ହେଲେ ବି (ଯଥା ନାକରେ ନାକ ଘଷିବା, କାନ୍ଧରେ କାନ୍ଧ ମିଳେଇବା, କରମର୍ଦ୍ଦନ କରିବା ଇତ୍ୟାଦି) ଆମ ସଂସ୍କୃତିରେ ଏହାର ରୂପରେଖ ନିମ୍ନୋକ୍ତ ଢଙ୍ଗରେ ହୋଇଥାଏ- ଯଥା ଆପାଦମସ୍ତକ ଭୂଲୁଣ୍ଠିତ ଦଣ୍ଡବତ, ସାଷ୍ଟାଙ୍ଗ ପ୍ରଣିପାତ, ଭୂମିଷ୍ଠ ପ୍ରଣାମ, ଆଣ୍ଠୁ ମାଡି ପ୍ରଣାମ, ମୁଣ୍ଡ ମାଡି, ବେକ ନୁଆଇଁ, ପାଦ ସ୍ପର୍ଶ କରି, ପାଦରୁ ଧୂଳି ନେଇ ପ୍ରଣାମ, ଦଣ୍ଡାୟମାନ ଅଥବା ଚାଲୁ ଚାଲୁ ଗୋଟିଏ ବା ଦୁଇଟି ହାତ ଟେକି ଶିର ଅବନ୍ତ୍ରୋନତ କରି ସାଲ୍ୟୁଟ (ସଲାମ) କରିବା, ଜୋତା ଓହ୍ଲେଇ, ଟୋପି ବା ପଗଡି କାଢି ସମ୍ମାନ ଦେବା, ପାଦୋଦକ ପାଇବା ଇତ୍ୟାଦି। ଦେଶକାଳପାତ୍ର ଭେଦରେ ନମସ୍କାର ଉପରୋକ୍ତ ପ୍ରକ୍ରିୟାରେ ସମ୍ପାଦିତ ହୋଇଥାଏ। ଏହାର ମୂଳକଥା ହେଲା ଏଥିପାଇଁ ଇଚ୍ଛା ଓ ଆଗ୍ରହ ଥିବା ଉଚିତ। ନଚେତ୍ ଏହା 'ମାଗି ଓଳଗି, ଯାଚି କଲ୍ୟାଣ' ଭଳି ହାସ୍ୟାସ୍ପଦ ହୋଇଯାଏ। ସାଧାରଣତଃ ନମସ୍କାର ଉଦ୍ଦେଶ୍ୟରହିତ ଏବଂ ପ୍ରତ୍ୟାଶାବର୍ଜିତ ହେବା ବିଧେୟ। ତେଣୁ ନମଃ ଶବ୍ଦଟି ସମ୍ପ୍ରଦାନେ ଚତୁର୍ଥୀ ବିଭକ୍ତି ସମ୍ପନ୍ନ ହୋଇଥାଏ (କୃ ଧାତୁ ସଂଯୁକ୍ତ ହେଲେ ଦ୍ୱିତୀୟା)। ପୁନଶ୍ଚ ନମସ୍କାର ବେଳେ ମନ ନିର୍ମଳ ରହିବା ଉଚିତ। ଏ କ୍ଷେତ୍ରରେ ରାମାୟଣବର୍ଣ୍ଣିତ ଅନ୍ଧମୁନି ଉପାଖ୍ୟାନ ପ୍ରଣିଧାନଯୋଗ୍ୟ। ତାଙ୍କର ଅନ୍ଧତ୍ୱର କାରଣ ଥିଲା ପୂର୍ବଜନ୍ମରେ ତାଙ୍କ ଗୃହରେ ଅତିଥି ହୋଇଥିବା ଜଣେ ଋଷିଙ୍କୁ ସସ୍ତ୍ରୀକ ନମସ୍କାର କଲାବେଳେ ତାଙ୍କର ଗୋଦର ଗୋଡ଼କୁ ଦେଖି ଉଭୟେ ଘୃଣାରେ ଚକ୍ଷୁ ବନ୍ଦ କରିଦେଇଥିଲେ। ଏହା ଦେଖି ଅତିଥି ଋଷି ତାଙ୍କୁ କହିଥିଲେ ତଥାସ୍ତୁ। ସେହିପରି ବିନ୍ଧ୍ୟଗିରି ନିଜର ଗୁରୁ ଅଗସ୍ତିଙ୍କୁ ମୁଣ୍ଡମାଡି ନମସ୍କାର କଲାବେଳେ ତାଙ୍କ ମନରେ ଅହଂକାର ଦୂର ହୋଇ ନ ଥିଲା (ମେରୁ ପର୍ବତ ସହିତ ପ୍ରତିଯୋଗିତା ଯୋଗୁ)। ତେଣୁ ମହର୍ଷି ତାଙ୍କୁ ସେ ଫେରିବା ପର୍ଯ୍ୟନ୍ତ ସେମିତି ପଡି ରହିବାକୁ କହିଥିଲେ ଏବଂ ଆଉ ଫେରିଲେନି। ଦେବସଭାରେ ଶିବ ଶ୍ୱଶୁର ଦକ୍ଷଙ୍କୁ ନମସ୍କାର କରି ନ ଥିବାରୁ ଦକ୍ଷ ଶିବହୀନ ଯଜ୍ଞ କରିବାକୁ ନିଷ୍ପତ୍ତି ନେଲେ ଓ ସେଥିରୁ ଅନେକ ଅନର୍ଥ ସୃଷ୍ଟି ହେଲା। ଦକ୍ଷ ତାଙ୍କର ମସ୍ତକ ହରାଇ ଛେଳିମୁଣ୍ଡ ପାଇଲେ ଓ ଶିବ ତାଙ୍କର ପ୍ରାଣପ୍ରିୟା ପତ୍ନୀ ସତୀଙ୍କୁ ହରାଇଲେ।

ନମସ୍କାର ଯେପରି ଭିନ୍ନ ଭିନ୍ନ ତା'ର ପ୍ରତିକ୍ରିୟା ବା ଆଶୀର୍ବାଦ ସେହିପରି ନାନା ପ୍ରକାରର। ବୁଢାବୁଢୀଙ୍କୁ ନମସ୍କାର କଲେ ସେମାନଙ୍କ ଅନ୍ତର ଭିତରୁ ଯେଉଁ ନିଷ୍କାମ ଶବ୍ଦଗୁଡିକ ସ୍ଫୁରିତ ହୁଏ ତାହା ହେଲା "ବୁଢା ବା ବୁଢୀଟିଏ ହୋଇଥାଆ, ପାଚିଲାବାଳରେ ସିନ୍ଦୂର ଘେନିଥା, ତୋ ପାଦ ଅଗରେ କଣ୍ଟା ନ ବାଜୁ, ମୋ ଆୟୁଷ ତତେ ଲାଗିଯାଉ, ଦୀର୍ଘାୟୁ, ନିରାମୟ ହୋଇଥା, କୋଟି ପରମାୟୁ ହେଉ, ତୋର ସବୁ ରୋଗବୈରାଗ ମୋତେ ଝାଡିଝୁଡି ଦେ, ତୋର ଅନିଷ୍ଟ ପାଞ୍ଚୁଥିବା ଲୋକ ମୁହଁରେ ନିଆଁ ଲାଗୁ, ତୋର ସବୁ ବାଧାବିଘ୍ନ ଆଡ଼ ହୋଇଯାଉ, ତୋର ରାସ୍ତାରେ କଣ୍ଟା ନ ରହୁ ଇତ୍ୟାଦି।" ବୟସ୍କ କିମ୍ବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ସେମାନେ ସାଧାରଣତଃ କହିଥାନ୍ତି, ହେଲା ହେଲା, ତୁମକୁ କିଏ ଅକଲ୍ୟାଣ କରୁଛିରେ ବାବୁ, ସବୁ ମଙ୍ଗଳ ହେଉ। ଭଲରେ ରୁହ, ସୁଖ ଆନନ୍ଦରେ ଦିନ କାଟୁଥା ଇତ୍ୟାଦି।

ଶିକ୍ଷକ, ଗୁରୁ ଅଥବା ଗୁରୁଜନଙ୍କୁ ନମସ୍କାର କଲେ ସେମାନେ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି- ସିଦ୍ଧିରସ୍ତୁ, ବିଜୟୀ ଭବ, ସର୍ବତ୍ର କୃତକାର୍ଯ୍ୟ ହୁଅ, ସଫଳ ହୁଅ ଇତ୍ୟାଦି। ବ୍ରାହ୍ମଣ, ପୁରୋହିତ ଓ ପଣ୍ଡିତଙ୍କୁ ନମସ୍କାର କଲେ ତାଙ୍କ ମୁହଁରୁ ସ୍ୱତଃ ନିଃସୃତ ହୋଇଥାଏ- ମନୋବାଞ୍ଛା ପୂର୍ଣ୍ଣମସ୍ତୁ, ଦୀର୍ଘାୟୁ ଭବ, ଆୟୁଷ୍ମାନ୍ ଭବ, କୁଶଳମସ୍ତୁ, ସର୍ବାରିଷ୍ଟ ଶାନ୍ତିର୍ଭବତୁ, ମନୋଭୀଷ୍ଟ ସିଦ୍ଧିର୍ଭବତୁ ଇତ୍ୟାଦି। କିନ୍ତୁ ମାତାପିତାଙ୍କୁ ନମସ୍କାର କଲେ ଏ ସମସ୍ତ ଏକ ସ୍ଥାନରେ ପ୍ରାପ୍ତ ହୁଏ। ମୁନିଋଷିଙ୍କୁ ନମସ୍କାର କଲେ ତତ୍କ୍ଷଣାତ୍ ଫଳପ୍ରାପ୍ତି ହୁଏ ଏବଂ ସମସ୍ତ ସଙ୍କଟ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ଦେବଦେବୀଙ୍କୁ ନମସ୍କାର କଲେ ସେମାନେ କିଛି କୁହନ୍ତିନି ସିନା କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ପ୍ରକାରାନ୍ତରେ ସୂଚେଇ ଦିଅନ୍ତି। ଶାସ୍ତ୍ରାନୁସାରେ ସୂର୍ଯ୍ୟଦେବତାଙ୍କୁ ନମସ୍କାର କଲେ ଯେଉଁ ଫଳପ୍ରାପ୍ତି ହୁଏ ତାହା ନିମ୍ନୋକ୍ତ ପ୍ରକାରର- ଆଦିତ୍ୟସ୍ୟ ନମସ୍କାରଃ ଯେ କୁର୍ବନ୍ତି ଦିନେ ଦିନେ। ନ ବ୍ୟାଧିର୍ନ ଶୋକସ୍ତେଷାଂ ଦାରିଦ୍ର୍ୟଂ ନୋପଜାୟତେ।।

ଏହା ଏକ ଅନୁଭୂତିର କଥା ଯେ ସାମାନ୍ୟ ନମସ୍କାରଟିଏ ବେଳେ ବେଳେ ଦୀର୍ଘଦିନର ତିକ୍ତ ସମ୍ପର୍କକୁ ମଧୁର କରିଦିଏ ଏବଂ ଅନେକ ଅସମାହିତ ମନୋମାଳିନ୍ୟ ଦୂର କରିଦିଏ। ଅତଏବ ନମସ୍କାର ପାଇଁ ଆଦୌ କୁଣ୍ଠା ରହିବା ଉଚିତ ନୁହେଁ, ପ୍ରତିପକ୍ଷରୁ ପ୍ରତିଦାନ ଥାଉ ବା ନ ଥାଉ। ମାତ୍ର କ୍ଷୋଭର କଥା କାଳକ୍ରମେ ନମସ୍କାରର ରୂପରେଖ ବଦଳିବାରେ ଲାଗିଛି ଏବଂ ତା' ସହିତ ବଦଳିଯାଉଛି ଆଶୀର୍ବାଦର ସଂଜ୍ଞା। ଏବେ ନମସ୍କର୍ତ୍ତାଙ୍କର ପ୍ରତିଦାନ ସ୍ୱରୂପ ଶୁଷ୍କ ପ୍ରତିନମସ୍କାରଟିଏ ହିଁ ଆଶୀର୍ବାଦର ସ୍ଥାନ ନେଉଛି। ନମସ୍କାରର ଶୁଦ୍ଧତା ସହିତ ଆଶୀର୍ବଚନର ଆନ୍ତରିକତା ବିଲୟର ଦ୍ୱାରଦେଶରେ ଉପନୀତ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ-୪
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ପ୍ରତ୍ୟେକ ପ୍ରଜାତିର ଜୀବ ନିଜ ଛୁଆଙ୍କୁ ସ୍ନେହ କରନ୍ତି। କିନ୍ତୁ ଗୋଟିଏ ପ୍ରଜାତି ଅନ୍ୟ ପ୍ରଜାତିର ଛୁଆଙ୍କୁ ଭଲପାଇ ସେମାନଙ୍କୁ କ୍ଷୀରପାନ କରାଇବା ବିରଳ ନିଶ୍ଚୟ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ। ଚାରି ମା'ଛେଉଣ୍ଡ କୁକୁରଛୁଆଙ୍କୁ ଗାଈଟିଏ ସ୍ତନ୍ୟପାନ କରାଉଛି। ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମଣିଷ ମଣିଷ ମଧ୍ୟରେ ଦୂରତା ବଢ଼ିଚାଲିଥିବା ବେଳେ ଉତ୍ତରପ୍ରଦେଶର ରାସ୍ତାକଡରେ ଏକ ବୁଲାଗାଈ ମା'ଛେଉଣ୍ଡ ଚାରି କୁକୁର ଛୁଆଙ୍କୁ ସ୍ତନ୍ୟପାନ କରାଉଛି। ଏହି ଘଟଣା ମଣିଷ ସମାଜ ପାଇଁ ଏକ ଉଦାହରଣ ପାଲଟିଛି। ଏକ ଦୁର୍ଘଟଣାରେ ମା' କୁକୁରର ମୃତ୍ୟୁ ଘଟିଥିଲା। ଏହାପରେ କୁକୁରଛୁଆଙ୍କୁ ଲୋକେ ନେଇ ଶୋଇଥିବା ଗାଈର ପହ୍ନା ପାଖରେ ଛାଡିଦେଇଥିଲେ। ମା'ଛେଉଣ୍ଡ କୁକୁରଗୁଡିକ ଗାଈଠୁ କ୍ଷୀର ପିଇବା ଆରମ୍ଭ କରିଥିଲେ। ଗାଈ ମଧ୍ୟ ପ୍ରତିରୋଧ କରି ନ ଥିଲା। ଏହା ପରଠୁ ଛୁଆଗୁଡିକ ଗାଈଠୁ କ୍ଷୀର ପିଇବା ଅଭ୍ୟାସରେ ପଡିଗଲାଣି। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖୁଥିବା ଲୋକେ ବେଶ୍ ଭାବପ୍ରବଣ ହୋଇପଡୁଛନ୍ତି। ପ୍ରାଣୀଙ୍କ ମନରେ ଏପରି ଦିବ୍ୟଭାବନା ଜାଗ୍ରତ ହେଉଥିବା ବେଳେ ମଣିଷ କିପରି ଏଥିରୁ ଦୂରେଇ ଯାଉଛି ତାହା ଆଶ୍ଚର୍ଯ୍ୟଜନକ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜାନୁୟାରୀ ୧୯୯୪

- ମୁଖ୍ୟ ନିର୍ବାଚନ କମିଶନଙ୍କ ନେତୃତ୍ୱରେ ନିର୍ବାଚନ କମିଶନକୁ ବହୁ ସଦସ୍ୟ ବିଶିଷ୍ଟ କରିବା ନେଇ ବିଲ୍‌ରେ ରାଷ୍ଟ୍ରପତି ଶଙ୍କର ଦୟାଳ ଶର୍ମାଙ୍କ ସ୍ୱାକ୍ଷର ପରେ ଏହି ବିଲ୍‌ଟି ଆଇନରେ ପରିଣତ ହୋଇଛି।
- ନିର୍ବାଚନ ପ୍ରଚାର ବେଳେ ଡାକବାଜି ଯନ୍ତ୍ର ବ୍ୟବହାରକୁ ନିଷିଦ୍ଧ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଟି. ଏନ୍. ଶେଷାନଙ୍କ ସୂଚନା।
- ଚାଇନାକୁ ବାଣିଜ୍ୟଭିତ୍ତିକ ଉପଗ୍ରହ ବିକ୍ରି ନେଇ ଆମେରିକାର ନିଷେଧାଜ୍ଞା ପ୍ରତ୍ୟାହାର।
- ୩ଜଣ ରୁଷିଆ ମହାକାଶଯାତ୍ରୀଙ୍କୁ ନେଇ ରୁଷିଆର ମହାକାଶଯାନ ସୋୟୁଜ-ଟିଏମ୍. ୧୪ର ମହାକାଶ ଯାତ୍ରା।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷିଋଣ ଛାଡ଼ ଏକ ଖରାପ ପରମ୍ପରା

ମହାଶୟ,
ନିର୍ବାଚନ ଆସିଲେ ରାଜନୈତିକ ଦଳଗୁଡ଼ିକ ଭୋଟ ହାତେଇବା ପାଇଁ ନାନା ଘୋଷଣା କରନ୍ତି। ତନ୍ମଧ୍ୟରୁ କୃଷିଋଣ ଛାଡ଼ ଅନ୍ୟତମ। ମାତ୍ର ଏହା ଏକ ଖରାପ ପରମ୍ପରା। ଆଗରୁ ମଧ୍ୟ ଅନେକ ରାଜ୍ୟରେ କୃଷିଋଣ ଛାଡ଼ ହୋଇଥିଲା। ଏହି ପରମ୍ପରା ଚାଲି ଆସୁଥିବାରୁ ଚାଷୀମାନେ ଋଣ କରି ପରିଶୋଧ କରିବାକୁ ଆଗ୍ରହ ଦେଖାନ୍ତି ନାହିଁ। ସେମାନେ ଭାବିନିଅନ୍ତି ନିର୍ବାଚନ ଆସିଲେ ବଳେ ଋଣଛାଡ଼ ହୋଇଯିବ। ଦେଶର ଆର୍ଥିକ ସ୍ଥିତି ଉପରେ ଏହାର ଖୁବ୍ କୁପ୍ରଭାବ ପଡ଼େ। ଚାଷୀ ନିଜର ସାମର୍ଥ୍ୟ ଓ ଆବଶ୍ୟକତା ଅନୁଯାୟୀ ପ୍ରାୟ କୋଡିଏରୁ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ କରିଥାନ୍ତି। ଯେଉଁମାନେ କୃଷି ଆଳରେ ଧରାଧରି କରି ଲକ୍ଷ ଲକ୍ଷ ଟଙ୍କା ଋଣ କରନ୍ତି, ସେମାନେ ଏହି ଟଙ୍କାରେ ଗୃହନିର୍ମାଣ, ଗାଡିମୋଟର କ୍ରୟ, ବିବାହବ୍ରତ ଆଦି କରନ୍ତି। କାରଣ ଏହାର ସୁଧ କମ୍। କୃଷିଋଣ ଛାଡ଼ ହେଲେ ଏଇ ସୁବିଧାବାଦୀମାନଙ୍କର ହିଁ କଟେପୁଅ ବାର। ଯେତେ କୃଷିଋଣୀ ଅଛନ୍ତି, ତା' ଅପେକ୍ଷା ଢେର ଅଧିକ ଚାଷୀ ଅଛନ୍ତି ଯେଉଁମାନେ କଷ୍ଟେମଷ୍ଟେ ଚାଷ ଉଠାଇଥାନ୍ତି, ମାତ୍ର କୃଷିଋଣ କରନ୍ତି ନାହିଁ। କୃଷିଋଣ ଛାଡ଼ କରାଗଲେ ଏମାନେ ତ ଋଣ କରିନାହାନ୍ତି, ପାଇବେ କ'ଣ? ସେମାନେ ପସ୍ତାଇ ହୁଅନ୍ତି। ତେଣୁ କୃଷିଋଣୀମାନଙ୍କର ଯେଉଁ ହାରରେ ଋଣଛାଡ କରାଯାଉଛି, ସେହି ହାରରେ ଅନ୍ୟ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଜମିକୁ ଜଳ, ଉତ୍ପାଦିତ ଦ୍ରବ୍ୟର ବିପଣନ ବ୍ୟବସ୍ଥା, ଶୀତଳଭଣ୍ଡାର ନିର୍ମାଣ ଇତ୍ୟାଦିକୁ ଅଗ୍ରାଧିକାର ଦେଲେ ଏ ଦେଶର କୃଷକ ମୁହଁରେ ହସ ଫୁଟିବ। ଚାଷୀ ଆତ୍ମହତ୍ୟା, ଆନ୍ଦୋଳନ ଠପ୍ ହୋଇଯିବ।

-ଅର୍ଜୁନ ରଣା, ବାଲିଶଙ୍କରା, ସୁନ୍ଦରଗଡ଼

### ଅସତ୍ୟ ଓ ଅଗ୍ରହଣୀୟ

କିଛିଦିନ ପୂର୍ବେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଟୁଇଟ୍ କରି କହିଥିଲେ ଯେ ସେ ନୀତୀଶଙ୍କ ପରି ରାଜ୍ୟରେ ମଦ ନିଷେଧ କରିନାହାନ୍ତି। ରାଜ୍ୟରେ ମଦ ସେବନ ଅପରାଧର ମୂଳ କାରଣ ନୁହେଁ। କିନ୍ତୁ ବିଭିନ୍ନ ସମୟରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡିଛି ଯେ, ଦୁର୍ଘଟଣା, ରୋଗ, ହତ୍ୟା, ବଳାତ୍କାର ଓ ସାମାଜିକ ହିଂସାର ଅନ୍ୟତମ ମୁଖ୍ୟ କାରଣ ହେଉଛି ମଦ। ଏଣୁ ଯୋଗୀଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ଅସତ୍ୟ ଓ ଅଗ୍ରହଣୀୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



**ସଂକ୍ଷେପରେ**



ସମ୍ବଲପୁର ଗୋପାଳମାଳଠାରେ ସୁରେନ୍ଦ୍ର ତ୍ରିପାଠୀ ରାମାୟଣ ପ୍ରବଚନ ଦେଉଛନ୍ତି ।

## ଗୋପାଳମାଳରେ ରାମାୟଣ ପ୍ରବଚନ

ସମ୍ବଲପୁର, ୮।୧ (ବ୍ୟୁରୋ) ଗୋପାଳମାଳ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ରାମାୟଣ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀରର ବ୍ୟାସ ମାନସ ଜଗୁଆଳ ସୁରେନ୍ଦ୍ର ତ୍ରିପାଠୀ ରାମାୟଣ ପ୍ରବଚନ ଦେଇଥିଲେ। ବାଦ୍ୟଯନ୍ତ୍ରରେ ହୃଷୀକେଶ ସାହୁ, ପୀତାମ୍ବର ଭୋଇ, ରବୀନ୍ଦ୍ର ହେର୍ଣ୍ଣା ସହଯୋଗ କରିଥିଲେ। ମୀନତି ସାହୁ ଓ ଭରତ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସହଦେବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୋପାଳମାଳ ରାମାୟଣ କମିଟି ଦ୍ୱାରା ଆୟୋଜିତ ପ୍ରବଚନରେ ଫାଟକ, ମାଲିପଡା, ଦାନିପାଲି, ଦଶମତି କଲୋନୀ, ଠାକୁରପଡା, ବେହେରାମୁଣ୍ଡା ପ୍ରଭୃତି ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ମଙ୍ଗଳବାର ରାମାୟଣ ପ୍ରବଚନ ଉଦ୍‌ଯାପିତ ହେବ ।

## ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷଣ ସ୍ୱାଗତ ଯୋଗ୍ୟ

ସମ୍ବଲପୁର, ୮।୧ (ବ୍ୟୁରୋ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ବର୍ଗଙ୍କ ପାଇଁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଶତକଡା ୧୦ ପ୍ରତିଶତ ସଂରକ୍ଷଣ କରିଛନ୍ତି । ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ଦ୍ୱାରା ସାଧାରଣ ବର୍ଗର ଗରୀବ ଲୋକମାନେ ଉପକୃତ ହୋଇପାରିବେ । ମଙ୍ଗଳବାର ଏକ ପ୍ରେସ ବିବୃତିରେ ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସବିତା ନନ୍ଦ, ରାମଚନ୍ଦ୍ର ମେହେର, ଶ୍ରୀକାନ୍ତ ପାଣିଗ୍ରାହୀ, ବେଣୁଧର ଦାସ, ମୁକେଶ ଜରିୱାଲ, ଶରତ ସାହୁ, ସରୋଜିନୀ ନାୟକ, ରଞ୍ଜିତ ରଥ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଜଣାଇଛନ୍ତି ।

## ୧୧ରୁ ୧୬ତମ ସର୍ବଭାରତୀୟ ନାଟକ, ନୃତ୍ୟ ମହୋତ୍ସବ

ଦେବଗଡ,୮।୧(ସ୍ୱ.ପ୍ର.): ଦେବଗଡର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନାଶନାଲ, ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଭାରତ ସରକାରଙ୍କ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଜାନୁୟାରୀ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଟାଉନହଲ୍‌ରେ ୧୬ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଦିଲୀପ କୁମାର ଗୁରୁ ଅଧକ୍ଷତା କରିଥିଲେ।

## ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା

ପଡିଆବାହାଲ, ୮।୧ (ଡି.ଏନ.ଏ) ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁଭାରମ୍ଭ ହୋଇଛି । ରୁଦ୍ରନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ଡା. ରାଜାରାମ ଷଡଙ୍ଗୀ, ଯୁବନେତା ପ୍ରମୋଦ କୁମାର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଦିଲ୍ଲୀପ କୁମାର ପଣ୍ଡା ଫିତା କାଟିବା ସହ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବ ଆରମ୍ଭ କରିଛନ୍ତି ।

## ସାଲେଭଟାରେ ଗଠିତ ହେଲା କୃଷକ ସଂଗଠନ

ନାକଟିଦେଉଳ, ୮।୧ (ଡି.ଏନ.ଏ.): ସାଲେଭଟା ପଞ୍ଚାୟତର କୃଷକମାନଙ୍କୁ ନେଇ ସ୍ୱପ୍ନଘାଟି ଶିବମନ୍ଦିରରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ଅଞ୍ଚଳରେ ଚାଷ ଏବଂ ଚାଷୀ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥି ସହିତ କୃଷିଋଣ ଛାଡ଼ ପାଇଁ ମଧ ବୈଠକରେ ଦାବି କରାଯାଇଥିଲା । ଏହି ଅବସରରେ ଅଞ୍ଚଳର ଚାଷୀ ସମସ୍ୟା ସମ୍ପର୍କରେ ବିଭିନ୍ନ ସମୟରେ ସରକାର ଏବଂ ପ୍ରଶାସନ ପାଖରେ ଦାବି ଉପସ୍ଥାପନ କରିବା ପାଇଁ ପଞ୍ଚାୟତସ୍ତରରେ ଅଟଳ କୃଷକ ସଂଗଠନ ନାମରେ ଏକ ଚାଷୀ ସଂଗଠନ ଗଠନ କରାଯାଇଛି। ଏଥିରେ ଦିବାକର ପ୍ରଧାନଙ୍କୁ ସଭାପତି ଏବଂ ପ୍ରଫୁଲ୍ଲ ଶତପଥୀଙ୍କୁ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା । ମୁରଲୀଧର ପ୍ରଧାନ, କପିଳ ସାହୁ, ଟୁନା ପ୍ରଧାନ, ନିରଞ୍ଜନ ସାହୁ, ବନମାଳୀ ଜାଲ, ସୁରେଶ କିସାନ, ସନ୍ତୋଷ ବେହେରା ଏବଂ ଗିରିଧାରୀ ସାହୁଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇ ମତାମତ ରଖିଥିଲେ।

# ଗଡ଼ିଲାନି ଗାଡ଼ି, ଖୋଲିଲାନି ଦୋକାନବଜାର





ମଙ୍ଗଳବାର ସମ୍ବଲପୁର ବର୍ସାମୁଣ୍ଡା ଛକଠାରେ ଶ୍ରମିକ ନେତାମାନେ ଟ୍ରକ ଅଟକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି (ବାମ)। ଟ୍ରକ ଚାଳକ ଓ ହେଲପର୍‌ମାନେ ରାସ୍ତା ଉପରେ ରୋଷେଇ କରୁଛନ୍ତି ।

ସମ୍ବଲପୁର, ୮।୧ (ବ୍ୟୁରୋ) ମିଳିତ ଶ୍ରମିକ ସଂଗଠନ ଡାକରାରେ ମଙ୍ଗଳବାର ଦେଶବ୍ୟାପୀ ଧର୍ମଘଟ ଡାକରାର ପ୍ରଭାବ ସମ୍ବଲପୁରରେ ପଡିଛି। ସମ୍ବଲପୁରରେ ମିଳିତ ଶ୍ରମିକ ସଂଗଠନର କର୍ମକର୍ତ୍ତା ସକାଳ ୬ଟାରୁ ଅଇଁଠାପାଲି ଛକ, ବିର୍ସାମୁଣ୍ଡା ଛକ, ଧନୁପାଲି ଛକଠାରେ ପିକେଟିଂ କରିଥିଲେ। ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ମୋଟର ସାଇକେଲରେ ସହରର ବିଭିନ୍ନ ପଡା, ଛକ ବୁଲି ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ । ଚା, ଜଳଖିଆ ଦୋକାନ, ବୁଢ଼ାରଜା ଦୈନିକ ବଜାର ଖୋଲିଥିବା ଦେଖା ଯାଇଥିଲା। ଅନ୍ୟ ଦୋକାନ ବଜାର ଅପରାହ୍ନ ୫ଟା ପରେ ଖୋଲିଥିଲା। ଶ୍ରମିକ ନେତା ଗୋକୁଳ ମେହେର, ବିଜୟ ମହାନ୍ତି, ଏନ. ଗୋପାଳ, ମହେଶ୍ୱର ଷଣ୍ଢ, ଲଳିତ ପଟ୍ଟନାୟକ ଅଇଁଠାପାଲି ଛକରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବବିତା ବଡପଣ୍ଡା, ମମତା ପଣ୍ଡା, ରୁଦ୍ରାଣୀ ନାଥ, ସସ୍ମିତା ଦୀପ, ବିଦେଶୀ ସାନବଡ, ରଞ୍ଜିତ ମହାପାତ୍ର, ପ୍ରଶାନ୍ତ ଦାଶ ଧନୁପାଲି ଛକରେ ପିକେଟିଂ କରିଥିଲେ । ଗଦାଧର କୁଅଁର, ଶ୍ରୀରାମ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅଇଁଠାପାଲି ପିଏଚ୍‌ଡି ପଡିଆ ଟ୍ରକ୍ ଟର୍ମିନାଲ ପାଲଟିଛି। ସମ୍ବଲପୁର-ଝାରସୁଗୁଡା, ସମ୍ବଲପୁର-ଦେବଗଡ଼, ସମ୍ବଲପୁର-ବରଗଡ଼ ଓ ସମ୍ବଲପୁର-ଅନୁଗୋଳ ରାସ୍ତାରେ ମାଲ୍ ବୋଝେଇ ଟ୍ରକ୍, କଣ୍ଟେନର, ଟ୍ରେଲର ପ୍ରଭୃତି ହଜାର ହଜାର ମାଲ୍ ପରିବହନକାରୀ ଗାଡିଗୁଡିକ ଅଟକି ରହିଛି। ଫଳରେ ରାସ୍ତାରେ ଲମ୍ବା ଲାଇନ ଲାଗିଛି। ଏହି ଗାଡିଗୁଡିକାର ଚାଳକ, ହେଲପର ଆଦି ଖାଇବା ପିଇବାକୁ ହଇରାଣ ହୋଇଛନ୍ତି। ଅଧିକାଂଶ ଗାଡିରେ ରଖିଥିବା ଖାଦ୍ୟ ପ୍ରସ୍ତୁତି ସାମଗ୍ରୀ, ଗ୍ୟାସ୍, ଷ୍ଟୋଭ୍ ବାହାର କରି ଗାଡି ତଳେ ଓ ରାସ୍ତା ଉପରେ ରୋଷେଇ କରି ଖାଇଛନ୍ତି। ହେଲେ ରୋଷେଇ କରିବାକୁ ପାଣି ସଂଗ୍ରହ କରିବା କାଠିକର ହୋଇ ପଡିଛି। ଆଖପାଖ ଘରଦ୍ୱାର, ଦୋକାନ, ରାସ୍ତାକଡ ଟ୍ୟାପ୍, ନଳକୂଅରୁ ପାଣି ବୋହି ବୋହି ଝାଳନାଳ ହୋଇଛନ୍ତି। ଦିନରେ ଭୋକ ଉପସାରେ ପଡିଥିବା କେତେକ ଟ୍ରକ୍ କର୍ମଚାରୀ ସନ୍ଧ୍ୟାରେ ଦୋକାନବଜାର ଖୋଲିବା ପରେ ନିଃଶ୍ୱାସ ମାରିଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ, ଥରେ ଟ୍ରକ୍ ପାଖରୁ ଆଖପାଖ ଦୋକାନ ବଜାର ଖୋଜି ସେଠାକୁ ଯିବା ପରେ ଫେରିବା ବେଳକୁ ନିଜ ଗାଡି ଠାବ କଲାବେଳକୁ ଗାଡିକୁ ଖୋଜିବାକୁ ପଡୁଛି। ବୁଧବାର ମଧ ଧର୍ମଘଟ ଡାକରା ଥିବାରୁ ଗାଡି ଅଟକି ରହିବ। ଏଣୁ ରାସ୍ତାକଡ ତଥା ଖୋଲା ଜାଗା ମୁକ୍ତାକାଶ ଶୌଚାଳୟ ପାଲଟିବ।

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଜନ, ଶ୍ରମିକ ଓ ଦେଶ ବିରୋଧୀକାର୍ଯ୍ୟ କରୁଛି । ଏହି ନୀତି ବିରୋଧରେ ଦେଶ ବ୍ୟାପି ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ସମ୍ବଲପୁରରେ ଯାନବାହାନ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଦପ୍ତର, ବ୍ୟାଙ୍କ, ବୀମା ଅଫିସ ବନ୍ଦ ରହିଛି। ସରକାର ୭ଦଫା ଦାବୀକୁ ଉପେକ୍ଷା ଓ ଅଣଦେଖା କରିଛନ୍ତି। ସର୍ବନିମ୍ନ ମଜୁରୀ ୧୮ ହଜାର ଟଙ୍କା, ସର୍ବଜନୀନ ସାମାଜିକ ସୁରକ୍ଷା, ସାର୍ବନିମ୍ନ ପେନସନ ୬ହଜାର ଟଙ୍କା ଏବଂ ଜାତୀୟ ପେନସନ ଯୋଜନାର ବାତିଲ ଓ ପୁରୁଣା ପେନସନ ଯୋଜନାର ପୁନଃ ପ୍ରଚଳନ, ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି ବନ୍ଦ କରିବା, ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ହ୍ରାସ କରିବା, ଠିକା ପ୍ରଥାର ଉଚ୍ଛେଦ, ସମାନ କାମକୁ ସମାନ ଦରମା, ରାଷ୍ଟ୍ରାୟତ କ୍ଷେତ୍ରର ଘରେଇ କରଣ ଓ ପୁଞ୍ଜି ପ୍ରତ୍ୟାହାର ବନ୍ଦ କରିବା, କୃଷି ଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି, ସ୍କିମ୍ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା ଓ ଆନୁସଂଗିକ ଦରମା ଏବଂ ଭତ୍ତା ପ୍ରଦାନ, ଆନ୍ତର୍ଜାତିକ ସଂଗଠନର ୮୭ ଓ ୯୮ ପ୍ରତିଶତକୁ ସ୍ୱିକୃତୀ ପ୍ରଦାନ କରିବା, ଶ୍ରମ ଆଇନର ସଂଶୋଧନ ଏବଂ ମାଲିକମାନଙ୍କ ସ୍ୱାର୍ଥର ସପକ୍ଷବାଦୀ, ୪୪ଟି ଶ୍ରମ ଆଇନକୁ ସଂଶୋଧନ ପୂର୍ବକ ୪ଟି ଲେବର କୋର୍ଟରେ ପରିଣତ କରିବା ପ୍ରଭୃତି ଦାବି ପୂରଣ ନେଇ ଏହି ଧର୍ମଘଟ ଡାକରା ଦିଆଯାଇଛି।

## ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ କର୍ମକର୍ତ୍ତା ମନୋନୀତ

ଚିପିଲିମା, ୮।୧ (ଡି.ଏନ.ଏ) ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦର କର୍ମକର୍ତ୍ତା ମନୋନୀତ ହୋଇଛି । ଏହି ଅବସରରେ ହୀରାକୁଦ ବନ୍ଧ ନିକଟସ୍ଥ ଝାଙ୍କରାଣୀ ମନ୍ଦିରରେ ପରିଷଦର ସଭ୍ୟାସଭ୍ୟଙ୍କୁ ନେଇ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ହିସାବ କିତାବ ମଧ ସମୀକ୍ଷା ହୋଇଥିଲା । ପରେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ଆଇନଜୀବୀ ଜୟ ଲୁହା, ଉପସଭାପତି ଭାବରେ ଆଇନଜୀବୀ ଉଦୟନାଥ ସୁନା, ସାଧାରଣ ସମ୍ପାଦକ ଭାବେ ମହାବୀର ଦୀପ, ଯୁଗ୍ମ ସମ୍ପାଦକରେ ବାବୁଲୁ ଛୁରିଆ, କୋଷାଧ୍ୟକ୍ଷ ପାଇଁ ସୁନାରାମ ନନ୍ଦ, କାର୍ଯ୍ୟନିର୍ବାହୀ କର୍ମକର୍ତ୍ତା ଭାବରେ ସାର୍ଦ୍ଦୁଳ ବାଗ, ବଣିକ ହରିପାଲ, ବନମାଳି ହରିପାଲ, ମୁରଲୀ ମଲ୍ଲିକ, ସାଧିଆ ମହାନନ୍ଦ, ରାଜୁ କୁମ୍ଭାର ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବରେ ନିହାଲ ସିଂ, ଚନ୍ଦ୍ରମଣୀ ବାଗ, ଶିବଶଙ୍କର ବାଗ, ଶଙ୍କର ପ୍ରଧାନ, ଅଦନ ସୁନା, କୁନୁ ଛତ୍ରିଆ ମନୋନୀତ ହୋଇଛନ୍ତି । ଆଇନଜୀବୀ ଉଦୟନାଥ ସୁନାଙ୍କ ଅଧକ୍ଷତାରେ ସଭା ହୋଇଥିବା ବେଳେ ବାବୁଲୁ ଛୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁ ମିଳନରେ ପିଲାଦିନର କଥା ମନେ ପକାଇଲେ

ଧମା, ୮।୧ (ଡି.ଏନ.ଏ) ସ୍ଥାନୀୟ ମଥୁରା ପ୍ରସାଦ ହାଇସ୍କୁଲରେ ୧୯୮୭ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାରକୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରାତନ ଛାତ୍ରମାନେ ପିଲାଦିନର କଥାକୁ ମନେ ପକାଇଛନ୍ତି। ପୁରାତନ ଛାତ୍ର ତଥା ଶିକ୍ଷକ ବୀରେନ୍ଦ୍ର ମେଣ୍ଡଲୀ ଓ ମାଁ ଝାଡେଶ୍ୱରୀ କଲେଜ କର୍ମଚାରୀ ଜୀବର୍ଦ୍ଧନ ସେଠ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଶିକ୍ଷକ ଲିଙ୍ଗରାଜ ଦାସ, ପ୍ରଫୁଲ୍ଲ କୁମାର ସିଂ, ବେଣୁଧର ବେହେରା, ଲାଲବାହାଦୁର ବାଗ, ସ୍ୱପ୍ନେଶ୍ୱର ମହାପାତ୍ର, ବୁଦ୍ଧଦେବ ସେଠ ଏବଂ ଦାମୋଦର ଗଡନାୟକ ଏଥିରେ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଧାନ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ସୁଜିତ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଉପସ୍ଥିତ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ର ସମ୍ମାନୀତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଂ. କନ୍ଦର୍ପ ରୋହିଦାସ ଓ ହେମରାଜ ସୁରୁଜାଲ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ବେହେରା, ବିଭୂତି ମହାପାତ୍ର, ଭରତ ଭୋଇ, ସୁଜିତ ମେଣ୍ଡଲୀ, ବିଭୂତି ଭୋଇ, ସୁବ୍ରତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ସମ୍ବଲପୁର ୱାର୍କସ ଇଞ୍ଜିନିୟର୍ସ ସଂଘର ରାଲି

ସମ୍ବଲପୁର, ୮।୧ (ବ୍ୟୁରୋ) ମିଳିତ ସମ୍ବଲପୁର ୱାର୍କର୍ସ ଆଣ୍ଡ ଇଞ୍ଜିନିୟରର୍ସ ଆସୋସିଏସନ୍ (ସଂଘ)ର ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ କ୍ଷେତ୍ରରେ ଘରୋଇ କରଣ ଓ ଫ୍ରାଞ୍ଚାଇଜ୍ ବନ୍ଦ, ପାର୍ଲାମେଣ୍ଟରେ ଆଗତ ବିଦ୍ୟୁତ ବିଲ୍-୨୦୧୮ର ପ୍ରତ୍ୟାହାର, ସମସ୍ତ ବିଦ୍ୟୁତ ନିଗମ ଗୁଡିକୁ ମିଶାଇ କେରଳ ଓ ହିମାଞ୍ଚଳ ପ୍ରଦେଶ ଢାଞ୍ଚାରେ ଓଡିଶା ରାଜ୍ୟ ବିଦ୍ୟୁତ ପରିଷଦ ଲିମେଟେଡ୍ ଗଠନ କରିବାକୁ ଦାବି କରାଯାଇଛି। ୨୦୦୪ ମସିହା ପରେ ନିଯୁକ୍ତ ସମସ୍ତ କର୍ମଚାରୀ ଓ ଇଞ୍ଜିନିୟରମାନଙ୍କୁ ପୁରୁଣା ଢାଞ୍ଚାରେ ପେନସନ ପ୍ରଦାନ, ଠିକା କର୍ମଚାରୀ ଓ ଇଞ୍ଜିନିୟରଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ନୂତନ ଦରମା ନିର୍ଦ୍ଧାରଣରେ ଥିବା ଅସଂଗତି ଦୂରୀକରଣ, ବକେୟା ଥିବା ଅର୍ଥ ପ୍ରଦାନ ଓ ଅନ୍ୟାନ୍ୟ ଦାବି ରହିଛି । ଏ ନେଇ ଆନ୍ଦୋଳନକାରୀ ରାଲିରେ ସହର ପରିକ୍ରମା କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ଉପମା କାଲୋଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜଗନ୍ନାଥ ବାରିକ, ଲଳିତ କୁମାର ପଟ୍ଟନାୟକ, ନାଟୁ ଗୋପାଳ, ପ୍ରଣୟ କୁମାର ନାୟକ ପ୍ରମୁଖ ରାଲିର ନେତୃତ୍ୱ ନେଇଥିଲେ ।



ମଙ୍ଗଳବାର ସମ୍ବଲପୁର ଆରଡିସିଙ୍କ ଆବାସିକ ଅଫିସରେ ସ୍ମାରକପତ୍ର ଦେବାକୁ ଆନ୍ଦୋଳନକାରୀ ଅପେକ୍ଷା କରିଛନ୍ତି ।

## ପଞ୍ଜାବୀ ମହିଳା ସମିତିର ନୂତନ କର୍ମକର୍ତ୍ତା



ସମ୍ବଲପୁର ପଞ୍ଜାବୀ ମହିଳା ସମିତିର ନୂତନ କର୍ମକର୍ତ୍ତା ।

ସମ୍ବଲପୁର,୮।୧(ବ୍ୟୁରୋ) ପଞ୍ଜାବୀ ମହିଳା ସମିତିର ନୂତନ କର୍ମକର୍ତ୍ତା ଗଠିତ ହୋଇଯାଇଛି । ବୀଣା ବେଦୀ ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଗୋଲ୍ଡି ଗିରଧର୍ ଉପସଭାନେତ୍ରୀ, ରିତା ସୁରି ଓ ବିନୁ ଭାଟିଆ ସମ୍ପାଦିକା, ଦିପା ଚାୱଲା କୋଷାଧକ୍ଷା, ଶିଖା ସାୱନ ଓ ଖୁସି ଟଣ୍ଡନ ସହ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି ।

## ପୁଣି ଫାଇନାନ୍ସ କର୍ମଚାରୀଙ୍କଠାରୁ ଦୁର୍ବୃତ୍ତ ଟଙ୍କା ଲୁଟି ନେଲେ

ବାମରା,୮।୧(ସ୍ୱ.ପ୍ର.) ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ସାଗରାରେ ମଙ୍ଗଳବାର ପୁଣି ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଦୁର୍ବୃତ୍ତ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ଭାରତ ଫାଇନାନ୍ସ ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ପୁରିନ୍ଦର ଦେବ ସଗରାରୁ ଟଙ୍କା ନେଇ ଫେରୁଥିଲେ। ଏକ କଳା ରଙ୍ଗର ପଲସର୍‌ରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ସଗରା ଗଡପୋଷ ମୁଖ୍ୟ ରାସ୍ତାରେ ଅଟକାଇଥିଲେ। ତାଙ୍କୁ ମାଡପିଟ କରିବା ସହିତ ତାଙ୍କ ପାଖରେ ଥିବା ପ୍ରାୟ ୮୭ ହଜାର ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ସୋମବାର ଦଲକିବାହାଲ ନୂଆପଡା ଠାରେ ରାଜଗାଙ୍ଗପୁରର ଅର୍ଥଲଗାଣକାରୀ ସଂସ୍ଥା ଆରହଣ ଫାଇନାନ୍ସ ଲିମିଟେଡ୍‌ର ଜଣେ କର୍ମଚାରୀଙ୍କଠାରୁ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ୩୫,୬୦୦ ଟଙ୍କା ଲୁଟି ନେଇଥିଲେ। ଏ ନେଇ ଫାଇନାନ୍ସ କର୍ମଚାରୀ ଅଜରାଜ ଛତ୍ରିଆ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ, ମାତ୍ର ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ମଙ୍ଗଳବାର ପୁଣି ଥରେ ଏମିତି ଘଟଣା ଘଟିଛି। ଏଣୁ ପୋଲିସର ଅପାରଗତା ପଦାରେ ପଡିଛି। ଅନ୍ୟପକ୍ଷେ ଆଗରୁ ମଧ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଟଙ୍କା ଲୁଟ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଂପୂର୍ଣ୍ଣ ବିଫଳ ହେଉଛି। ଏଣୁ ଅଭିଯୁକ୍ତଙ୍କ ସାହସ ବଢ଼ି ଯାଉଛି। ବାରମ୍ବାର ଅଞ୍ଚଳରେ ଅପରାଧ ଓ ଲୁଟ୍ ବଢୁଛି । ଏ ନେଇ କୁଚିଣ୍ଡା ଏସ୍‌ଡିପିଓ ନୃପଲାଲ ଡନସନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବାହ୍ୟ ଜିଲାରୁ ଦୁର୍ବୃତ୍ତ ଆସି ଅପରାଧ ଘଟାଉଛନ୍ତି । ତଦନ୍ତ ଚାଲିଛି। ଅତିଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ।

୭୨ ଘଣ୍ଟା ଅର୍ଥନୈତିକ ଅବରୋଧ

# ଦ୍ୱିତୀୟ ଦିବସରେ ମଧ ଚକା ଜାମ୍

ସମ୍ବଲପୁର,୮।୧(ବ୍ୟୁରୋ) ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି । ଦ୍ୱିତୀୟ ଦିନରେ ମଧ ଚକା ଜାମ୍ ହୋଇଥିଲା । ପ୍ରବଳ ଶୀତ ସତ୍ତ୍ୱେ ରାତି ତମାମ ଓକିଲମାନେ ବିଭିନ୍ନ ଛକରେ ତମ୍ବୁ ମାରି ପିକେଟିଂ କରିଥିଲେ । ଅପରପକ୍ଷେ ସର୍ବଭାରତୀୟ ଧର୍ମଘଟ ଯୋଗୁ ସହସ୍ରାଧିକ ଭାରିଯାନ ଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା । ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ର ପ୍ରଧାନ, କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପ୍ରଦୀପ ବହିଦାର, ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, ଉପସଭାପତି ବେଦବ୍ୟାସ ସାଥୁଆ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ବୁଧବାର ମଧ ଅର୍ଥନୈତିକ ଅବରୋଧ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚୀତ କରାଯାଇଛି । ସୂଚନାଯୋଗ୍ୟ ଯେ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ସମ୍ବଲପୁରରେ ଚାଲିଥିବା ଆନ୍ଦୋଳନ ୧୨୬ ଦିନରେ ପହଞ୍ଚିଛି । ସେହିପରି ୨୪ ଘଣ୍ଟିଆ ରିଲେ ଆମରଣ ଅନଶନ ୫୧ ଦିନ ହୋଇଛି । କୈବର୍ତ୍ତ ସମାଜ, ସୋନୁଟିକ୍ରା, ସଞ୍ଚାର ଶିଳ୍ପୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ରିଲେ ଆମରଣ ଅନଶନରେ ସଦସ୍ୟମାନେ ସାମିଲ ହୋଇଥିଲା । ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରା, ଶ୍ୟାମସୁନ୍ଦର ସେଠ, ବିଶ୍ୱନାଥ ତନସନା, ନିଳାମ୍ବର ବାଗ, ଗୋପିନାଥ ମଲ୍ଲିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅପରପକ୍ଷେ ବିଚାରପତିମାନେ ଚାଲିଚାଲି କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ । କିନ୍ତୁ ସେମାନଙ୍କୁ କଚେରି ଛକଠାରେ ଆନ୍ଦୋଳନକାରୀ ଅଟକାଇଥିଲେ । ଫଳରେ ସେମାନେ କାର୍ଯ୍ୟରେ ଯୋଗଦେଇ ନ ପାରି ଫେରି ଯାଇଥିଲେ ।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି**



ମଙ୍ଗଳବାର ସମ୍ବଲପୁର କଚେରି ଛକଠାରେ ଚାଲିଥିବା ରିଲେ ଆମରଣ ଅନଶନରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷ ।



ସମ୍ବଲପୁର ବିର୍ସାମୁଣ୍ଡା ଛକଠାରେ ଓକିଲମାନେ ନିଆଁ ଜାଳି ଅର୍ଥନୈତିକ ଅବରୋଧ କରୁଛନ୍ତି ।



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଭାରତ ବନ୍ଦ : ଖୋର୍ଦ୍ଧାରୋଡ୍ ଡିଭିଜନରେ ରେଳ ଚଳାଚଳ ପ୍ରଭାବିତ

**ଜଟଣୀ,୮।୧(ଡି.ଏନ.ଏ.):** ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧାରୋଡ୍ ରେଳ ଡିଭିଜନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଓ ବିଭିନ୍ନ ରେଳ ଷ୍ଟେଶନରେ ଆନ୍ଦୋଳନକାରୀଙ୍କ ରେଳରୋକୋ ଯୋଗୁ କେତେକ ଟ୍ରେନ୍‌ର ଚଳାଚଳକୁ ରେଳ କର୍ତ୍ତୃପକ୍ଷ ବାତିଲ କରିଥିଲେ। ଆଉ କେତେଗୋଟିକୁ ଆଂଶିକ ବାତିଲ୍ ସହ ଅନ୍ୟ ଟ୍ରେନ୍‌କୁ ବିଭିନ୍ନ ସ୍ଥାନରେ ନିୟନ୍ତ୍ରଣ କରି ରଖିଥିଲେ। ଭଦ୍ରକ ଷ୍ଟେଶନରେ ଚେନ୍ନାଇ-ହାଓଡା କରମଣ୍ଡଳ, ଯାଜପୁର-କେନ୍ଦୁଝରରୋଡ୍‌ରେ ଖଡ଼ଗପୁର ପାସେଞ୍ଜରକୁ ନିୟନ୍ତ୍ରଣ କରି ରଖାଯାଇଥିଲା। ସେହିପରି ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ଏକ୍ସପ୍ରେସ୍, ପୁରୀ-ହାଓଡା ଶତାବ୍ଦୀ, ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି, ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ୍, ଦୁର୍ଗ-ପୁରୀ ଏକ୍ସପ୍ରେସ୍ ଓ ହାଓଡା-ଚେନ୍ନାଇ ମେଲ୍‌କୁ ଭୁବନେଶ୍ୱର ଷ୍ଟେଶନରେ ରଖାଯାଇଥିଲା। ଖୋର୍ଦ୍ଧାରୋଡ୍‌ରେ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ୍, ହାଇଦ୍ରାବାଦ-ହାଓଡା ଇଷ୍ଟକୋଷ୍ଟ, ନଗରକୋଏଲ ସାଲିମାର, ମହୀଶୂର-ହାଓଡା ଏକ୍ସପ୍ରେସ୍ ଟ୍ରେନ୍ ରହିଥିଲା। ମଞ୍ଚେଶ୍ୱର ଷ୍ଟେଶନରେ ହାଓଡା-ପୁରୀ ଏକ୍ସପ୍ରେସ୍ ଓ ମୁଜାଫରପୁର-ଯଶୋବନ୍ତପୁର ଏକ୍ସପ୍ରେସ୍ ରହିଥିବା ବେଳେ ରମ୍ଭାରେ ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍, ବ୍ରହ୍ମପୁରରେ ଯଶୋବନ୍ତପୁର- ହାଓଡା, ଇଚ୍ଛାପୁରମ୍‌ରେ ସିକନ୍ଦରାବାଦ-ହାଓଡା ଫାଲକ୍‌ନାମା ଏକ୍ସପ୍ରେସ୍, କଟକରେ ବୋକାରୋ ଷ୍ଟିଲ ସିଟି-ପୁରୀ ଗରିବ ରଥ, ନରାଜରେ ବିକାନେର-ପୁରୀ ଓ ଡେଲାଙ୍ଗ ଷ୍ଟେଶନରେ ପୁରୀ-ପାରାଦୀପ ଇଣ୍ଟରସିଟି ଟ୍ରେନ୍‌କୁ ନିୟନ୍ତ୍ରଣ କରି ରଖାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହି ଟ୍ରେନ୍‌ଗୁଡ଼ିକର ଚଳାଚଳ ଆରମ୍ଭ ହୋଇଥିଲା। ସେହିପରି ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍, ପୁରୀ- କଟକ-ପୁରୀ ପାସେଞ୍ଜର, କଟକ-ବ୍ରହ୍ମପୁର-କଟକ ପାସେଞ୍ଜର, କଟକ-ଭଦ୍ରକ-କଟକ ପାସେଞ୍ଜର, ବ୍ରହ୍ମପୁର-କଟକ ମେମୁ ପାସେଞ୍ଜର, କଟକ-ପାରାଦୀପ ମେମୁ, ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିଲା। ଏହାଛଡ଼ା ପଲାସା-କଟକ ପାସେଞ୍ଜରକୁ ମଞ୍ଚେଶ୍ୱର ଓ କଟକ ମଧ୍ୟରେ, ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜରକୁ ପୁରୀ ଓ ବ୍ରହ୍ମପୁର ଷ୍ଟେଶନ ମଧ୍ୟରେ ରେଳ କର୍ତ୍ତୃପକ୍ଷ ସାମୟିକ ଭାବେ ବାତିଲ କରିଥିଲେ।

### ଅଚେତ ଅବସ୍ଥାରେ ବୃଦ୍ଧ ଉଦ୍ଧାର

**ସରିଣ୍ଡା, ୮।୧ (ଡି.ଏନ.ଏ):** ଅତାବିରା ଅଞ୍ଚଳର ଦେବାହାଲ ରାସ୍ତା କଡରେ ଜଣେ ଅଚିହ୍ନା ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି । ଅତାବିରାର ପୂର୍ବତନ ଅଧକ୍ଷା ସୁନୀତା ବାଗ ଉକ୍ତ ବୃଦ୍ଧଙ୍କୁ ଉଦ୍ଧାର କରି ପ୍ରଥମେ ଅତାବିରା ଡାକ୍ତରଖାନା ଓ ପରେ ବରଗଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ବୃଦ୍ଧଙ୍କ ନାମ ଶୋଡିଲାଲ ଗୁପ୍ତା ଓ ସେ ସରଣ୍ଡା ଶିବ ମନ୍ଦିର ପାଖରେ ରହୁଥିଲେ ବୋଲି ଜଣାପଡିଥିଲା । ତାଙ୍କର କେହି ସମ୍ପର୍କୀୟ ନ ଥିବା ଜଣାପଡିଛି ।

## ବିଜ୍ଞପ୍ତି ଜାରି କଲେ ସରକାର

# ବ୍ୟାଘ୍ର ପ୍ରକଳ୍ପରୁ ୧୦୪ ଗାଁ ବାଦ୍

- ଅନୁଗୋଳ ଜିଲାର ୪୩
- ନରସିଂହପୁର ଅଞ୍ଚଳର ୨୭
- ନୟାଗଡ଼ ଜିଲାର ୨୦
- ବୌଦ୍ଧ ଜିଲାର ୧୪ ଗ୍ରାମ

**ବନ୍ତଳା, ୮।୧ (ଦିନେଶ ଦେହୁରୀ)**

ସାତକୋଶିଆ ଅଭୟାରଣ୍ୟ ଘୋଷଣା ପରଠାରୁ ୧୯୭୨ରୁ ଏକପ୍ରକାର ପରାଧୀନ ଜୀବନ ବିତାଉଥିବା ଜଙ୍ଗଲ ସଂଲଗ୍ନ ଅନୁଗୋଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲାର ୧୦୪ ଗ୍ରାମବାସୀ ବନ ବିଭାଗ କଟକଣାରୁ ଏବେ ମୁକ୍ତ ହୋଇଛନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରୁ ଉକ୍ତ ୧୦୪ ଗାଁକୁ ବାଦ୍ ଦିଆଯାଇଥିବା ନେଇ ରାଜ୍ୟ ସରକାର ଗତ ଡିସେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ କରିଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଯେ, ବନ ବିଭାଗର କଟକଣାକୁ ନେଇ ଅତିଷ୍ଠ ହୋଇପଡ଼ିଥିବା ସମ୍ପୃକ୍ତ ଅଧିବାସୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହିତ ବହୁ ପୂର୍ବରୁ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହେଲେ ଅଭୟାରଣ୍ୟରେ ବ୍ୟାଘ୍ର ପ୍ରକଳ୍ପ ସ୍ଥାପନ ପରେ ବନ ବିଭାଗ ଲଗାଇଥିବା କଟକଣା ଅଧିବାସୀଙ୍କ ଜୀବନକୁ ଦୁର୍ବିଷହ କରିଦେଇଥିଲା। ଲୋକମାନେ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଥିଲେ। ତେବେ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ଏହି ବନବାସୀଙ୍କ ଅଧିକାରକୁ ଗୁରୁତ୍ୱ ଦେବା ସହ ସେମାନଙ୍କୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ମୁକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଚିଠି ନଂ. ୨୬୮୬୫, ତା୧୪।୧୨।୨୦୧୮ରିଖରୁ ଏହା



ପ୍ରକଳ୍ପରୁ ବାଦ୍ ପଡ଼ିଥିବା ଅନୁଗୋଳର ଅସନୁଆଳ ଗାଁ।

ଜଣାପଡ଼ିଛି। ଅଧିବାସୀଙ୍କ ଅସ୍ତିତ୍ୱ, ପ୍ରକୃତି ଓ ବ୍ୟକ୍ତି ଅଧିକାର ସୀମାର ତର୍ଜମା ପରେ ବନ୍ୟପ୍ରାଣୀ ଆଇନ ୧୯ ରୁ ୨୫ ଅନୁଯାୟୀ ଅନୁଗୋଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅନୁମତି ସହ ରାଜ୍ୟ ସରକାର ଏନ୍‌ଟିସିଏଙ୍କୁ ଜଣାଇବା ପରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ ଅବଗତ କରିଥିଲେ। ଏହା ପରେ ସାତକୋଶିଆ ଅଭୟାରଣ୍ୟ ସୀମା ଅଦଳ ବଦଳ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଥିଲା। ଅନୁଗୋଳ ଜିଲାର ଆଠମଲ୍ଲିକ ବନଖଣ୍ଡର ହାତୀବାରି ରିଜର୍ଭ ଜଙ୍ଗଲ ଉତ୍ତର ଓ ଦକ୍ଷିଣ, ଅନୁଗୋଳ ବନଖଣ୍ଡର ନୂଆଖେତା ଓ ବଲଙ୍ଗ ରିଜର୍ଭ ଜଙ୍ଗଲ, ବୌଦ୍ଧ ଜିଲାର ହାତୀଧରା ରିଜର୍ଭ ଜଙ୍ଗଲ, ଢେଙ୍କାନାଳ ଜିଲାର ନନ୍ଦିନୀ ରିଜର୍ଭ ଜଙ୍ଗଲ, କଟକ ଜିଲା ଆଠଗଡ଼ ବନଖଣ୍ଡର ନୂଆଗଡ଼, ଶରଧାପୁର, ବାଲିକିଆରି, ବରଖୋଲ ଓ ବାଲିକିଆରି ପ୍ରୋଟେକ୍ଟ ଜଙ୍ଗଲକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମିଶାଯାଇଛି। ଏଥିସହିତ ବ୍ୟାଘ୍ର ପ୍ରକଳ୍ପରୁ ୧୦୪ଟି ଗ୍ରାମକୁ ବାଦ୍ ଦିଆଯାଇଛି। ଏଥିରେ ଅନୁଗୋଳ ଜିଲାର କଟରଙ୍ଗ, ହାତୀବାରି, କରଡ଼ାପଡ଼ା, ରାମିମୁଣ୍ଡା, ବଡ଼ଖେତା, ଶାଳର, ପୁରୁଣାକୋଟ, ଗୋପାଳପୁର, ଛୋଟକେଇ, ଟୁଲୁକା, ପମ୍ପାସର, ହିଂସିରିଡ଼ା, ଜଗନ୍ନାଥପୁର, ଟାକରିସିଙ୍ଗା, ଯୋକୁବୁ, କୁଲାଙ୍ଗି, ସାନକଟରଙ୍ଗ, ଗଇନ୍ଦି, ମଝିପଡ଼ା, ବେହେରା ସାହି, ଟିକରପଡ଼ା, ନୂଆଭୂଇଁ, କରଡ଼ାବଣି ଜଙ୍ଗଲ, ମହୁଲିଆ, ବାଘମୁଣ୍ଡା, ତଳସିରା, ଲବଙ୍ଗୀ, ଲୁହାସିଙ୍ଗା, ନୀଳମରା, କଡ଼ାସିଙ୍ଗା, ମାଳିସାହି, ଜାମୁଡୁଳି, ଦୋଳମୁଣ୍ଡି, କରଡ଼ାସିଙ୍ଗ, ନିମ୍ବଡ଼ିହି, ତେନ୍ତୁଳିପଦର, ଦରୁହା, ବଡ଼ଦୋଧିଆ ନାଳି, କୁଶାସିଙ୍ଗା, ତଳବିଜପୁର, କୁଡୁଲୁସିଙ୍ଗା, ନାଜହର, ଝାରପଡ଼ା ଆଦି ୪୩ଟି ଗ୍ରାମ ରହିଛି। ସେହିପରି କଟକ ଜିଲାର ନରସିଂହପୁର ଅଞ୍ଚଳର କାଇଁ ପୋଖରୀ, ରେଗେଡ଼ା, ମଦାଣିଆ, ଚିକଣଖଣ୍ଡି, ତଳସାହି, ନୂଆଗାଁ, ସତ୍ୟଜୟପୁର, ଧନୁଜୟପୁର, କୁଞ୍ଜବନପୁର, କମଳାଡ଼ିହ, ବାଲିପୁଟ, ରାଣିଭୂଇଁ, ପାଇକରେଗଡ଼ା, କଇଁତରା, ପଞ୍ଝୁମା, ବସନ୍ତପୁର, ସାନଗାଁ, ଜୟମଙ୍ଗଳପୁର, ଜଗନ୍ନାଥପୁର, ହିଞ୍ଜୀଲଖାଲ, ଜୟମଙ୍ଗଳପୁର (କ), ମହିଗଡ଼, ଜାନିସାହି, ଶ୍ୟାମପୁର, ଧନଢ଼ିପ, ବଡ଼ଗାଁ, ବଢ଼ିଆ ରେଗଡ଼ା ଆଦି ୨୭ଟି ଗ୍ରାମ ରହିଛି। ନୟାଗଡ଼ ଜିଲାର ମାଳିସାହି, ବଡ଼ମୂଳ, ବେଠିସାହି, ମୁଦୁଲିଗଡ଼ିଆ, କନ୍ଧଜିଲିଣ୍ଡା, ଛାମୁଣ୍ଡିଆ, ହରିପୁର, କାନିପୋଖରୀ, ବେନ୍ତପଡ଼ା, ଈଶ୍ୱରପୁର, ମସ୍କାଖୋଲି, ରାଇଗଡ଼ିଆ, ମହନପଡ଼ା, ଜସିପୁର, ରାଇଙ୍ଗିଲ, ଧୋବାବେରେଇ, କିମ୍ପିରଖଣି, ବଡ଼ମୂଳ ପାଟଣା, ରାଣିଖୋଲ, ବରପାଲି ଆଦି ୨୦ଟି ଗ୍ରାମ ରହିଛି। ବୌଦ୍ଧ ଜିଲାର କୁମାରୀ, ହାତଘର, ଭାବପୁର, ବୁଦ୍ଧାମ୍ବା, ଘୁଞ୍ଚୁରୁପଡ଼ା, ନୂଆପଡ଼ା, ସେମିଗୁଡ଼ା, ଶ୍ରୀପଜୁ, ଗେରେଡ଼ିସାହି, ହିଞ୍ଜଳ, ସାତଖଣ୍ଡ, କୁଟିବାରି, ଅତଲସରା, ବଡ଼ନନ୍ଦଗଡୁ ଆଦି ୧୪ଟି ଗ୍ରାମକୁ ମିଶାଇ ମୋଟ୍ ୧୦୪ଟି ଗାଁକୁ ବ୍ୟାଘ୍ର ପ୍ରକଳ୍ପରୁ ବାଦ୍ ଦିଆଯାଉଛି। ବାଇସିପାଲି ବନ୍ୟପ୍ରାଣୀ ଅଭୟାରଣ୍ୟର ପରିସୀମା ୧୬୮.୩୫ ବର୍ଗ କିଲୋମିଟର ସହିତ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ପରିସୀମା ୯୬୮.୩୫କୁ ମିଶାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ମୋଟ୍ ସୀମା ୧୧୩୬.୭୦ ବର୍ଗ କିଲୋମିଟର କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।

# ସଜେଇ ହେଲାଣି ମଥୁରା, ଗୋପପୁର | ବରଗଡ଼ ଧନୁଯାତ୍ରା

**ବରଗଡ଼ ଅଫିସ୍,୮।୧**

ବରଗଡ଼ ଧନୁଯାତ୍ରାକୁ ଆଉ ମାତ୍ର ୩ ଦିନ ବାକି ରହିଲା। ଏଥିପାଇଁ ଉଭୟ ବରଗଡ଼ ସହର (ମଥୁରାନଗରୀ) ଏବଂ ଗୋପପୁର(ଅମ୍ବାପାଲି) ଚଳଚଞ୍ଚଳ ହୋଇ ପଡିଛି। ରାଜ ଦରବାର, ରଙ୍ଗମହଲ, ମୀନାବଜାର ସମେତ ବିଭିନ୍ନ ମଞ୍ଚ, ତୋରଣ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ଉଭୟ ବରଗଡ଼ ସହର ଏବଂ ଅମ୍ବାପାଲିରେ କଳାକାରଙ୍କ ରିହର୍ସାଲ ମଧ୍ୟ ପଛରେ ପଡ଼ିନାହିଁ । ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପ ଏବଂ ଅମ୍ବାପାଲିର ସ୍କୁଲ, ଗଜପତି ମଣ୍ଡପ ଆଖଡ଼ାଶାଳ ପାଲଟିଛି । କଳାକାରଙ୍କ ରିହର୍ସାଲରେ ଆଖଡ଼ାଶାଳ କମ୍ପି ଉଠୁଛି । ଆଖଡ଼ାଶାଳରୁ କଳାକାରଙ୍କ ଅଭିନୟର ଚମତ୍କାରିତା ବାରି ହୋଇ ପଡୁଛି ।

ବରଗଡ଼ କଲ୍ୟାଣମଣ୍ଡପରେ ମଥୁରାନଗରୀ କଳାକାରଙ୍କ ରିହର୍ସାଲ ଚାଲିଛି । ଧନୁଯାତ୍ରା କଳାକାରଙ୍କ ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା, ନକୁଳ ବାଦୀ, ତାରାଚାନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଦିଗଦର୍ଶନ ଦେଉଛନ୍ତି । କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟ କଳାକାରମାନେ ଅଭିନୟର ପୂର୍ବାଭ୍ୟାସ କରୁଛନ୍ତି । ମଙ୍ଗଳବାର ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ସମ୍ପାଦକ ସୁରେଶ୍ୱର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ କଳାକାରଙ୍କ ରିହର୍ସାଲ ଦେଖିବାକୁ ଆସି ସେମାନଙ୍କ ଅଭିନୟକୁ ପ୍ରଶଂସା କରିଛନ୍ତି । ସେହିପରି ଅମ୍ବାପାଲିରେ ରବିନ୍ଦ୍ର ପୂଜାରୀ, ଦୟାନିଧି ପ୍ରଧାନ, ସୁଶିଳ ମହାପାତ୍ର, ଅଗ୍ନି ଥପା, ପଞ୍ଚାନନ ବିର୍ତ୍ତିଆ ପ୍ରମୁଖ ଗୋପପୁର କଳାକାରଙ୍କୁ ପୂର୍ବାଭ୍ୟାସରେ ଦିଗ୍‌ଦର୍ଶନ ଦେଉଛନ୍ତି । ଧନୁଯାତ୍ରା ପାଇଁ ଗୋପପୁର ମଧ୍ୟ ସଜେଇ ହେଉଛି । ଗୋପପୁରର ଘରେ ଘରେ ପ୍ରତି କାନ୍ଥରେ ଶ୍ରୀକୃଷ୍ଣ ବାଲ୍ୟଲୀଳା ଚିତ୍ର ଅଙ୍କାଯାଉଛି ଏବଂ ଏବେଠାରୁ ସେଠାରେ ଆଧ୍ୟାତ୍ମିକ ପରିବେଶର ବାସ୍ନା ବାରି ହୋଇ ପଡୁଛି । ଅନ୍ୟପଟେ ଏଥର ଯଶୋଦା, ଦେବକୀ, ରାଣୀ ଇନ୍ଦୁମତୀ, ପଦ୍ମାବତୀଙ୍କ ସମେତ ଅନେକ ନାରୀ ଚରିତ୍ରର କଳାକାରମାନେ ନବାଗତା । ପ୍ରଥମଥର ପାଇଁ ସେମାନେ ଧନୁଯାତ୍ରାକୁ ଓହ୍ଲାଇଥିଲେ ହେଁ ରିହର୍ସାଲରୁ ସେମାନେ ନିଜ ଅଭିନୟର ପରାକାଷ୍ଠା ଦେଖାଇବାରେ ବେଶ୍ ସଫଳ ହୋଇଛନ୍ତି ।



ଅମ୍ବାପାଲି(ଗୋପପୁର)ରେ ଲୋକଙ୍କ ଘର କାନ୍ଥରେ କୃଷ୍ଣ ବାଲ୍ୟଲୀଳା ଉପରେ ଚିତ୍ର ଅଙ୍କାଯାଉଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର**
**ମାଛ ବିକି ବିକି ଦିନ ଯାଉଥିଲା**
**ଲଗାଉଛି ଗନ୍ଧ ଅତର ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରିବସେ। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି, ତାହା ସେ ମନରୁ ପାସୋରି ନ ଦେବା ଉଚିତ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏଡୁଟିକି ଏଡ଼େଟାଏ**
**ଟେକାଟିକୁ ପଥରଟାଏ ।**

ଯିଏ ଯାହାକୁ ବିପଦରେ ପକାଇବାକୁ ଯେତେ ଚେଷ୍ଟା କରିଥାଏ ତାକୁ ଦିନେ ନା ଦିନେ ତାହାଠୁ ବଡ଼ ବିପଦ ବରଣ କରିବାକୁ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେଇ ନ ଥାନ୍ତି। ବିଳମ୍ବେ ହେଉ ପଛେ କୃତକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ଯିଏ ଯାହାକୁ ଅନ୍ୟାୟରେ କ୍ଷତିରେ ପକାଇବାକୁ ଯେତେ ପେଞ୍ଚ କରିଥାଏ ଈଶ୍ୱର ତା'ପାଇଁ ତହୁଁ ଅଧିକ ପେଞ୍ଚ ପ୍ରସ୍ତୁତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଛତିଶଗଡକୁ ହରାଇ ବରଗଡ଼ ସେମିରେ

**ଟିକ୍ରାପଡା, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ମ୍ୟାଚରେ ଛତିଶଗଡ ଦଳକୁ ୫-୦ ଗୋଲରେ ହରାଇ ବରଗଡ ଦଳ ବିଜୟୀ ହୋଇଥିଲା । ପାଣ୍ଡବ ବିଶି, ରିଙ୍କୁ ବିଶି, ପିଣ୍ଟୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ । ରାହୁଲ ଶର୍ମା, ବସନ୍ତ ବେହେରା, ହେମନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ଭାଜପା ନେତା ଶାନ୍ତନୁ ପଣ୍ଡା, ଯୁବ ସଙ୍ଗଠକ ସୁବ୍ରତ ନାଗ, ବିଜୟ କୁମାର ପାତ୍ର. ସୁବାସ ବେହେରା, ପ୍ୟାକ୍ସ ସଭାପତି ବିକ୍ରମସିଂ ବୁଡେକ ଅତିଥିଭାବେ ଯୋଗ ଦେଇଥିଲେ । ବୁଧବାର ଝାରସୁଗୁଡା ବନାମ ବରଗଡ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅୟୋଜକ କମିଟି ସୂତ୍ରରୁ ପ୍ରକାଶ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅହଂକାରୀ ଲୋକ ଅନ୍ୟର ପରାମର୍ଶ ଗ୍ରହଣ କରେନାହିଁ। କାରଣ ସେ ସବୁକିଛି ଜାଣିଛି ବୋଲି ଧରିନେଇଥାଏ।
- ସକ୍ରେଟିସ

## ସଂକ୍ଷେପରେ

■ ଏମ୍‌ଏସ୍‌ପି ପ୍ରସଙ୍ଗ

### କେନ୍ଦ୍ରକୁ ଚାଷୀଙ୍କ ସମାଲୋଚନା

ଭୁବନେଶ୍ୱର, ୮।୧(ବ୍ୟୁରୋ): ବିଜୁ କୃଷକ ଜନତା ଦଳ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ତାଲକୋଟ୍ରା ଷ୍ଟାଡିୟମରେ ଆୟୋଜିତ କୃଷକ ଅଧିକାର ସମାବେଶରେ ବହୁ ଚାଷୀ ପ୍ରତିନିଧି ଯୋଗ ଦେଇଥିଲେ। କେତେଜଣ ଚାଷୀ ବକ୍ତବ୍ୟ ଦେଇ କେନ୍ଦ୍ରର ନୀତିକୁ କଠୋର ସମାଲୋଚନା କରିଛନ୍ତି। ଚାଷୀ ପ୍ରତିନିଧି ପ୍ରଫୁଲ୍ଲ କୁମାର ଦାସ କହିଛନ୍ତି ଯେ, କୃଷକମାନଙ୍କୁ ପ୍ରତିଶ୍ରୁତି ଦେବା ଛଡ଼ା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ କିଛି କରିନାହାନ୍ତି। ସାଢେ଼ ଚାରିବର୍ଷ ହେବ କେବଳ ପ୍ରତିଶ୍ରୁତି ଦେଇ ଆସିଛନ୍ତି। ତେଣୁ ଏହି ଅବହେଳାରେ ପୂର୍ଣ୍ଣଚ୍ଛେଦ ଟାଣି ମୋଦି ତୁରନ୍ତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ପାରାଦୀପ ଅଞ୍ଚଳର ଚାଷୀ ମାନସ ମହାପାତ୍ର କହିଛନ୍ତି ଯେ, ଓଡ଼ିଆ ଚାଷୀଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୯୩୦ ଟଙ୍କା କରନ୍ତୁ। ସେହିପରି ଜଗତ୍‌ସିଂହପୁରର ଚାଷୀ ନୃସିଂହ ଚରଣ ସାହୁ କହିଛନ୍ତି ଯେ, କୁଇଣ୍ଟାଲ ପରିମାଣର ଧାନ ଅମଳ କରିବା ପାଇଁ ପ୍ରାୟ ୨୩୫୦ ଟଙ୍କା ଖର୍ଚ୍ଚ ହୋଇଥାଏ। କେନ୍ଦ୍ର ସରକାର ବର୍ତ୍ତମାନ ଏମ୍‌ଏସ୍‌ପି ବାବଦରେ କେବଳ ୧୭୫୦ ଟଙ୍କା ପ୍ରଦାନ କରୁଛନ୍ତି। ତେଣୁ ଚାଷୀ ୬୦୦ ଟଙ୍କା କମ୍ ମୂଲ୍ୟ ପାଉଛି, ଯାହା ତାହାର ଆର୍ଥିକ ଉନ୍ନତିର ପରିପନ୍ଥୀ। ତେଣୁ ଏହି କ୍ଷତିକୁ ଭରଣା କରିବା ପାଇଁ କେନ୍ଦ୍ର ସରକାର ତୁରନ୍ତ ଏମ୍‌ଏସ୍‌ପି ବୃଦ୍ଧି କରନ୍ତୁ।

### ମହିଳା ସଂରକ୍ଷଣ: ରାହୁଲଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

ଭୁବନେଶ୍ୱର, ୮।୧(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସଙ୍ଗରେ ମଙ୍ଗଳବାର ବିଜେଡି ପ୍ରତିନିଧି ଦଳ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଏବଂ ପୁରୀ ଏମ୍‌ପି ପିନାକୀ ମିଶ୍ର ରହିଥିଲେ। ରାହୁଲଙ୍କୁ ଭେଟିବା ପରେ ତଥାଗତ ସତପଥୀ କହିଛନ୍ତି ଯେ, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନୀତିଗତ ସମର୍ଥନ ଲୋଡି ଲେଖାଯାଇଥିବା ପତ୍ର କଂଗ୍ରେସ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ସଂରକ୍ଷଣ ପ୍ରସଙ୍ଗରେ ତାଙ୍କ ସହ ଆଲୋଚନା ମଧ୍ୟ ହୋଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ କଂଗ୍ରେସ ଶାସିତ ରାଜ୍ୟ ବିଧାନସଭାଗୁଡ଼ିକରେ ପ୍ରସ୍ତାବ ଗୃହୀତ ପାଇଁ ପଦକ୍ଷେପ ନେଇଥିଲେ। ସେ କଂଗ୍ରେସ ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ମଧ୍ୟ ଲେଖିଥିଲେ। ଏଥିପାଇଁ ତାଙ୍କୁ ଧନ୍ୟବାଦ ଦିଆଯାଇଥିବା ତଥାଗତ କହିଛନ୍ତି।

### ଗାଡ଼ି ଚୋରି ଅଭିଯୋଗ

ସମ୍ବଲପୁର,୮।୧(ବ୍ୟୁରୋ): ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ସରଲାକାନୀ ଅଞ୍ଚଳରୁ ଟୁନୁ ମେହେରଙ୍କ ବୋଲେରୋ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଧନୁପାଲି ଥାନା ପୋଲିସ ଏକ ମାମଲା ରୁଜୁ କରିଛି।

### କଂଗ୍ରେସର ବୈଠକ

ସମ୍ବଲପୁର,୮।୧(ବ୍ୟୁରୋ) ଯୁଯୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତରେ କଂଗ୍ରେସର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରକ୍ଷିତ ନାଏକ ସଭାପତିତ୍ୱ କରିଥିଲେ । କଂଗ୍ରେସ ନେତା ଆଶଫ ଅଲିଖାନ, ସସ୍ମିତା ଦେହୁରୀ, ସୁରେଖା ସାହୁ, ରେଣୁ କରିମ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଉପରେ ନେତାମାନେ ବର୍ଷିଥିଲେ। ଏହି ଅବସରରେ ପଞ୍ଚାୟତ ସଭାପତି ଭାବେ ବସନ୍ତ ମିର୍ଦ୍ଧାଙ୍କୁ ଚୟନ କରାଯାଇଛି।

## କୃଷକ ଅଧିକାର ସମାବେଶର ଝଲକ












ବିଜୁ କୃଷକ ଜନତା ଦଳ ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ କୃଷକ ଅଧିକାର ସମାବେଶରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ଓ ଚାଷୀ ପ୍ରତିନିଧି ।






ସମାବେଶ ଆୟୋଜନ ସ୍ଥଳ ତାଲକୋଟ୍ରା ଷ୍ଟାଡିୟମ ସମ୍ମୁଖ ଦୃଶ୍ୟ ।



ସମାବେଶ ସ୍ଥଳ ବାହାରେ ସେଲ୍‌ଫି ଉଠାଯାଉଛି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ବୃଦ୍ଧି କରାଯିବା ଦାବି ନେଇ ନୂଆଦିଲ୍ଲୀରେ ମଙ୍ଗଳବାର ବିଜେଡି ପକ୍ଷରୁ କୃଷକ ଅଧିକାର ସମାବେଶ କରାଯାଇଛି। ସମାବେଶ ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ଏଥିସହିତ ସେମାନେ ଏମ୍‌ଏସ୍‌ପି ବୃଦ୍ଧି କରିବା ପ୍ରସଙ୍ଗରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗ ସହ ଓଡ଼ିଶାର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇଛି।



କୃଷକ ଅଧିକାର ସମାବେଶରେ ସମବେତ ବିଜୁ କୃଷକ ଜନତା ଦଳର କାର୍ଯ୍ୟକର୍ତ୍ତା, ବିଜେଡି ନେତୃବୃନ୍ଦ।

କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୧୭୫୦ଟଙ୍କା ରହିଛି। ପୂର୍ବରୁ ଏହି ମୂଲ୍ୟକୁ ୨୯୩୦କୁ ବୃଦ୍ଧି କରିବା ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିବା ବିଷୟ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସିଏସିପି ସୁପାରିସ, କାଳିଆ ଯୋଜନା, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍‌ଡିଏ ପ୍ରତିଶ୍ରୁତି ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି। ଏହା ପରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀର ଆୟ ବୃଦ୍ଧି କରିବା ପାଇଁ ଏମ୍‌ଏସ୍‌ପି ୨୯୩୦ ଟଙ୍କା ହେବା ଆବଶ୍ୟକ। ତେଣୁ କେନ୍ଦ୍ର ନିଜ ପ୍ରତିଶ୍ରୁତି ମୁତାବକ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରୁ। ଏମ୍‌ଏସ୍‌ପି ବୃଦ୍ଧି ନେଇ ରାଜ୍ୟ ଓ ଦଳର ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତିଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜୁ କୃଷକ ଜନତା ଦଳର ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମହାସଚିବ ପ୍ରତାପ ଜେନା, ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ, ସଂସଦୀୟ ଦଳ ମୁଖ୍ୟ ସଚେତକ ତଥାଗତ ସତପଥୀ ପ୍ରମୁଖ ଥିଲେ। ସେହିପରି ଏମ୍‌ପି ରବୀନ୍ଦ୍ର ଜେନା, ଏନ. ଭାସ୍କରରାଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଏବଂ ପୁରସ୍କାରପ୍ରାପ୍ତ ୨ ଚାଷୀ ସ୍ନିଗ୍ଧା ପଟେଲ ଓ ରମଣୀରଞ୍ଜନ ପ୍ରଧାନ ମଧ୍ୟ ରାଷ୍ଟ୍ରପତି ଭବନକୁ ଯାଇଥିଲେ।

## କାଳିଆ ସଚେତନତା ରଥର ଶୁଭାରମ୍ଭ

ଜାମଟିକ୍ରା, ୮।୧ (ଡି.ଏନ.ଏ)

ଅତାବିରା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ସମ୍ପାଦକ ବିଶ୍ୱଜିତ ବାରିକ ପତାକା ଦେଖାଇ ମଙ୍ଗଳବାର ଆନୁଷ୍ଠାନିକ ଭାବେ କାଳିଆ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ସମୟରେ ଅତାବିରା କୃଷି ସମବାୟ ସମିତି ସମ୍ପାଦକ କ୍ଷୀରୋଦ ପଧାନ, ଅତାବିରା କୋ ଅପରେଟିଭ ବ୍ୟାଙ୍କ ଶାଖା ପରିଚାଳକ ଉମାକାନ୍ତ ଭୋଇ, ଲିଙ୍ଗରାଜ ସୁନା, ଗୋପୀନାଥ ନାୟାରଙ୍କ ସମେତ ବଜାର କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏହି ରଥ ଅତାବିରା ଏନଏସି ସମେତ ବ୍ଲକର ୨୬ଟି ପଞ୍ଚାୟତ ଓ ଭେଡେନ ବ୍ଲକର ୨୧ଟି ପଞ୍ଚାୟତକୁ ପରିକ୍ରମା କରି ଚାଷୀ ତଥା ଜନସାଧାରଣଙ୍କୁ କାଳିଆ ଯୋଜନା ସମ୍ପର୍କରେ ବୁଝାଇ ସଚେତନତା ସୃଷ୍ଟି କରିବ ।

## ଟ୍ରେଡ୍‌ୟୁନିୟନ ପକ୍ଷରୁ ଦେବଗଡରେ ଧର୍ମଘଟ

ଦେବଗଡ,୮।୧(ସ୍ୱ.ପ୍ର.)

୧୧ଦଫା ଦାବି ନେଇ ବିଭିନ୍ନ ଟ୍ରେଡ ୟୁନିୟନ ସଂଘଠନ ପକ୍ଷରୁ ଦେଶବ୍ୟାପୀ ୨ ଦିନିଆ ବନ୍ଦ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲାର ବିଭିନ୍ନ ସଂଘଠନ ସାମିଲ ହୋଇଛନ୍ତି । ମଙ୍ଗଳବାର ସକାଳ ୬ଟାରୁ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ଓ ହୀରାଜିଟିଡି ସଂଘର ସଦସ୍ୟମାନେ ସହର ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥ ଟ୍ରାଫିକ ଛକଠାରେ ବିଭିନ୍ନ ନାରାବାଜୀ ଦେଇ ରାସ୍ତା ଅବରୋଧ କରିଥିଲେ । ଫଳରେ ରାସ୍ତାର ଦ୍ୱିପାର୍ଶ୍ୱରେ ଶତାଧିକ ଗାଡିମୋଟର ଛିଡା ହୋଇ ରହିଥିଲା । ଏହା ଦ୍ୱାରା ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପରେ ପରେ ପିକେଟିଂ କରି ସରକାରୀ ଅଫିସ, ସ୍କୁଲ, କଲେଜ ରାସ୍ତାଘାଟ, ବ୍ୟାଙ୍କ ଗୁଡିକ ବନ୍ଦ କରିଥିଲେ । ଏହି ବନ୍ଦରେ ଜିଲା କଂଗ୍ରେସ ମଧ୍ୟ ସାମିଲ ହେଇଥିଲା । ହୀରାଜିଟିଡି ବିଦ୍ୟୁତ ସଂଘର ଦେବଗଡ ଆଉଟସୋର୍ସ କର୍ମଚାରୀ ସଭାପତି ଶିଶିର ରଣା, ଡିଭିଜନ ସମ୍ପାଦକ ଅମୀୟ ସାହୁ, ସରୋଜ ନାୟକ, ରାଜେନ୍ଦ୍ର ଆଚାର୍ଯ୍ୟ, ସରୋଜ ସାହୁ, ସୌଭାଗ୍ୟ ନାଏକ ଏବଂ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ଡିଭିଜନ ସମ୍ପାଦକ ପ୍ରଦ୍ୟୁମ୍ନ ସାମଲ, ସବଡିଭିଜନ ସମ୍ପାଦକ ସୁରେଶ ଦେହୁରୀ, ଦେବୀ ପ୍ରସାଦ ପାଲ, ସୁଶାନ୍ତ ମାଝି, ବସନ୍ତ ପ୍ରଧାନ, ରଣଜିତ ବେହେରା, ବିଶ୍ୱଜିତ ପାଣି, ଯୁଧିଷ୍ଠୀର ପ୍ରଧାନ, ତାପସ ବିଶ୍ୱାଳ, ଜିଲା କଂଗ୍ରେସର ସଭାପତି ଉମାଶଙ୍କର ସାହୁଙ୍କ ସମେତ ଅନ୍ୟମାନେ ପ୍ରମୁଖ ସାମିଲ ହୋଇଥିଲେ ।



ସହରର ୪୯ ନଂ ଜାତୀୟ ରାଜପଥରେ ବନ୍ଦ ପାଳନ କରୁଛନ୍ତି ।



ମୁଖ୍ୟଅତିଥି ଦେବଗଡ ରାଣୀ ଅରୁନ୍ଧତୀ ଦେବୀ ଅଭିଭାଷଣ ଦେଉଛନ୍ତି ।

## ବାର୍ଷିକ କ୍ରୀଡା ଉତ୍ସବ ପାଳିତ

ଦେବଗଡ,୮।୧(ସ୍ୱ.ପ୍ର.)

ସ୍ଥାନୀୟଗୋପବନ୍ଧୁ ଛକ ସ୍ଥିତ ସର୍ବପୁରାତନ ତଥା ୧୯୦୪ରୁ ସ୍ଥାପିତ ମନ୍ଦାକିନୀ ଉନ୍ନୀତ ସ୍କୁଲର ୩ୟ ବାର୍ଷିକ କ୍ରୀଡାତ୍ସୋବ ସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁବର୍ଣ୍ଣ କପରଦାରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଦେବଗଡ(ବାମଣ୍ଡା)ରାଣୀ ଅରୁନ୍ଧତୀ ଦେବୀ, ମୁଖ୍ୟବକ୍ତା ଭାବେ ବୁଢାପାଳ କଲେଜର ଓଡିଆ ଅଧ୍ୟାପକ ଡ. ଭାରତ ଭୁଷଣ ନନ୍ଦ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘର ସଭାପତି ଦିଲୀପ ଗୁରୁ, ଡିଆଇପିଆରଓ ବିଜୟ ମିଶ୍ର, ସ୍କୁଲର ପୁରାତନ ଛାତ୍ରୀ ତଥା ଡ.ବିଳାସିନୀ ଦ୍ୱିବେଦୀ, ସ୍କୁଲ ପରିଚାଳନା କମିଟି ସଭାପତି ହୀରାବତୀ ପାତ୍ର ପ୍ରମୁଖ ଯୋଗଦେଇ କୁନୀକୁନୀ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେବା ସହ ଉତ୍ସାହିତ କରି ପୁରସ୍କାର ବଣ୍ଟନ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଦୁଃଖର ଅନ୍ୟନାମ ଅସନ୍ତୋଷ, ସୁଖର ଅନ୍ୟନାମ ସନ୍ତୋଷ, ସେଥିପାଇଁ ସୁଖରେ ରହିବାକୁ ଇଚ୍ଛା କରୁଥିବା ଲୋକ ସନ୍ତୁଷ୍ଟ ରହିବା ଉଚିତ।

- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଟାୟାର ଦୋକାନୀଙ୍କ ଘରେ ପଶି ଲୁଟ୍

ଧମା, ୮।୧ (ଡି.ଏନ.ଏ.): ଧମା ଥାନା ଅନ୍ତର୍ଗତ ସାହାସପୁରରେ ସୋମବାର ରାତିରେ ଜଣେ ଟାୟାର ଦୋକାନୀଙ୍କ ଘରେ ପଶି ଦୁର୍ବୃତ୍ତ ଲୁଟ୍‌ପାଟ କରିଛନ୍ତି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ସାହାସପୁର ଗ୍ରାମର କୈବର୍ତ୍ତ ମହାନନ୍ଦ, ସମ୍ବଲପୁରର ଅନିଲ ଶର୍ମା ଓ ଜଣେ ୧୭ ବର୍ଷର ନାବାଳକ । ମହମ୍ମଦ ଅନସାରୀ ନାମକ ଜଣେ ବ୍ୟକ୍ତି ସାହାସପୁର ଛକରେ ଟାୟାର ଦୋକାନ କରି ସେଠାରେ ବସବାସ କରନ୍ତି । ରାତି ୨ଟାରେ ଅଭିଯୁକ୍ତମାନେ ତାଙ୍କ ଘରକୁ ଯାଇ ଭୁଜାଲି ଦେଖାଇ ୨ ହଜାର ଟଙ୍କା ଲୁଟି ନେଇଥିଲେ । ମଙ୍ଗଳବାର ଲିଖିତ ଅଭିଯୋଗ ପରେ ଧମା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଗାଡି ପୋଡ଼ି ଅଭିଯୋଗରେ ଯୁବକ ଗିରଫ

ସମ୍ବଲପୁର, ୮।୧ (ବ୍ୟୁରୋ): ସମ୍ବଲପୁର ଟାଉନ ଥାନା ଅଧୀନ ଠେଲକୋପଡାରେ ସୋମବାର ଜଣେ ବ୍ୟକ୍ତିଙ୍କ ଗାଡିକୁ ପୋଡି ଦିଆଯାଇଛି। ଏହି ଘଟଣାରେ ମଙ୍ଗଳବାର ପୋଲିସ ଅଭିଯୋଗ ପାଇବା ପରେ ସୁବନ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

### ରେଢ଼ାଖୋଲରେ ବନ୍ଦ ପ୍ରଭାବ ଶୂନ୍ୟ

ରେଢ଼ାଖୋଲ,୮।୧(ଡି.ଏନ.ଏ.): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡିକ ପକ୍ଷରୁ ଦିଆଇଥିବା ଦୁଇ ଦିନିଆ ବନ୍ଦ ଡାକରାର ପ୍ରଥମ ଦିବସରେ ରେଢ଼ାଖୋଲରେ ବନ୍ଦର କୌଣସି ପ୍ରଭାବ ପରିଲକ୍ଷିତ ହୋଇନାହିଁ। ରେଢ଼ାଖୋଲ ସହର ଦେଇ ଯାଇଥିବା ୫୫ ନଂ.ଜାତୀୟ ରାଜପଥରେ କେବଳ ବସ୍, ଟ୍ରକ ଚଳାଚଳ ବନ୍ଦ ରହିଥିଲା। ହେଲେ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, କୋର୍ଟ କଚେରି ଖୋଲା ରହିଥିଲା। ଅବଶ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍କୁଲ କଲେଜ ବନ୍ଦ ରହିଥିଲା।

### ଯୁବକଙ୍କୁ ଅସ୍ତୁରା ମାରି ଅଭିଯୁକ୍ତ ଗିରଫ

ସମ୍ବଲପୁର,୮।୧(ବ୍ୟୁରୋ): ସମ୍ବଲପୁର ଧନୁପାଲି ଥାନା ତୁରିପଡ଼ାର ମହମ୍ମଦ ମୁନ୍ନାଙ୍କୁ ଅସ୍ତୁରା ମାଡ଼ ଘଟଣାରେ ପୋଲିସ ଟାଉନ ଥାନା ଅଧୀନ ବିନାଖଣ୍ଡିର କାର୍ତ୍ତିକ ଦାସଙ୍କୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଛି।

# ବାମରା, ଗଡ଼ପୋଷ ଷ୍ଟେଶନରେ ଦକ୍ଷିଣ-ପୂର୍ବ ରେଲୱେ ଜିଏମ୍

ବାମରା, ୮।୧ (ସ୍ୱ.ପ୍ର.)

ଦ.ପୂ. ରେଲୱେ ସାଧାରଣ ପ୍ରବନ୍ଧକ ପୁରନେନ୍ଦୁ ଶେଖର ମିଶ୍ରା ଓ ଚକ୍ରଧରପୁର ଡିଆରଏମ ଛତ୍ରଶାଳ ସିଂ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବାମରା ରେଳଷ୍ଟେଶନରେ ପହଞ୍ଚି ପରିଦର୍ଶନ କରିଛନ୍ତି। ଏହି ଦୁଇ ଅଧିକାରୀ ନବନିର୍ମିତ ୧୩୨/୨୫ କେ.ଭି. ଟ୍ରାକ୍ସନ ଉପକେନ୍ଦ୍ର ବୁଲି ଦେଖିଥିଲେ । ତେବେ ଓଭର ବ୍ରିଜ ନିର୍ମାଣ, ସମ୍ବଲପୁର-ବାରାଣସି, ରାଉରକେଲା-କୋରାପୁଟ ଓ ହାଟିଆ ଯଶବନ୍ତପୁର ଏକ୍ସପ୍ରେସର ବାମରାଠାରେ ରହଣି, ସ୍ୱତନ୍ତ୍ର ବୁକିଂ କାଉଣ୍ଟର ନିର୍ମାଣ, ୨୪ ଘଣ୍ଟିଆ ବିଜୁଳି ଓ ପାଣି ଯୋଗାଣ, ଉଭୟ ପ୍ଲାଟଫର୍ମରେ ଛାଉଣି ସଂପ୍ରସାରଣ, କୋଚ ଡିସପ୍ଲେ ବୋର୍ଡ, ଶିଶୁ ଉଦ୍ୟାନ, ପାର୍କ, ଡେଲି ମାର୍କେଟ ଉନ୍ନତିକରଣ, ରେଲୱେ କଲୋନୀର ରାସ୍ତା ଉନ୍ନତିକରଣ, କମ୍ୟୁନିଟି ସେଣ୍ଟର, ଜିଆରପି ଓ ଆରପିଏଫର ସ୍ଥାୟୀ ଫାଣ୍ଡି ନିର୍ମାଣ, ନବନିର୍ମିତ ଷ୍ଟେଶନ କୋଠାରେ ରେଟରିଙ୍ଗ ରୁମ୍, ପାର୍କିଂ



ବାମରାରେ ଲୋକଙ୍କ ସହ ରେଳବିଭାଗ ବରିଷ୍ଠ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବ୍ୟବସ୍ଥା, ଟିକେଟ ରିଜରଭେସନ୍ ସମୟ ବଢ଼ାଇବା, ଷ୍ଟେଶନ ରାସ୍ତା ନିର୍ମାଣ ସହ ଜବରଦଖଲ ଉଚ୍ଛେଦ ଓ ରାଉରକେଲା-ଝାରସୁଗୁଡା ମେମୁକୁ ନିୟମିତ କରିବାକୁ ଦାବି କରି ସ୍ଥାନୀୟ ଲୋକେ ଜିଏମଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ତେବେ ଉକ୍ତ ଦାବିଗୁଡିକୁ ଯଥା ସମ୍ଭବ ପୂରଣ ରିବା ପାଇଁ ଚେଷ୍ଟା କରିବେ ବୋଲି ଜିଏମ୍ ପ୍ରତିଶ୍ରୁତି ଦେଇଛନ୍ତି। କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଦୁର୍ଗା ପ୍ରସାଦ ମିଶ୍ର, କ୍ଷୀରୋଦ ସା, ସୁନୀଲ ସିଂ, ମହମ୍ମଦ ଅସଗର, ଶେକ ଅହମ୍ମଦ, ସଞ୍ଜୟ ଜୈନ, ବିଷ୍ଣୁ ଶର୍ମା, ବିଷ୍ଣୁ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ମହେନ୍ଦ୍ର ଚୌଧୁରୀଙ୍କ ସହ ମାରୱାଡି ମହିଳା ସମିତିର ସଦସ୍ୟ ଜିଏମ୍‌ଙ୍କୁ ଭେଟିଥିଲେ। ସେହିପରି ଗଡପୋଷ ୫୬ ଏ ବ୍ରିଜର ଉନ୍ନତିକରଣ ପାଇଁ ଜିଏମ ଗଡପୋଷ ରେଳ ଅଞ୍ଚଳ ପରିଦର୍ଶନ କରିଥିଲେ । ଗଡପୋଷର ସ୍ଥାନୀୟ ଲୋକ ସାଉଥବିହାର ଏକ୍ସପ୍ରେସ, ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟିର ରହଣୀ ସହ ରେଳ ଷ୍ଟେଶନକୁ ରାସ୍ତା, ଫୁଟ ଓଭର ବ୍ରିଜରେ ସେଡ୍ ନିର୍ମାଣ, ବରିଷ୍ଠ ନାଗରିକଙ୍କ ପାଇଁ ର୍‍ୟାମ୍ପ ଓ ସାଇକେଲ ଷ୍ଟାଣ୍ଡ ପାଇଁ ଦାବି ଜଣାଇଥିଲେ। ତେବେ କ୍ଷମତା ଭିତରେ ଥିବା ଦାବିଗୁଡିକୁ ଶୀଘ୍ର ପୂରଣ କରିବେ ବୋଲି ଜିଏମ ମିଶ୍ରା ପ୍ରତିଶ୍ରୁତି ଦେଇଛନ୍ତି ।

### ୧୦୨ ଆମ୍ବୁଲାନ୍ସ ଦୁର୍ଘଟଣା ଗ୍ରସ୍ତ

ବାମରା, ୮।୧ (ସ୍ୱ.ପ୍ର.)

ବାମରା ବ୍ଲକ ଗଡପୋଷ-ସଗରା ମୁଖ୍ୟ ରାସ୍ତାରେ ମଙ୍ଗଳବାର ଏକ ୧୦୨ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଗଡପୋଷରୁ ସଗରା ଯାଉଥିବା ବେଳେ ୧୦୨ ଆମ୍ବୁଲାନ୍ସ (ଓଡି ୩୩ ବି- ୫୦୬୬ )ଟି ବୁଣ୍ଡୁକାମାଲ ଚେପୋପଡାଠାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଥିଲା। ଚାଳକଙ୍କୁ ଉଦ୍ଧାର କରି ଗଡପୋଷ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଗଡପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }



ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ କଳାକାରମାନେ ରେଢ଼ାଖୋଲରେ ସଚେତନ କରୁଛନ୍ତି।

## ଜଙ୍ଗଲ, ବନ୍ୟଜନ୍ତୁ ସୁରକ୍ଷା ପାଇଁ ସଚେତନ କଲେ କଳାକାର

ରେଢ଼ାଖୋଲ, ୮।୧(ଡି.ଏନ.ଏ.)

ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଜରୁରୀ ହୋଇପଡିଛି। କ୍ରମାଗତ ଭାବେ ଜଙ୍ଗଲର ଅବକ୍ଷୟ ଯୋଗୁ ବାୟୁମଣ୍ଡଳ ପ୍ରଭାବିତ ହେବା ସହ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡିଛନ୍ତି। ଏଥିପାଇଁ ଜନ ସଚେତନତାର ଆବଶ୍ୟକତା ରହିଛି। ଏପରିପ୍ରେକ୍ଷୀରେ ଓଡିଶା ବନ୍ୟଜନ୍ତୁ ସୁରକ୍ଷା ସମିତି ପକ୍ଷରୁ ଜନସାଧାରଣଙ୍କୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ଗତ ୬ ତାରିଖଠାରୁ ରେଢ଼ାଖୋଲ ବନଖଣ୍ଡର ବିଭିନ୍ନ ଗ୍ରାମରେ କଳାକାରମାନେ ଗାଁକୁ ଗାଁ ଯାଇ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସଚେତନ କରୁଛନ୍ତି। କଟକ ଜିଲା ନରସିଂହପୁରର କଳାକାର ସୁବାସ ଖିଲାର ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଚୁବକାଦାଦର, ଖଣ୍ଡହତା, ହେଲେଇ, ରତ୍ନାବଡମାଳ, ଗୋବିନ୍ଦପୁର ଆଦି ଗ୍ରାମରେ ଏହି ସଚେତନ କାର୍ଯ୍ୟକ୍ରମ କରାଯାଇଛି। ସମିତିର ପ୍ରକଳ୍ପ ସଂଯୋଜକ ଅରବିନ୍ଦ ମାଝି, ରେଢ଼ାଖୋଲ ସଂଯୋଜକ ଶିବରାମ ସାହୁ, ବନପାଳ ବେଣୁଧର ବେହେରା ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ବାମରା ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ବାମରା,୮।୧(ସ୍ୱ.ପ୍ର.)

ବାମରା ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା କୁଟାରୀମାଲଠାରେ ଆୟୋଜିତ ହୋଇଯାଇଛି । ବାମରା ବ୍ଲକ ସହକାରୀ କୃଷି ଅଧିକାରୀ ଦେବାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ କୁଚିଣ୍ଡା ଜିଲା କୃଷି ଅଧିକାରୀ ଭିକଜିତ ମାଝୀ, ଜିଲାପରିଷଦ ସଭ୍ୟା କୁମୁଦିନୀ ନାଏକ, ଚାଷୀନେତା ଯୋଗବିହାରୀ ପରିଡା, ସମିତି ସଭ୍ୟ ପଦ୍ମଚରଣ ଗୁରୁ, କୃଷି ପରାମର୍ଶଦାତା କମିଟି ଅଧ୍ୟକ୍ଷ ଅମିୟ କୁମାର ପଟେଲ, ସମିତି ସଭ୍ୟ ଦିଲୀପ ଛତ୍ରିଆ ଓ କିରଣ ନାୟକ ଯୋଗ ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ଭିକଟୋରୀଆ ପ୍ରଧାନ, ପ୍ରାଣି ଚିକିତ୍ସକ ଡା. ଦିପନ କିସାନ, ସହକାରୀ ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚନ୍ଦ୍ର କିସାନ ଓ କୁଚିଣ୍ଡା ସହକାରୀ କୃଷି ଅଧିକାରୀ ପ୍ରଜ୍ଞା କାମ୍ପା ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଗୋ ମହିଷାଦିର କୃତ୍ରିମ ପ୍ରଜନନ ଯୋଜନା, ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ ଓ



ବାମରା ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳାରେ ଜଣେ ଚାଷୀଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

ବିନିୟୋଗ, ପ୍ରାଣୀ ରୋଗ ନିରାକରଣ ନିମନ୍ତେ ଟୀକାକରଣ ଯୋଜନା, ବାର୍ଡ ଫ୍ଲୁ ସମ୍ପର୍କିତ ସତର୍କତା ଓ ଯୋଜନା, ମାଛ ଚାଷ ପାଇଁ ପୋଖରୀ ଖୋଳା ଯୋଜନା, ମାଛ ଚାଷରେ ଦେଖା ଯାଉଥିବା ସାଧାରଣ ସମସ୍ୟା, କାଳିଆ ଯୋଜନା ସହ ଅନ୍ୟାନ୍ୟ କୃଷି ସମ୍ପର୍କିତ ଯୋଜନା, ସମସ୍ୟା ଓ ଏହାର ସମାଧାନ ପାଇଁ ବୁଝାଇଥିଲେ। ସମ୍ବଲପୁର କୃଷକ ସୁରକ୍ଷା ସଂଗଠନ ଅତିରିକ୍ତ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଯୋଗ ଦେଇ କୃଷକମାନଙ୍କୁ ସ୍ୱାବଲମ୍ବୀ ହେବା ସହିତ ଧାନ ଚାଷ ସହ ଅନ୍ୟାନ୍ୟ ଚାଷୀ, ପଶୁପାଳନ, ମାଛ ଚାଷ ଆଦିରେ କିପରି ଅଧିକ ଅର୍ଥ ରୋଜଗାର କରି ହେବ ସେ ଦିଗରେ ବିବରଣୀ ପ୍ରଦାନ କରିଥିଲେ । କେଶାଇବାହାଲ ସହକାରୀ କୃଷି ଅଧିକାରୀ ରାମଚନ୍ଦ୍ର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ରିଆମାଳ,୮।୧(ଡି.ଏନ.ଏ.)

ରିଆମାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ମଙ୍ଗଳବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରିଆମାଳ ବିଡିଓ ଶିବ ଟପ୍ପୋ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ସାବତ, ରିଆମାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ପାତ୍ର, ଅତିରିକ୍ତ ତହସିଲଦାର ମନୋରଞ୍ଜନ ବଗାର, ଏସ୍‌ଏସଇପିଡି ଅଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସମାଜ ସୁରକ୍ଷା ଅଧିକାରୀ ସୁଜନ ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଡାକ୍ତର ମନୋଜ ଉପାଧ୍ୟାୟ, ଡାକ୍ତର ପ୍ରଭାତ ମହାପାତ୍ର, ଡାକ୍ତର ସୁଶାନ୍ତ ମାଝି ଓ ଡାକ୍ତର ଆର.କେ ଗୁରୁ ଦିବ୍ୟାଙ୍ଗମାନଙ୍କୁ ପରୀକ୍ଷା କରିଥିଲେ। ସେହିପରି ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀକାନ୍ତ ଗଡନାୟକ ସଂଯୋଜନା କରିଥିବାବେଳେ, କୁମର ମଣି ପ୍ରଧାନ, ଦେବେନ୍ଦ୍ର ସାହୁ, ତପନ ନାୟକ ପ୍ରମୁଖ ଶିକ୍ଷକମାନେ ଓ ବ୍ଲକ କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବାଲିବନ୍ଧା ସରକାରୀ ବାଳିକା ସ୍କୁଲର କ୍ରୀଡା ପ୍ରତିଯୋଗିତା

**ସମ୍ବଲପୁର,୮।୧(ବ୍ୟୁରୋ)-** ବାଲିବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସିନି ବାଡାଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅର୍ନ୍ତଜାତୀୟ ମାଷ୍ଟର୍ସ ଆଥ୍‌ଲେଟ୍ ସୁନ୍ଦରମଣୀ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ୧୦୦, ୨୦୦, ୪୦୦ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ଫଡିଆଁ, ଜ୍ୟାଭେଲିନ୍ ଥ୍ରୋ, ସଟଫୁଟ ଓ ଡିସକସ୍ ଥ୍ରୋ ଇଭେଣ୍ଟ ହୋଇଥିଲା । ସାନି ବାଗ ଚାମ୍ପିୟନ ଓ ମୋନାଲିସା ସାହୁ ରନର୍ସ ଅଫ୍ ଟ୍ରଫି ହାସଲ କରିଥିଲେ । ଶିକ୍ଷୟିତ୍ରୀ ଚନ୍ଦ୍ରପ୍ରଭା କର, ରଞ୍ଜିତାରାଣୀ ହୋତା, ସୁପ୍ରୀତି ନନ୍ଦ, ପୁଷ୍ପାବତୀ ମେହେର, ମହେଶ୍ୱର ଖଣ୍ଡେଇ ଓ ପ୍ରୀତି ପୋଢ଼ ଇଭେଣ୍ଟ ପରିଚାଳନା କରିଥିଲେ ।



ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବାଲିବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡାରେ ଅତିଥିଙ୍କ ସହ ଛାତ୍ରୀମାନେ ।

■ସର୍ବ ଭାରତୀୟ ପ୍ରଧାନପାଟ ଫୁଟବଲ୍ କପ୍

## କୋଲକାତାକୁ ହରାଇ ସେମିରେ ନାଲ୍‌କୋ

ଦେବଗଡ,୮।୧(ସ୍ୱ.ପ୍ର.)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ପ୍ରଥମ ପ୍ରଧାନପାଟ କପ୍ ସର୍ବ ଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ମଙ୍ଗଳବାର କୋଲକତା ଓ ନାଲକୋ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ସମୟ ଭିତରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଟାଇବ୍ରେକରରେ ନାଲକୋ ଦଳ ୩/୨ ଗୋଲରେ କଲିକତା ଦଳକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଥିଲା । ଖେଳକୁ ରେଫରି ଭାବେ ଅଶ୍ୱିନୀ ବରିହା, ରାଜିବ ନାୟକ, ରାଜନ ଝାଙ୍କର, ପ୍ରଦୀପ ଦାସ ପ୍ରମୁଖ ସହଯୋଗ କରିଥିବାବେଳେ ବେଣୁଧର ଗଡ଼ନାୟକ ଧାରା ବିବରଣୀ ଦେଇଥିଲେ । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଓକିଲ ସଂଘ ସଭାପତି ଦିଲୀପ ଗୁରୁ, ଯୁବନେତା ତଥା ଆଇନଜୀବୀ ସଚିକାନ୍ତ ଦାଶ, ହାବିଲଦାର ଓ କନଷ୍ଟେବଳ ସଂଘର ସମ୍ପାଦକ ସଞ୍ଜିବ ବେହେରା ପ୍ରମୁଖ ଯୋଗଦେଇଥିଲେ। ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ନାଲକୋ ଦଳର ସଞ୍ଜୟ ହେମରମ୍‌ଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ମ୍ୟାଚ କମିଶନର ହେମନ୍ତ ମହାପାତ୍ର, କ୍ଲବର ସଭାପତି ଯୋଗେନ୍ଦ୍ର ସାହୁ, କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାଏକ, ପ୍ରଦୀପ ବେହେରା, ବିକାଶ ପ୍ରଧାନ, ମଛିନ୍ଦ୍ର ନାୟକ, ବିକାଶ ଅଗ୍ରୱାଲ, କିଶୋର ବେହେରା, ଶରତ ମେହେର, ସଞ୍ଜିବ ନାଏକ, ଅନନ୍ତ ମେହେର, ନନ୍ଦ ମାଝୀ, ମନୋଜ ନାୟକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ବୁଧବାର ଓଡିଶା ପୋଲିସ ଏବଂ ନାଲକୋ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ ସୂଚନା ଦେଇଛନ୍ତି । ଖେଳରେ ବହୁ ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ ।

## ଲୋକଙ୍କୁ କମ୍ବଳ ବାଣ୍ଟିଲା ଶ୍ୟାମ୍ ମେଟାଲିକ୍

ରେଙ୍ଗାଲି,୮।୧(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ପଣ୍ଡଲୋଇଠାରେ ଥିବା ଶ୍ୟାମ୍ ମେଟାଲିକ ପକ୍ଷରୁ ବିଭିନ୍ନ ଗ୍ରାମର ଗରିବ, ଦୁଃଖି, ନିରୀହ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କମ୍ପାନୀର ବରିଷ୍ଠ ଅଧିକାରୀମାନେ ପଣ୍ଡଲୋଇ, ଚଟେନପଡା, କାଳିଆପଡା, ରାମଚନ୍ଦ୍ରନଗର ଗ୍ରାମରେ କମ୍ବଳ ବାଣ୍ଟିଥିଲେ । କମ୍ପାନୀର ନିର୍ମଳ ସିହ୍ନା, ଅମିତ ଅଗ୍ରୱାଲ, ରାଜକୁମାର ସିଂ, ଅତୁଲ ପାରିକ, ସଞ୍ଜୟ ସିଂ, ଶରତ କୁମାର, ମନୋଜ ପଣ୍ଡା, ସୁଧୀର ସେଟ, ରଶ୍ମି ରଞ୍ଜନ ଦେହୁରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିଭଳି ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଙ୍ଗଳବାର ବସଷ୍ଟାଣ୍ଡଠାରେ ଅଞ୍ଚଳର ଅସମର୍ଥ, ଅସହାୟ, ବୟସ୍କମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ତୁଳସୀ ଦାସ ମାହାଣା, ଅନ୍ତର୍ଯ୍ୟାମୀ ପାଣି, ବସନ୍ତ ନାୟକ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଡା. ଅର୍ଜୁନ ନାଏକ, ଡା. ଅଶୋକ ନାଏକ, କ୍ଷୀରୋଦ ସିଂଦେଓ, ଅକବର ଖାଁ, ମନୋଜ ନାୟକ, ସମୀର ମାହାଣା, ତାରାକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଜାନୁୟାରୀ ୯/୨୦୧୯



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ବନ୍ଦ ପାଳନ ବିଫଳ: ଭାଜପା

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ବିରୋଧୀଙ୍କ ଭାରତ ବନ୍ଦ ଡାକରା ପରେ ବି ଓଡିଶାରେ କୌଣସି ପ୍ରଭାବ ପଡିନାହିଁ ବରଂ କଂଗ୍ରେସ ଏବଂ ବିଜେଡିର ମଧୁଚନ୍ଦ୍ରିକା ପଦାରେ ପଡିଛି। ଓଡିଶାରେ ଏହି ବନ୍ଦରେ କେଉଁ ଶ୍ରମିକ ସଙ୍ଗଠନ ରାସ୍ତାକୁ ଆସି ନ ଥିଲା। ଜନଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା। ସମସ୍ତ ଜିଲାରେ ଗାଡି ଚଳାଚଳ ସ୍ୱାଭାବିକ ଥିଲା। ଦୋକାନ ବଜାର ପୁରା ପୁରି ଖୋଲା ଥିଲା। କେବଳ ସ୍କୁଲ କଲେଜକୁ ବନ୍ଦ କରି ରାଜ୍ୟ ସରକାର ଏହି ବନ୍ଦକୁ ସରକାରୀସ୍ତରରେ ସମର୍ଥନ କରିଥିଲେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିତାମ୍ବର କହିଛନ୍ତି, ଏହି ବନ୍ଦ ଡାକରା ଶ୍ରମିକ ପାଇଁ ଉଦିଷ୍ଟ ନ ଥିଲା। ଏହା ପଛରେ ରହସ୍ୟ ଥିଲା କଂଗ୍ରେସ ବିଜେଡି ଏବଂ ସମସ୍ତ ବାମପନ୍ଥୀ ଦଳର ମଧୁଚନ୍ଦ୍ରିକା। ତିନି ତିନୋଟି ରାଜନୈତିକ ଦଳ ମିଳିତ ପ୍ରଚେଷ୍ଟାରେ ବି ଏହି ବନ୍ଦକୁ ସଫଳ କରାଯାଇପାରିଲା ନାହିଁ। ବନ୍ଦକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଚାଲ ଧରାପଡିଛି। କଂଗ୍ରେସ ହେଉଛି ବିଜେଡିର ଆଶାବାଡ଼ି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରମାଣ କରିଛନ୍ତି ବୋଲି ପିତାମ୍ବର କହିଛନ୍ତି।

### ଆହୁରି କମିବ ଶୀତ ଉପରମୁହାଁ ପାରଦ

**ଭୁବନେଶ୍ୱର,୮।୧(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇ ଚାଲିଛି। ପାରଦ ଉପରମୁହାଁ ହୋଇଛି। ଗତ ୪ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲସିୟସ ବଢ଼ିଗଲାଣି। ଶୀତ ଆହୁରି କମିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ମାତ୍ର ୪ଟି ସ୍ଥାନକୁ ବାଦ ଦେଲେ ସମସ୍ତ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ମଙ୍ଗଳବାର ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୯.୬, କେନ୍ଦୁଝରରେ ୯.୨, ସୁନ୍ଦରଗଡ଼ ୮.୫, ଫୁଲବାଣୀ ୯, ସୋନପୁର ୯.୪, ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉତ୍ତର ପୂର୍ବ ଦିଗ ହିମାଳୟ ଆଡୁ ରାଜ୍ୟକୁ ପ୍ରବାହିତ ଥଣ୍ଡା ପବନ ବନ୍ଦ ହୋଇଯାଇଛି। ଫଳରେ ପାରଦ ଉପରମୁହାଁ ହୋଇଛି। ଆସନ୍ତା ୧୧ ତାରିଖ ବେଳକୁ ପାରଦ ଆହୁରି କମିବ। ୧୪ ତାରିଖ ବେଳକୁ ପୁଣି ୨ ଡିଗ୍ରୀ ହ୍ରାସ ପାଇବ। ଶୀତର ପ୍ରକୋପ ସାମାନ୍ୟ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ୨୫ରେ କଟକ ଆସିବେ ରାହୁଲ
### ୨ ଲକ୍ଷ ଲୋକଙ୍କ ସମାଗମ ପାଇଁ ପ୍ରସ୍ତୁତି

**କଟକ ଅଫିସ/ ଭୁବନେଶ୍ୱର, ୮।୧ (ବ୍ୟୁରୋ):** ଆସନ୍ତା ୨୫ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଟକ ଆସିବେ। ବାଲିଯାତ୍ରା ପଡ଼ିଆରେ ରାହୁଲ ଏକ ସାଧାରଣ ସଭାରେ ଯୋଗଦେବେ। ୨ ଲକ୍ଷ ଲୋକଙ୍କ ସମାଗମ ପାଇଁ ପ୍ରସ୍ତୁତି ଚାଲିଥିବା ନଗର କଂଗ୍ରେସ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ସୂଚନା ଦେଇଛନ୍ତି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ କଂଗ୍ରେସ ଭବନରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ରାହୁଲ ସକାଳ ୯ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ତାଙ୍କୁ ରୋଡ୍ ଶୋ'ରେ କଟକ ଇନ୍‌ଡୋର ଷ୍ଟାଡିୟମକୁ ନିଆଯିବ। ସେଠାରେ ରାହୁଲ ଦଳର ସମସ୍ତ ସାଙ୍ଗଠନିକ କାର୍ଯ୍ୟକର୍ତ୍ତାଙ୍କ ସହ ଦିନ ସାଢ଼େ ୧୨ଟାରୁ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଆଲୋଚନା କରିବେ। ମଧ୍ୟାହ୍ନ ବିରତି ପରେ ଅର୍ଥାତ୍ ଅପରାହ୍ନ ୨ଟାରେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ରାହୁଲ ଉଦ୍‌ବୋଧନ ଦେବେ। କଟକରୁ ଫେରି ସନ୍ଧ୍ୟାରେ ରାହୁଲ ଭୁବନେଶ୍ୱରରେ ସିଭିଲ ସୋସାଇଟିମାନଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଦଳର ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ରାହୁଲ ଯୋଗଦେବେ ବୋଲି ଥିବା ମୋକିମ ସୂଚନା ଦେଇଛନ୍ତି। ଏହାସହ ଆସନ୍ତା ଫେବୃୟାରୀରେ ରାହୁଲ ଦୁଇଥର ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏ ସଂକ୍ରାନ୍ତରେ କୌଣସି ନିର୍ଦ୍ଦିଷ୍ଟ ତାରିଖ ସ୍ଥିର ହୋଇ ନ ଥିବା ରାଜ୍ୟ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା ଜଣାଇଛନ୍ତି।






ଭାରତ ବନ୍ଦ





୧୦ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀଙ୍କ ରାସ୍ତା ଅବରୋଧ, ଅଟକି ରହିଥିବା ଗାଡ଼ିମୋଟର ଏବଂ ଟାୟାର ପୋଡ଼ା ଯାଉଛି।

# ପଞ୍ଚାୟତ, ପୌର ସଂସ୍ଥାକୁ ସମ୍ପତ୍ତି ଟିକସ ଆଦାୟ କ୍ଷମତା ଦିଅ

**ଭୁବନେଶ୍ୱର,୮।୧(ବ୍ୟୁରୋ)**

ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନାହାନ୍ତି। ସମ୍ପତ୍ତି ଟିକସ ଆଦାୟ କ୍ଷମତା ଦେବା ନେଇ ପଞ୍ଚଦଶ ଅର୍ଥ କମିଶନ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ପଞ୍ଚାୟତିରାଜ ସଂସ୍ଥା ଏବଂ ପୌର ସଂସ୍ଥାଗୁଡ଼ିକୁ ସମ୍ପତ୍ତି କର ଆଦାୟର କ୍ଷମତା ପ୍ରଦାନ କରାଯାଇ ନ ଥିବାରୁ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଗ୍ରାଧିକାର ଭିତ୍ତିରେ ଏ ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରିଛନ୍ତି। ଟିକସ ଆଦାୟର ପରିସର ବୃଦ୍ଧି ହେଲେ ପଞ୍ଚାୟତିରାଜ ସଂସ୍ଥା ଓ ପୌର ସଂସ୍ଥାଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନଶୀଳତା ବଢ଼ିବ। ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ଏନ. କେ. ସିଂହଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା କମିଶନ ସଦସ୍ୟମାନେ ମଙ୍ଗଳବାର ପଞ୍ଚାୟତିରାଜ ସଂସ୍ଥା, ପୌରସଂସ୍ଥା, ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧିମାନଙ୍କୁ ପୃଥକ୍ ପୃଥକ୍ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକର ଆର୍ଥିକ ସ୍ୱଚ୍ଛଳତା, ସାମର୍ଥ୍ୟ ଏବଂ ଆଞ୍ଚଳିକ ସ୍ତରରେ ଟିକସ ଆଦାୟର ସରଳ ଉପାୟ ନେଇ ବିଚାରବିମର୍ଶ ହୋଇଛି। ତିନିସ୍ତରୀୟ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଆର୍ଥିକ କ୍ଷମତାର ବିକେନ୍ଦ୍ରୀକରଣ ନେଇ କମିଶନ ସଦସ୍ୟମାନେ ପ୍ରତିନିଧିମାନଙ୍କ ସହ ଏକମତ ହୋଇଛନ୍ତି। ପଞ୍ଚାୟତ ଓ ପୌରସଂସ୍ଥାଗୁଡ଼ିକର ଟିକସ ଆଦାୟର ସାମର୍ଥ୍ୟ ଓ ପରିସର ବ୍ୟାପକ କରିବା ନେଇ କମିଶନ ଗୁରୁତ୍ୱାରୋପ କରିଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ଏକ ଉଜ୍ଜ୍ୱଳ ଉଦାହରଣ ବୋଲି କମିଶନ ଉଲ୍ଲେଖ କରିଛନ୍ତି। କମିଶନଙ୍କୁ ଭେଟିଥିବା ପଞ୍ଚାୟତିରାଜ ଏବଂ ପୌର ସଂସ୍ଥାର ୧୬ ଜଣ ପ୍ରତିନିଧିଙ୍କ ମଧ୍ୟରୁ ୧୦ ଜଣ ମହିଳା ହୋଇଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ବୈଠକର ଦ୍ୱିତୀୟ ପର୍ଯ୍ୟାୟରେ ଶିଳ୍ପ ଓ ବାଣିଜ୍ୟ ସଂଗଠନଗୁଡ଼ିକର ପ୍ରତିନିଧିମାନଙ୍କୁ କମିଶନ ସାକ୍ଷାତ କରିଛନ୍ତି। ଦେଶର ୭୨ ଭାଗ ଖଣିଜ ସମ୍ପଦ ଓଡ଼ିଶାରେ ରହିଛି ମାତ୍ର ସେଗୁଡ଼ିକର ସେତେଟା ବିକାଶ ହୋଇପାରିନାହିଁ। ଏଥିଯୋଗୁ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ଆଖିଦୃଶିଆ ହୋଇ ପାରିନାହିଁ। ବିପୁଳ ପରିମାଣରେ ଖଣିଜ ସମ୍ପଦ ଭରି ରହିଥିଲେ ମଧ୍ୟ ଓଡ଼ିଶା ଏପର୍ଯ୍ୟନ୍ତ ଏହାର ପ୍ରକୃତ ସାମର୍ଥ୍ୟକୁ ଅଭିବୃଦ୍ଧି କ୍ଷେତ୍ରରେ ଉପଯୋଗ କରିପାରି ନ ଥିବା କମିଶନ ସୂଚନା ଦେଇଛନ୍ତି। ବୈଠକ ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଅତୀତରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କେତେକ କାର୍ଯ୍ୟକ୍ରମ ଭଲ ଓ ଫଳପ୍ରଦ ହୋଇଥିଲେ ମଧ୍ୟ ଆହୁରି ଅନେକ କିଛି କରିବାକୁ ବାକି ରହିଛି। ଭିତ୍ତିଭୂମି କ୍ଷେତ୍ର ରାଜ୍ୟର ବିକାଶ ଲାଗି ନିହାତି ଆବଶ୍ୟକ ଏବଂ ଏହା ଓଡ଼ିଶାକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଶିଳ୍ପ ରାଜ୍ୟ ରୂପେ ଗଢ଼ି ତୋଳିବ। ରାଜନୈତିକ ସ୍ଥିରତା ଏବଂ ସମ୍ବଳର ପ୍ରକୃତ ଉପଯୋଗ ହେଲେ ଓଡ଼ିଶାର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ ବୋଲି କମିଶନ ମତବ୍ୟକ୍ତ କରିଛନ୍ତି।

**ପଞ୍ଚଦଶ ଅର୍ଥ କମିଶନଙ୍କ ପରାମର୍ଶ**

- ଖଣିଜ ସମ୍ପଦ ବିନିଯୋଗ ହୋଇପାରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କଲେ କମିଶନ
- ଆର୍ଥିକ କ୍ଷମତା ପ୍ରଦାନ ଉପରେ ଗୁରୁତ୍ୱ
- ରାଜନୈତିକ ସ୍ଥିରତା, ସମ୍ବଳର ଉପଯୋଗ ହେଲେ ବିକାଶ ତ୍ୱରାନ୍ୱିତ ହେବ

# ଚାଷୀଙ୍କ ନାଁରେ ଦିଲ୍ଲୀରେ ବିଜେଡିର ପିକ୍‌ନିକ୍ ସମାବେଶ: କଂଗ୍ରେସ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ଚାଷୀ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ଓ ବିଜେଡ଼ି କେବଳ ଚାଷୀଙ୍କ ନାଁରେ ନାଟକବାଜି କରି ଚାଲିଛନ୍ତି। ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ଦିଲ୍ଲୀରେ ବିଜେଡି ଚାଷୀ ସମସ୍ୟା ନାଁରେ ପିକ୍‌ନିକ୍ ସମାବେଶ କରୁଛି ବୋଲି ଅମିୟ ଅଭିଯୋଗ କରିଛନ୍ତି।

ଅମିୟ କହିଛନ୍ତି, ଚାଷୀ ଉତ୍ପାଦନ ଖର୍ଚ୍ଚର ମୂଲ୍ୟ ପାଉ ନାହିଁ। ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଚାଷୀ ନିର୍ଦ୍ଧାରିତ ଏମ୍‌ଏସ୍‌ପିଠାରୁ ୫ଶହ ୬ଶହ ଟଙ୍କା କମ୍‌ରେ ଧାନ ବିକିବାକୁ ବାଧ୍ୟ ହେଉଛି। ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ଶହେ ଟଙ୍କା ବୋନସ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଘୋଷଣା ପ୍ରତାରଣାରେ ପରିଣତ ହୋଇଛି। ଚାଷୀଙ୍କ ବାସ୍ତବ ସ୍ଥିତିକୁ ବିଜେଡ଼ି ଦଳ ଅଣଦେଖା କରି ପାର୍ଲାମେଣ୍ଟ ଘେରାଉ କରୁଛି। ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଏପରି ୭ଟି ରାଜ୍ୟ କୃଷିଋଣ ଛାଡ଼ ନେଇ ଘୋଷଣା କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ଏହା ନ କରି କେବଳ ବାହାସ୍ଫୋଟ ମାରିଚାଲିଛନ୍ତି। କେନ୍ଦ୍ର ସରକାର ଏମ୍‌ଏସ୍‌ପି ବୃଦ୍ଧି ଦିଗରେ ଗୁରୁତ୍ୱ ନ ଦେବା କିମ୍ବା କୃଷିଋଣ ଛାଡ଼ ନ କରି କେବଳ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଥା ବଡ,କାମ କମ୍। ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ ଚାଷୀଙ୍କୁ କୃଷି ଉତ୍ପାଦନ ଖର୍ଚ୍ଚରେ ଦେଢ଼ଗୁଣା ମୂଲ୍ୟ ଦିଆଯିବା ପାଇଁ ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼, ଧାନର ଏମ୍‌ଏସ୍‌ପି ୨୯୩୦ ଟଙ୍କାକୁ ବୃଦ୍ଧି ନ କରନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନ ପ୍ରତି ଗାଁ ସ୍ତରରୁ ବ୍ୟାପକ କରାଯିବ ବୋଲି ଅମିୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କିଷାନ କଂଗ୍ରେସ ତରଫରୁ ସମସ୍ତ ଜିଲାର ଚାଷୀ ପ୍ରତିନିଧିମାନଙ୍କୁ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ବାହାରିଥିଲା। ଧାନର ସହାୟକ ମୂଲ୍ୟ ବୃଦ୍ଧି, କୃଷି ଋଣଛାଡ଼ ଓ ବୋନସ୍ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯଦି ସରକାର ଯଥାଶୀଘ୍ର ଦିଲ୍ଲୀ ଛାଡି ପଲ୍ଲୀରେ ମେଳି ହୋଇଥିବା ଚାଷୀଙ୍କ ବାସ୍ତବ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ଆନ୍ଦୋଳନକୁ ଦୁର୍ବାର କରାଯିବ।



ମଙ୍ଗଳବାର ପ୍ରଦେଶ କିଷାନ କଂଗ୍ରେସର କର୍ମକର୍ତ୍ତାମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଫେରୁଛନ୍ତି।

# ଚାଷୀଙ୍କୁ ଧାନର ନିର୍ଦ୍ଧାରିତ ମୂଲ୍ୟ ମିଳୁନି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ଧାନର ଏମ୍‌ଏସ୍‌ପି ୨୯୩୦ଟଙ୍କା କରିବା ଦାବିରେ ମଙ୍ଗଳବାର ବିଜେଡି ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଦିଲ୍ଲୀଠାରେ କୃଷକ ଅଧିକାର ସମାବେଶ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶାସକ ଦଳ କେନ୍ଦ୍ର ବିରୋଧରେ ଗର୍ଜିବା ସହ ରାଷ୍ଟ୍ରପତିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ବିଜେଡିର ଏହି ପ୍ରତିବାଦକୁ କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ବିଜେଡି ମୁହଁରେ ବ୍ରଣ ହେଲେ ଛାଇ ପଡିବା ପରି ବିତଣ୍ଡା କରୁଛି। କେନ୍ଦ୍ର ସରକାର ନିର୍ଦ୍ଧାରିତ କରିଥିବା ମୂଲ୍ୟ ବି ରାଜ୍ୟ ସରକାର ଦେଇପାରୁ ନାହାନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ଚାଷ ଓ ଚାଷୀର ବିଷୟକୁ ନେଇ ବର୍ତ୍ତମାନ ରାଜ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଆଉ ରାଜନୈତିକ ବାଦ ବିବାଦର ପ୍ରସଙ୍ଗ ହୋଇ ରହିନାହିଁ। ଜନବିଦ୍ରୋହ ଏବେ ଗାଁ ଗଣ୍ଡାରେ ଆରମ୍ଭ ହୋଇଗଲାଣି। ଚାପରୁ ମୁକୁଳିବା ଲାଗି ବିଜେଡି ମୁହଁ ଲୁଚାଇବାକୁ ଦିଲ୍ଲୀରେ ସୁଆଙ୍ଗ ରଚିବାର ବ୍ୟବସ୍ଥା କରିଛି। ଚାଷ ହେଲା ରାଜ୍ୟର ବିଷୟ। ମୁଖ୍ୟମନ୍ତ୍ରୀ ମହାଶୟ ନିଜ ଦାୟିତ୍ୱରୁ ମୁକୁଳିପାରିବେ ନାହିଁ। ଏପର୍ଯ୍ୟନ୍ତ ମଣ୍ଡି କାହିଁକି ଖୋଲିଲାନାହିଁ, କେନ୍ଦ୍ର ସରକାର ଦେଉଥିବା ୧୭୫୦ ଟଙ୍କା ଚାଷୀ ପାଇପାରୁ ନାହାନ୍ତି, ଏ ପ୍ରଶ୍ନର ଉତ୍ତର ତାଙ୍କୁ ଦେବାକୁ ପଡ଼ିବ। ଗତବର୍ଷ ଧାନ କ୍ୱିଣ୍ଟାଲ ମୂଲ୍ୟ ୧୫୫୦ ଟଙ୍କା ଥିବାବେଳେ କେନ୍ଦ୍ର ସରକାର ଏହାର ମୂଲ୍ୟବୃଦ୍ଧି କରି ୧୭୫୦ ଟଙ୍କା କରିଛନ୍ତି। ଚଳିତବର୍ଷ ନିର୍ବାଚନର ବର୍ଷ ହୋଇଥିବା ହେତୁ, ବିଜେଡି ନିଜର ପାଣ୍ଠି ସଂଗ୍ରହ ପାଇଁ ମିଲ୍ ମାଲିକମାନଙ୍କ ସହ ସାଲିସ୍ କରିଛି। ସେଥିପାଇଁ ଚାଷୀ ମଧ୍ୟସ୍ଥିମାନଙ୍କ ଜରିଆରେ କ୍ୱିଣ୍ଟାଲ ପିଛା ୧ହଜାରରୁ ସର୍ବାଧିକ ୧୨ଶହ ଟଙ୍କାରେ ଧାନ ବିକିବାକୁ ବାଧ୍ୟ ହେଉଛି। ମୁଖ୍ୟମନ୍ତ୍ରୀ ନିଜର ଦାୟିତ୍ୱ ଠିକ୍‌ଭାବେ ନ ତୁଲାଇ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଚେଷ୍ଟା କରୁଛନ୍ତି। କିଛିବର୍ଷ ତଳେ ସୋହେଲାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏମଏସପି ଉପରେ ଚାଷୀଙ୍କୁ ଶହେ ଟଙ୍କାର ବୋନସ ଦେବେ। ଆଶ୍ଚର୍ଯ୍ୟଜନକ ଭାବେ ସେ କଥାକୁ ସେମାନେ ଭୁଲିଯାଇଛନ୍ତି। ଲୁଚିଛି ନା ଗୋଡ ଦୁଇଟା ଦିଶୁଛି। ଏ ଠକାମିକୁ ଲୋକେ ଏଥର ଧରିବେ। ମୁଖ୍ୟମନ୍ତ୍ରୀ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ ମିଛ କହିବାର ବାଟ ଧରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଫେରାର

**ପୁରୁଷୋତ୍ତମପୁର,୮।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ତଥା ହିଞ୍ଜିଳି ବ୍ଲକ ଅଞ୍ଚଳରେ ଜଣେ ଦଳିତ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ସୋମବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ନଂ.୫/୧୯ରେ ମାମଲା ରୁଜୁ କରିଛି। ମାମଲା ଏସ୍‌ସିଏସ୍‌ଟି ପରିସରଭୁକ୍ତ ହୋଇଥିବାରୁ ପୁରୁଷୋତ୍ତମପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

ଏତଲା ଅନୁଯାୟୀ, ନାବାଳିକାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେ ଶ୍ରମିକ ଭାବେ କାମ କରନ୍ତି। ଗ୍ରାମର ଜଣେ ଯୁବକ ଗାଁ ସ୍କୁଲ କାମ ଠିକା ନେଇଥିବାବେଳେ ନାବାଳିକା ଜଣକ ସେଠାରେ କାମରେ ନିୟୋଜିତ ହୋଇଥିଲେ। ଗତ ୩୧ ତାରିଖରେ ଏକୁଟିଆର ସୁଯୋଗ ନେଇ ବ୍ୟକ୍ତି ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ବାହାରେ ପ୍ରଘଟ କଲେ ଜୀବନରୁ ମାରିବାକୁ ଧମକ ଦେଇଥିଲେ। ତା' ପରଠାରୁ ନାବାଳିକା ଜଣକ ଆଉ କାମକୁ ଯାଇ ନ ଥିଲେ। ଭୟରେ ଘଟଣା ସମ୍ପର୍କରେ ମଧ୍ୟ ଘରେ କାହାକୁ କହି ନ ଥିଲେ। ସୋମବାର ରାତିରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ମା'ଙ୍କୁ ଜଣାଇଥିଲେ। ମା' ଝିଅକୁ ଆଣି ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଅଜୟ କୁମାର ବାରିକ ଓ ଏସ୍‌ଆଇ ସୁନୀଲ କୁମାର ପ୍ରଧାନ ଅଭିଯୁକ୍ତ ଯୁବକଙ୍କ ଘରକୁ ଯାଇଥିଲେ। ମାତ୍ର ସେ ଫେରାର ହୋଇଯାଇଥିବା ଥାନାଧିକାରୀ କହିଛନ୍ତି। ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।



# ନବ ନିର୍ମାଣ କୃଷକ ସଙ୍ଗଠନର ଧାରଣା

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ଧାନର ଏମ୍‌ଏସ୍‌ପି ବୃଦ୍ଧିକୁ ନେଇ ଦିଲ୍ଲୀରେ ବିଜେଡି କରିଥିବା କୃଷକ ଅଧିକାର ସମାବେଶକୁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କଡା ସମାଲୋଚନା କରାଯାଇଛି। ବିଧାନସଭାର ସର୍ବସମ୍ମତି ପ୍ରସ୍ତାବ ଅନୁଯାୟୀ ଧାନର ଏମ୍‌ଏସପି ୨୯୩୦ଟଙ୍କା ଏବଂ ପ୍ରତ୍ୟେକ ଚାଷୀକୁ ୫ହଜାର ଟଙ୍କାର ସୁରକ୍ଷା ଭତ୍ତା ଦେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ଅବସରରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଶାସକ ବିଜେଡି ଚାଷୀଙ୍କୁ ଭତ୍ତା ଦେବାକୁ କୁଣ୍ଠିତ ହେଉଛନ୍ତି। ହେଲେ 'କାଳିଆ' ଯୋଜନା ନାଁରେ ଚାଷୀଙ୍କୁ ଭୁତାଉଛନ୍ତି। ରାଜ୍ୟ ସଭା ଓ ଲୋକ ସଭାରେ ପ୍ରଭାବୀ ଢଙ୍ଗରେ ଧାନ ଦର ପାଇଁ ଲଢେଇ ନ କରି କର୍ମୀଙ୍କୁ ଦିଲ୍ଲୀ ନେଇ ଆନ୍ଦୋଳନ କରିବା ହାସ୍ୟାସ୍ପଦ ବୋଲି ଅକ୍ଷୟ କହିଛନ୍ତି। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ, ୫୦ହଜାର କୋଟି ଟଙ୍କା ଜରିମାନା ଖଣି ମାଫିଆଙ୍କର ଛାଡ କରାଯାଇଥିବା ବେଳେ ସରକାର ବୁଝିଲେ। ମାତ୍ର ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏଁ ସୁରକ୍ଷା ଭତ୍ତା ଦେବା ଅବାସ୍ତବ ବୋଲି ସରକାର କହିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ସଙ୍ଗଠନ ପକ୍ଷରୁ ୩ଘଣ୍ଟା ପର୍ଯ୍ୟନ୍ତ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବାପରେ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ...

**ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସମ୍ପର୍କରେ କେତୋଟି ଜାଣିବା କଥା...**

ଦୁଗ୍ଧ ଏକ ସୁଷମ ଖାଦ୍ୟ । ଏହାର ଗୁଣାତ୍ମକ ମାନ ପାଇଁ ଏହାକୁ ଅମୃତ ସହ ତୁଳନା କରାଯାଇଥାଏ । ସୁସ୍ଥ ଗାଇ ବା ମଇଁଷି ଠାରୁ ଉତ୍ପାଦିତ ଦୁଗ୍ଧ ସାଧାରଣତଃ ନିର୍ମଳ, ସ୍ୱଚ୍ଛ ଓ ରୋଗ ଜୀବାଣୁ ବିହୀନ ହୋଇଥାଏ । ଗୋପାଳକ ଭାଇ ଭଉଣୀମାନେ ଦୁଗ୍ଧର ଦୁହିଁବା ପ୍ରଣାଳୀ, ପରିବେଶ ତଥା ଦୁହିଁବା ପୂର୍ବ ଓ ପରର ସାବଧାନତା ଅବଲମ୍ବନ କଲେ ପରିଷ୍କାର ତଥା ସ୍ୱଚ୍ଛ ଦୁଗ୍ଧ ମିଳିପାରିବ ।

**ସ୍ୱଚ୍ଛ ଦୁଗ୍ଧ କ'ଣ–**

ସ୍ୱଚ୍ଛ ଦୁଗ୍ଧ କହିଲେ ମଇଳା, ଗୁଣ୍ଡ ବା କାଠିକୁଟାର ଅଂଶ ନଥିବା, କୌଣସି ପ୍ରକାର ଦୁର୍ଗନ୍ଧ ବିହୀନ, ରୋଗ ଜୀବାଣୁ କମ୍ ଥିବା ବା ନଥିବା ଓ ସାଧାରଣ ଭାବରେ ସବୁ ପ୍ରକାର ଖାଦ୍ୟ ଗୁଣଯୁକ୍ତ ହୋଇଥିବା ଦରକାର ।

–ଏହା ପରିଷ୍କାର ଓ ସୁସ୍ଥ ଗାଇ/ମଇଁଷିଠାରୁ ମିଳିଥାଏ ।

–ପରିଷ୍କାର ପରିଚ୍ଛନ୍ନ ବାତାବରଣରେ ସଂଗ୍ରହ ଓ ସଂରକ୍ଷଣ ହୋଇଥାଏ ।

–ଏଥିରେ ଆଖିକୁ ଦେଖାଯାଉଥିବା ମଇଳା ଅଥବା କିଛି ଦୁର୍ଗନ୍ଧ ନ ଥାଏ ।

–ଏହି ଦୁଗ୍ଧରେ ଖୁବ୍ କମ୍ ଜୀବାଣୁ ଥାନ୍ତି କିନ୍ତି ସଂକ୍ରାମକ ଜୀବାଣୁ ନ ଥାନ୍ତି ।

**ସ୍ୱଚ୍ଛ ଦୁଗ୍ଧର ଆବଶ୍ୟକତା:**

–ଅପରିଷ୍କାର ଦୁଗ୍ଧରେ ଜୀବାଣୁ ଦ୍ରୁତ ଗତିରେ ବଢି କ୍ଷୀରକୁ ବହୁତ କମ୍ ସମୟରେ ନଷ୍ଟ କରିଥାନ୍ତି । ସ୍ୱଚ୍ଛ ଦୁଗ୍ଧ ବହୁତ ସମୟ ପର୍ଯ୍ୟନ୍ତ ନଷ୍ଟ ନ ହୋଇ ରହିଥାଏ, ଫଳରେ ବଜାର ଚାହିଦା ଅଧିକ ହେବା ସହ ମନୁଷ୍ୟ ବ୍ୟବହାର ପାଇଁ ନିରାପଦ ।

–ଦୁଗ୍ଧରେ ପ୍ରାୟ ସମସ୍ତ ଖାଦ୍ୟସାର ଆମମାନଙ୍କର ଦରକାରୀ ଅନୁପାତରେ ଥିବାରୁ ଆବାଳ ବୃଦ୍ଧବନିତା ତଥା ରୋଗୀମାନେ ଆନନ୍ଦରେ ଗ୍ରହଣ କରିଥାନ୍ତି ।

–ଭଲ ତଥା ଖାଣ୍ଟି କ୍ଷୀର ପାଇଁ ବହୁ ଲୋକ ଅଧିକ ଟଙ୍କା ଦେବାକୁ ପଛାଇ ନ ଥାନ୍ତି ।

–ସରକାରୀ ସ୍ତରରେ ଦୁଗ୍ଧର ଗୁଣାତ୍ମକ ମାନ ପରୀକ୍ଷା କରାଯାଏ, ଯେପରି କି ବଜାରରେ ବିକ୍ରି ହେଉଥିବା କ୍ଷୀରର ମାନ ଠିକ୍ ରହିବ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟରେ ଆଞ୍ଚ ଆସିବ ନାହିଁ ।

–ଦୁଗ୍ଧର ଗୁଣାତ୍ମକମାନ ପାଇଁ ମନୁଷ୍ୟଙ୍କୁ ଏହା ବିଭିନ୍ନ ରୋଗରୁ ରକ୍ଷା କରିଥାଏ ; ଯଥା– ଟାଇଫଏଡ୍, ତରଳଝାଡ଼ା ଇତ୍ୟାଦି । କାରଣ ଏହି ରୋଗଗୁଡ଼ିକ କ୍ଷୀର ଦ୍ୱାରା ଅଧିକାଂଶ ସ୍ଥଳେ ସଂକ୍ରମିତ ହୋଇଥାଏ ।

–ସ୍ୱଚ୍ଛ ଦୁଗ୍ଧରୁ ପ୍ରସ୍ତୁତ ଦ୍ରବ୍ୟ ସ୍ୱାସ୍ଥ୍ୟକର ଏବଂ ବହୁତ ସମୟ ବ୍ୟବହାର ଉପଯୋଗୀ ହୋଇ ରହିଥାଏ, ତେଣୁ ଏହାଦୂରଦୂରାନ୍ତକୁ ପରିବହନ ହେଲେ ମଧ୍ୟ ନଷ୍ଟ ହେବାର ଆଶଙ୍କା କମ୍ ଥାଏ ।

**ସ୍ୱଚ୍ଛକ୍ଷୀର ପାଇବା କିପରି:**

ପରିଷ୍କାର ବା ସ୍ୱଚ୍ଛ କ୍ଷୀର ପାଇବା ପାଇଁ



ମୁଖ୍ୟତଃ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

**ଗୁହାଳ ଓ ପାରିପାର୍ଶ୍ୱର ପ୍ରଭାବ–**ଗୁହାଳ ଓ ତା'ର ଆଖପାଖ ସବୁବେଳେ ସଫା ଓ ଶୁଖିଲା ରଖନ୍ତୁ । ଗୋବର ସଦାସର୍ବଦା ଗୁହାଳଠାରୁ ଅତିକମ୍‌ରେ ୧୦୦ ମିଟର ଦୂରରେ ପକାନ୍ତୁ । ଏହା ପରିପାର୍ଶ୍ୱର ପ୍ରଭାବ ମାଛି, ମଶା, ମୂଷା, ଅସରପା ଓ ଜୀବାଣୁ ସଂଖ୍ୟା କମ୍ କରିବାରେ ସାହାଯ୍ୟ କରିଥାଏ ।

–ଗୁହାଳ ଉଚ୍ଚା ସ୍ଥାନରେ ଥିବା ସହିତ ଏହା ମଧ୍ୟ ଦେଇ ପବନ ଚଳାଚଳ କରୁଥିବା ଦରକାର । ଗୁହାଳରେ ଉପଯୁକ୍ତ ବାୟୁଚଳାଚଳ ହେଉଥିଲେ ପ୍ରାଣୀଟି ଶ୍ୱାସଜନିତ ରୋଗରୁ ମୁକ୍ତି ପାଇଥାଏ ।

–ଗୁହାଳର ଦୈର୍ଘ୍ୟ ଉତ୍ତର– ଦକ୍ଷିଣ ଦିଗରେ ରହିଲେ ସୂର୍ଯ୍ୟକିରଣ ସକାଳେ ଓ ସନ୍ଧ୍ୟା ସମୟରେ ଘର ଭିତରେ ପଡିଲେ ଗୁହାଳ ବିଶୋଧିତ ହୋଇଥାଏ ।

–ଗୁହାଳର ଚଟାଣ ଜଳ ନିରୋଧୀ ହେବା ଦରକାର ଯାହା ଗୁହାଳର ଅପରିଷ୍କାର ପାଣିକୁ ନାଳ ଦେଇ ବାହାରକୁ ଛାଡିବାର ବ୍ୟବସ୍ଥା କରାନ୍ତୁ ।

–ଗୁହାଳର ଛାତ ମସୃଣ ଓ ବୁଢ଼ିଆଣୀ ଜାଲ, ଧୂଳି ବା ଅଳିଆରୁ ମୁକ୍ତ ହେବା ଆବଶ୍ୟକ ।

–ବର୍ଷକୁ ଥରେ ଗୁହାଳ କାନ୍ଥରେ ଚୂନ ଲେପିବା ଭଲ ।

–ଦୁଗ୍ଧ ଦୁହିଁବା ପୂର୍ବରୁ ଗୁହାଳ ଚଟାଣରେ ହାଲକା ପାଣି ଛାଟନ୍ତୁ ଫଳରେ ଗୁହାଳରେ ଉଡୁଥିବା ଧୂଳି ବସିଯିବ ।

–ଦୁଗ୍ଧ ଦୁହିଁବା ସ୍ଥାନଟିକୁ ସନ୍ତସନ୍ତିଆ ରଖନ୍ତୁ ନାହିଁ ।

–ଗୋମହିଷାଦିଙ୍କୁ ଟିଙ୍କ, ଉକୁଣି, ମଶା ଓ ମାଛି ଦାଉରୁ ରକ୍ଷା କରିବା ପାଇଁ ନିୟମିତ ରାସାୟନିକ ଔଷଧ ସିଞ୍ଚନ କରନ୍ତୁ ।

***–ଡା.ରଞ୍ଜନ କୁମାର ମହାନ୍ତ***
*ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକ*

***–ଡା. ସାରଦା ପ୍ରସନ୍ନ ସାହୁ***
*ପ୍ରାଣୀଧନ ଅଧିକାରୀ, ପ୍ରାଣୀପାଳନ, ଦୁଗ୍ଧ ଓ ମତ୍ସ୍ୟ ବିଭାଗ, ନୂଆଦିଲ୍ଲୀ, ମୋ:୯୪୩୮୪୦୮୧୦୫*

# ନାଡେପ କମ୍ପୋଷ୍ଟ

**ରାହୁଲ ଦେବ ବେହେରା**

ସହରରେ ଥିବା ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ତଥା ଗାଁ ଗହଳିରେ ଥିବା କୁଟାପତ୍ର, ଫସଲର ଅଦରକାରୀ ଅଂଶ, କଦଳୀଗଛର ଅବଶେଷ ଓ ଆଖୁଛେଦା ପ୍ରଭୃତିକୁ ବ୍ୟବହାର କରି କମ୍ପୋଷ୍ଟ ପ୍ରସ୍ତୁତ କରାଯାଇଥାଏ। ହଚିନ୍‌ସନ୍ ଏବଂ ରିଚାର୍ଡ୍ସ ୧୯୨୧ରେ ପ୍ରଥମେ ନଡା/କୁଟାରୁ ଇଂଲଣ୍ଡରେ କମ୍ପୋଷ୍ଟ ତିଆରି କରିଥିଲେ। ସେହିଦିନଠାରୁ ଏପର୍ଯ୍ୟନ୍ତ ଯେତେ ପ୍ରକାରର କମ୍ପୋଷ୍ଟ ପ୍ରସ୍ତୁତ ପ୍ରଣାଳୀ ହେଲାଣି, ସେଥିମଧ୍ୟରୁ ଏହି କମ୍ପୋଷ୍ଟ ଅନ୍ୟତମ।

**ନାଡେପ କମ୍ପୋଷ୍ଟ :** ଏହି ପଦ୍ଧତିର ବିକାଶ ପ୍ରଥମେ ମହାରାଷ୍ଟ୍ରର ଜଣେ ଗାନ୍ଧିବାଦୀ କର୍ମଚାରୀ ନାରାୟଣ ଦେଓ ସାଧାରୀ ପାଣ୍ଡେଙ୍କ ଦ୍ୱାରା କରାଯାଇଥିଲା। ତେଣୁ ତାଙ୍କ ନାମ ଅନୁସାରେ ଏହି ପଦ୍ଧତିକୁ ନାଡେପ ପଦ୍ଧତି କୁହାଯାଏ। ଏହି ପଦ୍ଧତିରେ ଅଳ୍ପ ପରିମାଣର ଗୋବର ବ୍ୟବହାର କରାଯାଇ କମ୍ପୋଷ୍ଟ ପ୍ରସ୍ତୁତ କରାଯାଇପାରେ ଏବଂ ଏଥିରେ ପ୍ରାୟ ଉଦ୍ଭିଦ ଉପଯୋଗୀ ସମସ୍ତ ଖାଦ୍ୟ ଉପାଦାନ ରହିଥାଏ ତଥା ପ୍ରଦୂଷଣ ମଧ୍ୟ ଦୂର କରାଯାଇପାରେ।

**ଖତ ପ୍ରସ୍ତୁତି ପ୍ରଣାଳୀ**

ନାଡେପ କମ୍ପୋଷ୍ଟ ପ୍ରସ୍ତୁତି ପାଇଁ ନିମ୍ନଲିଖିତ ଜିନିଷଗୁଡିକର ଆବଶ୍ୟକତା ରହିଛି।

- ଉଦ୍ଭିଦ ଓ ଫସଲରୁ ମିଳୁଥିବା ଦରକାରୀ ଅଂଶ ଯେପରିକି ଶୁଖିଲା କୁଟା ନଡା, କାଠି, ମୂଳ ଡାଳ ଇତ୍ୟାଦି ଆନୁମାନିକ ୧୪ରୁ ୧୫ କୁଇଣ୍ଟାଲ ଏବଂ ଏଥିରୁ ପ୍ଲାଷ୍ଟିକ୍, କାଚ ତଥା ପଥର ବାହାର କରିଦେବା ଦରକାର।
- ୧୦-୧୦୦ କି.ଗ୍ରା ଗୋବର, ଗୋବର ଗ୍ୟାସ, ପ୍ଲାଣ୍ଟରୁ ନିର୍ଗତ ହେଉଥିବା ଅବଶିଷ୍ଟାଂଶ ମଧ୍ୟ ବ୍ୟବହାର କରାଯାଇପାରେ।
- ଆବଶ୍ୟକ ହେଉଥିବା ଜଳର ପରିମାଣ ବର୍ଷାଦିନେ କମ୍ ଏବଂ ଖରାରେ ଅଧିକ ଜଳ ସହ ଗାଈମୂତ୍ର ବ୍ୟବହାର କରିପାରିଲେ ଅଧିକ ସୁଫଳ ମିଳିଥାଏ।



**ନାଡେପ ଖତକୁ ପୂର୍ଣ୍ଣ କରିବା ପ୍ରଣାଳୀ**

- ସବୁ ଜିନିଷ ଯୋଗାଡ଼ କରିସାରିବା ପରେ ନାଡେପ ଖତକୁ ପୂରଣ କରାଯିବା ଆବଶ୍ୟକ। ଖତଟି ପୂର୍ଣ୍ଣ କରିବା ପୂର୍ବରୁ ଖତର ନିମ୍ନ ଭାଗ ତଥା ଭିତର ପାଖକୁ ଗୋବର ଓ ପାଣିଦ୍ୱାରା ଭଲଭାବେ ଲିପା ହେବା ଦରକାର। ୩ଟି ସ୍ତରର ଏହି ଖତ ଭର୍ତ୍ତି ହୋଇଥାଏ।

**ପ୍ରଥମ ସ୍ତର:** ପତ୍ର, ଡାଳ, ମୂଳ ଓ ଗଛର ଅନ୍ୟାନ୍ୟ ଅଦରକାରୀ ଅଂଶ ଦ୍ୱାରା ୬ ଇଞ୍ଚ ମୋଟାର ଖତଟିକୁ ଭର୍ତ୍ତି କରିବା ଦରକାର।

**ଦ୍ୱିତୀୟ ସ୍ତର:** ୫କି.ଗ୍ରା. କଞ୍ଚା ଗୋବରକୁ ୧୦୦ରୁ ୧୫୦ ଲିଟର ପାଣିରେ ଗୋଳାଇ ଏହି ସ୍ତର ଉପରେ ଏଭଳି ଛିଞ୍ଚାଯିବା ଦରକାର, ଯେପରିକି ଖତ ଭିତରେ ପଡିଥିବା ପ୍ରଥମ ସ୍ତରର ସମସ୍ତ ଜୈବ ପଦାର୍ଥ ରୂପରେ ଓଦା ହୋଇଯିବ।

**ତୃତୀୟ ସ୍ତର:** ଓଦା ହୋଇ ଯାଇଥିବା ପତ୍ର, କୁଟା ଆଦି ଜୈବ ପଦାର୍ଥ ଉପରେ ୫୦ରୁ ୭୦ କି.ଗ୍ରା ଓଜନର ଗୁଣ୍ଡମାଟି ପକାଇବା ଦରକାର। ମାଟି ପକାଇବା ପରେ ପୁଣି ପାଣି ଛିଞ୍ଚିବା ଆବଶ୍ୟକ। ଏହିଭଳି ସ୍ତର କରି ଖତକୁ ପୂର୍ଣ୍ଣ କରିବା ଜରୁରୀ।

**ସ୍ଥାନ ନିରୂପଣ:**

- ଉଚ୍ଚା ଓ ଶୁଖିଲା ସ୍ଥାନ ନିରୂପଣ କରାଯିବା ଆବଶ୍ୟକ।
- କମ୍ପୋଷ୍ଟ ତିଆରିରେ ପାଣିର ଆବଶ୍ୟକତା ଥିବାରୁ ପାଣି ମିଳୁଥିବା ସ୍ଥାନରେ ହେବା ଦରକାର।
- ଫସଲ ଚାଷ କରିବା ଜମି, ପାଖାପାଖି ଏହି ସ୍ଥାନ ନିରୂପଣ କଲେ ଯାତୟାତଜନିତ ଖର୍ଚ୍ଚ ଓ ସମୟର ଅପଚୟ କମ୍ ହୋଇଥାଏ।
- ଏହି କମ୍ପୋଷ୍ଟ ପାଇଁ ଏମିତି ଜାଗାରେ ଖତ ଖୋଳନ୍ତୁ, ଯେଉଁଠି ବାୟୁ ଚଳାଚଳ ମୁକ୍ତ ଭାବରେ ହୋଇପାରୁଥିବ।

- କୃଷି ବୈଜ୍ଞାନିକ, ବଲାଙ୍ଗୀର, ମୋ- ୯୪୩୮୧୪୨୪୦୧

# ତରଭୁଜ ଚାଷ ସମ୍ପର୍କରେ...



ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୩.୫ ମିଟର ଏବଂ ମନ୍ଦାକୁ ମନ୍ଦା ୦.୬ ରୁ ୧.୨ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ଲାଗି ମନ୍ଦା ଉପରେ କିଛି ପାଳ ଘୋଡ଼ାଇ ଦିଅନ୍ତୁ। ଉନ୍ନତ କିସମ – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ସଙ୍କର କିସମ – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ।

# ଡାଲୁଅ ଧାନ ତଳି ପ୍ରସ୍ତୁତି

ଡାଲୁଅ ଧାନ ପାଇଁ (ଏକ ହେକ୍ଟର ଚାଷ ଲାଗି ୨୫ ଡେସିମିଲ ଜମିରେ ତଳି ପଡ଼େ) ତଳି କିଆରିକୁ କାଦୁଅ କରି ଶେଷ ଓଡ଼ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

–ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ ।

–ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ ।

–ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ ।

ବିହନ କିସମ : ସଅଳ – ଖଣ୍ଡଗିରି, ପାରିଜାତ, ଯୋଗେଶ ଓ ସିଦ୍ଧାନ୍ତ ।

ମଧ୍ୟମ – ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ ଓ ଗଜପତି ।

–କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ ।



ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**REQUIRED**
OFFICE ASSISTANT
For a Press with Computer/ Oriya Typing knowledge will be preferred.
Contact: 9337024339
email: anil_yadavji@rediffmail.com

**କୁକ୍ ଆବଶ୍ୟକ**
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ (ଫୁଡ୍ ଟ୍ରକ୍) ପାଇଁ ଅଭିଜ୍ଞ ଇଣ୍ଡିଆନ୍, ଚାଇନିଜ୍ ଓ ମେକ୍ସିକାନ୍ କୁକ୍ ଆବଶ୍ୟକ।
ଯୋଗାଯୋଗ
୮୩୨୮୮୩୭୭୪୭, ୯୩୪୮୪୬୫୫୯୦

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**Urgent Required for BBSR AIRPORT**
Qualification : 10th To Graduate
Post : C.S.A, Ground Staff, Cabin, Crew, Loader, Helper
Salary : 18000-35000 + Free Accommodation + Food
7694934663, 9090391585

**JOIN LIC AS AGENT**
Get:
- Stipend Per Month
- Attractive Commission
- Gratuity & more
Age: 18+
Qualification: 10th & above
To join Contact: 7064693160
For Bhubaneswar & Near Areas.

**Req. for Limited Co.**
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-. (Part Time/Full Time)
Contact: 9938676412

**URGENT REQUIRED**
ରାୟଗଡ଼ା, ଅନୁଗୁଳ, ବ୍ରହ୍ମପୁର, ମୟୂରଭଞ୍ଜ, ଭଦ୍ରକ, କଟକ, ଭୁବନେଶ୍ୱର OFFICE STAFF ଆବଶ୍ୟକ।
Salary: 24,000/-.
Qualification: 9th to 10th or above.
Contact: 8018284966

NATURAL TOUCH PLYWOOD ପାଇଁ MARKETING EXECUTIVE (M/F) ଆବଶ୍ୟକ। ଦରମା 8,000/- ରୁ 10,000/-. PETROL 2000, ରହିବା ମାଗଣା + INCENTIVE. ଦୋକାନ ପାଇଁ SALESMAN ଆବଶ୍ୟକ।
ଶୀଘ୍ର ଯୋଗାଯୋଗ:-
9437001718

**URGENT REQUIREMENT STAFF**
For Bhubaneswar.
Tandoor Cook, Indian Cook, Bengali/ Odia Cook, Helper & Waiter.
Contact: 8338888804/ 6370777458

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
07303523302

**JOBS IN AIRPORT (ONLY MALE)**
Post : GROUND STAFF
➡ Qual. : 9th Pass,10th & +2
➡ Age : 18 To 28 Years
➡ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

**DIRECT JOINING**
CUSTOMER CARE / BPO
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

SWOSTI GROUP HOTELS . RESORTS . TRAVELS SINCE 1981

**SWOSTI GROUP (Hotels-Resorts-Travels-Education)**
**Requires following posts urgently for its Hotels & Travel Division**

| Sl | Name of the post | Qualification & Experience |
|---|---|---|
| HOTEL DIVISION (CANDIDATES TO BE POSTED AT BHUBANESWAR & CHILIKA) | | |
| 1 | DGM Sales & Mktg. | Graduate with MBA in marketing with 15 yrs experience in any hospitality industry. |
| 2 | Relationship Manager | Graduate with MBA in marketing with 5-7 yrs experience in any hospitality industry |
| 3 | Asst. Mgr. HR / HR Executive | Graduate with MBA in HR with 5-7 yrs experience |
| 4 | BQT Mgr. / Asst. BQT Mgr | Degree/ Diploma In Hotel Mgmt., with More than 5 yrs of experience with IDS knowledge |
| 5 | FnB Executive | Degree/ Diploma In Hotel Mgmt., with More than 3 yrs experience with IDS knowledge |
| 6 | Reservation Asst. / Reservation Executive | Graduate with at least 3 yrs experience from any star category hotel with IDS knowledge. |
| 7 | Steward / Sr. Steward | H.S.C pass having 2-3 yrs relevant experience from any star category hotel. |
| 8 | Room Attendant | |
| 9 | Housekeeping Asst. | |
| 10 | Guest Relation Executive | Degree/ Diploma In Hotel Mgmt., with More than 03 yrs of experience with IDS knowledge. |
| 11 | Front Office Asst./ Supervisor | |
| 12 | Lifeguard (Swimming Pool) | HSC Pass with life & safety certificate & 2-3 yrs experience |
| 13 | Swimming Pool Attendant | HSC Pass with 2–3 yrs experience in Pool Maintenance. |
| 14 | Spa therapist(Male/Female) | Course on Massage Therapy from a recognized University with Min. 2 Yrs experience in relevant field. |
| 15 | Maint. Manager / Asst. Maint. Mgr. | Degree / Diploma in Mechanical Engg. With 10 yrs & above experience in hospitality industry |
| 16 | Electrical / Plumbing / HVAC Supervisors / Technicians | Minimum 3 yrs experience in hospitality industry. |
| 17 | COMMI –I / II / III (Indian, Chinese, Conti, South Indian, Bakery & Halwai) | Diploma / Craft Course in Hotel Management with Minimum 3 yrs experience in hospitality industry. |
| TRAVELS DIVISION (CANDIDATES TO BE POSTED AT BHUBANESWAR) | | |
| 1 | Mgr. / Asst. Mgr. Sales | 5. Asst. Mgr./ Exec. Inbound & Outbound Tours |
| 2 | Asst. Mgr./ Exec. Transport | 6. International Ticketing Executive |
| 3 | Inbound & Outbound Tours Asst. | 7. VISA Services Asst. |
| 4 | . Transport Desk In-charge | 8. Drivers |

Sl. No. 1-7 Candidates with at least 5 yrs experience in any professional travel company will be preferred.
For Drivers - 10th Pass having LMV / HMV license with transport badge with minimum 5 yrs experience.
Salary will commensurate with Qualification, Experience & Efficiency
Candidates may apply within seven days to Email:info@swosti.com M-09338091727 / 08594999396

**V.C.S. INDIA**
House Keeping & Facility Services
- Markerting Executive
- Marketing Managers
- Facility Manager
- Female Telecaller
- House keeping boys
Contact 7077726920
Send your C.V. with attach passport photo to
vcs.odisha@vivencyindia.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**OMM SAI INFRATECH**
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

OrissaPOST HERE . NOW
WANTED
TRANSLATORS:-
Well versed in English and Oriya.
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

**OFFICE OF THE DISTRICT & SESSIONS JUDGE-CUM-CHAIRMAN, DLSA, KALAHANDI, BHAWANIPATNA**

**ADVERTISEMENT**

Applications in the prescribed format are invited from the desirous candidates for recruitment to the posts of Jr. Clerk of District Legal Services Authority (DLSA). Such appointment shall be governed by the provisions of Odisha Group-C and Group-D posts (Contractual Appointment) Rules, 2013.

**CATEGORY WISE VACANCY POSITION:**

| Name of the Post | UR | SEBC | SC | ST | Total | Scale of pay |
|---|---|---|---|---|---|---|
| Jr. Clerk, DLSA | 01 | -- | 01 | -- | 02 | Rs.8,880/- |

**LAST DATE FOR RECEIPT OF APPLICATIONS**:- The application along with the required documents and self attested copies of certificates must reach the **office of the Chairman, District Legal Services Authority, Kalahandi, Bhawanipatna** on or before **29.01.2019** either by Post or may be dropped in the box provided for the purpose on each working day. Applications received in the office after the last date by any means shall be summarily rejected. N.B.:- For format of application, eligibilities of the candidates, fees for examination, scheme of examination, details of syllabus for each subject, list of documents to be submitted along with the application, kindly visit the below web link https://districts.ecourts.gov.in>kalahandi and www.kalahandi.nic.in.

**Sd./- Chairman,**
**District Legal Services Recruitment Committee,**
**Kalahandi, Bhawanipatna**

APPOINTMENT
BEST PLACE TO BUILD YOUR CAREER

SKY AUTOMOBILES is hiring for Dhenkanal & Jajpur Dealership.

☛ SERVICE ADVISORS & FLOOR SUPERVISORS.
Diploma or Degree or ITI in Automobiles or Mechanical Motor Mechanic having minimum 2 years of experience in automobile service. Minimum Diploma is mandatory for service advisors Freshers are also encouraged to appear the interview. For the above two positions, four wheeler driving license is a must.
Interested persons can attend Walk-In-Interview with their updated CV, one photograph and original certificates.

WALK IN INTERVIEW
9th & 10th January 2019, Time - 10am to 3pm

SKY AUTOMOBILES sales • service • spares - SINCE 1987
P.O - Bhanpur, NH-5, CUTTACK - 753011
7440025916, 7873008800 skycuttack@gmail.com
Persons unable to attend walk in interview can forward their CV to hrodisha@skyautomobiles.in.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଗୀତା ଗୋପୀନାଥ ହେଲେ ଆଇଏମ୍ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ



ୱାଶିଂଟନ,୮-୧: ପ୍ରବାସୀ ଭାରତୀୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ଏକାଦଶତମ ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ଯୋଗ ଦେଇଛନ୍ତି। ଏହି ପଦ ସମ୍ଭାଳିବାରେ ସେ ହେଉଛନ୍ତି ପ୍ରଥମ ମହିଳା। ଭାରତର ମହୀଶୂରରେ ଜନ୍ମିତ ଗୀତା ଗତ ସପ୍ତାହରେ ନିଜର ନୂଆ ଦାୟିତ୍ୱ ସମ୍ଭାଳିଛନ୍ତି। ତେବେ ଅର୍ଥନୀତିଜ୍ଞ ଭାବେ ତାଙ୍କର ଆଇଏମ୍ଏଫ୍‌ରେ ଗତବର୍ଷ ଅକ୍ଟୋବରରେ ପ୍ରବେଶ ହୋଇସାରିଥିଲା। ଡିସେମ୍ବର ୩୧ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ମୁଖ୍ୟ ଅର୍ଥନୈତିକ କାଉନସିଲର ଓ ଗବେଷଣା ବିଭାଗର ଡାଇରେକ୍ଟର ପଦରୁ ଅବସର ନେଇଛନ୍ତି ମରି ଓବଷ୍ଟଫେଲ୍ଡ। ତାଙ୍କ ସ୍ଥାନରେ ଆସିଛନ୍ତି ୪୭ ବର୍ଷୀୟ ଗୀତା। ସେ ବର୍ତ୍ତମାନ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି। ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଅର୍ଥନୀତିରେ ବର୍ତ୍ତମାନ ଡଲାରର ପ୍ରାଧାନ୍ୟ ରହିଛି। ଡଲାର ମାଧ୍ୟମରେ ଅଧିକାଂଶ ଦେଶ କାରବାର କରୁଥିବାରୁ ବିଶ୍ୱ ଅର୍ଥନୀତିରେ ଏହାର କି ପ୍ରଭାବ ପଡୁଛି ତାହାର ସମୀକ୍ଷା କରିବା ତାଙ୍କର ମୂଳ ଲକ୍ଷ୍ୟ ହେବ ବୋଲି ଗୀତା କହିଛନ୍ତି।

### ଜନଧନ ଆକାଉଣ୍ଟରେ ୮୬,୩୨୧ କୋଟି ଟଙ୍କା ଜମା

ନୂଆଦିଲ୍ଲୀ,୮-୧: ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଦେଶର ବିଭିନ୍ନ ବ୍ୟାଙ୍କରେ ୩୩.୭୬ କୋଟି ଆକାଉଣ୍ଟ ରହିଛି। ଏଥିରେ ୮୬,୩୨୧ କୋଟି ଟଙ୍କା ଜମା ହୋଇଛି ବୋଲି କେନ୍ଦ୍ର ସରକାର ମଙ୍ଗଳବାର ପ୍ରକାଶ କରିଛନ୍ତି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଳା ରାଜ୍ୟ ସଭାରେ ଏ ସମ୍ପର୍କରେ କହିଛନ୍ତି ଯେ, ଗତବର୍ଷ ଡିସେମ୍ବର ୨୬ ସୁଦ୍ଧା ୩୩.୭୬ କୋଟି ଜନଧନ ଆକାଉଣ୍ଟ ମଧ୍ୟରୁ ୧୯.୯୨ କୋଟି ଗ୍ରାମୀଣ ଓ ଅର୍ଦ୍ଧସହରାଞ୍ଚଳରେ ରହିଛି। ଏହାଛଡ଼ା ୧୭.୮୪ କୋଟି ଆକାଉଣ୍ଟ(ପ୍ରାୟ ୫୩%) ମହିଳାଙ୍କ ଦ୍ୱାରା ଖୋଲାଯାଇଛି। ଖୋଲାଯାଇଥିବା ଉକ୍ତ ଆକାଉଣ୍ଟ ମଧ୍ୟରୁ ବର୍ତ୍ତମାନ ୨୮.୧୭ କୋଟି ସକ୍ରିୟ ରହିଛି ବୋଲି ସେ କହିଛନ୍ତି।

### ମୁମ୍ବାଇରେ ଶାଖା ଖୋଲିବ ଇରାନର ଏକ ବ୍ୟାଙ୍କ

ନୂଆଦିଲ୍ଲୀ,୮-୧: କେନ୍ଦ୍ର ସରକାର ଇରାନର ଏକ ବ୍ୟାଙ୍କ ଶାଖା ମୁମ୍ବାଇରେ ଖୋଲିବା ଲାଗି ଅନୁମତି ପ୍ରଦାନ କରିଛି। କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ଭାରତ ଗସ୍ତରେ ଆସିଥିବା ଇରାନ ବୈଦେଶିକ ମନ୍ତ୍ରୀ ମହମ୍ମଦ ଜାଭାଦ ଜରିଫଙ୍କୁ ଭେଟିବା ପରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଇରାନର ବ୍ୟାଙ୍କ ପସରଗାଦ୍ ଆସନ୍ତା ୩ ମାସ ମଧ୍ୟରେ ମୁମ୍ବାଇରେ ଏହାର ଶାଖାର କାର୍ଯ୍ୟାରମ୍ଭ କରିବ। ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ ତାଙ୍କର ଆଲୋଚନା ସଫଳ ହୋଇଛି ବୋଲି ଗଡ଼କରୀ ପ୍ରକାଶ କରିଛନ୍ତି।

---

> ମାସ୍ ସେଗ୍‌ମେଣ୍ଟରେ ଆସୁଥିବା ମୋଟର ସାଇକେଲ ଉପରୁ ଜିଏସ୍‌ଟି ହ୍ରାସ କରିବା ଆବଶ୍ୟକତା ରହିଛି।
> – ଭେନୁ ଶ୍ରୀନିବାସନ, ଅଧ୍ୟକ୍ଷ, ଟିଭିଏସ୍ ମୋଟର କମ୍ପାନୀ



> ଭାରତୀୟ ରେଲୱେ ପକ୍ଷରୁ ହୋଇଥିବା ଅର୍ଡର ମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୫% ପ୍ରଡକ୍ଟ ଯୋଗାଇ ଦେଇଛୁ।
> – ନୌସାଦ ଅନସାରୀ, ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ଜେଏସ୍‌ପିଏଲ୍



# ରପ୍ତାନି ବୃଦ୍ଧି ଉପରେ ସରକାରଙ୍କ ଜୋର୍

ନୂଆଦିଲ୍ଲୀ,୮-୧

**୧୦ରେ କେନ୍ଦ୍ର-ରାଜ୍ୟ ଆଲୋଚନା**

- ବାଣିଜ୍ୟ ମନ୍ତ୍ରୀ, ସଚିବ, ଅଧିକାରୀ ଯୋଗ ଦେବେ
- ୨୦୧୫ ଜୁଲାଇରେ କାଉନସିଲ ଗଠନ ହୋଇଥିଲା
- ୨୦୧୭-୧୮ରେ ରପ୍ତାନି ୧୦% ବୃଦ୍ଧି



ବିଶ୍ୱରେ ଏକ ବାଣିଜ୍ୟ କ୍ଷେତ୍ରରେ ସଂରକ୍ଷଣବାଦ୍ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ରପ୍ତାନି ବଢ଼ାଇବା ଏବେ ସବୁ ଦେଶ ପାଇଁ ଏକ ଚ୍ୟାଲେଞ୍ଜ ହେଲାଣି। ଭାରତ ମଧ୍ୟ ଏଥିରୁ ଅଛୁଆଁ ନୁହେଁ। ଭାରତ ଏବେ କିପରି ରପ୍ତାନି ବୃଦ୍ଧି କରିବ ସେନେଇ କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏହାର ଉପାୟ ସ୍ଥିର କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆସନ୍ତା ୧୦ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିଛନ୍ତି, ଯେଉଁଥିରେ ରପ୍ତାନି କରୁଥିବା ପ୍ରମୁଖ ରାଜ୍ୟଗୁଡିକର ମନ୍ତ୍ରୀ, ସଚିବ ଓ ଅଧିକାରୀମାନେ ଅଂଶଗ୍ରହଣ କରିବେ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଅଧ୍ୟକ୍ଷତାରେ କାଉନସିଲ ଫର୍ ଟ୍ରେଡ ଡେଭଲପମେଣ୍ଟ ଆଣ୍ଡ୍ ପ୍ରମୋଶନର ଚତୁର୍ଥ ବୈଠକ ବସିବାକୁ ଯାଉଛି। ଏଥିରେ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ କର୍ନାଟକ ସମେତ ବିଭିନ୍ନ ରାଜ୍ୟର ବାଣିଜ୍ୟ ମନ୍ତ୍ରୀମାନେ ମଧ୍ୟ ଯୋଗ ଦେବେ। ସୂଚନାଥାଉ କି, ଦେଶର ରପ୍ତାନି ବଢ଼ାଇବା ଲାଗି କେନ୍ଦ୍ର ସରକାର ୨୦୧୫ ଜୁଲାଇରେ କାଉନସିଲ ଗଠନ କରିଥିଲେ। ବିଦେଶରେ ରପ୍ତାନି ବଢ଼ାଇବାରେ ରାଜ୍ୟଗୁଡିକର ପ୍ରମୁଖ ଭୂମିକା ରହୁଥିବାରୁ ସେମାନଙ୍କୁ ଏହି ବୈଠକରେ ସାମିଲ କରାଯିବା ବିଶେଷ ଗୁରୁତ୍ୱ ବହନ କରେ। ସମସ୍ତ ରାଜ୍ୟ ସରକାରଗୁଡିକ ନିଜର ଏକ ସ୍ୱତନ୍ତ୍ର ରପ୍ତାନି ନୀତି ପ୍ରଣୟନ କରିବା ସହ ଜଣେ ରପ୍ତାନି କମିଶନରଙ୍କୁ ନିଯୁକ୍ତ କରିବା ଲାଗି ଇତିପୂର୍ବେ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ପ୍ରତିଯୋଗିତାମୂଳକ ରପ୍ତାନି ବୃଦ୍ଧି ସହ ଗୁଣବତ୍ତା ଓ ମାନ ବଜାୟ ରଖିବା ନେଇ ଉକ୍ତ ବୈଠକରେ ଆଲୋଚନା କରାଯିବ ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ ହେବାକୁ ଥିବା ରପ୍ତାନି ନୀତିକୁ ଚୂଡାନ୍ତ କରାଯିବ।

ସୂଚନାଥାଉ କି, ବିଦେଶରେ ରପ୍ତାନି ବୃଦ୍ଧି ଲାଗି କାଉନସିଲ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି। ଏହି ବୈଠକରେ କେନ୍ଦ୍ର, ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ବାଣିଜ୍ୟ ମନ୍ତ୍ରୀଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ୧୪ ଜଣ ସଚିବଙ୍କ ସହ ବିଭିନ୍ନ ମନ୍ତ୍ରଣାଳୟର ପ୍ରତିନିଧି କାଉନସିଲର ସଦସ୍ୟ ଭାବେ ବୈଠକରେ ଯୋଗ ଦେବେ। ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ ପ୍ରେସିଡେଣ୍ଟ ଗଣେଶ ଗୁପ୍ତା କହିଛନ୍ତି ଯେ, ରପ୍ତାନି ବୃଦ୍ଧି କରିବାକୁ ହେଲେ ପ୍ରଥମେ ଋଣ ପ୍ରଦାନ ବ୍ୟବସ୍ଥା ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ସମସ୍ୟାର ସମାଧାନ କରିବାକୁ ହେବ। ୨୦୧୧-୧୨ରୁ ଦେଶର ରପ୍ତାନି ପ୍ରାୟ ୩୦୦ ବିଲିୟନ ଡଲାର ଆଖପାଖରେ ରହୁଛି। ତେବେ ୨୦୧୭-୧୮ରେ ଏହା ୧୦ ପ୍ରତିଶତ ଅଭିବୃଦ୍ଧି ସହ ୩୦୩ ବିଲିୟନ ଡଲାରରେ ପହଞ୍ଚିଛି।

## ଦୁଇଦିନିଆ ଧର୍ମଘଟ
# ବ୍ୟାଙ୍କ ସେବା ଆଂଶିକ ପ୍ରଭାବିତ

ନୂଆଦିଲ୍ଲୀ,୮-୧

ଶ୍ରମିକ ସଂଗଠନକୁ ସମର୍ଥନ ଜଣାଇ ଦେଶର ଦୁଇଟି ବ୍ୟାଙ୍କ ୟୁନିୟନ ପକ୍ଷରୁ ମଙ୍ଗଳବାରଠାରୁ ଦେଶବ୍ୟାପୀ ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଫଳରେ ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଏହାର ଆଂଶିକ ପ୍ରଭାବ ପଡିଛି। ତେବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଘରୋଇ ବ୍ୟାଙ୍କଗୁଡିକ ସ୍ୱାଭାବିକ ଥିଲା। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ(ଏଆଇବିଇଏ) ଏବଂ ବ୍ୟାଙ୍କ ଏମ୍ପ୍ଲଇଜ ଫେଡେରେଶନ ଅଫ୍ ଇଣ୍ଡିଆ (ବିଇଏଫ୍ଆଇ) ପକ୍ଷରୁ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯିବାରୁ ନଗଦ ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ ଭଳି କାଉଣ୍ଟର କାର୍ଯ୍ୟକଳାପ ବହୁ ଶାଖାରେ ବାଧାପ୍ରାପ୍ତ ହୋଇଥିଲା। ବହୁ ବ୍ୟାଙ୍କରେ ଅଧିକାରୀମାନେ ଏହି କାର୍ଯ୍ୟ କରୁଥିବା ଦେଖାଯାଇଥିଲା। ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଳମ କହିଛନ୍ତି ଯେ, ତିନୋଟି ରାଷ୍ଟ୍ରୀୟ ବ୍ୟାଙ୍କର ମିଶ୍ରଣକୁ ୟୁନିୟନଗୁଡିକ ବିରୋଧ କରୁଛନ୍ତି। କାରଣ ଏହାଦ୍ୱାରା ବ୍ୟାଙ୍କ କର୍ମଚାରୀ ନିଯୁକ୍ତି ହରାଇବାକୁ ଯାଉଛନ୍ତି।

# ଏପ୍ରିଲରେ ଜଲାନ କମିଟି ରିପୋର୍ଟ

ନୂଆଦିଲ୍ଲୀ,୮-୧

**ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜି ପ୍ରଦାନ**

ରିଜର୍ଭ ବ୍ୟାଙ୍କର ବଳକା ପୁଞ୍ଜିକୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ନେଇ ସୁପାରିସ କରିବାକୁ ଗଠିତ ବିଶେଷଜ୍ଞ କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରିଜର୍ଭ ବ୍ୟାଙ୍କ କେତେ ପୁଞ୍ଜି ନିଜ ପାଖରେ ରଖିପାରିବ ସେ ନେଇ ଆଲୋଚନା ହୋଇଥିଲା। ୬ ଜଣିଆ କମିଟି ଏପ୍ରିଲରେ ତାଙ୍କ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି।

ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କରେ ପଡିଥିବା ପୁଞ୍ଜିକୁ ନେଇ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ଦୀର୍ଘଦିନ ହେବ ଟଣାଓଟରା ଲାଗି ରହିଛି। ଏହାକୁ ନେଇ ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କ ସହ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମତଭେଦ ସାମ୍ନାକୁ ଆସିଥିଲା। ନଭେମ୍ବର ୧୯ରେ ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ଉକ୍ତ କମିଟି ଗଠନ କରାଯାଇଛି। ପୂର୍ବତନ ଆର୍ଥିକ ବ୍ୟାପାର ସଚିବ ରାକେଶ ମୋହନ କମିଟିର ଉପାଧ୍ୟକ୍ଷ ଭାବେ ବଳକା ପୁଞ୍ଜି ବଣ୍ଟାର ଅନୁପାତ ସମ୍ପର୍କରେ ନୀତି ସ୍ଥିର କରିବା ପରେ କମିଟିରେ ଉପସ୍ଥାପନ କରିବେ। ତାଙ୍କ ବ୍ୟତୀତ ଏହି କମିଟିରେ ରହିଛନ୍ତି ଆର୍‌ବିଆଇ ଡେପୁଟି ଗଭର୍ନର ଏନ.ଏସ୍.ବିଶ୍ୱନାଥନ, ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ, ଆର୍‌ବିଆଇ ବୋର୍ଡର ଦୁଇ ସଦସ୍ୟ ଭରତ ଦୋଶୀ ଏବଂ ସୁଧୀର ମଙ୍କଡ। ଅତୀତରେ ବଳକା ପୁଞ୍ଜି ନେଇ ତିନୋଟି କମିଟି ଭି.ସୁବ୍ରମଣ୍ୟମ(୧୯୯୭), ଉଷା ଥୋରାଟ (୨୦୦୪) ଏବଂ ୱାଇ.ଏଚ୍. ମାଲେଗାଓଁ (୨୦୧୩) ଗଠନ କରାଯାଇଥିଲା ଓ ସେମାନେ ନିଜ ନିଜର ସୁପାରିସ କରିଥିଲେ।

# ମଧ୍ୟବିତ୍ତଙ୍କୁ ମିଳିପାରେ ଅଧିକ ଟିକସ ଛାଡ଼ ସୁବିଧା

ନୂଆଦିଲ୍ଲୀ,୮-୧

**ଅନ୍ତରୀଣ ବଜେଟ**

ସବର୍ଣ୍ଣଙ୍କୁ ଆର୍ଥିକ ଆଧାରରେ ୧୦ ପ୍ରତିଶତ ସଂରକ୍ଷଣ ଦେବାକୁ ଅଚାନକ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଥିବା ଏନ୍‌ଡିଏ ସରକାର ଏବେ ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛନ୍ତି। ସୂଚନାମୁତାବକ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ହେଉଥିବା ଅନ୍ତରୀଣ ବଜେଟ୍‌ରେ ମଧ୍ୟବିତ୍ତଙ୍କୁ ଟିକସ ଛାଡ଼ ଦେବା ନେଇ ଅନେକ ସୁବିଧା ଘୋଷଣା କରାଯିବ। ଆସୁଥିବା ବଜେଟରେ ଏପରି କିଛି ବ୍ୟବସ୍ଥା ଘୋଷଣା କରିବାକୁ ଯାଉଛନ୍ତି, ଯାହାଦ୍ୱାରା ମଧ୍ୟବିତ୍ତ ଶ୍ରେଣୀ ଅଧିକ ଅର୍ଥ ସଞ୍ଚୟ କରିବାକୁ ସୁଯୋଗ ପାଇବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆୟକର ଆଇନର ଧାରା ୮୦ସି ଅଧୀନରେ ସଞ୍ଚୟ ସୀମାକୁ ବଢ଼ାଇବା ଉପରେ ସରକାର ବିଚାର କରୁଛନ୍ତି। ଏହାବ୍ୟତୀତ ମଧ୍ୟବିତ୍ତ ଓ ପେନ୍‌ସନଧାରୀଙ୍କ ଟିକସ ଛାଡ଼ ସୀମାକୁ ବୃଦ୍ଧି କରାଯିବା ସହ ଗୃହ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବିଚାର କରାଯାଉଛି। ଜଣେ ସରକାରୀ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଗତ ୪ଟି ବଜେଟରେ ସରକାର ଚାକିରିରତ ଶ୍ରେଣୀକୁ ଅନେକ ସୁବିଧା ଦେଇଛନ୍ତି। କାରଣ ସେମାନେ ଦେଶର ସଚ୍ଚୋଟ ଟିକସଦାତା। ତେବେ ଅନ୍ତରୀଣ ବଜେଟ୍‌ର ସୀମା ଭିତରେ ରହି ସେମାନଙ୍କ ପାଇଁ ସର୍ବାଧିକ ସୁବିଧା ପ୍ରଦାନ ଲାଗି ପ୍ରୟାସ କରାଯିବ। ବଜେଟ୍‌ରେ ଏଗୁଡିକୁ ଘୋଷଣା କରାଗଲେ ମଧ୍ୟବିତ୍ତଙ୍କ ସଞ୍ଚୟ ବୃଦ୍ଧି ପାଇବ। ଏହାଛଡ଼ା ଅନ୍ତରୀଣ ବଜେଟ୍‌ରେ ସରକାର ବେସିକ ସୀମା ଶୁଳ୍କ ହ୍ରାସ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଉଭୟ ଖାଉଟି ଓ ବ୍ୟବସାୟୀ ଲାଭାନ୍ୱିତ ହେବେ। ଏ ପ୍ରସଙ୍ଗରେ ଆୟକର ବିଭାଗ ଓ ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ଆଲୋଚନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନାଥାଉ କି, ସରକାର ଜିଏସ୍‌ଟି ମାଧ୍ୟମରେ ବ୍ୟବସାୟୀଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିସାରିଛନ୍ତି। ସେହିପରି ଚାଷୀଙ୍କୁ ଆଶ୍ୱସ୍ତି ପ୍ରଦାନ ଲାଗି ଆଲୋଚନା ଚାଲିଛି। ଏହାପରେ ଟିକସ ଦେଉଥିବା ମଧ୍ୟବିତ୍ତଙ୍କ ଲାଗି କିଛି ବ୍ୟବସ୍ଥା ଗ୍ରହଣ କରିବାକୁ ସରକାର ଆଗଭର ହୋଇଛନ୍ତି।

## ୪୮,୨୦୨ କୋଟିର ଜିଏସ୍‌ଟି କ୍ଷତିପୂରଣ ଦେଇଛି କେନ୍ଦ୍ର

ନୂଆଦିଲ୍ଲୀ,୮-୧

୨୦୧୮ ଏପ୍ରିଲ-ନଭେମ୍ବର ମଧ୍ୟରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ବାବଦକୁ ୪୮,୨୦୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଗତବର୍ଷ ସମାନ ସମୟ ତୁଳନାରେ ଏହା ଅଧିକ। ଗତ ଆର୍ଥିକ ବର୍ଷରେ ସରକାର ୪୮,୧୭୮ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଜିଏସ୍‌ଟିର ଧାରା ୭ (ରାଜ୍ୟଗୁଡ଼ିକୁ କ୍ଷତିପୂରଣ) ଆଇନ ୨୦୧୭ ମୁତାବକ ରାଜ୍ୟଗୁଡ଼ିକର ରାଜସ୍ୱ କ୍ଷତିକୁ ବିଚାର କରି ପ୍ରତି ଦୁଇ ମାସ ଶେଷରେ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ରହିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଳା କହିଛନ୍ତି।

# ୪୮,୫୫୫ କୋଟିର ଟିକସ ଫାଙ୍କି

ନୂଆଦିଲ୍ଲୀ,୮-୧

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ଡିସେମ୍ବର ସମୟ ଅବଧିରେ ଜିଏସ୍‌ଟି, ସୀମା ଶୁଳ୍କ ଏବଂ ସେବା ଟିକସ ବାବଦକୁ ୪୮,୫୫୫.୦୬ କୋଟି ଟଙ୍କାର ଟିକସ ଫାଙ୍କି ମାମଲା ସାମ୍ନାକୁ ଆସିଛି। ଏହା ଦୁଇବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର ବୋଲି ଜଣା ଯାଇଛି। ଏହି ସମୟ ମଧ୍ୟରେ ୮,୯୧୭ ଟି ଟିକସ ଫାଙ୍କି ମାମଲା ଠାବ କରାଯାଇଥିବା ଅର୍ଥରାଷ୍ଟ୍ର ମନ୍ତ୍ରୀ ଶିବ ପ୍ରତାପ ଶୁକ୍ଳା ରାଜ୍ୟ ସଭାକୁ ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। ଏହା ମଧ୍ୟରୁ ଗତ ମାସ ଶେଷ ସୁଦ୍ଧା ଜିଏସ୍‌ଟି ଟିକସ ଫାଙ୍କି ବାବଦକୁ ୩,୬୨୬ ମାମଲାର ତଦନ୍ତ ଆରମ୍ଭ କରାଯାଇଛି। ସେଥିରୁ ୩,୨୨୬ ମାମଲାରେ ୧୫,୨୮୭.୧୮ କୋଟି ଟଙ୍କାର ଟିକସ ଲୁଚାଯାଇଥିବା ତଦନ୍ତରୁ ସାମ୍ନାକୁ ଆସିଥିବା ଶୁକ୍ଳା କହିଛନ୍ତି।

# ଡିଜିଟାଲ ପେମେଣ୍ଟ: ନିଲେକାନି ଆର୍‌ବିଆଇ କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ,୮-୧

ଇନଫୋସିସ୍ ସହ ପ୍ରତିଷ୍ଠାତା ତଥା ଆଧାର କାର୍ଡ ପ୍ରକଳ୍ପ ପ୍ରସ୍ତୁତ କରିଥିବା ନନ୍ଦନ ନିଲେକାନି ଏବେ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ବଡ଼ଧରଣର ପରିବର୍ତ୍ତନର ସୂତ୍ରଧର ହେବାକୁ ଯାଉଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଙ୍ଗଳବାର ନିଲେକାନିଙ୍କ ଅଧ୍ୟକ୍ଷତାରେ ୫ ସଦସ୍ୟ ବିଶିଷ୍ଟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି। ଏହି କମିଟି ଦେଶରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ସହିତ ଏହାକୁ କିପରି ଅଧିକ ସୁରକ୍ଷିତ କରି ହେବ ସେ ଦିଗରେ ପରାମର୍ଶ ଦେବେ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଉକ୍ତ କମିଟି ପ୍ରଥମ ବୈଠକରେ ବସିବାର ୯୦ ଦିନ ଭିତରେ ତାଙ୍କର ରିପୋର୍ଟ ପ୍ରଦାନ କରିବେ। କମିଟିକୁ ଦେଶରେ ଡିଜିଟାଲ ପେମେଣ୍ଟର ବର୍ତ୍ତମାନର ସ୍ଥିତି ଜାଣିବା, ବ୍ୟବସ୍ଥାରେ ଥିବା ତ୍ରୁଟିବିଚ୍ୟୁତିକୁ ଖୋଜିବା ଏବଂ ଏହାକୁ ଦୂର କରିବା ଲାଗି ଉପାୟ ସ୍ଥିର କରିବା ଲାଗି ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ କିପରି ଅଧିକ ସୁରକ୍ଷିତ କରାଯାଇପାରିବ ସେ ଦିଗରେ କମିଟି ପରାମର୍ଶ ଦେବ। ସୂଚନାଥାଉ କି, ନିଲେକାନିଙ୍କ ବ୍ୟତୀତ ଏହି କମିଟିରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ଏଚ୍.ଆର୍ ଖାନ, ବିଜୟା ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ କିଶୋର ସନସୀ ଓ ଆଇଟି ତଥା ଷ୍ଟିଲ ମନ୍ତ୍ରଣାଳୟର ପୂର୍ବତନ ସଚିବ ଅରୁଣା ଶର୍ମା ଓ ଆଇଆଇଏମ୍ ଅହମ୍ମଦାବାଦ୍‌ର ଚିଫ୍ ଇନୋଭେଶନ ଅଫିସର ସଞ୍ଜୟ ଜୈନ ସାମିଲ ହୋଇଛନ୍ତି।

MANAGER, BOVINE BREEDING RESEARCH AND BULL MOTHER FARM, CHIPLIMA

At: Goshala-768025, P.O: Kalamati, Dist: Sambalpur, Odisha, Ph: 9437248681

INVITATION OF SEALED QUOTATION

Sealed quotations are invited for purchase of CB Jersey cows.

The intending suppliers are requested to submit their sealed quotations on or before 25.01.2019 by 5 PM in O/o Manager Bovine Breeding Research and Bull Mother Farm, Chiplima At-Goshala, 768025, P.O: Kalamati, Dist: Sambalpur, Odisha by Speed Post/Regd. Post/ Courier/ Tender box available at office. The sealed quotation will be opened on 28.01.2019 at 3 PM in the presence of authorised representative of persons/ Farms in the offie of the Farm Manager.

The detail terms & conditions and application form is available in the office of the Manager, Bovine Breeding Farm, Chiplima, Sambalpur on payment of Rs. 500.00 during working hours and the form can also be downloaded from website of Directorate of A.H & V.S. Odisha, Cuttack (www.odishaahvs.com). In case of downloaded forms the bidder has to deposit in the office of Manager, BBR & BMF, Chiplima Rs. 500/- and the money receipt is to be attached with the tender form.

Dr. Anil Kumar Meher
Manager, BBR & BMF, Chiplima
Sambalpur

DISTRICT PROJECT OFFICE
SAMAGRA SIKSHA, SAMBALPUR
SHORT TENDER CALL NOTICE

No.28/PED Date:08.01.19

(For Printing, Packing and Supply of Quotation paper-cum-Blank Answer sheet & Progress Report Card)

Sealed tenders are invited in the prescribed tender Forms from experienced Registered Offset Printers of Odisha only, having past experience of same work, PAN No, up-to-date GST Registration No. for printing, packing and supply of Question-cum-Blank Answer Sheets for Summative Assessment-II, 2019 and Progress Report Cards for students of Class I-VIII for Sambalpur District so as to reach the office as mentioned in the terms and conditions by **dt.30.01.2019** (wednesday) upto 3 PM to be opened on **30.01.2019** (Wednesday) at 4 PM. For details please visit website **www.opepa.in** & **www.sambalpur.nic.in**.

Intending bidders applying for both items are required to apply separately for each item in separate envelopes superscribing specific tender as per terms and conditions.

Authority reserves the right to accept or reject all or any of the tenders without assigning any reason thereof.

**By the order of Collector-Cum-Chairman,**
**Sd./- District Project Coordinator, SS, Sambalpur**

କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 6 ରେ ପ୍ଲଟ ନଂ C/1249 ଟିକୁ ଶ୍ରୀ ଜଗବନ୍ଧୁ ବେହେରା, ପିତା – ୰ ହରିହର ବେହେରା, ସା – କଟିକଟା, ପୋ – ମୋହନପୁର, ଥା – ସାଲେପୁର, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଜଗବନ୍ଧୁ ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କର କନ୍ୟା ଶ୍ରୀମତୀ ଅହଲ୍ୟାରାଣୀ ବେହେରା, ସ୍ୱାମୀ – ଭୋଳାନାଥ ବେହେରା, ସା – ଶିରିପୁର, ପୋ – ନୁରତଙ୍ଗ, ଥା – ମାହାଙ୍ଗା, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

Housing & Urban Development Department
Government of Odisha

DISTRICT URBAN DEVELOPMENT AGENCY, PURI

**Quotation for supply of Appliances & Other Items for Aahar Kendras for District AAHAAR Society, Puri**

Sealed Quotations are invited from reputed dealers, suppliers for supply of different appliances and furniture to be used in Kitchen & Counters under AAHAAR scheme in Puri District.

The last date of submission of the quotations: Dt. 15.01.2019 by 3.00 PM through Quotation Box only.

The detail quotation call notice can be viewed in the district website www.puri.nic.in.

Sd./-
PD, DRDA-cum-PD, DUDA, Puri

ABSTRACT OF PROJECT PROPOSALS UNDER AGAB OF BARI BLOCK OF JAJPUR DISTRICT

| Sl. No. | Name of the GP | Total No. of Project | Estimated Cost (In Lakh) |
|---|---|---|---|
| 1 | ALLIPUR | 8 | 30.00 |
| 2 | AMATHPUR | 9 | 27.00 |
| 3 | ANGALO | 8 | 24.00 |
| 4 | ANYASIPUR | 7 | 21.00 |
| 5 | ARANGABAD | 7 | 21.00 |
| 6 | ATIRA | 8 | 26.00 |
| 7 | BAINISIRIA | 11 | 25.00 |
| 8 | BALIA | 8 | 24.00 |
| 9 | BALIBIL | 9 | 26.00 |
| 10 | BARI | 10 | 36.00 |
| 11 | BHANARA | 8 | 23.00 |
| 12 | BODUA | 9 | 27.00 |
| 13 | CHANDANPUR | 7 | 22.00 |
| 14 | DHARPUR | 12 | 31.00 |
| 15 | GAMU | 5 | 19.00 |
| 16 | GOLAKUND | 9 | 23.00 |
| 17 | ISHANPUR | 7 | 21.00 |
| 18 | KIMBIRIAPAL | 9 | 27.00 |
| 19 | KALAMATIA | 9 | 27.00 |
| 20 | MADHUSUDANPUR | 9 | 26.00 |
| 21 | MANDARI | 8 | 24.00 |
| 22 | MOHAKALPADA | 7 | 20.00 |
| 23 | RAMPA | 8 | 29.00 |
| 24 | RATALANGA | 7 | 21.00 |
| 25 | RATNAGIRI | 9 | 27.00 |
| 26 | SAHUPADA | 8 | 23.00 |
| 27 | SERAPUR | 7 | 21.00 |
| 28 | SWAINKHANDA | 8 | 24.00 |
| 29 | UDAYANATHPUR | 8 | 23.00 |
| | G. TOTAL | 239 | 718.00 |

Sd./- Block Development Officer, Bari
Sd./- Collector, Jajpur
Sd./- Project Director, DRDA, Jajpur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS CIRCLE, KENDRAPARA-JAJPUR
e mail - serw_kpd@yahoo.com

1332-O

No. Tender Online RCK - 03/19 Letter No. Date:- 05.01.2019

e-Procurement NOTICE

1. Name of the work : Construction of Roads & CD works including maintenance for 5 years under ADB Assisted PMGSY work under RCIP-II Trench-I in the District Jajpur.
2. Class of Contractor : As specified in the Column- 5 of the Annexure.
3. Time for Completion : 6 (Six) calendar months for all Packages
4. Detail Projects : As per annexure attached
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender Clarification | Date &Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara- Jajpur | Tender Online RCK - 03/19 | 10.01.2019 at 11.00 AM | 25.01.2019 upto 11.00 AM | 22.01.2019 upto 2.00 PM | 25.01.2019 at 11.30 AM | 04.02.2019 at 11.00 AM |

The Original EMD & DD towards paper cost and affidavit regarding correctness of information furnished with Bid documents shall be physically furnished by the bidder in original before the Circle office within the specified period as mentioned in the NIT, otherwise his bid will be treated as invalid and rejected.

Further details can be seen from the website **www.pmgsytenders.gov.in**.

25129/11/0025/1819 *Sd./- Superintending Engineer, Rural Works Circle, Kendrapara-Jajpur*

GOVT. OF ODISHA
OFFICE OF THE ENGINEER-IN-CHIEF, WATER RESOURCES
ODISHA, BHUBANESWAR

1090-A

'e' Procurement Notice No.CELMB 78 OF 2018-19

1. Name of the work : Weikhia Creek Irrigation Project under NABARD Assistance RIDF-XXIV.
2. Amount put to Tender : Rs.11,34,77,151.00
3. Bid Document Cost : Rs.10, 000.00 (Online)
4. E.M.D. : Rs. 11,34,800.00 (Online)
5. Class of Contractor : Special Class & Super Class
6. Period of Completion : 18 calendar months (548 Days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer, FC & Basin Manager, LMB, Bhubaneswar | CELMB KHD 05 OF 2018-19 | 14.01.2019 10.00 hrs | 29.01.2019 17.00 hrs | 30.01.2019 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**.

32252/11/0095/1819 *Sd./- Chief Engineer FC & Basin Manager, Lower Mahanadi Basin*

ଇଞ୍ଜୁରୀ ପାଇଁ ମୁଁ ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲରୁ ଓହରିଯାଇଥିଲେ ହେଁ ଅଷ୍ଟ୍ରେଲିଆନ ଓପନ ବେଳକୁ ଫିଟ୍ ହୋଇଯାଇଥିବି ।
–ରାଫାଲ ନାଡାଲ, ବିଶିଷ୍ଟ ଟେନିସ୍ ଖେଳାଳି



କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ପେସ୍ ବୋଲିଂରେ ଶ୍ରେଷ୍ଠ ହୋଇପାରେ କିନ୍ତୁ ବ୍ୟାଟିଂରେ ନୁହେଁ ।
–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ସୂର୍ଯ୍ୟକାନ୍ତଙ୍କ ପାଇଁ ଲକି ଗ୍ରାଉଣ୍ଡ

ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ): ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପାଇଁ ବିକାଶ କ୍ରିକେଟ୍ ଗ୍ରାଉଣ୍ଡ୍ ବେଶ୍ ଲକି ସାବ୍ୟସ୍ତ ହୋଇଛି। ଗୋଆ ବିପକ୍ଷ ଚଳିତ ରଣଜୀ ମ୍ୟାଚ୍‌ରେ ସୂର୍ଯକାନ୍ତ ଓଡ଼ିଶାର ପ୍ରଥମ ଇନିଂସରେ ୨ୟ ସର୍ବାଧିକ ସ୍କୋର କରିଥିଲେ। ୮ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ସୂର୍ଯ୍ୟକାନ୍ତ ୫୯ ବଲରୁ ୫ ଚୌକା ଓ ୪ ଛକା ସହାୟତାରେ ୬୫ ରନ କରି ଆଉଟ୍ ହୋଇଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଯାହା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋରର ମାନ୍ୟତା ପାଇଛି। ସେହିଭଳି ବୋଲିଂରେ ମଧ ସୂର୍ଯ୍ୟକାନ୍ତ ୫ ଜଣ ଗୋଆ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସଫଳ ହୋଇଥିଲେ। ପୂର୍ବରୁ ଡିସେମ୍ବର ୧୪ରୁ ୧୭ ପର୍ଯ୍ୟନ୍ତ ଏଠାରେ ରାଜସ୍ଥାନ ବିପକ୍ଷ ଖେଳାଯାଇଥିବା ମ୍ୟାଚରେ ମଧ ୨୬ ବର୍ଷୀୟ ସୂର୍ଯ୍ୟକାନ୍ତ ଅର୍ଦ୍ଧଶତକ ଅର୍ଜନ କରିଥିଲେ।

### ୩୫୦ କ୍ଲବରେ ବସନ୍ତ

ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶାର ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ପ୍ରଥମ ଶ୍ରେଣୀ କ୍ରିକେଟରେ ୩୫୦ ଉଇକେଟ୍ ଅକ୍ତିଆର କରିଛନ୍ତି। ଗୋଆ ବିପକ୍ଷରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ବସନ୍ତ ଏହି କୃତିତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ବସନ୍ତ ୯୦ ମ୍ୟାଚ୍‌ରୁ ୩୪୮ ଉଇକେଟ୍ ଅକ୍ତିଆର କରିଥିଲେ। ୩୫୦ କ୍ଲବରେ ସାମିଲ ହେବାକୁ ତାଙ୍କୁ ଆଉ ୨ ଉଇକେଟ୍ ଆବଶ୍ୟକ ହେଉଥିଲା। ଗୋଆ ଇନିଂସରେ ବସନ୍ତ ପ୍ରଥମେ ଓପନର୍ ସୁମିରନଙ୍କୁ ଆଉଟ୍ କରିଥିଲେ। ଏହାପରେ ସୂର୍ଯ୍ୟାଶ ପ୍ରଭୁଦେଶାଇଙ୍କୁ ସନ୍ଦୀପ ପଟ୍ଟନାୟକଙ୍କ ହାତରେ କ୍ୟାଚ୍ କରାଇ ବସନ୍ତ ଏହି ମାଇଲଷ୍ଟୋନ ଛୁଇଁଥିଲେ। ବସନ୍ତ ବର୍ତ୍ତମାନ ୯୧ ମ୍ୟାଚ୍‌ରୁ ୩୫୦ ଉଇକେଟ୍ ହାସଲ କରିସାରିଛନ୍ତି। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଏହି ଡାହାଣହାତୀ ଦ୍ରୁତ ବୋଲର ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍‌ରୁ ୪୦ ଉଇକେଟ୍ ଅକ୍ତିଆର କରିସାରିଛନ୍ତି।

## ସୂର୍ଯ୍ୟକାନ୍ତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

# ବୃହତ ଅଗ୍ରଣୀ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୮।୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଭ୍ରମଣକାରୀ ଗୋଆ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ବୃହତ ଅଗ୍ରଣୀ ଅଭିମୁଖେ ଅଗ୍ରସର ହେଉଛି। ଗ୍ରୁପ୍–ସି'ର ଏହି ମ୍ୟାଚ୍‌ର ମଙ୍ଗଳବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଓଡ଼ିଶା ୨ୟ ଇନିଂସରେ ୧୧ ଓଭରରେ ଗୋଟିଏ ଉଇକେଟ୍ ହରାଇ ୩୭ ରନ ସଂଗ୍ରହ କରିଛି। ଅନୁରାଗ ଷଡ଼ଙ୍ଗୀ ୨୩ ଓ ଦେବାଶିଷ ସାମନ୍ତରାୟ ୯ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଓପନର୍ ସନ୍ଦୀପ ପଟ୍ଟନାୟକ ୨ୟ ଇନିଂସର ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ହାତରେ ୯ ଗୋଟି ଉଇକେଟ ରହିଥିବାବେଳେ ଓଡ଼ିଶା ଏବେ ମୋଟ୍ ଉପରେ ୨୭୩ ରନରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୩୫୨ ରନ ଜବାବରେ ଗୋଆ ୧୧୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅଲ୍‌ରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଅର୍ଦ୍ଧଶତକ ସହ ୫ ଉଇକେଟ୍ ସଫଳତା ୨ୟ ଦିବସର ସବୁଠାରୁ ଉଲ୍ଲେଖନୀୟ ଘଟଣା ରହିଥିଲା।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୯/୭ରୁ ଖେଳ ଆରମ୍ଭ କରି ଓଡ଼ିଶା ମଙ୍ଗଳବାର ଦମ୍‌ଦାର ବ୍ୟାଟିଂ କରିଥିଲା। ବିଶେଷ କରି ସିଜନରେ ପ୍ରଥମଥର ଲାଗି ଓଡ଼ିଶାର ନିମ୍ନକ୍ରମର ବ୍ୟାଟ୍ସମ୍ୟାନମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଫଳରେ ଓଡ଼ିଶା ୩୫୦ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା। ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ଅଭିଷେକ ରାଉତ ଓ ସୂର୍ଯ୍ୟକାନ୍ତ ୮ମ ଉଇକେଟ୍‌ରେ ୭୮ ରନର ମୂଲ୍ୟବାନ ପାର୍ଟନରଶିପ କରିଥିଲେ। ଦଳୀୟ ସ୍କୋର ୨୭୮ ରନ ହୋଇଥିବାବେଳେ ଉଦୀୟମାନ ବ୍ୟାଟ୍ସମ୍ୟାନ ଅଭିଷେକ ୩୩ ରନ କରି ଦିବସର ପ୍ରଥମ ଖେଳାଳିଭାବେ ଆଉଟ୍ ହୋଇଥିଲେ। ତେବେ ସୂର୍ଯ୍ୟକାନ୍ତ ନିମ୍ନକ୍ରମରେ ବସନ୍ତ ମହାନ୍ତିଙ୍କ ସହ ମିଶି ଦଳୀୟ ସ୍କୋରକୁ ୩୦୦ ରନ ଅତିକ୍ରମ କରାଇବା ସହିତ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦଳୀୟ ସ୍କୋର ୩୦୪ ହୋଇଥିବାବେଳେ ସୂର୍ଯ୍ୟକାନ୍ତ ୬୫ ରନ କରି ଆଉଟ୍ ହୋଇଥିଲେ। ୫୯ ବଲର ଇନିଂସ ମଧ୍ୟରେ ସୂର୍ଯ୍ୟକାନ୍ତ ୫ ଚୌକା ଓ ୪ ଛକା ମାରିଥିଲେ। ଏହାପରେ ଅନ୍ତିମ ଉଇକେଟ୍ ଯୋଡ଼ିରେ ବସନ୍ତ ଓ ରାଜେଶ ମହାନ୍ତି ୪୮ ରନର ମହତ୍ୱପୂର୍ଣ୍ଣ ଭାଗୀଦାରି କରିବାରୁ ଓଡ଼ିଶା ୧୧୧.୫ ଓଭରରେ ୩୫୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବସନ୍ତ ୨୮ ରନ (୪୦ ବଲ୍, ୩ ଚୌକା, ୧ ଛକା) କରି ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ୍ ହୋଇଥିଲେ। ତେବେ ଯୁବ ଖେଳାଳି ରାଜେଶ ୨୫ ବଲରୁ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୩୦ ରନ କରି ଅପରାଜିତ ରହିଥିଲେ। ଭ୍ରମଣକାରୀ ଗୋଆ ପକ୍ଷରୁ ଲକ୍ଷ୍ୟ ଗର୍ଗ ଓ ଅମେଘେ ସୁନୀଲ ଦେଶାଇ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଗୋଆର ଦୁଇ ଓପନର୍ ଅଧିନାୟକ ସଗୁନ କାମାତ (୪୩ ରନ) ଓ ସୁମିରନ ଅମୋନକର (୨୦ ରନ) ଭଲ ଆରମ୍ଭ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୪୯ ରନ ସଂଗ୍ରହ କରିଥିଲେ। ତେବେ ଏହି ଯୋଡ଼ି ଭାଙ୍ଗିବା ପରେ ଗୋଆର ଅନ୍ତିମ ୯ ଉଇକେଟ୍ ଆଉ ୬୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଗୋଆ ମାତ୍ର ୧୧୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ୫ ଉଇକେଟ୍ ନେଇଥିବାବେଳେ ବସନ୍ତ (୨) ଓ ରାଜେଶ (୨) ବଳକା ଉଇକେଟ ବାଣ୍ଟି ନେଇଥିଲେ।



ସୂର୍ଯ୍ୟକାନ୍ତ ପ୍ରଧାନ।

### ସଂକ୍ଷିପ୍ତ ସ୍କୋର

- ଓଡ଼ିଶା ପ୍ରଥମ ଇନିଂସ- ୩୫୨/୧୦, ୧୧୧.୫ ଓଭର (ସନ୍ଦୀପ ୧୦୦, ସୂର୍ଯ୍ୟକାନ୍ତ ୬୫, ଶାନ୍ତନୁ ୫୯, ରାଜେଶ ୩୦*, ଅମୋଘ ୩/୭୭)।
- ଗୋଆ ପ୍ରଥମ ଇନିଂସ- ୧୧୬/୧୦, ୩୯ ଓଭର (ସଗୁନ ୪୩, ସୁମିନରନ ୨୦, କିନାନା ଭାଜ ୧୭*, ସୂର୍ଯ୍ୟକାନ୍ତ ୫/୪୮)।
- ଓଡ଼ିଶା ୨ୟ ଇନିଂସ- ୩୭/୧, ୧୧ ଓଭର (ଅନୁରାଗ ୩୩*, ଶାନ୍ତନୁ ୯*, ସନ୍ଦୀପ ୦, କ୍ରିଷ୍ଣନ ଦାସ ୧/୬)।

# ମାର୍ଚ୍ଚରେ ହେବ ଆଇପିଏଲ୍

ନୂଆଦିଲ୍ଲୀ, ୮।୧(ପି.ଟି.)

ଚଳିତ ବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପୂର୍ବବର୍ଷ ତୁଳନାରେ ଆଗୁଆ ଅର୍ଥାତ ମାର୍ଚ୍ଚ ୨୩ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେ ସମୟରେ ଦେଶରେ ସାଧାରଣ ନିର୍ବାଚନ ହେବାର ସମ୍ଭାବନା ରହିଛି। ତେଣୁ ଏହି ଟି୨୦ ମେଗାଇଭେଣ୍ଟର କିଛି ମ୍ୟାଚ ବିଦେଶରେ ଖେଳାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ସାଧାରଣ ନିର୍ବାଚନ ସତ୍ତ୍ୱେ ଆଇପିଏଲ ମ୍ୟାଚ ବିଦେଶରେ ଖେଳାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଚେୟାରମ୍ୟାନ ବିନୋଦ ରାୟ ଓ ପୂର୍ବତନ ମହିଳା ଅଧିନାୟିକା ଡାଏନା ଇଡୁଲ୍‌ଜୀଙ୍କୁ ନେଇ ଗଠିତ ପ୍ରଶାସକ କମିଟି ବୈଠକ ଏଠାରେ ମଙ୍ଗଳବାର ବସିଥିଲା। ଏଥିରେ ଟି୨୦ ଲିଗ୍‌ର ଭେନ୍ୟୁ ଓ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ତ୍ତୃପକ୍ଷ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ସହିତ ଆଲୋଚନା କରାଯିବ। ବିଶେଷ ସ୍ଥଳରେ ଭେନ୍ୟୁକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରେ ବୋଲି ବୈଠକ ପରେ ରାୟ ସୂଚନା ଦେଇଛନ୍ତି। ନିର୍ବାଚନ ଘୋଷଣା ପରେ କୌଣସି ରାଜ୍ୟରେ ଭୋଟ ଗ୍ରହଣ, ପୁନଃ ଭୋଟ ଗ୍ରହଣ ଅବା ପ୍ରଧାନମନ୍ତ୍ରୀଙ୍କ ରାଲି ହୁଏ ସେ କ୍ଷେତ୍ରରେ ବିକଳ୍ପ ଭେନ୍ୟୁକୁ ପ୍ରସ୍ତୁତ କରି ରଖାଯିବ ବୋଲି ରାୟ ସୂଚନା ଦେଇଛନ୍ତି। ପୂର୍ବରୁ ଶେଷ ଥର ପାଇଁ ମାର୍ଚ୍ଚ ମାସରେ ଆଇପିଏଲ ୨୦୧୦ରେ ହୋଇଥିଲା। ଏହାପରଠାରୁ ଏହି ଲିଗ୍ ଏପ୍ରିଲ ପ୍ରଥମାର୍ଦ୍ଧରୁ ଅରମ୍ଭ ହୋଇ ମେ ମାସ ଶେଷ ଭାଗରେ ସମ୍ପନ୍ନ ହୋଇ ଆସୁଛି। ମେ ୩୦ରୁ ଇଂଲଣ୍ଡରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଚଳିତ ବର୍ଷ ଆଗୁଆ ଆଇପିଏଲ ଆୟୋଜନ କରାଯାଇଛି। ସରକାରୀ ଏଜେନ୍ସିଗୁଡ଼ିକ ସହିତ ଆଲୋଚନା ପରେ ଭେନ୍ୟୁ ଓ ମ୍ୟାଚ ତାରିଖ ଘୋଷଣା କରାଯିବ ବୋଲି ରାୟ କହିଛନ୍ତି। ଖବର ଅନୁସାରେ ଲୋକସଭା ନିର୍ବାଚନ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବାକୁଥିବାରୁ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀରେ ପରିବର୍ତ୍ତନ ଆବଶ୍ୟକ ପଡ଼ିବ ନାହିଁ।




# ଅଙ୍ଗୁଲାଇ କପ୍: ଜୁଭେନାଇଲ ସେମିରେ

ମାର୍ଶାଘାଇ, ୮।୧(ଡିଏନଏ): ମାର୍ଶାଘାଇ ବ୍ଲକ୍ ଅଙ୍ଗୁଲାଇ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୧୪ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ସ୍କାନ କ୍ରିକେଟ କ୍ଲବ୍‌କୁ ହରାଇ କଟକର ଜୁଭେନାଇଲ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସ୍କାନ ପ୍ରଥମେ ବ୍ୟାଟିଂ କରି ୨୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୭ରନ୍ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ ୨୪ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରନେଇଥିଲା। ଜୁଭେନାଇଲ ଦଳ ତରଫରୁ ସର୍ବାଧିକ ୫୬(୩୬) ରନ୍ କରିଥିବା ଦେବାଶିଷ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ବନ୍ଧୁକ ଚାଳନା ପ୍ରତିଯୋଗିତା



ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ବନ୍ଧୁକଚାଳନା ପ୍ରତିଯୋଗିତା।

ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ଲକ୍ଷ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଗତ ୫ ଓ ୬ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇ ଯାଇଛି। ଉତ୍କଳ କରାଟେ ସ୍କୁଲରେ ଉପଲବ୍ଧ ଇଲେକ୍‌ଟ୍ରୋନିକ୍ ଶୁଟିଂ ରେଞ୍ଜରେ ଏହି ପ୍ରତିଯୋଗିତା ଜୁନିୟର ଓ ସିନିୟର ଏୟାର ରାଇଫଲ, ଏୟାର ପିସ୍ତଲ ବିଭାଗରେ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଛି। ଏହାକୁ ମିଶାଇ ଚଳିତବର୍ଷ ମୋଟ ୬ଟି ପ୍ରତିଯୋଗିତା ଆୟୋଜନ ହେବ ଏବଂ ପ୍ରଦର୍ଶନ ଆଧାରରେ ରାଜ୍ୟ ଖେଳାଳି ର୍ୟାଙ୍କିଙ୍ଗ୍ କରାଯିବ। ୬ଷ୍ଠ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ଲକ୍ଷ୍ୟ ଓଡ଼ିଶା ଟ୍ରଫି ପ୍ରଦାନ କରାଯିବ ବୋଲି ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଟିମ୍ ଇଣ୍ଡିଆକୁ ଇମ୍ରାନଙ୍କ ଅଭିନନ୍ଦନ

ଇସଲାମବାଦ୍, ୮।୧ (ପି.ଟି.): ପ୍ରଥମ ଏସୀୟ ରାଷ୍ଟ୍ରଭାବେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବାର ବିରଳ କୃତିତ୍ୱ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଏହି ସଫଳତା ଲାଗି ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ପ୍ରାକ୍ତନ କ୍ରିକେଟ ଅଧିନାୟକ ଇମ୍ରାନ ଖାଁ ଶୁଭେଚ୍ଛା ଜଣାଇଛନ୍ତି। 'ପ୍ରଥମ ଏସୀୟ ଦେଶ ଭାବେ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିଥିବା ବିରାଟ କୋହଲି ଏବଂ ତାଙ୍କ ଦଳକୁ ଅଭିନନ୍ଦନ' ବୋଲି ଇମ୍ରାନ ଟୁଇଟ୍ ଯୋଗେ ଜଣାଇଛନ୍ତି। ଇମ୍ରାନ ପାକିସ୍ତାନ ପକ୍ଷରୁ ୮୮ ଟେଷ୍ଟ ଓ ୧୭୫ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ୧୯୯୨ ଆଇସିସି ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଏହି ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହୋଇଥିଲା। ପ୍ରକାଶଯୋଗ୍ୟ, ଅଷ୍ଟ୍ରେଲିଆ ବିପକ୍ଷ ଚାରି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଭାରତ ୨–୧ରେ ଜିତିଥିଲା। ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଖେଳିବାର ୭୧ ବର୍ଷ ପରେ ଭାରତ ଏହି ସୌଭାଗ୍ୟ ଲାଭ କରିଥିଲା।

# ଚଞ୍ଚଳା ଟ୍ରଫି ଫାଇନାଲରେ ଷ୍ଟଡ୍

ରାଜନଗର, ୮।୧ (ଡି.ଏନ.ଏ.): ବଡପଲ୍ଲୀସ୍ଥିତ ମିନିଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟର ପ୍ରଥମ ସେମିଫାଇନାଲରେ ଯାଜପୁରର ଇଲେଭେନଷ୍ଟାରକୁ ୨୮ ରନରେ ହରାଇ ଖୋର୍ଦ୍ଧାର ଷ୍ଟଡ୍ କ୍ରିକେଟ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ଖୋର୍ଦ୍ଧା ୨୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୯୯ ରନ କରିଥିଲା। ଏସ.ପ୍ରବୀଣ କୁମାର ୫୬, ପି. ରବିକିରଣ ୪୦, ଆଇ. ଏସ. ଗିରି ୩୦ ରନ କରିଥିଲେ। ୨୦୦ ରନ ବିଜୟ ଲକ୍ଷ୍ୟକୁ ପିଛାକରି ଯାଜପୁର ଦଳ ୨୯.୨ ଓଭରରେ ୧୭୧ ରନ କରିବାକୁ ସକ୍ଷମ ହୋଇଥିଲା। ସୌପ୍ତେଶ ବିଶ୍ୱାଳ ୨୮, ଜ୍ଞାନ ରଞ୍ଜନ ସ୍ୱାଇଁ ୬୬ ରନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କୋଇଲିପୁର ସେବା ସମବାୟ ସମିତିର ସମ୍ପାଦକ ଘନଶ୍ୟାମ ଜେନା, କୋଇଲିପୁର ପଞ୍ଚାୟତର ସମିତିସଭ୍ୟା ପୂର୍ଣ୍ଣିମା ପ୍ରଧାନ, ଆଇସିଆଇସିଆଇ ବ୍ୟାଙ୍କର ରାଜନଗର ଶାଖା ପରିଚାଳକ ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନିରୋଦ ବଳ, ସୁବାସ ଚନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ମା ଭୈରବୀ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପଦ୍ମପୁରକୁ ହରାଇ କଟକ ସାଇ ହଷ୍ଟେଲ ବିଜୟୀ



ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟଦଳର ଖେଳାଳି।

ପୁରୁଣାକଟକ, ୮।୧ (ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ମିନିଷ୍ଟାଡିୟମରେ ଚାଲିଥିବା ମା ଭୈରବୀ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ପଦ୍ମପୁର ବୋଡାସମ୍ବର କ୍ଲବ ଓ ସାଇ ହଷ୍ଟେଲ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧର ୨୨ ମିନିଟ୍‌ରେ ସାଇ ହଷ୍ଟେଲର ଡୋମାନ ମାରାଣ୍ଡି ଏକମାତ୍ର ଗୋଲ୍ ଦେଇଥିଲେ । ବୋଡାସମ୍ବର କୌଣସି ଗୋଲ୍ ନ କରିପାରିବାରୁ ସାଇ ହଷ୍ଟେଲ ୧-୦ ଗୋଲରେ ବିଜୟୀ ହୋଇଛି । ଦିଲୀପ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ସଲିଳ ବେହେରା, ଶେଷଦେବ ବେହେରା ଲାଇନରେ ସହାୟତା କରିଥିଲେ । ମ୍ୟାଚ କମିଶନର ଭାବେ ସୁବ୍ରତ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ଆଜିର ମ୍ୟାଚ୍‌ରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁବାଷ ପ୍ରଧାନ ମୁଖ୍ୟଅତିଥି, ବୌଦ୍ଧ ଏସଡିପିଓ ଏସ. ଟିଗା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଚୈତନ୍ୟ ଦେହୁରୀ, ରାଜ୍ୟ ଫୁଟନେଟ ଆସୋସିଏଶନର ସମ୍ପାଦକ ହୃଦୟ ରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚନ୍ଦ୍ରକାନ୍ତ ନାୟକ ଓ ବିଭୂତି ଭୂଷଣ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରୁଣାକଟକ ଫୁଟବଲ ଆସୋସିଏଶନ ସଭାପତି ସୁରେନ ପ୍ରଧାନ, ସମ୍ପାଦକ ପ୍ରଣବନ୍ଧୁ ପ୍ରଧାନ, ଆସୋସିଏଶନର ଆବାହକ ପ୍ରଦତ୍ତ କୁମାର ଭୋକ୍ତା, କୋଷାଧକ୍ଷ ସତୀଶ କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର କହଁର, ଅଭ୍ୟର୍ଥନା କମିଟି ମୁଖ୍ୟ ନାରଦ ସେଠୀ, ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଅଜିତ ଦେହୁରୀ ଓ ଭୈରବୀ କ୍ଲବ, ଫୁଟବଲ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସାଇ ହଷ୍ଟେଲ କଟକ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଖେଳାଯିବ ବୋଲି ଜଣାପଡିଛି ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧ ୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା. 15131 **ନୋଟିସ୍** ତା 28.12.18

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନ କାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାରୀ କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ହେବ ନାହିଁ ।

| କ୍ର. ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ ଏମ୍. ମୁଲେର ପି-୰ଲାଜାରାଉସ୍ ମୁଲେର ଏଫ୍.ଏଲ୍-୨୭୫ ବାସନ୍ତୀ କଲୋନୀ ୪ର୍ଥ ପର୍ଯ୍ୟାୟ,ରାଉରକେଲା ଜି-ସୁନ୍ଦରଗଡ଼ | ଏଫ୍.ଏଲ୍-୨୭୫ ବାସନ୍ତୀ କଲୋନୀ ୪ର୍ଥ ପର୍ଯ୍ୟାୟ ରାଉରକେଲା ଜି-ସୁନ୍ଦରଗଡ଼ | ୧)ବେଲାରାଣି ମୁଲେର (ସ୍ତ୍ରୀ) ୨)ମୀରା ମୁଲେର (ବି.କନ୍ୟା) ୩)ସଜଲ କୁମାର (ପୁଅ) ୪)କୁମାର ଦେବାଶିଷ (ପୁଅ) ୫)ମୀତା ମୁଲେର (ବି.କନ୍ୟା) ୬)ସୀମା ମୁଲେର (କନ୍ୟା) |

ସ୍ୱା- ସହ ପ୍ରଶାସକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**MUNICIPAL OFFICE, KENDRAPARA**
**'e' Procurement Notice No. 103/ Dt. 07.01.2019**
**Bid Identification No. KM-09-2018/19**

| | | | |
|---|---|---|---|
| 1 | Procurement Officer - Publisher / Officer Inviting the Tender / Bids (OIT) | : | Executive Officer, Kendrapara Municipality, Kendrapara |
| 2 | Name of the Work | : | Renovation of Mahabhoi Tank of Kendrapara Municipality in Ward No. 8 |
| 3 | Estimated Cost (Approx.) of the Works | : | Rs. 2,74,36,000/- |
| 4 | Date & Time of availability of bid document in the portal | : | From 11 A.M. of Dt. 09.01.2019 to 5 P.M. of Dt. 25.01.2019 |
| 5 | Date & Time of Technical bid Opening | : | 11 A.M. of 28.01.2019 |
| 6 | Date & Time of Financial bid Opening | : | 11 A.M. of 31.01.2019 |
| 7 | Period of completion | : | 12 Months |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

**Sd./- Executive Officer,**
**Kendrapara Municipality**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, BHUBANESWAR**
No.1340-O

Lr.No. 370 Dt. 07 .1.2019

**"e" Procurement Notice for bridge works in Odisha**
**(Online-9(Lumpsum-Bridge)/2018-19 dt. 05.1.2019)**

1. Name of the work : Constn. of bridge work
2. Total No. of works : 2(Two) nos.
3. Estimated cost : Varied from 1056.14 lakh to Rs 1945.95 lakh
4. Class of contractor : Spl. & Super Class as applicable
5. Period of completion : 24 (Twenty four) calendar months
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Engineer-in-Chief, Rural Works, Odisha, Bhubaneswar | Online- 9(Lumpsum Bridge) /2018- 19 | 2 (Two) nos | 11.1.2019 at 11.00 AM | 28.1.2019 up to 3.00 PM |

Other details can be seen in the bidding documents, which is available in website **www.tendersorissa.gov.in**.

**Sd./- Engineer-in-Chief , Rural Works**
**Odisha, Bhubaneswar**

25123/11/0053/1819

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**RUKURA CANAL DIVISION, ROURKELA – 4**
Tele/Fax: 0661- 2664291, E-mail: eerid_rkl@yahoo.co.in

**SHORT QUOTATION CALL NOTICE NO: 02 /2018-19**

No.1098-A: Sealed Quotations in plain papers are invited by the Executive Engineer, Rukura Canal Division, Rourkela -4 on behalf of Governor of Odisha from the registered Firms/Authorized Dealers/Distributors Manufacturers having valid GSTIN Certificate, PAN Card, Service Tax registration for the following works as detailed in the table so as to reach the office of the undersigned on or before 18.01.2019 upto 1.00 P.M(on all working days). The quotation will be opened on same day i.e on dt.18.01.2019 at 4.00 PM in presence of the quotationers or their authorised representatives if they so desired . If the office happens to be closed on the scheduled date of opening, then the quotation will be opened on the next working day at the same time. The quotation shall be submitted separately for each work detailed below.

| Sl. No. | Name of the work | Unit | Estimated amount (Including G.S.T) in Rs | Security (EMD)in Rs | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Supplying, Fitting & Fixing of Siren (1 PH Horizontal durable mounting Siren motor operated 230V A.C of range 5 km. in the Dam site of Rukura Irrigation Project | 01 No | 68735.00 | 700.00 | 15( fifteen) days from the issue of purchase order |
| 2 | Procurement of 02nos 12V battery for Diesel Generator located at Spillway site of Rukura Irrigation Project | 01 No | 25000.00 | 300.00 | 07(Seven) days from the issue of purchase order |

Quotation must be accompanied by security deposit (EMD) of the amount specified for the work in the table above drawn in favour of Executive Engineer , Rukura Canal Division, Rourkela. Security deposit will have to be in any one of the forms as specified in the bidding document i.e. KVP/Postal Saving Account/Deposit receipt of scheduled Bank / Post Office Time Deposit Account duly pledged in favour of the Executive Engineer, Rukura Canal Division, Rourkela. Quotation must also be accompanied by photo copy of valid GSTIN Certificate, PAN card, contractor license/ Registration certificate if any.
The undersigned reserves the right to reject any or all quotations without assigning any reason thereof.

**Executive Engineer**
**Rukura Canal Division, Rourkela**

32087/11/0001/1819

❝ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆର ବ୍ୟାଟିଂ, ବୋଲିଂ, ସିଲେକ୍ସନ ଓ ରଣକୌଶଳରେ ତ୍ରୁଟି ରହିଥିଲା ।

–ମାଇକେଲ ଭନ୍, ପୂର୍ବତନ ଇଂଲଣ୍ଡ ଅଧିନାୟକ



❝ ଭାରତର ଧୈର୍ଯ୍ୟପୂର୍ଣ୍ଣ ବୋଲିଂ ଆକ୍ରମଣ ବିରୋଧରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନେ ଆକ୍ରମଣାତ୍ମକ ଖେଳିବା ଉଚିତ୍ ନ ଥିଲା ।

–ସିମନ୍ କାଟିଚ୍, ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି



## ସଂକ୍ଷେପରେ

### ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ସିରିଜରୁ ବୁମ୍‌ରାଙ୍କୁ ବିଶ୍ରାମ

**ସିଡ୍‌ନୀ, ୮।୧(ପି.ଟି.):** ଚମତ୍କାର ଫର୍ମରେ ଥିବା ଯୁବ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଦିନିକିଆ ଓ ନ୍ୟୁଜିଲାଣ୍ଡ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଐତିହାସିକ ଟେଷ୍ଟ ସିରିଜ ବିଜୟ ପରେ ମଙ୍ଗଳବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁମ୍‌ରାଙ୍କୁ ଏହି ଦୁଇ ସୀମିତ ଓଭରବିଶିଷ୍ଟ ସିରିଜରୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ବୁମରା ଏହି ସିରିଜରେ ୨୧ ଉଇକେଟ୍ ଅକ୍ତିଆର କରି ଅଷ୍ଟ୍ରେଲୀୟ ସ୍ପିନର ନାଥନ ଲିୟନଙ୍କ ସହ ଯୁଗ୍ମଭାବେ ବୋଲିଂରେ ଶୀର୍ଷରେ ରହିଥିଲେ। 'ବୋଲରଙ୍କ ଉପରୁ ଚାପ ହ୍ରାସ କରିବା ପାଇଁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି' ବୋଲି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ଏହି ଦୁଇ ସିରିଜ ଲାଗି ପୂର୍ବରୁ ଘୋଷିତ ଭାରତୀୟ ଦଳରେ ବୁମ୍‌ରା ସାମିଲ ଥିଲେ। ବୁମ୍‌ରାଙ୍କ ସ୍ଥାନରେ ଉଦୀୟମାନ ବାମହାତୀ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଏବଂ ପଞ୍ଜାବର ସିଦ୍ଧାର୍ଥ କଉଲଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜାନୁୟାରୀ ୧୨ରୁ ସିଡ୍‌ନୀରେ ଆରମ୍ଭ ହେବ। ସେହିଭଳି ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ୫ ଦିନିକିଆ ଓ ୩ ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଦିନିକିଆ ସିରିଜ ଜାନୁୟାରୀ ୨୩ରୁ ନାପିଅରରେ ଏବଂ ଟି୨୦ ସିରିଜ ଫେବୃୟାରୀ ୬ରୁ ୱେଲିଂଟନରେ ଆରମ୍ଭ ହେବ।

### ୨୩ବର୍ଷରୁ କମ୍ ମହିଳା ଟି୨୦ ଦଳ ଘୋଷିତ

**କଟକ ଅଫିସ,୮।୧:** ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜକୋଟ ଠାରେ ୨୩ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ନାମେଣ୍ଟ ଖେଳାଯିବ । ଉକ୍ତ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ମଙ୍ଗଳବାର ରାଜ୍ୟ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ଗ୍ରୁପ-ଇରେ ଓଡ଼ିଶା ସ୍ଥାନ ପାଇଥିବା ବେଳେ ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ଏହି ଦଳ ଚୟନ କରାଯାଇଛି । ଓଡ଼ିଶା ଦଳ: ସୁଶ୍ରୀ ଦିବ୍ୟଦର୍ଶିନୀ(ଅଧିନାୟିକା), କାଜଲ ଜେନା, ଅଞ୍ଜଳି ସିଂ, ରାଣୀ ଟୁଡୁ, ସୁମିତ୍ରା ସାହୁ(ଉଇକେଟ କିପର), ସୁନିତା ମୁର୍ମୁ, ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ (ଉପଅଧିନାୟିକା), ଲୁଇସା ଦାସ, ବର୍ଷାରାଣୀ ସିଂ, ରୀମାଲକ୍ଷ୍ମୀ ଏକ୍କା, ଇନ୍ଦ୍ରାଣୀ ଛତ୍ରିଆ, ରାମେଶ୍ୱରୀ ନାୟକ, କୁନି ଭଦ୍ର, ମୋନାଲିସା ରାଉତ ।

### ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ବୃହତ୍ ବିଜୟ

**କଟକ ଅଫିସ,୮।୧:** କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୫ଟି ମ୍ୟାଚ୍ ଖେଳାଯାଇଛି । ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ବୃହତ୍ ରନ ବ୍ୟବଧାନରେ ହାଓଡା ଆଇଆଇଇଏସ୍‌ଟି ବିଶ୍ୱବିଦ୍ୟାଳୟକୁ ହରାଇଛି । ବର୍ଦ୍ଧମାନ ପ୍ରଥମେ ବ୍ୟାଟିଂ କରି ଓପନର ପ୍ରଦୀପ୍ତ ବାନାର୍ଜୀଙ୍କ ୧୦୧ରନ୍ ବଳରେ ୪ ଉଇକେଟ ହରାଇ ୨୬୨ରନ୍ କରିଥିଲା । ଜବାବରେ ହାଓଡା ୧୩୫ରନ୍‌ରେ ଅଲଆଉଟ ହୋଇଥିଲା । ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ହରାଇଛି । ପ୍ରଥମେ ବ୍ୟାଟିଂ କରିଥିବା ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ମାତ୍ର ୩୫ରନ୍‌ରେ ଅଲଆଉଟ ହୋଇଥିଲା। ବିନା ଉଇକେଟରେ ଡିବ୍ରୁଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ କଲିକତା ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ମଗଧ ବିଶ୍ୱବିଦ୍ୟାଳୟକୁ ହରାଇଥିଲା । ମଗଧ ପକ୍ଷରୁ ଧାର୍ଯ୍ୟ ୧୨୨ରନ୍‌ର ବିଜୟ ଲକ୍ଷ୍ୟକୁ କଲିକତା ୨ ଉଇକେଟ ବିନିମୟରେ ହାସଲ କରିଛି । ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ୮ ଉଇକେଟରେ ଡିଡିୟୁ ଗୋରଖପୁରକୁ ହରାଇଥିଲା । ଅର୍ନବ ଭଟାଚାର୍ଯ୍ୟଙ୍କ ୮୭ରନ୍ ସହାୟତାରେ କଲ୍ୟାଣୀ ଦଳ ୮ ଉଇକେଟ ହରାଇ ୨୩୮ ରନ୍ କରିଥିଲା । ଗୋରଖପୁର ୧୬୭ରନ୍‌ରେ ସମସ୍ତ ଉଇକେଟ ହରାଇ ପରାଜୟବରଣ କରିଥିଲା । ଡ୍ରିମ୍ସ ଗ୍ରାଉଣ୍ଡରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ ଗୁଆହାଟୀ ବିଶ୍ୱବିଦ୍ୟାଳୟକୁ ହରାଇଛି । ଗୁଆହାଟୀ ୮୪ରନରେ ଅଲଆଉଟ ହୋଇଥିବା ବେଳେ ବନାରସ ବିନା ଉଇକେଟରେ ମ୍ୟାଚକୁ ଜିତିଥିଲା ।

# ଇଷ୍ଟବେଙ୍ଗଲର କଷ୍ଟସାଧ୍ୟ ବିଜୟ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

### ଆଇ-ଲିଗ୍

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଆଇ-ଲିଗ୍ ଫୁଟବଲ ମ୍ୟାଚରେ ଶକ୍ତିଶାଳୀ ଇଷ୍ଟବେଙ୍ଗଲ ଯୁବ ଖେଳାଳିଙ୍କୁ ନେଇ ଗଠିତ ଇଣ୍ଡିଆନ ଆରୋଜ ବିପକ୍ଷରେ କଷ୍ଟସାଧ ବିଜୟ ହାସଲ କରିଛି। ଆରୋଜ୍‌ଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଇଷ୍ଟବେଙ୍ଗଲ ଶେଷରେ ୨-୧ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ ପାଇଛି। ବିଜୟୀ ଦଳ ପକ୍ଷରୁ ଲାଲଦାନମାୱିଆ(ପେନାଲ୍ଟି) ୨୬ ଓ ଜୋବି ଜଷ୍ଟିନ ୬୪ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଆରୋଜ ପକ୍ଷରୁ ନିନ୍‌ଥୋଇ ୯୦ତମ ମିନିଟରେ ପେନାଲ୍ଟି ଜରିଆରେ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଜୋବି ଜଷ୍ଟିନ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଚଳିତ ସିଜନରେ ଆଇ-ଲିଗ୍‌ର ଏହାଥିଲା ୬୦ତମ ମ୍ୟାଚ। ଇଷ୍ଟବେଙ୍ଗଲ ଅପେକ୍ଷାକୃତ ଶକ୍ତିଶାଳୀ ହୋଇଥିଲେ ହେଁ ଚମତ୍କାର ଖେଳିଥିଲା ଆରୋଜର ଯୁବ ବାହିନୀ। କଳିଙ୍ଗ ଷ୍ଟାଡିୟମକୁ ଘରୋଇ ପଡ଼ିଆଭାବେ ବ୍ୟବହାର କରୁଥିବା ଆରୋଜ ଉତ୍ସାହୀ ପ୍ରଦର୍ଶନ କରି ଇଷ୍ଟବେଙ୍ଗଲକୁ କଡ଼ା ଟକ୍କର ଦେଇଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳ ପ୍ରାୟତଃ ସମକକ୍ଷ ପ୍ରଦର୍ଶନ କରିଥିଲେ। ଯୁବ ଆରୋଜର ଡିଫେନ୍ସ ଲାଇନ୍ ଶକ୍ତିଶାଳୀ ମନେ ହୋଇଥିବାବେଳେ ଅଭିଜ୍ଞତାର ଉପଯୋଗ କରିଥିଲା କଲିକତା ଦଳ। ଗୋଲ ଦେବାର ପ୍ରଥମ ସୁଯୋଗ ସୃଷ୍ଟି କରିଥିଲା ଆରୋଜ। ରାହୁଲ କେ.ପି.ଙ୍କଠାରୁ ଆସିଥିବା ଲଙ୍ଗ ପାସ୍‌କୁ ବିକ୍ରମ ପ୍ରତାପ ନିୟନ୍ତ୍ରଣକୁ ଆଣିଥିଲେ ହେଁ ଦୁର୍ଭାଗ୍ୟଜନକ ଭାବେ ଗୋଲରେ ପରିଣତ କରି ନ ପାରି ସୁଯୋଗ ହାତଛଡ଼ା କରିଥିଲେ। ଅନ୍ୟପକ୍ଷରେ ଅଧିକାଂଶ ସମୟ ମିଡ୍‌ଫିଲ୍ଡରେ ଖେଳିଥିବା ଇଷ୍ଟବେଙ୍ଗଲ ଆକ୍ରମଣ ପାଇଁ ସୁଯୋଗ ଅପେକ୍ଷାରେ ରହିଥିଲା। ମ୍ୟାଚର ୨୬ତମ ମିନିଟରେ ଆରୋଜ ବକ୍ସର ବାମ ପଟରୁ ଜେମି ସାଣ୍ଟୋସଙ୍କନିକଟରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ଲାଲଦାନମାୱିଆଙ୍କୁ ଇଷ୍ଟବେଙ୍ଗଲକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୩୦ତମ ମିନିଟରେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ପାଇଁ କଲିକତା ଦଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଥିଲା। ବକ୍ସ ଏରିଆ ଭିତରେ ଲାଲଦାନମାୱିଆଙ୍କୁ ଆରୋଜର ଜିତେନ୍ଦ୍ର ସିଂ ଫାଉଲ୍ ମାରିବାରୁ ଇଷ୍ଟବେଙ୍ଗଲକୁ ପେନାଲ୍ଟି ସୁଯୋଗ ମିଳିଥିଲା। ମାତ୍ର ଇଣ୍ଡିଆନ ଆରୋଜ ଗୋଲକିପର ପ୍ରଭସୁଖାନ ଗିଲ୍ ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳ ଆଶାରେ ପାଣି ଭରିଥିଲେ।

ଦ୍ୱିତୀୟାର୍ଦ୍ଧରେ ଆରୋଜ ଦଳ ଅଧିକ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ଗୋଲ ପରିଶୋଧ ଉଦ୍ୟମ କରିଥିଲା। ଇଷ୍ଟବେଙ୍ଗଲର ରକ୍ଷଣଭାଗ ଦୁର୍ବଳ ମନେ ହୋଇଥିଲେ ହେଁ ଫରୱାର୍ଡମାନେ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲେ। ବକ୍ସ ଏରିଆ ମଧ୍ୟରେ ଆଉ ଏକ ତ୍ରୁଟି ଆରୋଜ ପାଇଁ ମହଙ୍ଗା ପଡ଼ିଥିଲା। ସାମଦ ମାରିଥିବା ଶଟ୍‌କୁ ଆରୋଜ ଗୋଲକିପର ଅଟକାଇ ଦେଇଥିଲେ ହେଁ ବଲ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣି ପାରି ନ ଥିଲେ। ଗୋଲକିପରଙ୍କ ଦ୍ୱାରା ସେଭ୍ ହୋଇ ଫେରିଆସୁଥିବା ବଲ୍‌କୁ ଜୋବି ଜଷ୍ଟିନ ଗୋଲରେ ପରିଣତ କରି ୬୪ତମ ମିନିଟରେ ଇଷ୍ଟବେଙ୍ଗଲର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଖେଳାଳିମାନେ ନିୟମ ବହିର୍ଭୂତ ଭାବେ ଖେଳିଥିବାରୁ ଦ୍ୱିତୀୟାର୍ଦ୍ଧରେ ୨ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଥିଲା। ୫୬ତମ ମିନିଟରେ ଇଷ୍ଟବେଙ୍ଗଲର ଲାଲରାମ ଚୁଲୋଭା ଏବଂ ୮୪ତମ ମିନିଟରେ ଆରୋଜର ଅଙ୍କିତ ଯାଦବ (ଦ୍ୱିତୀୟ ହଳଦିଆ କାର୍ଡ) ଦଣ୍ଡିତ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ମନୋବଳ ହରାଇ ନ ଥିବା ଆରୋଜ ଦଳକୁ ଶେଷରେ ସୁଫଳ ମିଳିଥିଲା। ୮୯ତମ ମିନିଟରେ ଆଶିଷ ରାୟଙ୍କୁ ଇଷ୍ଟବେଙ୍ଗଲର ମନୋଜ ଫାଉଲ୍ ମାରିବାରୁ ଆରୋଜକୁ ପେନାଲ୍ଟି ସୁଯୋଗ ଦିଆ ଯାଇଥିଲା। ୯୦ତମ ମିନିଟରେ ନିନ୍‌ଥୋଇ ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଅବଶିଷ୍ଟ ସମୟରେ ମ୍ୟାଚକୁ ସମାନ ସ୍ତରକୁ ଆଣିବା ପାଇଁ ଆରୋଜ ଉଦ୍ୟମ କରିଥିଲେ ହେଁ ଇଷ୍ଟବେଙ୍ଗଲ ତାହା ହେବାକୁ ଦେଇ ନ ଥିଲା।


ଇଣ୍ଡିଆନ୍ ଆରୋଜ ଓ ଇଷ୍ଟବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



ଜୋବି ଜଷ୍ଟିନ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

### ନ୍ୟୁଜିଲାଣ୍ଡର କ୍ଲିନ୍‌ସୁଇପ୍

**ନେଲସନ (ନ୍ୟୁଜିଲାଣ୍ଡ), ୮।୧:** ଭେଟେରାନ ବ୍ୟାଟ୍ସମ୍ୟାନ ରସ୍ ଟେଲର ଓ ଉଦୀୟମାନ ତାରକା ହେନରୀ ନିକୋଲାସଙ୍କ ଶତକ ବଳରେ ଘରୋଇ ନ୍ୟୁଜିଲାଣ୍ଡ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୧୫ ରନରେ ପରାସ୍ତ କରିଛି। ଏଥିସହ କେନ୍ ୱିଲିୟମସନଙ୍କ ଦଳ ସିରିଜକୁ ୩-୦ରେ କ୍ଲିନ୍‌ସୁଇପ୍ କରିଛି। ପୂର୍ବରୁ ପ୍ରଥମ ଓ ୨ୟ ଦିନିକିଆକୁ କିୱି ଦଳ ଯଥାକ୍ରମେ ୪୫ ଓ ୨୧ ରନରେ ଜିତିଥିଲା। ଜାନୁୟାରୀ ୧୧ରେ ସିରିଜର ଏକମାତ୍ର ଟି୨୦ ମ୍ୟାଚ୍ ଅକ୍‌ଲାଣ୍ଡରେ ଖେଳାଯିବ। ସ୍ଥାନୀୟ ସାକ୍ସଲନ ଓଭାଲରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ୍ ହରାଇ ୩୬୪ ରନର ବିଶାଳ ସ୍କୋର କରିଥିଲା। ଘରୋଇ ଦଳ ପକ୍ଷରୁ ୩୪ ବର୍ଷୀୟ ଟେଲର ସର୍ବାଧିକ ୧୩୭ ରନ କରିଥିଲେ। ଟେଲର ତାଙ୍କ ୨୦ତମ ଶତକୀୟ ଇନିଂସ ଅବସରରେ ୧୩୧ ବଲର ସାମ୍ନା କରି ୯ ଚୌକା ଓ ୪ ଛକା ମାରିଥିଲେ। ସେହିଭଳି ନିକୋଲାସ ୮୦ ବଲରୁ ୧୨ ଚୌକା ଓ ୩ ଛକା ସହାୟତାରେ ୧୨୪ ରନର ବିସ୍ଫୋରକ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଧିନାୟକ ୱିଲିୟମସନ (୫୫ ରନ) ମଧ୍ୟ ଉପଯୋଗୀ ବ୍ୟାଟିଂ କରିଥିଲେ। ଭ୍ରମଣକାରୀ ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଲସିଥ୍ ମାଲିଙ୍ଗା ସର୍ବାଧିକ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀଲଙ୍କା ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା (୪୬), ଧନଞ୍ଜୟ ଡି ସିଲ୍‌ଭା (୩୬) ଓ କୁଶଳ ପେରେରା (୪୩)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ୪୧.୪ ଓଭରରେ ୨୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବ ମ୍ୟାଚ୍‌ରେ ବିସ୍ଫୋରକ ଶତକ ହାସଲ କରିଥିବା ଥିସାରା ପେରେରା ଏହି ମ୍ୟାଚ୍‌ରେ ମଧ୍ୟ ୬୩ ବଲରୁ ୮୦ ରନ (୭ ଚୌକା, ୩ ଛକା) ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ।





ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅବସରରେ ଯାଶିତା ରାଉତ ଓ ଆରୁଷୀ ଶ୍ରୀଚନ୍ଦନ।

## ମୁମ୍ବାଇ ଇଣ୍ଟରନ୍ୟାଶନାଲ ଚେସ୍: ଆରୁଷୀ, ଯାଶିତା ପ୍ରଥମ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

ମୁମ୍ବାଇ ଇଣ୍ଟରନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟର ୪ର୍ଥ ସଂସ୍କରଣ ଡିସେମ୍ବର ୩୦ରୁ ଜାନୁୟାରୀ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇରେ ଅନୁଷ୍ଠିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଆରୁଷୀ ଶ୍ରୀଚନ୍ଦନ ଓ ଯାଶିତା ରାଉତ ନିଜ ବୟସ ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୧୩ ବର୍ଷରୁ କମ୍ ଜୁନିୟର ଟୁର୍ନାମେଣ୍ଟର ୯ ବର୍ଷରୁ କମ୍ ବୟସବର୍ଗରେ ଆରୁଷୀ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୦ ବର୍ଷରୁ କମ୍ ବର୍ଗରେ ଯାଶିତା ପ୍ରଥମ ହୋଇଛନ୍ତି। ଫଳରେ ଟୁର୍ନାମେଣ୍ଟରୁ ଆରୁଷୀ ୫୬ ଓ ଯାଶିତା ୧୩୭ ଏଲୋ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଆ ଖେଳାଳି ମନୀଷ କୁମାର ୧୩ ବର୍ଷରୁ କମ୍ ଜୁନିୟର କାଟେଗୋରିରେ ୪ର୍ଥ ସ୍ଥାନ ଅଧିକାର କରି ୪୪ ଏଲୋ ରେଟିଂ ପଏଣ୍ଟ ପାଇଛନ୍ତି। ଭାରତର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଅତିଥିଭାବେ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଓଡ଼ିଶା ପ୍ରତିଯୋଗୀଙ୍କୁ ଏସଆର ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

### ରାମକୁମାର, ଅଙ୍କିତାଙ୍କ ବିଜୟ ଅଭିଯାନ

**ମେଲବୋର୍ନ, ୮।୧(ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତର ରାମକୁମାର ରାମନାଥନ ଓ ଅଙ୍କିତା ରାଇନା ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ତେବେ କର୍ମନ କୌର ଥାଣ୍ଡି ମହିଳା ସିଙ୍ଗଲ୍ସରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ୨୧ତମ ସିଡ୍ ରାମକୁମାର ୬-୩, ୬-୨ ସିଧାସଳଖ ସେଟ୍‌ରେ ସ୍ପେନର ସର୍ଜିଓ ଗୁଇଟେରେଜ-ଫେରୋଲଙ୍କୁ ପରାସ୍ତ କରିଛନ୍ତି। ପ୍ରଜନେଶ ଗୁଣେଶ୍ୱରନ ବୁଧବାର କ୍ରୋଏସିଆର ଭିକ୍ଟର ଗାଲୋଭିକ୍‌ଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ୨୦୫ତମ ସ୍ଥାନରେ ରହିଥିବା ଅଙ୍କିତା ୬-୨, ୬-୨ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ମାୟରଟିଲେ ଜର୍ଜେସଙ୍କୁ ହରାଇ ଦେଇଛନ୍ତି। ଅଙ୍କିତା ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱର ୧୪୦ତମ ର୍ୟାଙ୍କ୍ ସ୍ପେନର ପାଉଲା ବାଡୋସା ଗିବର୍ଟଙ୍କୁ ଭେଟିବେ।

## ହିରୋ ରାଇଡର୍ସଙ୍କ ମଧ୍ୟରେ ମେନା ଶ୍ରେଷ୍ଠ

### ଡାକାର ରାଲି



**ପିସ୍‌କୋ (ପେରୁ), ୮।୧ (ପି.ଟି.)**

କଷ୍ଟସାଧ ଡାକାର ରାଲିରେ ହିରୋ ମୋଟୋ ସ୍ପୋର୍ଟ୍ସର ଆରମ୍ଭ ଉତ୍ସାହଜନକ ରହିଛି। ଟିମ୍‌ର ରାଇଡରମାନଙ୍କ ମଧ୍ୟରେ ସ୍ପେନର ଓରିଅଲ ମେନାଙ୍କ ପ୍ରଦର୍ଶନ ସବୁଠାରୁ ଭଲ ରହିଛି। ଷ୍ଟେଜ୍-୧ ରେସ୍‌ରେ ସେ ୧୪ତମ ସ୍ଥାନରେ ରହିଥିବା ବେଳେ ତାଙ୍କ ଟିମ୍‌ମେଟ ତଥା ଭାରତର ସି.ଏସ. ସନ୍ତୋଷ ୨୦ତମ ସ୍ଥାନ ଅଧିକାର କରିଛନ୍ତି। ଲିମାରୁ ପିସ୍କୋ ପର୍ଯ୍ୟନ୍ତ ୮୪ କିଲୋମିଟର ବିଶିଷ୍ଟ ସ୍ପେଶାଲ ଷ୍ଟେଜ ଅନୁଷ୍ଠିତ ହୋଇଥିଲ। ଏଥିରେ ଭାରତୀୟ ରାଇଡର ସନ୍ତୋଷ ଲିଡର ତଥା ହୋଣ୍ଡା ଫ୍ୟାକ୍ଟ୍ରି ରେସିଂର ଜୋଆନ ବ୍ୟାରେଡାବୋର୍ଟ (୫୭ମିନିଟ ଓ ୩୬ ସେକେଣ୍ଡ)ଙ୍କଠାରୁ ୯ମ ମିନିଟ ୧୩ ସେକେଣ୍ଡ ପଛୁଆ ତାଙ୍କ ରେସ୍ ଶେଷ କରିଥିଲେ। ଡାକାର ହେଉଛି ବିଶ୍ୱର ସବୁଠାରୁ କଷ୍ଟସାଧ ଅଫ୍-ରୋଡ୍ ରାଲି। ଏହାର ପରବର୍ତ୍ତି ପର୍ଯ୍ୟାୟ ସାନ୍ ଜୁଆନ ଡି' ମାର୍କୋନାଠାରେ ହେବ। ସନ୍ତୋଷ ପ୍ରଥମ ଷ୍ଟେଜରେ ତାଙ୍କ ପ୍ରଦର୍ଶନ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଷ୍ଟେଜ୍‌ରେ ତାଙ୍କ ବାଇକ୍‌ର କୌଣସି କ୍ଷତି ଘଟିନାହିଁ।

# ଶରଥ-ମନିକାଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

**କଟକ ଅଫିସ,୮।୧**

### ଜାତୀୟ ଟିଟି

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି) ଯୋଡ଼ି ଶରଥ କମଲ ଓ ମନିକା ବାତ୍ରା । ଫାଇନାଲରେ ଏହି ଯୋଡ଼ି ପିଏସ୍‌ପିବିର ଅନ୍ୟ ଏକ ଯୋଡ଼ି ମାନଭ ଠାକର-ଅର୍ଚ୍ଚନା ଗିରିଶ କାମଥଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ଦୁଇଟି ସେଟ୍ ଶରଥ-ମନିକାଙ୍କ ଅକ୍ତିଆରରେ ରହିଥିଲା । ୧୧-୯, ୧୨-୦ ପଏଣ୍ଟରେ ସେ ଏହି ଦୁଇଟି ସେଟ ଜିତିଥିଲେ । ୩ୟ ସେଟରେ ମାନଭ-ଅର୍ଚ୍ଚନା ୧୦-୧୨ ପଏଣ୍ଟରେ ଜିତି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମାତ୍ର ୪ର୍ଥ ତଥା ନିର୍ଣ୍ଣାୟକ ସେଟରେ ଏସିଆନ ଗେମ୍ସର ବ୍ରୋଞ୍ଜ ପଦକ ବିଜେତା ଯୋଡ଼ି ଶରଥ-ମନିକା ୧୧-୬ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରତିଯୋଗିତାରୁ ଆୟୋଜକ ଓଡ଼ିଶାର ଅଭିଯାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି । ପୂର୍ବରୁ ଟିମ ଇଭେଣ୍ଟରେ ଦଳ ବିଦା ହୋଇଥିବା ବେଳେ ମଙ୍ଗଳବାର ଖେଳାଯାଇଥିବା ସିଙ୍ଗଲ୍ସରେ ମଧ ଓଡ଼ିଶା ପ୍ରତିଯୋଗୀମାନେ ପରାସ୍ତ ହୋଇଛନ୍ତି । ସିଙ୍ଗଲ୍ସ ପୁରୁଷ ବର୍ଗ ମୁଖ୍ୟ ଡ୍ରରେ ଆସିଫ ହକ୍ ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ତାମିଲନାଡୁର ଶିବାନନ୍ଦ ଶେସାଦ୍ରୀଙ୍କଠାରୁ ୨-୩ରେ ହାରିଥିଲେ । ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଏମ. ଈଶ୍ୱର ରାଓ ମଧ ପ୍ରଥମ ରାଉଣ୍ଡରେ ବାଇ ପାଇ ଦ୍ୱିତୀୟ ରାଉଣ୍ଡରେ ହାରିଥିଲେ । ଈଶ୍ୱର ହରିୟାଣାର ଜୁବିନ କୁମାରଙ୍କଠାରୁ ୦-୩ ସେଟରେ ପରାସ୍ତ ହୋଇଛନ୍ତି । ସ୍ନେହମୟ ମଲ୍ଲିକ ପ୍ରଥମ ରାଉଣ୍ଡରେ ଆନ୍ଧ୍ରପ୍ରଦେଶର ଏସ୍. ପାଣ୍ଡେଙ୍କ ଠାରୁ ୧-୩ ସେଟରେ ପରାସ୍ତ ହୋଇ ସିଧାସଳଖ ବାଦ ପଡ଼ିଥିଲେ । କ୍ରିଷ୍ଣା ପୃଷ୍ଟି ଆସାମର ଅଲିକୋ ହାଜାରିକାଙ୍କ୍‌ଠାରୁ ମଧ ପ୍ରଥମ ରାଉଣ୍ଡରେ ୦-୩ ସେଟରେ ହାରି ବିଦାୟ ନେଇଛନ୍ତି । ଏକମାତ୍ର ମହିଳା ଓଡ଼ିଆ ଖେଳାଳି ଭାବେ ସିଙ୍ଗଲ୍ସ ଇଭେଣ୍ଟ ଖେଳିଥିବା ସମର୍ଥା ପୃଷ୍ଟି ପ୍ରଥମ ରାଉଣ୍ଡରେ ଅଡିଟ୍ସ ଆଣ୍ଡ ଆକାଉଣ୍ଟ୍ସ ଦଳର ପୂଜା ଶର୍ମାଙ୍କଠାରୁ ୧-୩ରେ ହାରିଥିଲେ ।



ମଙ୍ଗଳବାର ମିକ୍ସଡ୍ ଡବଲ୍ସ ଫାଇନାଲ୍ ଅବସରରେ ପ୍ରତିଯୋଗୀମାନେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜାନୁୟାରୀ ୯/୨୦୧୯ Sambalpur, Wednesday, January 9/ 2019

୨୭ତମ ସର୍ବଭାରତୀୟ ୱାଇଏମ୍‌ସି କପ ଦ୍ୱିତୀୟ ଦିବସ

# ୟୁନିଅନ ସ୍ପୋର୍ଟିଂ ୧୩୭ ରନ୍‌ରେ ବିଜୟୀ

**ନୂଆପଡା ଅଫିସ, ୮।୧**

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୨୭ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଏକ ଲିଗ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ କଟକ ଦଳ କ୍ରାଓନିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଦଳକୁ ୧୩୭ ରନରେ ହରାଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ଦିବସର ମ୍ୟାଚରେ ପିଡି ଡିଆରଡିଏର ବୃଷଭ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେଶ କୁମାର ସାହୁ, ପୂର୍ବତନ ଠିକାଦାର ସଂଘ ସଭାପତି ସଞ୍ଜୁ ପୁରୋହିତ, ଟୁଲୁ ପାଢୀ, ନୂଆପଡାର ପୂର୍ବତନ ଏନଏସି ଉପାଧ୍ୟକ୍ଷ ମହେଶ କୁମାର ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୟୁନିୟନ ସ୍ପୋର୍ଟିଂ ଦଳ ପ୍ରଥମେ ଟସ ଜିଣି ନିର୍ଦ୍ଧାରିତ ୩୫ ଓଭରରେ ୨୯୧ରନର ବିଶାଳ ସ୍କୋର କରିଥିଲେ। ଦଳ ପକ୍ଷରୁ ରୋହିତ ପଟେଲ ସର୍ବାଧିକ ୪୯ବଲରେ ୭୦ରନ କରିଥିଲେ। ସର୍ବେଶ୍ୱର ମହାନ୍ତି ୬୯ରନ, ଜ୍ୟୋତିରଞ୍ଜନ ୬୫ରନ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ମାତ୍ର ୨୬.୪ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୫୩ରନରେ ସୀମିତ ରହିଥିଲା। ଭୁବନେଶ୍ୱର ଦଳ ପକ୍ଷରୁ ଆଶୀଷ ୭୦ରନ, ବିକ୍ରମ ୪୨ରନ କରି ମଧ୍ୟ ଦଳକୁ ପରାଜୟରୁ ରୋକିପାରି ନ ଥିଲେ। କଟକ ଦଳର ରୋହିତଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସକାଶେ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲା କ୍ରିକେଟ ଆସୋସିଏଶନର ସଭାପତି ପ୍ରକାଶ ସାହୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ବିଜୟୀ କ୍ୟାପଟେନ।

ପ୍ରେସର ଦେବାବେଳେ ଟ୍ରାକ୍ଟର ଟ୍ରଲି ଚକ ଫାଟିଲା

# ଡ୍ରାଇଭର ମୃତ, ନାବାଳକ ଆହତ

- ୨୦ ଫୁଟ ଉଚ୍ଚକୁ ଛିଟିକି ପଡ଼ିଲେ ଡ୍ରାଇଭର
- ବିଦ୍ୟୁତ ତାର ଉପରେ ପଡ଼ି ପୋଡ଼ିଗଲେ
- ୧୦ଫୁଟ ଉଚ୍ଚକୁ ଛିଟିକି ପଡ଼ିଲେ ନାବାଳକ
- ଘର ଛାତ ଉପରେ ପଡ଼ି ଗୋଡ଼ହାତ ଭାଙ୍ଗିଲା

**ସବ୍‌ଡେଗା,୮।୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକର ରାଶିପତ୍ରା ଗାଁରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରାକ୍ଟର ଟ୍ରଲି ଚକରେ ପବନ ଭର୍ତ୍ତି କରୁଥିବାବେଳେ ପ୍ରଚଣ୍ଡ ଶବ୍ଦ ସହ ଟାୟାର ଫାଟି ଯାଇଥିଲା। ଏହାର ପ୍ରଭାବରେ ପବନ ଭର୍ତ୍ତି କରୁଥିବା ଟ୍ରାକ୍ଟର ଡ୍ରାଇଭର ୨୦ ଫୁଟ ଉଚ୍ଚକୁ ଛିଟିକି ପଡ଼ିଥିଲେ। ଉପରେ ଥିବା ବିଦ୍ୟୁତ୍ ତାର ଉପରେ ପଡ଼ି ସେ ପୋଡ଼ିଯାଇ ମୃତ୍ୟୁବରଣ କରିଥିଲେ। ମୃତକ ହେଲେ ସବ୍‌ଡେଗା ବ୍ଲକ ଜାଇସର ପଞ୍ଚାୟତ ଗଇଲୋ ଗ୍ରାମର ନିରୁ ପଙ୍ଗା (୪୫)। ପାଖରେ ବସିଥିବା ଜାହିର ଅଲ୍ଲିଙ୍କର ୧୨ ବର୍ଷୀୟ ପୁଅ ମଧ୍ୟ ୧୦ଫୁଟ ଉଚ୍ଚକୁ ଛିଟିକି ପଡ଼ି ଏକ ଘର ଛାତ ଉପରେ ପଡ଼ିଥିଲେ। ତାଙ୍କର ଗୋଡ଼ହାତ ଭାଙ୍ଗିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତଲସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଡ୍ରାଇଭରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନା ପଠାଯାଇଛି। ଟାୟାରରେ ପବନ ଅଧିକ ହେବାରୁ ଏଭଳି ଘଟଣା ଘଟିଥିବା କୁହାଯାଉଛି।

# ଗୁଜରାଟରେ ହତ୍ୟା ମାମଲା, ବରଗଡ଼ରୁ ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍,୮।୧**

ଗୁଜରାଟ ପୋଲିସ ଏକ ହତ୍ୟା ମାମଲାର ତଦନ୍ତ କରିବାକୁ ଆସି ବରଗଡ଼ ସହରର ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବରଗଡ଼-ଗୋବିନ୍ଦପାଲି ରାସ୍ତାର ଏକ ଲଜ୍ ସମ୍ମୁଖରେ ରହୁଥିବା ତନୁଜ ବିର୍ମୱାଲ । ଗତ ୨୦୧୦ ମସିହାରେ ସଂଘଟିତ ଏକ ହତ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇଛି ଏବଂ ଏ ନେଇ ଗୁଜରାଟର ଚିକିଲି ଥାନାରେ ଆଇପିସି ୩୦୨ରେ ସିଆର ନଂ-୮୨/୨୦୧୦କ୍ରମେ ଏକ ମାମଲା ରୁଜୁ ହୋଇଥିବା ଗୁଜରାଟ ପୋଲିସର ପିଏସଆଇ ପିଏଚ୍ ନାଇ ସୂଚନା ଦେଇଛନ୍ତି । ତନୁଜଙ୍କୁ କୋର୍ଟରୁ ରିମାଣ୍ଡରେ ନେବା ପାଇଁ ଅନୁମତି ମିଳିବା ପରେ ମଙ୍ଗଳବାର ପୋଲିସ ତାଙ୍କୁ ସାଙ୍ଗରେ ଧରି ଗୁଜରାଟ ନେଇଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ଗତ ୨୦୧୦ ମସିହାରେ ଗୁଜରାଟର ନୌସାରା ଜିଲା ଅନ୍ତର୍ଗତ ଚିକିଲି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ନେଇ ସେଠାକାର ପୋଲିସ ଷ୍ଟେଶନରେ ଅଭିଯୋଗ ହୋଇଥିଲା । ଏ ନେଇ ଉପରୋକ୍ତ ମାମଲା ରୁଜୁ କରି ଗୁଜରାଟ ପୋଲିସ ତଦନ୍ତ ଚଳାଇଥିଲା। ମଙ୍ଗଳବାର ରାତ୍ରିରେ ଗୁଜରାଟର ୮ଜଣିଆ ପୋଲିସ ଟିମ୍ ବରଗଡ଼ ଆସି ଟାଉନ ଥାନା ପୋଲିସ ସହାୟତାରେ ଅଭିଯୁକ୍ତ ତନୁଜଙ୍କୁ ଗିରଫ କରିଥିଲେ । ପୂର୍ବରୁ ଅନ୍ୟ ଅଭିଯୁକ୍ତଙ୍କୁ ଗୁଜରାଟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା ଏବଂ ତନୁଜଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା ।


ଗୁଜରାଟ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ନେଉଛି ।

ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ମହିନ୍ଦ୍ରା ଓ ମହିନ୍ଦ୍ରା


ଭିଲାଇ ଏବଂ ମହିନ୍ଦ୍ରା ଓ ମହିନ୍ଦ୍ରା ଦଳର ଖେଳାଳିଙ୍କ ସହ ଅତିଥି ଓ ରେଫରି।

**ମୁରିବାହାଲ, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ୨୯ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭିଲାଇକୁ ହରାଇ ମହିନ୍ଦ୍ରା ଓ ମହିନ୍ଦ୍ରା ଭୁବନେଶ୍ୱର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ମଙ୍ଗଳବାର ପ୍ରଥମ ସେମିଫାଇନାଲ ଖେଳ ଭିଲାଇ ଛତିଶଗଡ ଓ ମହିନ୍ଦ୍ରା ଓ ମହିନ୍ଦ୍ରା ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ୫-୪ ଗୋଲରେ ମହିନ୍ଦ୍ରା ଓ ମହିନ୍ଦ୍ରା ଦଳ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ଏହି ଅବସରରେ ବରିଷ୍ଠ ଆଇନଜୀବୀ ଅଶୋକ ଦାସ , ଲେବଡା ସମିତି ସଭ୍ୟା ଜିତେନ ହାତୀ, ଷ୍ଟେଟବ୍ୟାଙ୍କ କର୍ମଚାରୀ ସନ୍ତୋଷ କୁମାର ବିଭାର, ନାଏକ ସରପଞ୍ଚ ମନୋଜ କୁମାର କର ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚକୁ ଶ୍ରୀବତ୍ସ ବେହେରା, ଆଶିଷ ଦେବସା, ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଭୁଦାସ କୁମ୍ଭାର ଓ ନୀଳକଣ୍ଠ ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ। ମହିନ୍ଦ୍ରା ଦଳର ଆଲୋକ ଦାସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ବୁଧବାର ଦୀନ ବିହାର ବକ୍ସର କ୍ଲବ ଓ ଆୟୋଜକ ୟୁଥ ଓ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।

୧୮ତମ ସର୍ବଭାରତୀୟ ପାଟଣା କପ୍

# ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ସେମିରେ


ଅଭିନବ ଘୋଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ପାଟଣାଗଡ, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ୧୮ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ପାଟଣା କପ୍ ୨୦୧୯ର ଦ୍ୱିତୀୟ ଦିନର ମ୍ୟାଚ ମଙ୍ଗଳବାର ଲାଲବାଗ ଛତିଶଗଡ ଏବଂ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ପ୍ରଥମେ ପ୍ରଗତି ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୦ଓଭରର ମ୍ୟାଚରେ ଭୁବନେଶ୍ୱର ଦଳ ୫ଉଇକେଟ ହରାଇ ୨୧୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିନବ ଘୋଷ ସର୍ବାଧିକ ୫୯ବଲରେ ୭୭ରନ ଓ ଦିବ୍ୟଜ୍ୟୋତି ପ୍ରଧାନ ୬୩ ବଲରେ ୫୭ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ଛତିଶଗଡ ଦଳ ୨୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୭ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂର ମିଲନ ସାମଲ ୪ ଓଭରରେ ୧୫ ରନ ଦେଇ ୪ଗୋଟି ଉଇକେଟ ନେଇଥିବା ବେଳେ ସୌମ୍ୟ ସୌରଭ କୁମାର ୪ ଓଭରରେ ୧୫ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅଭିନବ ଘୋଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରଷ୍କାର ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ପାଟଣାଗଡ ଏନଏସି ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେଉରା ଉପସ୍ଥିତ ରହି ମ୍ୟାନ ଅଫ ଦି ମ୍ୟାଚ ପୁରଷ୍କାର ଦେଇଥିଲେ। ଆଜିର ମ୍ୟାଚକୁ ଓସିଏ ଅମ୍ପାୟାର ସତ୍ୟ ରଥ ଏବଂ ବଳରାମ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ରବି ମେହେର ଏବଂ ତରଙ୍ଗ ଚନ୍ଦନ ଦାୟିତ୍ୱରେ ଥିଲେ। ପୂର୍ଣ୍ଣଚନ୍ଦ୍ର ମେହେର ଓ ଜେମିନି ଚିରଗୁନ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ପୁଲ 'ଏ'ର ସେମି ଫାଇନାଲ ମ୍ୟାଚ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଏବଂ ରାଞ୍ଚି ସେରସା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

ଅଲୋଡ଼ା କନ୍ୟାସନ୍ତାନ

# ରାସ୍ତାପାର୍ଶ୍ୱରୁ ସଦ୍ୟଜାତ ଶିଶୁକନ୍ୟା ଉଦ୍ଧାର

**ସୋନପୁର,୮।୧(ନି.ପ୍ର.)**

ଶିଶୁକନ୍ୟାକୁ ଏବେ ବି ବୋଝ ବୋଲି ବିବେଚନା କରାଯାଉଛି। ସରକାରୀ ଓ ବେସରକାରୀ ସ୍ତରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ହେଁ ତାହା ଯଥେଷ୍ଟ ହେଉନି। ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ସର୍ଗୁଣାମୁଣ୍ଡା ନିକଟ ମଧୁପୁର ରାସ୍ତାପାର୍ଶ୍ୱରୁ ମଙ୍ଗଳବାର ସକାଳେ ଏକ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି। ଶିଶୁର କୁଆଁ କୁଆଁ ଡାକ ଶୁଣି ମଧୁପୁର ଗାଁର ବିଜୟିନୀ କମଳିଆ ନାମକ ଜଣେ ମହିଳା ତାଙ୍କୁ ଘରକୁ ନେଇ ଆସିଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ଗାୟତ୍ରୀ ଦେବୀଙ୍କୁ ସୂଚନା ଦେଇଥିଲେ। ଜିଲା ପ୍ରଶାସନ ଓ ସୋନପୁର ସିଡିପିଓ ନିବେଦିତା ସରାଫଙ୍କ ପରାମର୍ଶକ୍ରମେ ବିଜୟିନୀ କମଳିଆ ଓ ରୁଗୁଡିପାଲି (ଖ) ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଗୀତାଞ୍ଜଳି ରଣା ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏସ୍‌ଏନ୍‌ସିୟୁରେ ଶିଶୁକୁ ରଖାଯାଇଛି। ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶୋଭାଚନ୍ଦ୍ର ମେହେର ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଡାକ୍ତର ମେହେରଙ୍କ କହିବା ଅନୁଯାୟୀ ଶିଶୁଟି ସୋମବାର ବିଳମ୍ବିତ ରାତିରେ ଜନ୍ମ ହୋଇଛି। ୨ କିଲୋ ୬୬୦ଗ୍ରାମ ଓଜନର ଏହି ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ୨ରୁ ୩ ଦିନ ଅବ୍‌ଜର୍ଭେଶନରେ ରଖାଯିବା ପରେ ଜିଲା ଶିଶୁ ମଙ୍ଗଳ ସମିତି ନିଷ୍ପତ୍ତିକ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଉଦ୍ଧାର ଶିଶୁ କନ୍ୟା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୯ ଜାନୁୟାରୀ, ୨୦୧୯



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ



### ଅଚେତ ଅବସ୍ଥାରେ ବୃଦ୍ଧ ଉଦ୍ଧାର

**ସରଣ୍ଡା, ୮।୧ (ଡି.ଏନ.ଏ):** ଅତାବିରା ଅଞ୍ଚଳର ଦେବାହାଲ ରାସ୍ତା କଡରେ ଜଣେ ଅଚିହ୍ନା ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି । ଅତାବିରାର ପୂର୍ବତନ ଅଧକ୍ଷା ସୁନୀତା ବାଗ ଉକ୍ତ ବୃଦ୍ଧଙ୍କୁ ଉଦ୍ଧାର କରି ପ୍ରଥମେ ଅତାବିରା ଡାକ୍ତରଖାନା ଓ ପରେ ବରଗଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ବୃଦ୍ଧଙ୍କ ନାମ ଶୋଡିଲାଲ ଗୁପ୍ତା ଓ ସେ ସରଣ୍ଡା ଶିବ ମନ୍ଦିର ପାଖରେ ରହୁଥିଲେ ବୋଲି ଜଣାପଡିଥିଲା । ତାଙ୍କର କେହି ସମ୍ପର୍କୀୟ ନ ଥିବା ଜଣାପଡିଛି ।



### ଗ୍ରାମାଞ୍ଚଳ କବାଡି: ସଲଡିହି ଚାମ୍ପିୟନ

**ଝାରବନ୍ଧ, ୮।୧ (ଡି.ଏନ.ଏ):** ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡଭା ବିର୍ଶାମୁଣ୍ଡା କ୍ଲବ ଆନୁକୂଲ୍ୟରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତିଶଗଡ ଓ ଓଡିଶାରୁ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ । ଏଥିରେ ସଲଡିହି, ମନକି, କାଦୋମେରୀ ଓ ଡଭା ଯଥାକ୍ରମେ ୧ମ, ୨ୟ, ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ । ପୁରସ୍କାର ବିତରଣ ସଭାରେ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ କେଶବ ଚନ୍ଦ୍ର ସାହୁ, ରବିଲାଲ ସାହୁ, ଆଶାରାମ ବରିହା ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ପୁରସ୍କୃତ କରିଥିଲେ। କ୍ଲବର ସଭାପତି ବିଜୟ କୁମାର ଡନସନା, ନନ୍ଦୁ ଯାଦବ, କେଶର ସିଦାର ଆୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ ।

## ଫଟୋରେ ଖବର



ବରଗଡ଼ ଜିଲାପାଳ ଓ ଅନ୍ୟମାନେ ରିହର୍ସାଲ ଦେଖୁଛନ୍ତି ।



ଅମ୍ବାପାଲି(ଗୋପପୁର)ରେ ଲୋକଙ୍କ ଘର କାନ୍ଥରେ କୃଷ୍ଣ ବାଲ୍ୟଲୀଳା ଉପରେ ଚିତ୍ର ଅଙ୍କାଯାଉଛି ।




ଧନୁଯାତ୍ରା ପାଇଁ ନାରୀ ଚରିତ୍ରର କଳାକାରମାନେ ।




ଧନୁଯାତ୍ରା ପାଇଁ ବରଗଡ଼ ସହରକୁ ଆସିଥିବା ଓଟ ।

# ସଜେଇ ହେଲାଣି ମଥୁରା, ଗୋପପୁର

**ବରଗଡ଼ ଅଫିସ୍,୮।୧**

**ବରଗଡ଼ ଧନୁଯାତ୍ରା**

ବରଗଡ଼ ଧନୁଯାତ୍ରାକୁ ଆଉ ମାତ୍ର ୩ ଦିନ ବାକି ରହିଲା। ଏଥିପାଇଁ ଉଭୟ ବରଗଡ଼ ସହର (ମଥୁରାନଗରୀ) ଏବଂ ଗୋପପୁର(ଅମ୍ବାପାଲି) ଚଳଚଞ୍ଚଳ ହୋଇ ପଡିଛି। ରାଜ ଦରବାର, ରଙ୍ଗମହଲ, ମୀନାବଜାର ସମେତ ବିଭିନ୍ନ ମଞ୍ଚ, ତୋରଣ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ଉଭୟ ବରଗଡ଼ ସହର ଏବଂ ଅମ୍ବାପାଲିରେ କଳାକାରଙ୍କ ରିହର୍ସାଲ ମଧ୍ୟ ପଛରେ ପଡ଼ିନାହିଁ । ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପ ଏବଂ ଅମ୍ବାପାଲିର ସ୍କୁଲ, ଗଜପତି ମଣ୍ଡପ ଆଖଡ଼ାଶାଳ ପାଲଟିଛି । କଳାକାରଙ୍କ ରିହର୍ସାଲରେ ଆଖଡ଼ାଶାଳ କମ୍ପି ଉଠୁଛି । ଆଖଡ଼ାଶାଳରୁ କଳାକାରଙ୍କ ଅଭିନୟର ଚମତ୍କାରିତା ବାରି ହୋଇ ପଡୁଛି ।

ବରଗଡ଼ କଲ୍ୟାଣମଣ୍ଡପରେ ମଥୁରାନଗରୀ କଳାକାରଙ୍କ ରିହର୍ସାଲ ଚାଲିଛି । ଧନୁଯାତ୍ରା କଳାକାରଙ୍କ ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା, ନକୁଳ ବାଦୀ, ତାରାଚାନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କଳାକାରଙ୍କୁ ଦିଗଦର୍ଶନ ଦେଉଛନ୍ତି । କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟ କଳାକାରମାନେ ଅଭିନୟର ପୂର୍ବାଭ୍ୟାସ କରୁଛନ୍ତି । ମଙ୍ଗଳବାର ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ସମ୍ପାଦକ ସୁରେଶ୍ୱର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ କଳାକାରଙ୍କ ରିହର୍ସାଲ ଦେଖିବାକୁ ଆସି ସେମାନଙ୍କ ଅଭିନୟକୁ ପ୍ରଶଂସା କରିଛନ୍ତି । ସେହିପରି ଅମ୍ବାପାଲିରେ ରବିନ୍ଦ୍ର ପୂଜାରୀ, ଦୟାନିଧି ପ୍ରଧାନ, ସୁଶିଳ ମହାପାତ୍ର, ଅଗ୍ନି ଥପା, ପଞ୍ଚାନନ ବିର୍ତ୍ତିଆ ପ୍ରମୁଖ ଗୋପପୁର କଳାକାରଙ୍କୁ ପୂର୍ବାଭ୍ୟାସରେ ଦିଗ୍‌ଦର୍ଶନ ଦେଉଛନ୍ତି । ଧନୁଯାତ୍ରା ପାଇଁ ଗୋପପୁର ମଧ୍ୟ ସଜେଇ ହେଉଛି । ଗୋପପୁରର ଘରେ ଘରେ ପ୍ରତି କାନ୍ଥରେ ଶ୍ରୀକୃଷ୍ଣ ବାଲ୍ୟଲୀଳା ଚିତ୍ର ଅଙ୍କାଯାଉଛି ଏବଂ ଏବେଠାରୁ ସେଠାରେ ଆଧ୍ୟାତ୍ମିକ ପରିବେଶର ବାସ୍ନା ବାରି ହୋଇ ପଡୁଛି । ଅନ୍ୟପଟେ ଏଥର ଯଶୋଦା, ଦେବକୀ, ରାଣୀ ଇନ୍ଦୁମତୀ, ପଦ୍ମାବତୀଙ୍କ ସମେତ ଅନେକ ନାରୀ ଚରିତ୍ରର କଳାକାରମାନେ ନବାଗତା । ପ୍ରଥମଥର ପାଇଁ ସେମାନେ ଧନୁଯାତ୍ରାକୁ ଓହ୍ଲାଇଥିଲେ ହେଁ ରିହର୍ସାଲରୁ ସେମାନେ ନିଜ ଅଭିନୟର ପରାକାଷ୍ଠା ଦେଖାଇବାରେ ବେଶ୍ ସଫଳ ହୋଇଛନ୍ତି ।

## ଧର୍ମଘଟକୁ ସମର୍ଥନ

**ବରପାଲି, ୮।୧ (ଡି.ଏନ.ଏ)**

ଦେଶବ୍ୟାପୀ ହୋଇଥିବା ଦୁଇ ଦିନିଆ ଧର୍ମଘଟ ଡାକରାକୁ ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ ହୀରା ଜିଟିପି କର୍ମଚାରୀ ସଂଘ ବୁର୍ଲା ଆନୁକୂଲ୍ୟରେ ବରପାଲି ଶାଖା ବିଦ୍ୟୁତ କର୍ମଚାରୀ ଏହାକୁ ସମର୍ଥନ ଦେଇଛନ୍ତି। ଏ ନେଇ ମଙ୍ଗଳବାର ପ୍ରଥମ ଦିନରେ ସ୍ଥାନୀୟ କେନାଲ ରୋଡ ସ୍ଥିତ ବିଦ୍ୟୁତ ଗ୍ରୀଡ ପରିସରରେ ସଂଘର କର୍ମକର୍ତ୍ତା ଓ କର୍ମଚାରୀମାନେ ୧୧ ଦଫା ଦାବିରେ ଧାରଣା ଦେଇଥିଲେ । ଏହି ଧର୍ମଘଟରେ ବଛରୁ ମେହେର, ଅଶୋକ କର, ଲକ୍ଷ୍ମଣ ସେଠ, ଗାନ୍ଧୀ ସାହୁ, ଗିରିଧାରୀ ପଣ୍ଡା, ଗାନ୍ଧୀ ମେହେର, ଅମିୟ ଦାଶ ପ୍ରମୁଖ ସାମିଲ ହୋଇଥିଲେ ।



ଶ୍ରମିକ ସଙ୍ଗଠନ ଦେଶବ୍ୟାପୀ ଦେଇଥିବା ବନ୍ଦ ଡାକରାକୁ ସମର୍ଥନ କରି ବରପାଲି ଗ୍ରୀଡ୍‌ରେ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

# ବିଦ୍ୟୁତ୍, ଡାକ୍ତରଖାନା ସମସ୍ୟା ଆଲୋଚନା

**ପାଇକମାଳ,୮।୧(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳରୁ ପଦ୍ମପୁର ୩୩କେଭି ନୂତନ ତାର ସଂଯୋଗ ନେଇ ଥିବା ସମସ୍ୟା ଓ ପାଇକମାଳ ସରକାରୀ ଚିକିତ୍ସାଳୟରୁ ସ୍ଥାନାନ୍ତର ହେଉଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ସମ୍ପର୍କରେ ମଙ୍ଗଳବାର ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦକାରଙ୍କ ସହ ନାଗରିକ କମିଟି ସଦସ୍ୟମାନେ ଆଲୋଚନା କରିଥିଲେ । ପଦ୍ମପୁର ପାଇକମାଳକୁ ଟଣା ଯାଉଥିବା ୩୩କେଭି ବିଦ୍ୟୁତ୍ କାର୍ଯ୍ୟ ବିଳମ୍ବ ହେଉଛି। ଏଥିପାଇଁ ବରିକେଲ ଗ୍ରାମରେ ଅସୁବିଧା ଥିବାରୁ ଠିକାଦାର ଓ ଗ୍ରାମବାସୀଙ୍କ ସହ ୭ଦିନ ମଧ୍ୟରେ ଆଲୋଚନା କରି ଘଟଣାର ସମାଧାନ କରାଯିବ ବୋଲି ଉପଜିଲାପାଳ ଚନ୍ଦ୍ରକାର କହିଥିଲେ। ଏହାସହ ପାଇକମାଳରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ବୁକ୍ରାମୁଣ୍ଡାକୁ ସ୍ଥାନାନ୍ତର ସମ୍ପର୍କରେ ଆଲୋଚନା କରି ଜନସାଧାରଣଙ୍କ ଅସୁବିଧା କରାଯିବ ନାହିଁ । ପାଇକମାଳ ଓ ବୁକ୍ରମୁଣ୍ଡା ଉଭୟ ସ୍ଥାନରେ ଜନସାଧାରଣ ସେବା ପାଇପାରିବେ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନାରେ ଆଇନଜୀବୀ ରାମରତନ ପୁରୋହିତ, ମନୋଜ କୁମାର ତ୍ରିବେଦୀ, ରାଜକିଶୋର ସାହୁ, ବିନୋଦ କୁମାର କାଳିଆ, ସରୋଜ ସାମଲ, ଜଗମୋହନ ତ୍ରିବେଦୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



ପାଇକମାଳ ନାଗରିକ ସଂଘର କର୍ମକର୍ତ୍ତା ଉପଜିଲାପାଳଙ୍କ ସହ ଆଲୋଚନାରତ ।

## କାଳିଆ ସଚେତନତା ରଥର ଶୁଭାରମ୍ଭ

**ଜାମଟିକ୍ରା, ୮।୧ (ଡି.ଏନ.ଏ)**

ଅତାବିରା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ସମ୍ପାଦକ ବିଶ୍ୱଜିତ ବାରିକ ପତାକା ଦେଖାଇ ମଙ୍ଗଳବାର ଆନୁଷ୍ଠାନିକ ଭାବେ କାଳିଆ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ସମୟରେ ଅତାବିରା କୃଷି ସମବାୟ ସମିତି ସମ୍ପାଦକ କ୍ଷୀରୋଦ ପଧାନ, ଅତାବିରା କୋ ଅପରେଟିଭ ବ୍ୟାଙ୍କ ଶାଖା ପରିଚାଳକ ଉମାକାନ୍ତ ଭୋଇ, ଲିଙ୍ଗରାଜ ସୁନା, ଗୋପୀନାଥ ନାୟାରଙ୍କ ସମେତ ବଜାର କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏହି ରଥ ଅତାବିରା ଏନଏସି ସମେତ ବ୍ଲକର ୨୬ଟି ପଞ୍ଚାୟତ ଓ ଭେଡେନ ବ୍ଲକର ୨୧ଟି ପଞ୍ଚାୟତକୁ ପରିକ୍ରମା କରି ଚାଷୀ ତଥା ଜନସାଧାରଣଙ୍କୁ କାଳିଆ ଯୋଜନା ସମ୍ପର୍କରେ ବୁଝାଇ ସଚେତନତା ସୃଷ୍ଟି କରିବ ।

# ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା

**ପାଇକମାଳ,୮।୧(ଡି.ଏନ.ଏ)**

ପାଇକମାଳ ବ୍ଲକ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷ ରୋହିତ କୁମାର ବାରିକ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡିଆରେ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ରମାନେ ନୃସିଂହନାଥରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ କରିଥିଲେ । ମୋଟ ୧୮ଟି ପ୍ରତିଯୋଗିତାରେ ୩୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ନାରାୟଣ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ଯୋଗେନ୍ଦ୍ର ପ୍ରଧାନ, ବିଜୟଲକ୍ଷ୍ମୀ ଖାନସମା ଖେଳ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ପାଇକମାଳ ବିଡିଓ ସଦାଶିବ ନାଏକ ମୁଖ୍ୟଅତିଥି, ଅମଠି ହାଇସ୍କୁଲ ପ୍ରଧାନ ଶିକ୍ଷକ ନନ୍ଦଲାଲ ନାଏକ, ଖବରଦାତା ସୁରଥ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧାପକ ପ୍ରଭାତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଦୀପେଶ ଭୋଇ ଚାମ୍ପିୟନ ହୋଇଥିଲେ। ଅଧ୍ୟାପକ ପ୍ରଦୀପ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀମାନେ ।

### ବୀମା ରାଶି ପ୍ରଦାନରେ ପାତରଅନ୍ତର ଅଭିଯୋଗ

# ତେଜୁଛି ଚାଷୀ ଅସନ୍ତୋଷ

**ଗଣ୍ଡତୁରୁମ, ୮।୧ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ମହୁଲପାଲି ପଞ୍ଚାୟତର ଚାଷୀଙ୍କୁ ବୀମାରାଶି ପ୍ରଦାନରେ ପାତରଅନ୍ତର କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଗତ ୨୦୧୭-୧୮ ମସିହା ରବି ଋତୁରେ ହୋଇଥିବା କରକାପାତର କ୍ଷତିପୂରଣ ବାବଦ ସ୍ୱଳ୍ପ ପରିମାଣର ରାଶି ପ୍ରଦାନ କରାଯାଇଥିବାରୁ ଏଭଳି ପରିସ୍ଥିତି ହୋଇଛି ।

ସୂଚନା ଅନୁଯାୟୀ, ସିଆଲଖଣ୍ଡହଥା ସେବା ସମବାୟ ସମିତି ଅର୍ନ୍ତଭୁକ୍ତ ୧୭୩ ଜଣ ଚାଷୀଙ୍କ ପାଇଁ ୯ଲକ୍ଷ ୬୭ ହଜାର ୦୦୪ଟଙ୍କା ବୀମା କ୍ଷତିପୂରଣ ମଞ୍ଜୁର ହୋଇଛି । ତେବେ ପ୍ରତି ଏକର ପିଛା ୪ରୁ ୫ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଚାଷୀଙ୍କ ଖାତାରେ ଜମା ହୋଇଛି । ଅପର ପକ୍ଷେ ବ୍ଲକର ରେଶମ ପଞ୍ଚାୟତର ୧୫୨ ଜଣ ଚାଷୀଙ୍କ ୮୫ ପ୍ରତିଶତ ଆଧାରରେ ୧୦୦୩୬୮୧୪.୬୩ ଟଙ୍କା ଏବଂ କୁବେଡେଗା ପଞ୍ଚାୟତର ୧୭୨ ଜଣ ଚାଷୀଙ୍କ ପାଇଁ ୧୦୧୬୬୭୮୯.୧୩ ଟଙ୍କା ମଞ୍ଜୁର ହୋଇଛି । ଏପରିକି ସିଆଲଖଣ୍ଡହଥା ପଞ୍ଚାୟତର ୧୬୨ ଜଣ ଚାଷୀଙ୍କୁ ୫୦ ପ୍ରତିଶତ ହିସାବରେ କେବଳ ୬୭ ଲକ୍ଷ ୧୫ ହଜାର ୯୨୦ ଟଙ୍କା ମଞ୍ଜୁର ହୋଇଛି। ସରକାରୀ ନିୟମ ଅନୁସାରେ ୩୩ ପ୍ରତିଶତରୁ କମ୍ କ୍ଷୟକ୍ଷତି ହେଲେ କ୍ଷତିପୂରଣ ମିଳିବ ନାହିଁ ବୋଲି ନିୟମ ରହିଛି । ତେବେ ମହୁଲପାଲି ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀଙ୍କୁ ୦.୬୩ ପ୍ରତିଶତ ଆଧାରରେ କମ୍ କ୍ଷତିପୂରଣ ରାଶି ମିଳିଛି । ଏ ନେଇ ଚାଷୀ ସଙ୍ଗଠନର ନେତା ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଚାଷୀମାନେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ସୁଫଳ ମିଳିପାରୁନାହିଁ । ବ୍ଲକର ଅନ୍ୟ ପଞ୍ଚାୟତ ଗୁଡିକୁ ବର୍ଦ୍ଧିତ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ମହୁଲପାଲି ପଞ୍ଚାୟତର ଚାଷୀଙ୍କ ପ୍ରତି ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି ବୋଲି ଚାଷୀ ରାମଭକ୍ତ ଦାଶ, ଗୁପ୍ତେଶ୍ୱର ପୁରୋହିତ, ପ୍ରଦୀପ ଧର, ହୃଷିକେଶ ଧର ପ୍ରମୁଖ ଅଭିଯୋଗ କରିଛନ୍ତି । ସରକାର ଆଶୁ ବ୍ୟବସ୍ଥା ନ କଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକା।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଟିଟିଲାଗଡ଼ରେ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ବନ୍ଦ

**ଟିଟିଲାଗଡ଼,୮।୧(ଡି.ଏନ.ଏ):** ଜାତୀୟ ଟ୍ରେଡ ୟୁନିୟନ ପକ୍ଷରୁ ଦୁଇ ଦିନିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବନ୍ଦର ପ୍ରଭାବ ଟିଟିଲାଗଡ଼ରେ ମଧ ଆଂଶିକ ପରିଲକ୍ଷିତ ହୋଇଥିଲା। ସମସ୍ତ ଦୋକାନ ବଜାର ଖୋଲା ରହିଥିବା ବେଳେ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ, ପୋଷ୍ଟ ଅଫିସ ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିବା ବେଳେ ଟିଟିଲାଗଡ଼ ଜିଲା ଦାବି ନେଇ ଚାଲିଥିବା ଆନ୍ଦୋଳନ ଯୋଗୁ ମସସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ଅନ୍ୟପକ୍ଷେ ବନ୍ଦ ସମର୍ଥନରେ କୌଣସି ସଂଗଠନ ରାସ୍ତାକୁ ଓହ୍ଲାଇ ନ ଥିବା ଦେଖିବାକୁ ମିଳିଥିଲା।

### ୬୯ ଦିନରେ ଟିଟିଲାଗଡ ଜିଲା ଆନ୍ଦୋଳନ

**ଟିଟିଲାଗଡ଼, ୮।୧ (ଡି.ଏନ.ଏ.):** ଟିଟିଲାଗଡ ଜିଲା ଦାବି ନେଇ ଦୀର୍ଘ ୬୯ ଦିନ ଧରି ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଆନ୍ଦୋଳନ ନେଇ ପ୍ରତ୍ୟହ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ ଗଣଧାରଣାରେ ସାମିଲ ହୋଇଛନ୍ତି। ଜିଲା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଜିଲା ଦାବିକୁ ନେଇ କର ବା ମର ଡାକରା ଦିଆଯାଇଛି। ଏନେଇ ଉପଖଣ୍ଡ ମୁଖ୍ୟାଳୟ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ଗୋଟି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଛି। ମଙ୍ଗଳବାର ଶଗଡଘାଟ ପଞ୍ଚାୟତ ଅନ୍ତର୍ଗତ ସିକେର ଗ୍ରାମର ଜୟ ଜଗନ୍ନାଥ କମିଟିର ଶତାଧିକ ସଦସ୍ୟ ସଦସ୍ୟା ସଭାପତି ରମେଶ ବଗର୍ତି, ସମ୍ପାଦକ ନନ୍ଦି କିଶୋର ମାଝୀ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣାରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ସରପଞ୍ଚ ଅଲିତା ସାହୁ, ପୂର୍ବତନ ସମିତି ସଭ୍ୟ ଶତୃଘ୍ନ ମାଝୀ, ଦଶରଥ ମାଝୀ, ମେରଖମ କପାଟ, ଯୁବରାଜ ଧରୁଆ, ଶରତ ପୁରୋହିତ, ଶତୃଘ୍ନ ଚିନ୍ଦା, ଯଦୁମଣୀ ଆଚାର୍ଯ୍ୟ, ବିକାଶ ହାତି, ଘାସିରାମ ହରପାଲ ପ୍ରମୁଖ ସାମିଲ ଥିଲେ।

### ଆନ୍ଦୋଳନରେ ସାମିଲ ହେଲା ଡ୍ରାଇଭର ଆସୋସିଏଶନ

**କଣ୍ଟାବାଞ୍ଜି, ୮।୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ଜିଲା ଦାବି ନେଇ ଜିଲ ସଂଘର୍ଷ ସମିତିର ଧାରଣା ମଙ୍ଗଳବାର ୫୩ଦିନରେ ପହଞ୍ଚିଛି । ଏହି ଧାରଣାରେ ବଙ୍ଗୋମୁଣ୍ଡା ବ୍ଲକ ଡ୍ରାଇଭର ଆସୋସିଏଶସନର ସଭାପତି ଅଜିତ ଯୋଷୀଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ଧାରଣାସ୍ଥଳକୁ ଆସି ସାମିଲ ହୋଇଥିଲେ। ଧାରଣାରେ ସାମିଲ ହୋଇ କଣ୍ଟାବାଞ୍ଜିକୁ ସରକାର ସ୍ୱତନ୍ତ୍ର ଜିଲା ଘୋଷଣା ନକଲେ ଆସନ୍ତା ଦିନରେ ପରିସ୍ଥିତି ଭୟାବହ ହେବ ବୋଲି କହିଥିଲେ। ଏହି ସଭାରେ ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରାଙ୍କ ସହିତ ଡ୍ରାଇଭର ଆଶୋସିଏଶନର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ବିଜ୍ଞପ୍ତି ଜାରି କଲେ ସରକାର

# ବ୍ୟାଘ୍ର ପ୍ରକଳ୍ପରୁ ୧୦୪ ଗାଁ ବାଦ୍

**ବନ୍ତଲା, ୮।୧ (ଦିନେଶ ଦେହୁରୀ)**

- ଅନୁଗୋଳ ଜିଲାର ୪୩
- ନରସିଂହପୁର ଅଞ୍ଚଳର ୨୭
- ନୟାଗଡ଼ ଜିଲାର ୨୦
- ବୌଦ୍ଧ ଜିଲାର ୧୪ ଗ୍ରାମ

ସାତକୋଶିଆ ଅଭୟାରଣ୍ୟ ଘୋଷଣା ପରଠାରୁ ୧୯୭୨ରୁ ଏକପ୍ରକାର ପରାଧୀନ ଜୀବନ ବିତାଉଥିବା ଜଙ୍ଗଲ ସଂଲଗ୍ନ ଅନୁଗୋଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲାର ୧୦୪ ଗ୍ରାମବାସୀ ବନ ବିଭାଗ କଟକଣାରୁ ଏବେ ମୁକ୍ତ ହୋଇଛନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରୁ ଉକ୍ତ ୧୦୪ ଗାଁକୁ ବାଦ୍ ଦିଆଯାଇଥିବା ନେଇ ରାଜ୍ୟ ସରକାର ଗତ ଡିସେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ କରିଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଯେ, ବନ ବିଭାଗର କଟକଣାକୁ ନେଇ ଅତିଷ୍ଠ ହୋଇପଡ଼ିଥିବା ସମ୍ପୃକ୍ତ ଅଧିବାସୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହିତ ବହୁ ପୂର୍ବରୁ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହେଲେ ଅଭୟାରଣ୍ୟରେ ବ୍ୟାଘ୍ର ପ୍ରକଳ୍ପ ସ୍ଥାପନ ପରେ ବନ ବିଭାଗ ଲଗାଇଥିବା କଟକଣା ଅଧିବାସୀଙ୍କ ଜୀବନକୁ ଦୁର୍ବିଷହ କରିଦେଇଥିଲା। ଲୋକମାନେ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଥିଲେ। ତେବେ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ଏହି ବନବାସୀଙ୍କ ଅଧିକାରକୁ ଗୁରୁତ୍ୱ ଦେବା ସହ ସେମାନଙ୍କୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ମୁକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଚିଠି ନଂ. ୨୬୮୬୫, ତା୧୪।୧୨।୨୦୧୮ରିଖରୁ ଏହା ଜଣାପଡ଼ିଛି। ଅଧିବାସୀଙ୍କ ଅସ୍ତିତ୍ୱ, ପ୍ରକୃତି ଓ ବ୍ୟକ୍ତି ଅଧିକାର ସୀମାର ତର୍ଜମା ପରେ ବନ୍ୟପ୍ରାଣୀ ଆଇନ ୧୯ ରୁ ୨୫ ଅନୁଯାୟୀ ଅନୁଗୋଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅନୁମତି ସହ ରାଜ୍ୟ ସରକାର ଏନ୍ଟିସିଏଙ୍କୁ ଜଣାଇବା ପରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ ଅବଗତ କରିଥିଲେ। ଏହା ପରେ ସାତକୋଶିଆ ଅଭୟାରଣ୍ୟ ସୀମା ଅଦଳ ବଦଳ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଥିଲା। ଅନୁଗୋଳ ଜିଲାର ଆଠମଲ୍ଲିକ ବନଖଣ୍ଡର ହାତୀବାରି ରିଜର୍ଭ ଜଙ୍ଗଲ ଉତ୍ତର ଓ ଦକ୍ଷିଣ, ଅନୁଗୋଳ ବନଖଣ୍ଡର ନୂଆଖେତା ଓ ବଲଙ୍ଗ ରିଜର୍ଭ ଜଙ୍ଗଲ, ବୌଦ୍ଧ ଜିଲାର ହାତୀଧରା ରିଜର୍ଭ ଜଙ୍ଗଲ, ଢେଙ୍କାନାଳ ଜିଲାର ନନ୍ଦିନୀ ରିଜର୍ଭ ଜଙ୍ଗଲ, କଟକ ଜିଲା ଆଠଗଡ଼ ବନଖଣ୍ଡର ନୂଆଗଡ଼, ଶରଧାପୁର, ବାଲିକିଆରି, ବରଖୋଲ ଓ ବାଲିକିଆରି ପ୍ରୋଟେକ୍ଟ ଜଙ୍ଗଲକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମିଶାଯାଇଛି। ଏଥିସହିତ ବ୍ୟାଘ୍ର ପ୍ରକଳ୍ପରୁ ୧୦୪ଟି ଗ୍ରାମକୁ ବାଦ୍ ଦିଆଯାଇଛି। ଏଥିରେ ଅନୁଗୋଳ ଜିଲାର କଟରଙ୍ଗ, ହାତୀବାରି, କରଡ଼ାପଡ଼ା, ରାମିମୁଣ୍ଡା, ବଡ଼ଖେତା, ଶାଲର, ପୁରୁଣାକୋଟ, ଗୋପାଳପୁର, ଛୋଟକେଇ, ଟୁଲୁକା, ପମ୍ପାସର, ହିଂସିରିଡ଼ା, ଜଗନ୍ନାଥପୁର, ଟାକରିସିଙ୍ଗା, ଯୋକୁବୁ, କୁଲାଙ୍ଗି, ସାନକଟରଙ୍ଗ, ଗଇନ୍ଦି, ମଝିପଡ଼ା, ବେହେରା ସାହି, ଟିକରପଡ଼ା, ନୂଆଭୂଇଁ, କରଡ଼ାବଣି ଜଙ୍ଗଲ, ମହୁଲିଆ, ବାଘମୁଣ୍ଡା, ତଳସିରା, ଲବଙ୍ଗୀ, ଲୁହାସିଙ୍ଗା, ନୀଳମରା, କଡ଼ାସିଙ୍ଗା, ମାଳିସାହି, ଜାମୁଡୁଳି, ଦୋଳମୁଣ୍ଡି, କରଡ଼ାସିଙ୍ଗ, ନିମ୍ନଡ଼ିହି, ତେନ୍ତୁଳିପଦର, ଦରୁହା, ବଡ଼ଦୋଧିଆ ନାଳି, କୁଶାସିଙ୍ଗା, ତଳବିଜପୁର, କୁତୁଲୁସିଙ୍ଗା, ନାଜହର, ଝାରପଡ଼ା ଆଦି ୪୩ଟି ଗ୍ରାମ ରହିଛି। ସେହିପରି କଟକ ଜିଲାର ନରସିଂହପୁର ଅଞ୍ଚଳର କାଇଁ ପୋଖରୀ, ରେଗେଡ଼ା, ମନ୍ଦାଣିଆ, ଚିକଣଖଣ୍ଡି, ତଳସାହି, ନୂଆଗାଁ, ସତ୍ୟଜୟପୁର, ଧନୁଜୟପୁର, କୁଞ୍ଜବନପୁର, କମଳାଡ଼ିହ, ବାଲିପୁଟ, ରାଣିଭୂଇଁ, ପାଇକରେଗଡ଼ା, କଇଁତରା, ପଞ୍ଝୁମା, ବସନ୍ତପୁର, ସାନଗାଁ, ଜୟମଙ୍ଗଳପୁର, ଜଗନ୍ନାଥପୁର, ହିଞ୍ଜୋଲଖାଲ, ଜୟମଙ୍ଗଳପୁର (କ), ମହିଗଡ଼, ଜାନିସାହି, ଶ୍ୟାମପୁର, ଧନଦ୍ୱିପ, ବଡ଼ଗାଁ, ବଢ଼ିଆ ରେଗଡ଼ା ଆଦି ୨୭ଟି ଗ୍ରାମ ରହିଛି। ନୟାଗଡ଼ ଜିଲାର ମାଳିସାହି, ବଡ଼ମୂଳ, ବେଠିସାହି, ମୁଦୁଲିଗଡ଼ିଆ, କନ୍ଧଜିଲିଣ୍ଡା, ଛାମୁଣ୍ଡିଆ, ହରିପୁର, କାନିପୋଖରୀ, ବେନ୍ତପଡ଼ା, ଈଶ୍ୱରପୁର, ମସ୍କାଝୋଲି, ରାଇଗଡ଼ିଆ, ମହନପଡ଼ା, ଜସିପୁର, ରାଇଙ୍ଗିଲ, ଧୋବାବେରେଇ, କିମ୍ପିରଖଣି, ବଡ଼ମୂଳ ପାଟଣା, ରାଣିଖୋଲ, ବରପାଲି ଆଦି ୨୦ଟି ଗ୍ରାମ ରହିଛି। ବୌଦ୍ଧ ଜିଲାର କୁମାରୀ, ହାତଘର, ଭାବପୁର, ବୁଢ଼ାମ୍ବା, ଘୁଞ୍ଚୁରୁପଡ଼ା, ନୂଆପଡ଼ା, ସେମିଗୁଡ଼ା, ଶ୍ରୀପଜ୍ଜୁ, ଗେରେଡ଼ିସାହି, ହିଞ୍ଜଳ, ସାତଖଣ୍ଡ, କୁଟିବାରି, ଅତଳସରା, ବଡ଼ନନ୍ଦଗଡ଼ୁ ଆଦି ୧୪ଟି ଗ୍ରାମକୁ ମିଶାଇ ମୋଟ୍ ୧୦୪ଟି ଗାଁକୁ ବ୍ୟାଘ୍ର ପ୍ରକଳ୍ପରୁ ବାଦ୍ ଦିଆଯାଉଛି। ବାଇସିପାଲି ବନ୍ୟପ୍ରାଣୀ ଅଭୟାରଣ୍ୟର ପରିସୀମା ୧୬୮.୩୫ ବର୍ଗ କିଲୋମିଟର ସହିତ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ପରିସୀମା ୯୬୮.୩୫କୁ ମିଶାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ମୋଟ୍ ସୀମା ୧୧୩୬.୭୦ ବର୍ଗ କିଲୋମିଟର କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।



ପ୍ରକଳ୍ପରୁ ବାଦ୍ ପଡ଼ିଥିବା ଅନୁଗୋଳର ଅସନୁଆଳ ଗାଁ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ବୃଦ୍ଧି କରାଯିବା ଦାବି ନେଇ ନୂଆଦିଲ୍ଲୀରେ ମଙ୍ଗଳବାର ବିଜେଡି ପକ୍ଷରୁ କୃଷକ ଅଧିକାର ସମାବେଶ କରାଯାଇଛି। ସମାବେଶ ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ଏଥିସହିତ ସେମାନେ ଏମ୍ଏସ୍ପି ବୃଦ୍ଧି କରିବା ପ୍ରସଙ୍ଗରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଏମ୍ଏସ୍ପି ବୃଦ୍ଧି ପ୍ରସଙ୍ଗ ସହ ଓଡ଼ିଶାର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୁଇଣ୍ଟାଲ ପିଛା ଏମ୍ଏସ୍ପି ୧୭୫୦ଟଙ୍କା ରହିଛି। ପୂର୍ବରୁ ଏହି ମୂଲ୍ୟକୁ ୨୯୩୦କୁ ବୃଦ୍ଧି କରିବା ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିବା ବିଷୟ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସିଏସିପି ସୁପାରିସ, କାଳିଆ ଯୋଜନା, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍ଡିଏ ପ୍ରତିଶ୍ରୁତି ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି। ଏହା ପରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀର ଆୟ ବୃଦ୍ଧି କରିବା ପାଇଁ ଏମ୍ଏସ୍ପି ୨୯୩୦ ଟଙ୍କା ହେବା ଆବଶ୍ୟକ। ତେଣୁ କେନ୍ଦ୍ର ନିଜ ପ୍ରତିଶ୍ରୁତି ମୁତାବକ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରୁ। ଏମ୍ଏସ୍ପି ବୃଦ୍ଧି ନେଇ ରାଜ୍ୟ ଓ ଦଳର ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତିଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜୁ କୃଷକ ଜନତା ଦଳର ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମହାସଚିବ ପ୍ରତାପ ଜେନା, ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ, ସଂସଦୀୟ ଦଳ ମୁଖ୍ୟ ସଚେତକ ତଥାଗତ ସତପଥୀ ପ୍ରମୁଖ ଥିଲେ। ସେହିପରି ଏମ୍ପି ରବୀନ୍ଦ୍ର ଜେନା, ଏନ. ଭାସ୍କରରାଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଏବଂ ପୁରସ୍କାରପ୍ରାପ୍ତ ୨ ଚାଷୀ ସ୍ନିଗ୍ଧା ପଟେଲ ଓ ରମଣୀରଞ୍ଜନ ପ୍ରଧାନ ମଧ୍ୟ ରାଷ୍ଟ୍ରପତି ଭବନକୁ ଯାଇଥିଲେ।



କୃଷକ ଅଧିକାର ସମାବେଶରେ ସମବେତ ବିଜୁ କୃଷକ ଜନତା ଦଳର କାର୍ଯ୍ୟକର୍ତ୍ତା, ବିଜେଡି ନେତୃବୃନ୍ଦ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର
ମାଛ ବିକି ବିକି ଦିନ ଯାଉଥିଲା
ଲଗାଉଛି ଗନ୍ଧ ଅତର ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରିବସେ। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି, ତାହା ସେ ମନରୁ ପାସୋରି ନ ଦେବା ଉଚିତ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏଡୁଟିକି ଏଡ଼େଟାଏ
ଟେକାଟିକୁ ପଥରଟାଏ ।**

ଯିଏ ଯାହାକୁ ବିପଦରେ ପକାଇବାକୁ ଯେତେ ଚେଷ୍ଟା କରିଥାଏ ତାକୁ ଦିନେ ନା ଦିନେ ତାହାଠୁ ବଡ଼ ବିପଦ ବରଣ କରିବାକୁ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେଇ ନ ଥାନ୍ତି। ବିଳମ୍ବେ ହେଉ ପଛେ କୃତକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ଯିଏ ଯାହାକୁ ଅନ୍ୟାୟରେ କ୍ଷତିରେ ପକାଇବାକୁ ଯେତେ ପେଞ୍ଚ କରିଥାଏ ଈଶ୍ୱର ତା'ପାଇଁ ତହୁଁ ଅଧିକ ପେଞ୍ଚ ପ୍ରସ୍ତୁତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

# ଛତିଶଗଡକୁ ହରାଇ ବରଗଡ଼ ସେମିରେ

**ଟିକ୍ରାପଡା, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ମ୍ୟାଚରେ ଛତିଶଗଡ ଦଳକୁ ୫-୦ ଗୋଲରେ ହରାଇ ବରଗଡ ଦଳ ବିଜୟୀ ହୋଇଥିଲା । ପାଣ୍ଡବ ବିଶି, ରିଙ୍କୁ ବିଶି, ପିଣ୍ଟୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ । ରାହୁଲ ଶର୍ମା, ବସନ୍ତ ବେହେରା, ହେମନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ଭାଜପା ନେତା ଶାନ୍ତନୁ ପଣ୍ଡା, ଯୁବ ସଙ୍ଗଠକ ସୁବ୍ରତ ନାଗ, ବିଜୟ କୁମାର ପାତ୍ର. ସୁବାସ ବେହେରା, ପ୍ୟାକ୍ସ ସଭାପତି ବିକ୍ରମସିଂ ବୁଡେକ ଅତିଥିଭାବେ ଯୋଗ ଦେଇଥିଲେ । ବୁଧବାର ଝାରସୁଗୁଡା ବନାମ ବରଗଡ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅୟୋଜକ କମିଟି ସୂତ୍ରରୁ ପ୍ରକାଶ ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋହଡ଼ି ଧମାକା
ପ୍ରଥମ 100 କଲର୍ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
**ମୁଦ୍ରା ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍ସିଡି । ଗ୍ରୁପ୍ ଋଣର ସୁବିଧା ମଧ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୯ ଜାନୁୟାରୀ, ୨୦୧୯



ଅନ୍ୟକୁ ଘୃଣା କରିବା ଅର୍ଥ, ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ି ଦେବା ସଙ୍ଗେ ସମାନ।
- ଇମରସନ



## ସଂକ୍ଷେପରେ

### ଭାରତ ବନ୍ଦ : ଖୋର୍ଦ୍ଧାରୋଡ୍ ଡିଭିଜନରେ ରେଳ ଚଳାଚଳ ପ୍ରଭାବିତ

**ଜଟଣୀ,୮।୧(ଡି.ଏନ.ଏ.):** ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧାରୋଡ୍ ରେଳ ଡିଭିଜନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଓ ବିଭିନ୍ନ ରେଳ ଷ୍ଟେଶନରେ ଆନ୍ଦୋଳନକାରୀଙ୍କ ରେଳରୋକୋ ଯୋଗୁ କେତେକ ଟ୍ରେନ୍‌ର ଚଳାଚଳକୁ ରେଳ କର୍ତ୍ତୃପକ୍ଷ ବାତିଲ କରିଥିଲେ। ଆଉ କେତେଗୋଟିକୁ ଆଂଶିକ ବାତିଲ୍ ସହ ଅନ୍ୟ ଟ୍ରେନ୍‌କୁ ବିଭିନ୍ନ ସ୍ଥାନରେ ନିୟନ୍ତ୍ରଣ କରି ରଖିଥିଲେ। ଭଦ୍ରକ ଷ୍ଟେଶନରେ ଚେନ୍ନାଇ-ହାଓଡା କରମଣ୍ଡଳ, ଯାଜପୁର-କେନ୍ଦୁଝରରୋଡ୍‌ରେ ଖଡ଼ଗପୁର ପାସେଞ୍ଜରକୁ ନିୟନ୍ତ୍ରଣ କରି ରଖାଯାଇଥିଲା। ସେହିପରି ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ଏକ୍ସପ୍ରେସ୍, ପୁରୀ-ହାଓଡା ଶତାବ୍ଦୀ, ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି, ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ୍, ଦୁର୍ଗ-ପୁରୀ ଏକ୍ସପ୍ରେସ୍ ଓ ହାଓଡା-ଚେନ୍ନାଇ ମେଲ୍‌କୁ ଭୁବନେଶ୍ୱର ଷ୍ଟେଶନରେ ରଖାଯାଇଥିଲା। ଖୋର୍ଦ୍ଧାରୋଡ୍‌ରେ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ୍, ହାଇଦ୍ରାବାଦ-ହାଓଡା ଇଷ୍ଟକୋଷ୍ଟ, ନଗରକୋଏଲ ସାଲିମାର, ମହୀଶୂର-ହାଓଡା ଏକ୍ସପ୍ରେସ୍ ଟ୍ରେନ୍ ରହିଥିଲା। ମଞ୍ଚେଶ୍ୱର ଷ୍ଟେଶନରେ ହାଓଡା-ପୁରୀ ଏକ୍ସପ୍ରେସ୍ ଓ ମୁଜାଫରପୁର-ଯଶୋବନ୍ତପୁର ଏକ୍ସପ୍ରେସ୍ ରହିଥିବା ବେଳେ ରମ୍ଭାରେ ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍, ବ୍ରହ୍ମପୁରରେ ଯଶୋବନ୍ତପୁର- ହାଓଡା, ଇଚ୍ଛାପୁରମ୍‌ରେ ସିକନ୍ଦରାବାଦ-ହାଓଡା ଫାଲକ୍‌ନାମା ଏକ୍ସପ୍ରେସ୍, କଟକରେ ବୋକାରୋ ଷ୍ଟିଲ ସିଟି-ପୁରୀ ଗରିବ ରଥ, ନରାଜରେ ବିକାନେର-ପୁରୀ ଓ ଡେଲାଙ୍ଗ ଷ୍ଟେଶନରେ ପୁରୀ-ପାରାଦୀପ ଇଣ୍ଟରସିଟି ଟ୍ରେନ୍‌କୁ ନିୟନ୍ତ୍ରଣ କରି ରଖାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହି ଟ୍ରେନ୍‌ଗୁଡିକର ଚଳାଚଳ ଆରମ୍ଭ ହୋଇଥିଲା। ସେହିପରି ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍, ପୁରୀ- କଟକ-ପୁରୀ ପାସେଞ୍ଜର, କଟକ-ବ୍ରହ୍ମପୁର-କଟକ ପାସେଞ୍ଜର, କଟକ-ଭଦ୍ରକ-କଟକ ପାସେଞ୍ଜର, ବ୍ରହ୍ମପୁର-କଟକ ମେମୁ ପାସେଞ୍ଜର, କଟକ-ପାରାଦୀପ ମେମୁ, ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିଲା। ଏହାଛଡ଼ା ପଲାସା-କଟକ ପାସେଞ୍ଜରକୁ ମଞ୍ଚେଶ୍ୱର ଓ କଟକ ମଧ୍ୟରେ, ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜରକୁ ପୁରୀ ଓ ବ୍ରହ୍ମପୁର ଷ୍ଟେଶନ ମଧ୍ୟରେ ରେଳ କର୍ତ୍ତୃପକ୍ଷ ସାମୟିକ ଭାବେ ବାତିଲ କରିଥିଲେ।

### ରାଜ୍ୟସ୍ତରୀୟ ଫୁଟବଲ: ନୂଆପଡ଼ା ସେମିରେ

**ବେଲପଡା, ୮।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ବେଲପଡା ଟାଉନ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ଦିବସର ଖେଳ ନୂଆପଡା ବନାମ ବେଲପଡା ଟିଏଫଟି ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଶେଷ ବେଳକୁ ନୂଆପଡା ଦଳ ବେଲପଡାକୁ ଗୋଟିଏ ଗୋଲ ଦେଇଥିଲା। କିନ୍ତୁ ବେଲପଡା ଦଳ ନୂଆପଡା ଦଳକୁ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲା। ଶେଷରେ ନୂଆପଡା ବିଜୟ ହୋଇଥିଲା।





କଳାକାରମାନେ ମାହାରୀ ନୃତ୍ୟ (ପ୍ରଥମ), ଆସାମ କଳାକାରଙ୍କ ବିହୁ ନୃତ୍ୟ (୨ୟ) ଓ ବଲାଙ୍ଗୀର ତୁଷରା କୃଷ୍ଣପ୍ରିୟା କଳା ପରିଷଦର କଳାକାରଙ୍କ ଘୁଡକା ନୃତ୍ୟ ପରିବେଷଣ।

ସୁବର୍ଣ୍ଣ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଲୋକନୃତ୍ୟର ତାଳରେ ଝୁମିଲେ ଦର୍ଶକ

**ସୋନପୁର,୮।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଗାନ୍ଧୀ ପଡିଆସ୍ଥିତ ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଏହି ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ପଞ୍ଜାବର କଳାକାରଙ୍କ ଭାଙ୍ଗଡା ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏହା ପରେ ସୋନପୁରର ଗୁରୁ କୃଷ୍ଣଚନ୍ଦ୍ର ସିନ୍ଧିଆ ଓ ଗ୍ରୁପ୍‌ର କଳାକାରଙ୍କ ଚୁଟ୍‌କୁଚୁଟା ନୃତ୍ୟ, ବଲାଙ୍ଗୀର ତୁଷରା କୃଷ୍ଣପ୍ରିୟା କଳା ପରିଷଦର କଳାକାରଙ୍କ ଘୁଡକା ନୃତ୍ୟ, ପଶ୍ଚିମବଙ୍ଗର ନାଟୁଆ ଅନୁଷ୍ଠାନର ନଟରାଜ ନୃତ୍ୟ, ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟର କଳାକାରଙ୍କ ମହାରୀ ନୃତ୍ୟ, ସୋନପୁର ରୁମୁକ୍‌ଝୁମାନାର ଲୋକନୃତ୍ୟ, କଲିକତା ବେଲେଟ ଡ୍ୟାନ୍ସ ଗ୍ରୁପ୍‌ର ବାଉଲ ଲୋକନୃତ୍ୟ, ଆସାମ କଳାକାରଙ୍କ ବିହୁ ନୃତ୍ୟ ଓ ପଞ୍ଚଶୀଳା ଅନୁଷ୍ଠାନର କଳାକାରମାନେ ପଞ୍ଚରସୀ ନୃତ୍ୟ ପରିବେଷଣ କରିଥିଲେ। ଲୋକନୃତ୍ୟ ଓ ବାଦ୍ୟର ତାଳରେ ଦର୍ଶକ ଝୁମିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବୌଦ୍ଧ ଜିଲାପାଳ ଶାନ୍ତନୁ କୁମାର ରାଉତ। ଜିଲାପାଳ ରାଉତ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ସୁବର୍ଣ୍ଣପୁର ଆଜି ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଛି। ସଂସ୍କୃତି ଓ କଳାରେ ଏହା ସମୃଦ୍ଧ ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। ପିଡି ଡିଆରଡିଏ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ ଭାରତୀୟ ସଂସ୍କୃତି ମହାନ। ଏହି ସଂସ୍କୃତିକୁ କାହାରି ଉପରେ ଥୋପି ଦିଆ ଯାଏନି। ସୁବର୍ଣ୍ଣପୁର ଜିଲାର ପରମ୍ପରା ଓ ସଂସ୍କୃତି ମହାନ ବୋଲି କହିଥିଲେ। ଅଧ୍ୟାପକ ଡ. ଦେବାଶିଷ ପାଣ୍ଡିଆ ସଭା ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲା ସାଂସ୍କୃତିକ ପରିଷଦର ଉପସଭାପତି ମାନଭଞ୍ଜନ ମିଶ୍ର, ସୁଶୋଭିତା ଗୁରୁ, ଜିତେନ୍ଦ୍ର ହୋତା ଓ ପ୍ରତିତି ମିଶ୍ର ପରିଚାଳନା କରିଥିଲେ।



ତରଭା ସୁରତାଲ ଅନୁଷ୍ଠାନର କଳାକାର ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

### ମହିଳା ସଂରକ୍ଷଣ: ରାହୁଲଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସଙ୍ଗରେ ମଙ୍ଗଳବାର ବିଜେଡି ପ୍ରତିନିଧି ଦଳ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଏବଂ ପୁରୀ ଏମ୍‌ପି ପିନାକୀ ମିଶ୍ର ରହିଥିଲେ। ରାହୁଲଙ୍କୁ ଭେଟିବା ପରେ ତଥାଗତ ସତପଥୀ କହିଛନ୍ତି ଯେ, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନୀତିଗତ ସମର୍ଥନ ଲୋଡି ଲେଖାଯାଇଥିବା ପତ୍ର କଂଗ୍ରେସ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ସଂରକ୍ଷଣ ପ୍ରସଙ୍ଗରେ ତାଙ୍କ ସହ ଆଲୋଚନା ମଧ୍ୟ ହୋଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ କଂଗ୍ରେସ ଶାସିତ ରାଜ୍ୟ ବିଧାନସଭାଗୁଡିକରେ ପ୍ରସ୍ତାବ ଗୃହୀତ ପାଇଁ ପଦକ୍ଷେପ ନେଇଥିଲେ। ସେ କଂଗ୍ରେସ ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ମଧ୍ୟ ଲେଖିଥିଲେ। ଏଥିପାଇଁ ତାଙ୍କୁ ଧନ୍ୟବାଦ ଦିଆଯାଇଥିବା ତଥାଗତ କହିଛନ୍ତି।

### ଡୁଙ୍ଗୁରିପାଲିରେ ବନ୍ଦର ଆଂଶିକ ପ୍ରଭାବ

**ଡୁଙ୍ଗୁରିପାଲି, ୮।୧ (ଡି.ଏନ.ଏ)**

ଡୁଙ୍ଗୁରୀପାଲିରେ ବନ୍ଦର ପ୍ରଭାବ ଆଂଶିକ ଅନୁଭୂତ ହୋଇଥିଲା। ଦୋକାନ ବଜାର ଖୋଲା ରହିଥିବା ବେଳେ ବ୍ୟାଙ୍କ, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଜାତୀୟ ରାଜପଥରେ ଯାତ୍ରୀବାହୀ ଘରୋଇ ବସ ବନ୍ଦ ରହିଥିଲା। ମାଲବାହୀ ଯାନ ଚାଲୁ ରହିଥିବା ଦେଖା ଯାଇଥିଲା।

## କୁମ୍ଭମେଳାକୁ ରାମେଶ୍ୱର ସଙ୍ଗମରୁ ଜଳ ନିଆଗଲା

**ସୋନପୁର, ୮।୧(ନି.ପ୍ର.)**

ଉତ୍ତରପ୍ରଦେଶର ଆଲ୍ଲାହାବାଦରେ କୁମ୍ଭମେଳା ମହାସମାରୋହରେ ଆୟୋଜିତ ହେବ। ଏହି କୁମ୍ଭମେଳା ପାଇଁ ମହାନଦୀ, ତେଲନଦୀ ଓ କର୍ପୁର ନଦୀର ସଙ୍ଗମ ସ୍ଥଳୀ ସୋନପୁରର ପବିତ୍ର ରାମେଶ୍ୱର ଘାଟରୁ ଜଳ ଯିବ। ସଂସ୍କାର ଭାରତୀ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ମଙ୍ଗଳବାର ସଙ୍ଗମ ସ୍ଥଳୀରୁ ପୂଜାର୍ଚ୍ଚନା କରାଯାଇ କଳସରେ ପାଣି ଅଣାଯାଇଛି। କାର୍ଯ୍ୟକ୍ରମରେ ନାଟ୍ୟଶ୍ରୀ ଗଦାଧର ବାରିକ, ଶ୍ରୀବତ୍ସ ମଲ୍ଲିକ, ମନୋଜ ବାରିକ୍, ଜଗନ୍ନାଥ ତ୍ରିପାଠୀ, ଏ ପି ନରସିଂହ ହୋତା, ସୁବାଷ ରଣା, ଶ୍ରଦ୍ଧାଞ୍ଜଳି ଷଡଙ୍ଗୀ, ବିଜୟଲକ୍ଷ୍ମୀ ଜାଲ ଓ ସ୍ୱାଗତିକା ନାଗ ପ୍ରମୁଖ ଯୋଗ ଦେଇଥିଲେ।




କୁମ୍ଭମେଳା ପାଇଁ ରାମେଶ୍ୱର ସଙ୍ଗମସ୍ଥଳରୁ କଳସ ଯୋଗେ ପାଣି ଅଣାଯାଉଛି।

### ସାରଙ୍ଗପାଲିରେ ଶୁଳିଆ ଯାତ୍ରା

**ସିଂଘିଯୁବା, ୮।୧(ଡି.ଏନ୍.ଏ.)**

ବିନିକା ବ୍ଲକ୍ ସାରଙ୍ଗପାଲି ଗ୍ରାମରେ ଶୁଳିଆଯାତ୍ରା ପାଳିତ ହୋଇଯାଇଛି। ସୋମବାର ଶୁଳିଆ ଯାତ୍ରା ପାଇଁ ଗ୍ରାମର ଝାଙ୍କର ଏବଂ ବେଜିମାନେ ବ୍ରତ ଧାରଣ କରିଥିଲେ। ମଙ୍ଗଳବାର ସକାଳୁ ବ୍ରତୀମାନେ ଗ୍ରାମର ଗିରିଟିକ୍ରାଠାରେ ଥିବା ଶୁଳିଆ ପୀଠରେ ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ୧୦ଟାରେ ଭକ୍ତମାନେ ମାନସିକ ପୂରଣ ନିମନ୍ତେ ବୋଦା, ଛେଳି, କୁକୁଡା, ନଡିଆ ଧରି ପୂଜାସ୍ଥଳୀକୁ ପହଞ୍ଚିଥିଲେ। ଝାଙ୍କର ଏବଂ ଦେହେରୀଙ୍କ ପୂଜାର୍ଚ୍ଚନା ପରେ ଶୁଳିଆଙ୍କ ସମ୍ମୁଖରେ ପଶୁପକ୍ଷୀ ବଳି ଦିଆଯାଇଥିଲା। ରକ୍ତ ରଞ୍ଜିତ ହୋଇଥିଲା ପୂଜାମଣ୍ଡପ। ମଧ୍ୟାହ୍ନ ୧୨ଟାରେ ବେଜୀ, ପରଧିଆ ଏବଂ ଗ୍ରାମର ଝାଙ୍କର ଶୁଳିଆଙ୍କର ଛତ୍ରସବୁ ଧରି ଗ୍ରାମ ପରିକ୍ରମା କରିଥିଲେ। ଝାଙ୍କର କଏଁଟୁ ବାଘ, ଦେହେରୀ ବିଦେଶୀ ବାଗ୍, ଦଶ ମଲ୍ଲିକ, ଲେଦା ନେଟୀ, ପରଧିଆ ସୀତାରାମ ପୋଢ ପ୍ରମୁଖ ଶୁଳିଆଙ୍କ ପୂଜାର୍ଚ୍ଚନା କରିଥିଲେ।

## ସୁବର୍ଣ୍ଣପୁରରେ ସାଧାରଣ ଧର୍ମଘଟ ଆଂଶିକ ସଫଳ

**ସୋନପୁର,୮।୧(ନି.ପ୍ର.)**

ଟ୍ରେଡ୍ ୟୁନିୟନ ସଂଗଠନ ପକ୍ଷରୁ ୧୧ ଦଫା ଦାବି ନେଇ ଦେଶବ୍ୟାପୀ ୨ ଦିନିଆ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ବିରୋଧ କରି ଶ୍ରମିକ ସଂଗଠନ ଗୁଡିକ ପକ୍ଷରୁ ଏହି ଧର୍ମଘଟ ହୋଇଥିଲା। ମଙ୍ଗଳବାର ପ୍ରଥମ ଦିବସରେ ସୁବର୍ଣ୍ଣପୁର ଜିଲାରେ ଧର୍ମଘଟ ଆଂଶିକ ସଫଳ ହୋଇଛି। ସକାଳେ ଜିଲା ସଦର ମହକୁମାରେ ପୂର୍ବଭଳି ସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲା ରହିଥିଲା। ବିଳମ୍ବରେ ଆନ୍ଦୋଳନ କାରୀମାନେ ଆସି ଅଫିସ ଗୁଡିକ ବନ୍ଦ କରିଥିଲେ। ତେବେ ରାସ୍ତାରେ ବସ୍ ଓ ଟ୍ରକ୍ ଭଳି ଯାନବାହାନ ଚଳାଚଳ ସ୍ୱତଃ ବନ୍ଦ ରହିଥିଲା। ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଗୁଡିକୁ ବନ୍ଦ କରିବାକୁ ଘୋଷଣା କରି ଥିବାରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ଟ୍ରେଡ ୟୁନିୟନ ସଂଗଠନର କର୍ମକର୍ତ୍ତାମାନେ ବିଭିନ୍ନ ସରକାରୀ ଅଫିସ ଓ ବ୍ୟାଙ୍କ ବନ୍ଦ କରିଥିଲେ। ଟାଉନ କଂଗ୍ରେସ ସଭାପତି ଧର୍ମଘଟରେ ସାମିଲ ହୋଇଥିଲା ବେଳେ ବିଜେଡିର କେହି ସାମିଲ ନଥିଲେ। ଏସୟୁସିଆଇ କମ୍ୟୁନିଷ୍ଟ ପାର୍ଟି ନେତା ଗୋବିନ୍ଦ ମହାରଣାଙ୍କ ନେତୃତ୍ୱରେ ଶ୍ରମିକ ନେତା କୁଶ ମହାକୁର, ଲଳିତ ମେହେର, ନିତ୍ୟାନନ୍ଦ ମଲ୍ଲିକ, କର୍ଣ୍ଣରାଜ ପ୍ରଧାନ, ଉମେଶ ପ୍ରଧାନ, ଲକ୍ଷ୍ମଣ ବସ୍ତିଆ, ଦିଲ୍ଲିପ ଦନ୍ତ, ଟାଉନ କଂଗ୍ରେସ କମିଟି ସଭାପତି ସୁଧୀର ପଣ୍ଡାଙ୍କ ସମେତ ବ୍ୟାଙ୍କ କର୍ମଚାରୀ ଏହି ବନ୍ଦରେ ସାମିଲ ହୋଇଥିଲେ। ବୁଧବାର ମଧ୍ୟ ଏହି ଧର୍ମଘଟ ଜାରି ରହିବ।



ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମୁଖ ମୁଖ୍ୟ ଫାଟକକୁ ବନ୍ଦ କରୁଛନ୍ତି।

୧୪ତମ ବଡଦେଓ ଲୋକ ମହୋତ୍ସବ

## ମହୋତ୍ସବ ଗଣ୍ଡସମାଜକୁ ଏକତ୍ରିତ କରୁଛି

**ଅମରପାଲି, ୮।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ଗଣ୍ଡ ସମାଜର ୧୪ତମ ବଡଦେଓ ଲୋକ ମହୋତ୍ସବ ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାପାଲିଠାରେ ଉଦ୍‌ଘାଟିତ ହୋଇଯାଇଛି। ଗଣ୍ଡ ସମାଜ ମହିଳା ଓ ବାଳିକାମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ କଳସ ଶୋଭାଯାତ୍ରା କରାଯାଇଥିଲା। ଜଳପୂର୍ଣ୍ଣ କଳସକୁ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗଣ୍ଡ ସମାଜର ଆରାଧ୍ୟ ଦେବତା ବଡଦେଓଙ୍କ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଲୋକ ମହୋତ୍ସବର ଆରମ୍ଭ କରାଯାଇଥିଲା। ଅରୁଣ ରାଏଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ଜିଲା ଗଣ୍ଡ ସମାଜ ସଭାପତି ଜଗନ୍ନାଥ ଧରୁଆ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଦସ୍ୟା ଗାୟତ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ଗଣ୍ଡସମାଜର ଏକତା ଓ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ବରଗଡ ଜିଲା ଗଣ୍ଡ ସମାଜ ସଭାପତି ଜିତେନ୍ଦ୍ର ଧରୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ ଗଣ୍ଡ ସମାଜ ଓଡିଶା ବ୍ୟତୀତ ବିହାର, ଛତିଶଗଡ, ରାଜସ୍ଥାନ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ମଧ୍ୟ ରହୁଛନ୍ତି। ପ୍ରତ୍ୟେକ ରାଜ୍ୟର ଗଣ୍ଡ ସମାଜର ସଂସ୍କୃତି, କଳା, ଚାଲିଚଳନ ସମାନ ଅଟେ। ସମାଜରେ ଶିକ୍ଷାକୁ ବାଧ୍ୟତାମୂଳକ କରିବା ସହିତ ମାଦକ ଦ୍ରବ୍ୟ ସେବନ ନ କରିବାକୁ ସେ ପରାମର୍ଶ ଦେଇଥିଲେ। ଗଣ୍ଡ ସମାଜ ଓ ସଂସ୍କୃତି ପ୍ରାଚୀନ ଅଟେ ଓ ଅନ୍ୟ ସମାଜଠାରୁ ସ୍ୱତନ୍ତ୍ର ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ ଖେତୀ, ସୁବର୍ଣ୍ଣପୁର ଜିଲା ଗଣ୍ଡ ସମାଜର ସମ୍ପାଦକ ବିରଞ୍ଚି କଅଁର ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅଚ୍ୟୁତ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱାମିତ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସମାଜର ବାଳିକା ବାଳକମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବୀରମହାରାଜପୁର କୁଞ୍ଜାପାଲିଠାରେ ଅନୁଷ୍ଠିତ ୧୪ତମ ବଡଦେଓ ଲୋକ ମହୋତ୍ସବରେ ମଞ୍ଚାସୀନ ଅତିଥି।

## ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ: ଗୋଘାଟ ସେମିରେ

**ଅମରପାଲି, ୮।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ବିଶାଳପାଲି, ପାତ୍ରପାଲି ଓ ଚିଙ୍ଗିରାନାଲିର ମିଳିତ ଉଦ୍ୟମରେ ବିଶାଳପାଲିଠାରେ ୫ମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ସଭାପତି କ୍ଷୀରୋଦ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ପ୍ରାଣବନ୍ଧୁ ସାହୁ, ନାଏବ ସରପଞ୍ଚ ପ୍ରହ୍ଲାଦ ପଧାନ, ୱାର୍ଡସଭ୍ୟା ପ୍ରଭାତୀ ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ ଜନକପୁର ଓ ଲୁଡୁରପଙ୍କ ମଧ୍ୟରେ ହୋଇଥିଲା। ଜନକପୁର ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୮ ଉଇକେଟ ହରାଇ ୮୧ ରନ କରିଥିଲେ। ଲୁଡୁରପଙ୍କ ଦଳ ଆବଶ୍ୟକ ୮୨ ରନକୁ ଗୋଟିଏ ଉଇକେଟ ହରାଇ ୭.୨ ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଲୁଡୁରପଙ୍କର ଜୟପ୍ରକାଶ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ଅଡାଲ ଓ ବଡକିରାସିରା ମଧ୍ୟରେ ହୋଇଥିଲା। ବଡକିରାସିରା ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୮ଉଇକେଟ ହରାଇ ୧୧୯ ରନ୍ କରିଥିବା ବେଳେ ଅଡାଲ ଦଳ ମଧ୍ୟ ୮ ଉଇକେଟ ହରାଇ ୧୦୫ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ଗୋଘାଟ ଓ ବହଳପଦର ମଧ୍ୟରେ ହୋଇଥିଲା। ଗୋଘାଟ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୧୩୬ ରନ କରିଥିବା ବେଳେ ବହଳପଦର ନିର୍ଦ୍ଧାରିତ ୧୦ଓଭରରେ ୬ ଉଇକେଟ ହରାଇ ୧୦୬ ରନ କରି ପରାସ୍ତ ହୋଇଥିଲା।

ପ୍ରଥମ ମ୍ୟାଚର ବିଜେତା ଲୁଡୁରପଙ୍କ ଓ ତୃତୀୟ ମ୍ୟାଚର ବିଜେତା ଗୋଘାଟ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ଗୋଘାଟ ୯ ଉଇକେଟ ହରାଇ ୧୦୫ ରନ କରିଥିବା ବେଳେ ଲୁଡୁରପଙ୍କ ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୮୦ ରନ କରି ପରାସ୍ତ ହୋଇଥିଲା। ଫଳରେ ଗୋଘାଟ ଦଳ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳଗୁଡିକରେ ସୁରେଶ ବିଶି, ପ୍ରବୀଣ ଦାସ, ପ୍ରହ୍ଲାଦ ପଧାନ ଓ ରଞ୍ଜିତ ପଧାନ ଅମ୍ପାୟାର, ସୁବାଷ ଅଦରକୁଲିଆ ସ୍କୋରିଂ ଏବଂ ପ୍ରଦୀପ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।




ବିଶାଳପାଲିଠାରେ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି।

> ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।
> 
> - ଚାଣକ୍ୟ



## ସଂକ୍ଷେପରେ

### ରାଜ୍ୟପାଳଙ୍କ ଗସ୍ତ ବାତିଲ

**ବରଗଡ଼ ଅଫିସ୍,୮।୧:** ରାଜ୍ୟପାଳ ଗଣେଶୀ ଲାଲ ମଙ୍ଗଳବାର ବରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଥିଲା । ବରଡ଼ୋଲ ଆଶ୍ରମ ସ୍କୁଲ, ବରଗଡ଼ ସହରର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ତଳିପଡ଼ା ସମଲେଶ୍ୱରୀ ମନ୍ଦିର ପରିଦର୍ଶନ ସହିତ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀଙ୍କୁ ନେଇ ବିଭିନ୍ନ ବିଭାଗର ସମୀକ୍ଷା କାର୍ଯ୍ୟକ୍ରମ ରହିଥିଲା । ଏଥିପାଇଁ ପୋଲିସ, ପ୍ରଶାସନ ମଧ୍ୟ ନିଜ ପ୍ରସ୍ତୁତି ଚୂଡ଼ାନ୍ତ କରିସାରି ଥିବାବେଳେ ଉପରୋକ୍ତ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ସାରା ସହରବାସୀ ରାଜ୍ୟପାଳଙ୍କ ପ୍ରତୀକ୍ଷାରେ ରହିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ରାଜ୍ୟପାଳଙ୍କ ଗସ୍ତ ବାତିଲ ହୋଇଥିଲା ଏବଂ ସ୍ଥାନୀୟ ଲୋକଙ୍କୁ ନିରାଶ ହେବାକୁ ପଡ଼ିଥିଲା ।

### ବୁଧବାର ବନ୍ଦ ରହିବ ଶିକ୍ଷାନୁଷ୍ଠାନ

**ବରଗଡ଼ ଅଫିସ୍,୮।୧:** ଟ୍ରେଡ ୟୁନିୟନ ପକ୍ଷରୁ ମଙ୍ଗଳବାର ଓ ବୁଧବାର ଦୁଇଦିନିଆ ଭାରତ ବନ୍ଦ ଡାକରା ଦିଆଯାଇଛି । ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ମଙ୍ଗଳବାର ସ୍କୁଲ, କଲେଜ ବନ୍ଦ ରହିଥିଲା । ମଙ୍ଗଳବାର ଭଳି ବୁଧବାର ମଧ୍ୟ ଜିଲାର ସମସ୍ତ ସ୍କୁଲ, କଲେଜ ବନ୍ଦ ରଖିବା ପାଇଁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ପତ୍ର ସଂଖ୍ୟା-୮ ତା:-୮।୧।୨୦୧୯ରେ ନିର୍ଦ୍ଦେଶ ଦେଇଛନ୍ତି ।

### ବରଗଡ଼ରେ ବନ୍ଦ ଶାନ୍ତିପୂର୍ଣ୍ଣ

**ବରଗଡ଼ ଅଫିସ୍,୮।୧:** ଟ୍ରେଡ ୟୁନିୟନ ପକ୍ଷରୁ ଆହୂତ ବନ୍ଦ ଡାକରା ମଙ୍ଗଳବାର ବରଗଡ଼ ସହରରେ ଶାନ୍ତିପୂର୍ଣ୍ଣ ଥିଲା । ବନ୍ଦ ଡାକରାକୁ ଏଠାରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା । ଗାଡ଼ି ଚଳାଚଳ ସମେତ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର ସମସ୍ତ ବନ୍ଦ ରହିଥିଲା । ବ୍ରହ୍ମା ମହାକୁଡ଼, ଦେବେନ୍ଦ୍ର ଶତପଥୀ, ଜେଠୁ ଭୋଇଙ୍କ ସମେତ ବିଭିନ୍ନ ଟ୍ରେଡ ୟୁନିୟର ବହୁ ସଭ୍ୟ ସହରରେ ବୁଲି ପିକେଟିଂ କରିଥିଲେ । ବନ୍ଦ ଡାକରାକୁ ନେଇ ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା ।

### ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ପଲସାଗୋରା,୮।୧(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦପଲା ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶ୍ରୀଧର ସାହୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ବିଦ୍ୟାଳୟ ସଭାପତି ରଶ୍ମୀ ରଞ୍ଜନ ବିଶିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ସଂଘ କାର୍ଯ୍ୟକର୍ତ୍ତା ସୁଦାମ ଦିଶିରି ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ମା'ମାନଙ୍କ ଭୂମିକା ଏବଂ ମା'ମାନଙ୍କ ଦ୍ୱାରା କିପରି ଶିଶୁମାନଙ୍କ ବିକାଶ ହୋଇପାରିବ ସେ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ । ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ବନମାଳି ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ ।

■ ଖୋଲା ଆକାଶ ତଳେ ଧାନ ଜଗିଛନ୍ ଚାଷୀ

# ୧୫ ଦିନ ହେଲା ମଣ୍ଡିରେ ପଡ଼ିଛେ ଧାନ

**କଣ୍ଟାମାଳ,୮।୧ (ଡିଏନଏ)**

ବୌଦ୍ଧ ଜିଲା କଣ୍ଟାମାଳ ଅଂଚଲରେ ମଣ୍ଡିରେ ଅଚଲାବସ୍ଥା ଲାଗି ରହିଛେ। ଚାଷୀ ଆଏଜ୍‌କେ ୧୫ ଦିନ୍ ହେଲା ଧାନ ବିକି ନାଇଁପାରି କରି ଖୁଲା ଆକାଶ ତଲେ ଜୁଗି ରହିଛନ୍। ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିଥିଲେ ବି ଧାନ ଉଠି ନାଇଁପାରବାର। ୧୫ ଦିନ୍ ହେଲା ସିମିଲିପଦର ପେକ୍ସ ପରିଚାଲିତ ମଣ୍ଡିରେ ଚଷୀ ଧାନ ନାଇଁ ବିକିପାରି କରି ଦିନ୍ ରାଏତ୍ ଜୁଗିରହିଛନ୍। ଲୋକାପଡ଼ା, ଯୋଗେନ୍ଦ୍ରପୁର, ଦପଲା, ଘଣ୍ଟାପଡ଼ା ଆର କଣ୍ଟାମାଳ ମଣ୍ଡିମାନକେ ବି ଧାନ୍ ବିକ୍‌ରିକେ ନେଇ ଅଚଲାବସ୍ଥା ଲାଗି ରହିଛେ। ରୁଣ୍ଡିମହୁଲ ଆର ଲୋକାପଡ଼ା ପେକ୍ସ ପରିଚାଲିତ ପଲଶାଗୋରା ମଣ୍ଡିରେ ଧାନଘିନାକେ ନେଇ ନାନା ସମସିଆ ଦେଖା ଦେଇଛେ। ଇ ମଣ୍ଡିରେ ଚାଷୀ ହୃଶିକେଶ ବାରିକ, ସୁଦର୍ଶନ ନାଏକ, ଲିଙ୍ଗରାଜ ସାହୁ, ଉପେନ୍ଦ୍ର ପ୍ରଧାନ, ଜନ୍ମ କର୍ଣ୍ଣ ଲେଖେଁ ୫୦ରୁ ଅଧିକା ଚାଷୀ ୧୦ ଦିନ୍ ହେଲା ଧାନ୍ ବିକି ନାଇଁପାରି କରି ଖୁଲା ଆକାଶ ତଲେ ଜୁଗିରହିଛନ୍। ପଲଶାଗୋରା ପେକ୍ସରେ ପାଖାପାଖି ୫ ହଜାର ବସ୍ତା ଧାନ ବିକ୍‌ରି ଲାଗି ପଡ଼ି ରହିଛେ। ଅଂଚଲର ପାଖାପାଖି ସବୁ ମଣ୍ଡିରେ ୨ରୁ ୩ ହଜାର ବସ୍ତା ଲେଖେଁ ଧାନ ପଡ଼ି ରହିଛେ। ସମସିଆର ସମାଧାନ ଲାଗି ଚାଷୀ ଯୋଗାଣ ଅଧିକାରୀଙ୍କୁ ଗୁହାରପାତ କଲେ ବି କିଛି ଲାଭ ନାଇଁ ହେବାର। ଗୁଟେଆଡ଼େ ଖାଲି ଜିଲାର ମିଲରମାନକୁ ଧାନ ଉଠାବାର ଲାଗି ଅନୁମତି ଦିଆଯାଇଛେ। ଆରଗୁଟେ ଆଡ଼େ ଅନେକ ମିଲରଙ୍କର ଧାନ ଘିନା ଟାର୍ଗେଟ ପୂରା ହେଇଥିଲା ବେଲେ ସେମାନେ ନୂତନ ଟାର୍ଗେଟକେ ଟାକିଛନ୍। ସିମିଲିପଦର ଆର ଲୋକାପଡ଼ା ମଣ୍ଡିରେ ଧାନର କଟନୀଛଟନୀକେ ନେଇ ଚାଷୀକର ଭିତରେ ଅସନ୍ତୋଷର ନିଆଁ ଜୁହୁଲୁଛେ। ସେନ୍ତା ରୁଣ୍ଡିମହୁଲ ପେକ୍ସରେ ଟୋକନ ଦିଆନିଆକେ ନେଇ ଚାଷୀକର ଭିତରେ ଅସନ୍ତୋଷ ଲାଗି ରହିଛେ। ମଣ୍ଡିମାନକେ ଦିଦିନ ଗୁଟେ କି ଦୁଇଟା ଟ୍ରକ ଲାଗୁଛେ। ଯେନଥିରଲାଗି ଚାଷୀକର ଧାନ ଉଠି ନାଇଁପାରି ଜମା ହେଇ ପଡ଼ିରହୁଛେ। ୧୦ରୁ ୧୫ ଦିନ୍ ହେଲା ଅଂଚଲର ଚାଷୀ ମଣ୍ଡିମାନକେ ଧାନ ବିକ୍‌ବାର ଲାଗି ଜୁଗି ରହିଛନ୍। ଏନ୍ତାଥି ଚାଷୀକର ଶ୍ରମଦିବସ ବି ନୁକ୍‌ସାନ ହେଉଛେ। ଏନ୍ତା ଅବସ୍ତାର ଲାଗି କ୍ଷୁଦ୍ର ଆର ନାମମାତ୍ର ଚାଷୀ ବାହାର ବଜାରରେ କୁଇଣ୍ଟାଲ ପିଛା ୧୫ ଶହ ଟଁକାର ଅଭାବି ବିକ୍‌ରିରେ ଧାନ ବିକୁଛନ୍। ଚାଷୀ ସଂଗଠକ ଆଦିତ୍ୟ ପ୍ରଧାନ କହିଛନ୍ ଯେ, ଗଲା ବଛର ଜିଲା ବାହାରର ମିଲର ଆସି ନନକଟିଂରେ ଧାନ ଉଠେଇଥିଲେ କହେଲେ ଚଲେ। ଇ ବଛର ଚାଷୀକୁ ଆରମ୍ଭରୁ ଶୋଷନ୍ ଚାଲିଛେ। ଚାଷୀକୁ ଧାନ ବିକ୍‌ବାକେ ହେଲେ ହପ୍‌ତେରୁ ଅଧିକା ରଁଧାଖିଁଦା ବସେଇ ମଣ୍ଡିରେ ଶୁଇବାକେ ପଡୁଛେ। ମିଲରମାନକର ମର୍ଜିରେ ମଣ୍ଡି ଚାଲିଥିଲା ବେଲେ ଯୋଗାଣ ବିଭାଗ ଥୁଁବ୍‌ବିଁକ୍ ମିତାନ ଦେଖୁଛେ। ଝନେ ନାଁକରା ଚାଷୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ ଯେ, ମଣ୍ଡିରେ ଏନ୍ତା ଆର ୨ରୁ ୩ ଦିନ୍ ଧାନ ପଡ଼ିରହେଲେ ଚାଷୀ ଉପେ ଶୂଇନ୍ ହେଇ ରାସ୍‌ତାକେ ଉତିରବେ। ଇଆଡ଼େ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ ମଣ୍ଡିମାନକେ ଧାନ ଉଠି ନାଇଁପାରୁଥିବାର କଥାକେ ମାନିଛନ୍। ସେ କହିଛନ୍ ଯେ, ପଡ଼ିଶା ଜିଲାର ୬ ଝନ୍ ମିଲର ଜିଲାରୁ ଧାନ ଉଠାବାର ଲାଗି ଜିଲାପାଳ ଚିଠି କରିଛନ୍। ଚାଷୀକର ଧାନ୍ ଯେନ୍‌ଥେଇ ଜଲଦି ଉଠ୍‌ବା ତାର ବାଟ୍ ବାହାର କରାଯାଉଛେ ବଲି ସେ କହିଥିଲେ।

**କଣ୍ଟାମାଳ ଅଂଚଲର ମଣ୍ଡିରେ ଅଚଲାବସ୍ଥା**



ସିମିଲିପଦର ମଣ୍ଡିରେ ଝନେ ଚାଷୀ ରାଏତ୍ ବେଲି ନିଜର ଧାନ ଜୁଗିଛନ୍ ।

## ବିଜୁ ଯୁବବାହିନୀକୁ ଖେଳ ଉପକରଣ ବଣ୍ଟନ




ବିଜୁ ଯୁବ ବାହିନୀକୁ ଖେଳ ଉପକରଣ ବଣ୍ଟନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ସୋହେଲା,୮।୧(ଡି.ଏନ.ଏ)**

ମାଁଠାନୁ ଆଉ ଗାଁ ଠାନୁ ବଡ କିହେ ନେଇନ। ଇ ମାନଙ୍କର ସେବା କଲେ ଦେଶର ସେବା କଲା ମେତାର ଆଏ ବୋଲି ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ ଜିଲା ସୋହେଲା ବ୍ଲକର ବିଜୁ ଯୁବ ବାହିନୀକୁ ଖେଳ ଉପକରଣ ବଣ୍ଟନ ଅବସରରେ ପରାମର୍ଶ ଦେଇଥିଲେ । ସୋମବାର ନିକଟସ୍ଥ ହଳଦିପାଲି ପଡିଆଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସିଂ ସୋହେଲା ବ୍ଲକର ୨୭ଟି ପଞ୍ଚାୟତରେ କାର୍ଯ୍ୟରତ ବିଜୁ ଯୁବ ବାହିନୀକୁ ଖେଳ ଉପକରଣ ବଣ୍ଟନ କରିଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ତହସିଲଦାର ବିଶ୍ୱରଞ୍ଜନ କର, ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜ୍ଞାନେନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଜୁ ଯୁବ ବାହିନୀକୁ ଦିଆଯାଇଥିବା ପ୍ରତି କିଟ୍‌ରେ ୫୦ ହଜାର ଟଙ୍କାର ଖେଳ ଉପକରଣ ରହିଥିବା ବ୍ଲକ ସଂଯୋଜକ ସାହୁ ସୂଚନା ଦେଇଥିଲେ । ଡବ୍ଲ୍ୟୁଇଓ ଅତିଶ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## କ୍ରିକେଟ: ମହାଦେବ ସ୍ପୋର୍ଟିଂ ଚାମ୍ପିୟନ

**ମନମୁଣ୍ଡା, ୮।୧ (ଡି.ଏନ.ଏ)**

ବୌଦ୍ଧ ଜିଲା ବରଗୋଛା ଶ୍ରୀ ଜଗନ୍ନାଥ ପାଠାଗାର ଆନୁକୂଲ୍ୟରେ ଚାଲିଥିବା ୧୨ତମ ସରମଣ୍ଡା କପ୍ କ୍ରିକେଟ ଫାଇନାଲରେ ମଙ୍ଗଳବାର ରୁଣ୍ଡିମହୁଲଙ୍କୁ ପରାସ୍ତ କରି ମହାଦେବ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି । ଶ୍ରୀଜଗନ୍ନାଥ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ର ପ୍ରଥମ ଦୁଇଟି ଫର୍ମାଟକୁ ମହାଦେବ ସ୍ପୋର୍ଟିଂ ଜିତିଥିଲା । ପ୍ରଥମ ଫର୍ମାଟରେ ୧୦ ଓଭରରେ ମହାଦେବ ସ୍ପୋର୍ଟିଂ ୧୧୬ ରନ ଏବଂ ଦ୍ୱିତୀୟ ଫର୍ମାଟରେ ୮ଓଭରରେ ୮୬ ରନ କରିଥିଲା ବେଳେ ରୁଣ୍ଡିମହୁଲ ଦଳ ଯଥାକ୍ରମେ ୬୫ ଏବଂ ୪୬ ରନ୍ କରିପାରିଥିଲା । ଉଦ୍‌ଯାପନୀ ମ୍ୟାଚରେ ଜିଲା ପରିଷଦ ସଭ୍ୟା ସସ୍ମିତା ଥାଟ୍ଟି ମୁଖ୍ୟଅତିଥି ଏବଂ ଯୁବ ବିଜେଡି ନେତା ସୁଧାଂଶୁ ରଣା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟାନ ଦଳକୁ କପ୍ ସହ ୧୦ ହଜାର ଏବଂ ଉପବିଜେତା ଦଳକୁ ୬ହଜାର ଟଙ୍କା ପ୍ରଦାନ କରିଥିଲେ । ସେହିପରି ମହାଦେବ ସ୍ପୋର୍ଟିଂର ସିକନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍, ସଂଗ୍ରାମଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ, ଅମୀୟଙ୍କୁ ଷ୍ଟାଇଲିଷ୍ଟ ପ୍ଲେୟାର, ତାପସଙ୍କୁ ବେଷ୍ଟ ସିକ୍ସର ଏବଂ ରୁଣ୍ଡିମହୁଲ ଦଳର ବାପୁନଙ୍କୁ ବେଷ୍ଟ କ୍ୟାଚର ପୁରସ୍କାର ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚରେ ଅମ୍ପାୟାର ସୌମ୍ୟରଞ୍ଜନ ମଲିକ, ଉଚିତ ଡାଙ୍ଗ, ବିଶ୍ୱାମିତ୍ର ମହଲା ଖେଳ ପରିଚାଳନା କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ପରଡିଆ, ଅବିନାଶ ସାହୁ ସ୍କୋରର ଏବଂ ତନ୍ମୟ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

■ ବୌଦ୍ଧ ଜିଲାରେ ବନ୍ଦ ପ୍ରଭାବ

# ଦୋକାନବଜାର, ଗାଡ଼ି ଚଳାଚଳ ଠପ୍





ବନ୍ଦ ଯୋଗୁ ଶ୍ରମିକ ସଂଘ କର୍ମକର୍ତ୍ତାମାନେ ବୌଦ୍ଧରେ ବିଚାରପତିଙ୍କୁ କୋର୍ଟ ପରିସରକୁ ଛାଡୁନାହାନ୍ତି (ବାମ) । ତେଲ ନଦୀ ପୋଲରେ ଯାନବାହନ ଛିଡା ହୋଇଛି ।

**ବୌଦ୍ଧ, ୮।୧(ସ୍ୱ.ପ୍ର)**

କେନ୍ଦ୍ରୀୟ ସଙ୍ଗଠନ, ସ୍ୱାଧୀନ ଫେଡେରେଶନ ଓ ଆସୋସିଏଶନ ଗୁଡିକ ପକ୍ଷରୁ ୧୨ ଦଫା ଦାବି ନେଇ ଦୁଇଦିନିଆ ଦେଶ ବ୍ୟାପୀ ଧର୍ମଘଟ ଯୋଗୁ ବୌଦ୍ଧ ଜିଲା ପ୍ରଭାବିତ ହୋଇଛି । ସିପିଆଇ ନେତା ଅବକାଶ ସାହୁଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ସକାଳ ୬ଟାରୁ ସହରର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ବିକ୍ଷୋଭ କରିବା ସହ ଅବରୋଧ କରିଥିଲେ । ବୌଦ୍ଧ ସହରର ଏନଏସି ଛକ, ମହାନଦୀ ବ୍ରିଜ୍ ଛକଠାରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିବାବେଳେ ସହରର ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଆନ୍ଦୋଳନକାରୀମାନେ ଜିଲା ଦୌରା ଜଜ୍‌ଙ୍କ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ଡାକଘର, ସମ୍ମୁଖରେ ବିକ୍ଷୋଭ କରି ସେସବୁକୁ ବନ୍ଦ କରିଦେଇଥିଲେ । ବିଚାରପତିମାନେ କୋର୍ଟକୁ ଆସୁଥିବା ବେଳେ ଆନ୍ଦୋଳନକାରରୀମାନେ ସେମାନଙ୍କୁ କୋର୍ଟକୁ ଛାଡି ନ ଥିଲେ । ଫଳରେ ବିଚାରପତିମାନେ ଫେରିଯାଇଥିଲେ । ଆନ୍ଦୋଳନ ଯୋଗୁ ରାସ୍ତାରେ ଶହ ଶହ ଯାନବାହନ ଅଟକି ରହିଛି । ଏହି ଆନ୍ଦୋଳନ ବୁଧବାର ମଧ୍ୟ ପାଳନ କରାଯିବ ବୋଲି ଶ୍ରମିକ ନେତା ସାହୁ ପ୍ରକାଶ କରିଛନ୍ତି ।

**କଣ୍ଟାମାଳ/ମନମୁଣ୍ଡା, (ଡି.ଏନ.ଏ):** ଟ୍ରେଡ ୟୁନିୟନଗୁଡିକର ଦେଶ ବ୍ୟାପୀ ବନ୍ଦ ଡାକରା ଯୋଗୁ ମଙ୍ଗଳବାର ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳରେ ପ୍ରଭାବ ପଡିଛି । ଦିନ ତମାମ ଯାନବାହନ ଚଳାଚଳ ବନ୍ଦ ରହିବାରୁ ଜୀବନଯାତ୍ରା ବ୍ୟାହତ ହୋଇଛି । ଶ୍ରମିକ ସଙ୍ଗଠକ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ପିକେଟିଂ କରି ମନମୁଣ୍ଡାଠାରେ ଯାନବାହନ ଗୁଡିକୁ ବନ୍ଦ କରାଯାଇଥିଲା । ଫଳରେ ତେଲଦନୀ ପୋଲରୁ ସୁବର୍ଣ୍ଣପୁର ଯାଏ ଯାନବାହନ ଲମ୍ବା ଧାଡି ଲାଗି ରହିଛି ।

## ଫିରିଙ୍ଗିମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗାଇସିଲେଟ, ୮।୧(ଡି.ଏନ.ଏ)**

ଗାଇସିଲେଟ ବ୍ଲକ ଫିରିଙ୍ଗିମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ଛାତ୍ରମାନଙ୍କ ଦ୍ୱାରା ଗ୍ରାମ ଦେବୀ ମନ୍ଦିରୁ ଏକ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା । ବିଧାୟିକା ପ୍ରତିନିଧି ଯତୀନ୍ଦ୍ର ସାହୁ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ରାମଲାଲ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ସୁମିତ ସାହୁ ମୁଖ୍ୟ ଅତିଥି, ସମିତି ସଭ୍ୟା ସ୍ୱର୍ଣ୍ଣଲତା ନନ୍ଦ, ଜମିଦାର ଯଜ୍ଞ କିଶୋର ସିଂ ବରିହା, ସ୍କୁଲ ପରିଚାଳନା କମିଟି ସଭାପତି ସହଦେବ ନନ୍ଦ ମଞ୍ଚାସୀନ ଥିଲେ । ପ୍ରାକ୍ତନ ଶିକ୍ଷକ ପ୍ରଫୁଲ୍ଲ ତନସନା ବିବରଣୀ ପଠନ କରିଥିଲେ । ଶିକ୍ଷକ ନବି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ହେମନ୍ତ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସିନିୟର ବର୍ଗରେ ଛାତ୍ରୀ ଚୁମକି ସାହୁ ଓ ଛାତ୍ର ବିରେନ୍ଦ୍ର ମହାଲିଙ୍ଗ ଏବଂ ଜୁନିୟର ବର୍ଗରେ କବିତା ସାହୁ ଓ ନୀଳାଞ୍ଚଳ ସେଠ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ । ଖେଳ ଶିକ୍ଷକ ଉଦେ ସାହୁ ଖେଳ ପରିଚାଳନା କରିଥିଲେ । ପରେ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଛେଲିଆ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ଶିକ୍ଷାନୁଷ୍ଠାନ ବନ୍ଦ

**ବୌଦ୍ଧ,୮।୧(ସ୍ୱ.ପ୍ର)**

ଶ୍ରମିକ ଧର୍ମଘଟ ଯୋଗୁ ମଙ୍ଗଳବାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ବୁଧବାର ବନ୍ଦକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ଛାତ୍ରୀଛାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ବୁଧବାର ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ।

## କମ୍ପ୍ୟୁଟର ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ପଲସାଗୋରା,୮।୧(ଡି.ଏନ.ଏ.)**

କେନ୍ଦ୍ର ଯୁବ ଓ କ୍ରୀଡା ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଗ୍ରାମାଞ୍ଚଳର ଶିକ୍ଷିତ ଗରିବ ମେଧାବୀ ଛାତ୍ରୀମାନଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଲକ୍ଷ୍ୟ ରହିଛି । ଏହି କ୍ରମରେ ମଙ୍ଗଳବାର ନେହେରୁ ଯୁବ କେନ୍ଦ୍ର ବୌଦ୍ଧ ଆନୁକୂଲ୍ୟରେ କଣ୍ଟାମାଳ ବ୍ଲକ ସଦର ହାଟପଦାଠାରେ ଏକ ୩ ମାସିଆ ମାଗଣା କମ୍ପ୍ୟୁଟର ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ନେହେରୁ ଯୁବ କେନ୍ଦ୍ର କଣ୍ଟାମାଳ ବ୍ଲକ ସଂଯୋଜକ ଦୀପକ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ତାଲିମଦାତା ତରଣୀସେନ ଦଳବେହେରା ଓ ଶିବାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । ଶେଷରେ ସମସ୍ତ କୃତି ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସଂଯୋଜକ ବାରିକ କହିଛନ୍ତି । ପ୍ରଥମ ପର୍ଯ୍ୟାୟ ତାଲିମରେ ୨୫ଜଣ ଛାତ୍ରୀ ଭାଗ ନେଇଛନ୍ତି ।

## ମଣ୍ଡିରୁ ଧାନ ଚୋରି, ଥାନାରେ ମାମଲା

**ବରଗଡ଼ ଅଫିସ୍,୮।୧**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ମଣ୍ଡିରୁ ଧାନ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଚାଷୀମାନେ ମଙ୍ଗଳବାର ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି । ଏତଲା ପାଇବା ପରେ ପୋଲିସ ଏ ନେଇ ତନାଘନା ଚଳାଇଛି । ପ୍ରକାଶ ଯେ, ଚାଷୀ ଗୋପାଳ ସାହୁ, ମୁରଲୀ ପ୍ରଧାନ, ଅରବିନ୍ଦ ସାହୁ ପ୍ରମୁଖ କଟାପାଲି ମଣ୍ଡିକୁ ଧାନ ଆଣି ସେଠାରେ ଗଚ୍ଛିତ କରି ରଖିଥିଲେ । ତେବେ ମଙ୍ଗଳବାର ସକାଳୁ ମଣ୍ଡିକୁ ଆସି ଦେଖିବା ପରେ ତାଙ୍କ ୮ବସ୍ତା ଧାନ ନ ଥିବା ଦେଖିବାକୁ ପାଇଥିଲେ ବୋଲି ଗୋପାଳ କହିଛନ୍ତି । ସେହିପରି ମୁରଲୀଙ୍କ ମଧ୍ୟ ୬ବସ୍ତା ଏବଂ ଅରବିନ୍ଦଙ୍କ ୧ବସ୍ତା ଧାନ ସେଠାରୁ ଚୋରି ହୋଇଥିବା ସମ୍ପୃକ୍ତ ଚାଷୀମାନେ ପୋଲିସରେ ଅଭିଯୋଗ କରିଛନ୍ତି । ମଣ୍ଡିରେ ନିୟୋଜିତ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ତାହା ଚୋରି ହୋଇଥିବା ଅଭିଯୋଗ କରି ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି ।



ଧାନ ଚୋରି ଅଭିଯୋଗ ନେଇ ପୋଲିସକୁ ଫେରାଦ ହୋଇଛନ୍ତି ।

## କ୍ରିକେଟ: ପତ୍ରାପାଲି ଦଳ ବିଜୟୀ

**ବରଗଡ଼ ଅଫିସ୍,୮।୧**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋଇସରସ୍ଥିତ ଦିୱାନା ଖେଳ ପଡ଼ିଆରେ ନବୀନ ଗୌନ୍ତିଆ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ ଜୟ ମାଁ ବାଉତୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ଭିତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ପତ୍ରାପାଲି ଓ ପଞ୍ଚାୟତ କଲେଜ ମଧ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ପତ୍ରାପାଲି ୨୧ରନରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ମୁଖ୍ୟଅତିଥି ଆଚାର୍ଯ୍ୟ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । କମଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ଶତପଥୀ, ଗଣପତି ଧରୁଆ, ପବନ ଅଗ୍ରୱାଲ, ଆଶିଷ ଅଗ୍ରୱାଲ, ପୌଲସ୍ତି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବାର କାର୍ଯ୍ୟକ୍ରମ ରହିଛି ।




ମୁଖ୍ୟଅତିଥି ପୁରସ୍କାର ବିତରଣ କରୁଛନ୍ତି ।



ଏହା ଭୁଲି ଯାଅ ନାହିଁ ଯେ, ଆଇନ ହେଉଛି
ସତ୍ୟ ପାଇଁ, ସତ୍ୟ ପାଇଁ ଆଇନ ନୁହେଁ।
- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଯାଦବ ସମାଜ ମହାସଭା ପାଇଁ ପ୍ରସ୍ତୁତି ବୈଠକ

ତୁଣ୍ଡଲା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଧବଳେଶ୍ୱର ମନ୍ଦିରଠାରେ ଯାଦବ ସମାଜର ହେବାକୁଥିବା ମହାସଭାର ଏକ ପ୍ରସ୍ତୁତି ବୈଠକ କେସିଙ୍ଗା ବ୍ଲକ ଯାଦବ ସମାଜର ସଭାପତି ଗୋବିନ୍ଦ ବନଛୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆଗାମୀ ୨୨ତାରିଖରେ କେସିଙ୍ଗା ବ୍ଲକରେ ଓ ୨୮ତାରିଖରେ ଜୁନାଗଡଠାରେ ମହାସଭା କରିବାକୁ ସ୍ଥିରୀକୃତ କରି କିଭଳି ଭାବେ ଆୟୋଜନ କରାଯିବ ତାହା ସମାଜର ସଭାପତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ଯାଦବ ସମାଜର ମୁଖ୍ୟ ପରାମର୍ଶଦାତା ମହେନ୍ଦ୍ର ନାଏକ, ପୂର୍ବତନ ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ, ଉପସଭାପତି ଘନଶ୍ୟାମ ଗହିର, ପୂର୍ବତନ ସମ୍ପାଦକ ପଙ୍କଜ ଗଉଡ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ନୀଳାମ୍ବର କଠାର, ହଜାରୁ ଗଉଡ, ମେଘନାଦ ଗହିର, ଅଗସ୍ତି ବାଗ, ଦେବରାଜ ହେର୍ଣ୍ଡା, ପଙ୍କଜ ହେର୍ଣ୍ଡା, କ୍ଷୀରସାଗର ହେର୍ଣ୍ଡା, ମହେନ୍ଦ୍ର ହେର୍ଣ୍ଡା, ଦୟାନିଧି ହେର୍ଣ୍ଡା, ଥବୀର ହେର୍ଣ୍ଡା, ଅଶୋକ ଚନ୍ଦନ, ଥବୀର ଗହୀର, କାଶୀନାଥ ହେର୍ଣ୍ଡା, ସୁନ୍ଦରମଣି ଭୋଇ, ସରୋଜ ଚନ୍ଦନ ଏବଂ ଯାଦବ ସମାଜର ଅନେକ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ ।

### ବଳଦିଆମାଲରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

# ୪ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ୩୬ ଛୁଇଁଲା

ଜୁନାଗଡ,୮।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲ ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତି ପାର୍ଦୁଭାବ ବଢିବାରେ ଲାଗିଛି। ମଙ୍ଗଳବାରକୁ ମିଶାଇ ଗତ ୪ଦିନରେ ଗ୍ରାମର ପ୍ରାୟ ୩୬ଜଣ ଆକ୍ରାନ୍ତ ହୋଇଛନ୍ତି। ଶନିବାର, ରବିବାର ଓ ସୋମବାର ୩୦ଜଣ ଆକ୍ରାନ୍ତ ହୋଇଥିବାବେଳେ ମଙ୍ଗଳବାର ଆହୁରି ୬ଜଣ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ବଳଦିଆମାଲ ଗ୍ରାମର ନୀଳ ଲହଜଲ(୩୮), ଲଳିତା ଖର୍ସେଲ(୪୦), ରୋଦନା ଭାଟି(୫୫), ଧନମତି ବିଶ୍ୱାଲ(୩୦), ଦିଗ ଗହୀର(୬୦) ଓ ପ୍ରଫୁଲ୍ଲ ଲହଜଲ(୩୪)। ସେହିପରି ସଙ୍ଗୀତା ମେହେରଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ତାଙ୍କୁ ମଙ୍ଗଳବାର ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଶନିବାର, ରବିବାର ଓ ସୋମବାର ଚିକିତ୍ସିତ ହେଉଥିବା ଝାଡାବାନ୍ତି ରୋଗୀଙ୍କ ମଧ୍ୟରୁ ୨୨ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ସେହିପରି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏମଏଚଟି୧, ଏମଏଚଟି୨ ଓ ଏମଏଚୟୁ ୩ଟି ଟିମ ବଳଦିଆମାଲଠାରେ ଉପସ୍ଥିତ ରହି ସାମାନ୍ୟ ଆକ୍ରାନ୍ତ ଥିବା ଲୋକଙ୍କୁ ପ୍ରାଥମିକ ଚିକିତ୍ସା କରୁଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଝାଡାବାନ୍ତିରେ ଆକ୍ରାନ୍ତ ଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ତା ବୁଝିବା ପାଇଁ ବଳଦିଆମାଲକୁ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ପହଞ୍ଚିଥିଲେ। ସେଠାରେ ବିଧାୟକ ଘରକୁ ଘର ଯାଇ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏହାସହ ଶୀଘ୍ର କିପରି ଏହି ରୋଗର ଆୟତ କରାଯିବ ସେ ନେଇ ସ୍ୱାସ୍ଥ୍ୟକର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏପଟେ ଗ୍ରାମରେ ଯୋଗାଣ ହେଉଥିବା ପାଇପ ପାଣି ଦୁଷିତ ହୋଇଥିବାରୁ ଏପରି ଝାଡାବାନ୍ତି ହୋଇଥିବା ଅନୁମାନ କରାଯାଏ। ଫଳରେ ବର୍ତ୍ତମାନ ଗ୍ରାମରେ ପାଇପ ପାଣି ଯୋଗାଣ ବନ୍ଦ କରାଯାଇଛି। ତେବେ ତ୍ରୁଟି ଥିବା ସ୍ଥାନ ଗୁଡିକୁ ଶୀଘ୍ର ସଜାଡିବା ପାଇଁ ବିଧାୟକ ଉପରିସ୍ଥ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ଏହି ସମୟରେ ବିଧାୟକଙ୍କ ସହ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ବିପିଏମ ସୁମେଶ୍ୱର ନାଏକ, ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ଦିନେଶ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।



ଜୁନାଗଡ ବିଧାୟକ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

**ବଳଦିଆମାଲ ଗ୍ରାମ**
- ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ପହଞ୍ଚିଲେ ବିଧାୟକ
- ୨୨ଜଣ ଚିକିତ୍ସା ହୋଇ ଘରକୁ ଫେରିଲେ

### କେରପାଇରେ ଆଦିବାସୀ ସୁରକ୍ଷା ମଞ୍ଚର ମେଳି

ଭବାନୀପାଟଣା,୮।୧(ଡି.ଏନ.ଏ.)

ଥୁଆମୂଳ ରାମପୁର ବ୍ଲକର କେରପାଇଠାରେ କେରପାଇ ଆଦିବାସୀ ସୁରକ୍ଷା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଚେତନ ନାଗରିକ ମଞ୍ଚର ସୁରେଶ ସଂଗ୍ରାମ ଓ ଖଣ୍ଡୁଆଲ ମାଳି ସ୍ଥାୟୀ ସୁରକ୍ଷା ସମିତିର ଆବାହକ କାର୍ତ୍ତିକ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଦୁର୍ଗମ ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ମୋବାଇଲ ନେଟୱାର୍କ ଏବେ ଅପହଞ୍ଚ ହୋଇପଡିଛି। ଆଦିବାସୀମାନଙ୍କର ବ୍ୟକ୍ତିଗତ ଓ ଜଙ୍ଗଲ ଜମି ପଟ୍ଟା ପାଇ ନ ଥିବା ନେଇ ଆଦିବାସୀମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। କେରପାଇ ଆଦିବାସୀ ସୁରକ୍ଷା ମଞ୍ଚ ଗଠନ କରାଯାଇ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲାକମୁ ମାଝୀ, ହାର୍ଜିଂ ମାଝୀ, ରାମଚନ୍ଦ୍ର ମାଝୀ, ସାନ ମାଝୀ, ମନ୍ଦାଗ ମାଝୀ, ଦୟା ମାଝୀ, ଡେଙ୍ଗା ମାଝୀ ସମେତ ବହୁ ଆଦିବାସୀ ଉଦବୋଧନ ଦେଇଥିଲେ। ବିଭିନ୍ନ ସମସ୍ୟା ନେଇ ଆଗାମୀ ଦିନରେ ଜିଲା ପ୍ରଶାସନକୁ ଘେରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ଲୋକଙ୍କ ସହ ଯୋଡିହେବାକୁ ପ୍ରୟାସ

ଭବାନୀପାଟଣା,୮।୧(ଡି.ଏନ.ଏ.)

ପୋଲିସ୍ ଓ ଜନ ସାଧାରଣଙ୍କ ସମ୍ପର୍କକୁ ନିବିଡ କରିବା ପାଇଁ ଲୋକଙ୍କୁ ସାମାଜିକ କାର୍ଯ୍ୟରେ ଯୋଡି ବିଶ୍ୱାସ ହାସଲ କରିବା ପାଇଁ ସିଆରପିଏଫ୍ ବାଟାଲିୟନ ପ୍ରୟାସ ଆରମ୍ଭ କରିଛି । ଏହି ଅବସରରେ ସୋମବାର ଗୁଣପୁରଠାରେ ନିୟୋଜିତ ଡି/୬୪ ବାଟାଲିୟନ ତରଫରୁ ଗୁଣପୁରଠାରେ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମେଘରାଜ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆରପିଏଫ୍ ୬୪ବାଟାଲିୟନର କମାଣ୍ଡାଣ୍ଟ ଅମରେନ୍ଦ୍ର ନାରାୟଣ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସୁରେଶ କୁମାର, ଡାକ୍ତର ଅଜୟ ମେହେର, ଗୁଣପୁର ସରପଞ୍ଚ ପରମାନନ୍ଦ ମାଝୀ, ପ୍ରମୁଖ ଯୋଗଦେଇଥିଲେ। ଏହି ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ସ୍ୱରାଜ ତରଫରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଡାକ୍ତର ଏ.କ୍ୟୁ ନାଶ, ଡାକ୍ତର ସନ୍ଦୀପ ପ୍ରମୁଖ ବୃଦ୍ଧାବୃଦ୍ଧାଙ୍କ ସମେତ ବହୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ଏଥିରେ କାଠଘର, ଗୋକୁଳମା, ସଇସୁରନୀ, ଗୁଣପୁର, ବାଲିସରା, ତଲାମପଦର ସମେତ ଗୁଣପୁର, କାଣିଗୁମା, ତଲାମପଦର ପଞ୍ଚାୟତ ଅନ୍ତର୍ଗତ ବହୁ ଗ୍ରାମର ଲୋକ ଯୋଗଦେଇଥିଲେ। ବାଟାଲିୟନ ତରଫରୁ ଶୀତରେ ରହୁଥିବା ଲୋକଙ୍କୁ କମ୍ବଳ, ଶାଢି, ଲୁଙ୍ଗି ଓ ଶିଶୁମାନଙ୍କୁ ପୋଷାକ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ଯୁବକ ସଂଘକୁ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। ମହେନ୍ଦ୍ର କୁମାର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସିଆରପିଏଫ୍ ପକ୍ଷରୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଆୟୋଜିତ।

## ବନ୍ଦର ପ୍ରଭାବ: ଗଡିଲାନି ଅଖଚକ

ଭବାନୀପାଟଣା/ଜୁନାଗଡ, ୮।୧ (ଡି.ଏନ.ଏ.)

କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ଫେଡେରେସନ୍ ଓ ବିଭିନ୍ନ ସଂଗଠନ ତରଫରୁ ମଙ୍ଗଳବାର ୮ ଓ ୯ତାରିଖ ଦୁଇ ଦିନ ଧରି ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଫଳରେ କଳାହାଣ୍ଡି ଜିଲାରେ ସମସ୍ତ ସରକାରୀ ଓ ବେସରକାରୀ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହାନ ଚଳାଚଳ ବନ୍ଦ ହୋଇଛି। ଏହାସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ସ୍କୁଲ କଲେଜ ବନ୍ଦ ହେବା ସହ ବିଭିନ୍ନ ବ୍ୟାଙ୍କ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ସିପିଆଇଏମ୍, ସିପିଆଇ ଏବଂ ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ଏହି ଆନ୍ଦୋଳନକୁ ସମର୍ଥନ କରାଯାଇଛି। ସିପିଏମ୍‌ର ନବକିଶୋର ପଟ୍ଟନାୟକ, ବିଶ୍ୱଜିତ ଚାଟାର୍ଜି, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀମାନେ ଶୋଭାଯାତ୍ରାରେ ଆସି ସରକାରୀ ଓ ବେସରକାରୀ ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରି ପିକେଟିଂ କରିଥିଲେ । ସେହିପରି ଜୁନାଗଡରେ ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ରାସ୍ତାରୋକୋ କରାଯିବା ସହ ଦୋକାନ, ବଜାର ବନ୍ଦ କରାଯାଇଥିଲା। ମଙ୍ଗଳବାର ସକାଳ ୮ଟାରୁ ହାତୀନଦୀ ପୋଲ ୨୬ନଂ ଜାତୀୟ ରାଜପଥ ଉପରେ ଜୁନାଗଡ ଘରୋଇ ବସ୍ କର୍ମଚାରୀ ସଂଘ ପକ୍ଷରୁ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ସେହିଭଳି ସିପିଆଇ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ସହର ପରିକ୍ରମା କରାଯାଇଥିଲା। ପରେ ସେଠାରୁ ଆନ୍ଦୋଳନ ସ୍ଥଳୀରେ ପହଞ୍ଚି ରାସ୍ତାରୋକୋରେ ସାମିଲ ହୋଇଥିଲେ। ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଦାବିକୁ ସମର୍ଥନ କରି ଅପରାହ୍ନ ୨ଟାରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ। ଜଣେ ଶ୍ରମିକଙ୍କ ପୁଅ ହୋଇଥିବାରୁ ଶ୍ରମିକଙ୍କ ହକ ପାଇଁ ମୁଁ ଏହି ଦାବିକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିବି ବୋଲି କହିଥିଲେ। ଏହି ଆନ୍ଦୋଳନରେ ଜୁନାଗଡ ଘରୋଇ ବସ କର୍ମଚାରୀ ସଂଘର ସଭାପତି ରଜନୀକାନ୍ତ ବୈଠାରୁ, ସମ୍ପାଦକ ବସନ୍ତ ନାଏକ, ସହସମ୍ପାଦକ ଧନମାଲୀ ଧଙ୍ଗଡାମାଝୀ, କୋଷାଧ୍ୟକ୍ଷ ପୁରୁଷୋତ୍ତମ ମାଝୀ, ଲକ୍ଷ୍ମୀକାନ୍ତ ସାଗର, ସିପିଆଇର ଦାମୋଦର ବେହେରା, ମାଧବ ସାହୁ, ମସ୍ତକ ସୁନାନୀ, ବିବେକ ଦୁର୍ଗା, ଝିଲି ବାଗ, ମାଧୁରୀ ମାଝୀ, ଅଜୟ ଠାକୁର ପ୍ରମୁଖ ସାମିଲ ହୋଇଥିଲେ।



ଶ୍ରମିକ ସଂଗଠନ ତରଫରୁ ଭବାନୀପାଟଣାଠାରେ ଧର୍ମଘଟ କରାଯାଉଛି।

## ଜାତୀୟ ଟାଏକୋଣ୍ଡାରେ କଳାହାଣ୍ଡିକୁ ୪ ପଦକ

ଭବାନୀପାଟଣା,୮।୧(ଡି.ଏନ.ଏ.)

ଡିସେମ୍ବର ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ନୂଆଦିଲୀର ତ୍ୟାଗରାଜ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ୩୩ତମ ଜାତୀୟ ଟାଏକୋଣ୍ଡା ପ୍ରତିଯୋଗିତାରେ କଳାହାଣ୍ଡି ଜିଲାର ପ୍ରତିଯୋଗୀମାନେ ୪ଟି ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟରୁ ୯୦୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡିଶା ଟାଏକୋଣ୍ଡା ସମ୍ପାଦକ ସେକ୍ ମୁନ୍ନାୱରଙ୍କ ତତ୍ତ୍ୱାବଧାନରେ ଓଡିଶାରୁ ୩୦ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇ ୩୧ଟି ପଦକ ହାସଲ କରିଛନ୍ତି। ସେଥିରୁ କଳାହଣ୍ଡି ଜିଲାର ପ୍ରତିଯୋଗିମାନେ ୪ଟି ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ବାଳକ ବିଭାଗରେ କଳାହାଣ୍ଡିର ବିକାଶ ଠାକୁର ରୌପ୍ୟ ପଦକ ଏବଂ ଇଣ୍ଡିଭିଜୁଆଲ ସ୍ୱାରିଙ୍ଗରେ ୧୫ରୁ ୧୬ବର୍ଷ ବର୍ଗରେ ବିଶାଳ ପ୍ରସାଦ ଦାସ ରୌପ୍ୟପଦକ, ୧୪ରୁ ୧୫ବର୍ଷ ବର୍ଗରେ ଦୟା ରାଉତ ବ୍ରୋଞ୍ଜ ପଦକ ଏବଂ ୧୮ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ କ୍ଷିରୁ ରଣା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କଳାହାଣ୍ଡି ଜିଲାର ପଦକ ବିଜେତା ଏହି ୪ପ୍ରତିଯୋଗୀଙ୍କୁ ଜିଲାର ବିଭିନ୍ନ କ୍ରୀଡା ସଂଗଠନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଜାତୀୟ ଟାଏକୋଣ୍ଡାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ।

## ଯାଦବ ସମାଜର ବ୍ଲକସ୍ତରୀୟ ବୈଠକ

ସେରଗଡ଼,୮।୧( ଡ଼ି,ଏନ.ଏ.)

ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଳା ଶୈବପୀଠରେ ଯାଦବ ସମାଜ ପକ୍ଷରୁ ମଙ୍ଗଳବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା ଯାଦବ ସହାସଭାର ସଭାପତି ଡ଼ମ୍ବରୁଧର ଲହଜଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବୈଠକ । ଏଥିରେ ନର୍ଲା ବ୍ଲକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯୁଧିଷ୍ଠିର ଗଉଡ଼,ସମ୍ପାଦକ ଧାଣୀ ଭୋଇ, ଉପସଭାପତି ଗିରିଧାରୀ ଗଉଡ଼, ଦୁର୍ଲ୍ଲଭ ମାହାର, ଲିଙ୍ଗରାଜ କରୁଆଁ ଓ କୋଷାଧ୍ୟକ୍ଷ ଭାବେ ମାର୍କଣ୍ଡ ଜାଲ ନିର୍ବାଚିତ ହୋଇଥିଲେ। ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଜିଲା ଅଭ୍ୟର୍ଥନା କମିଟି ସଭାପତି ହରିଶଙ୍କର ବାଗ ଶପଥ ପାଠ କରାଇଥିଲେ। ଏହି ବୈଠକରେ ଯାଦବ ଭବନ ନିର୍ମାଣ ପାଇଁ ସାମାଜିକକର୍ମୀ ପଦ୍ମ ଲୋଚନ ଜାଲ ଜମିଦାନ କରିଥିଲେ। ଉକ୍ତ ବୈଠକରେ ଅତିଥି ଭାବେ ଜିଲା ଯାଦବ ମହାସଭା ମହିଳା ସଭାନେତ୍ରୀ ଉଲା ସେଲମା ବିଜୁ ଜନତାଦଳ କଳାହାଣ୍ଡି ଜିଲା ଉପସଭାନେତ୍ରୀ ଶିଖାପଧାନ, ସମାଜବାଦି ପାର୍ଟି କଳାହାଣ୍ଡି ଜିଲା ସଭାପତି ଶିବ ହାତୀ, ମଦନପୁର ରାମପୁର ମହାବିଦ୍ୟାଳୟର ଭୂଗୋଳ ବିଭାଗ ଅଧାପକ ରଜନିକାନ୍ତ ବଗର୍ତ୍ତି, ନର୍ଲା ବ୍ଲକ ଯାଦବ ସମିତିର ପୂର୍ବତନ ସଭାପତି ହୃଷିକେଶ ଭୋଇ, ଲାଞ୍ଜିଗଡ଼ ବ୍ଲକ ଯାଦବ ସମିତି ସଭାପତି ରଘୁବୀର ନାଗ, ଦୋଳଚନ୍ଦ୍ର ବାଗ, ମଧୁସୂଦନ ରାଉତ, ଲକ୍ଷବଇ ବାଗ, କୀର୍ତ୍ତନ ନାଗ ପ୍ରମୁଖ ଯୋଗଦେଇଥିଲେ।

## ଘୁମୁରା ଉତ୍ସବ ପାଇଁ ନାନାବିଧ ପ୍ରତିଯୋଗିତା

**ଦ୍ରୁତ ସାଇକେଲ ପ୍ରତିଯୋଗିତା**

ଧର୍ମଗଡ,୮।୧(ଡି.ଏନ.ଏ.)

ଧର୍ମଗଡଠାରେ ଆସନ୍ତା ୧୫ରୁ ୧୭ତିନି ଦିନ ଧରି ପାଳନ ହେବାକୁ ଥିବା କଳାହାଣ୍ଡି ଉତ୍ସବ ଘୁମୁରା ୨୦୧୯ପାଇଁ ବିଭିନ୍ନ ପ୍ରତିଯୋଗିତାମାନ ଆରମ୍ଭ ହୋଇଯାଇଛି । ମଙ୍ଗଳବାର ଜୁନାଗଡ ବ୍ଲକ ଗୌଡ ସର୍ଗିଗୁଡା ଖେଳପଡିଆଠାରୁ ଧର୍ମଗଡ ଉତ୍ସବ ପଡିଆ ପର୍ଯ୍ୟନ୍ତ ପ୍ରାୟ ୨୫କି.ମି. ପୁରୁଷ ଦ୍ରୁତ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୪୮ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଗୋଲାମୁଣ୍ଡା ବ୍ଲକ ଧାମନପୁର ଗ୍ରାମର ବିଘ୍ନରାଜ ମଲ୍ଲିକ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ଧାମନପୁର ଗ୍ରାମର ଭୂପେନ୍ଦ୍ର ନାଏକ ଦ୍ୱିତୀୟ ଓ ଧର୍ମଗଡ ଏନଏସି ଅନ୍ତର୍ଗତ କାଶିବାହାଲର ନରହରି ଚଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉତ୍ସବ ପଡିଆଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଧର୍ମଗଡ ତହସିଲଦାର ତନ୍ମୟ ଦରୱାନ ମୁଖ୍ୟ ଅତିଥି, ଡେପୁଟି କଲେକ୍ଟର ହରେକୃଷ୍ଣ ବରିହା ଓ ମିଲନ ଝାଙ୍କର ପୂର୍ବତନ ସରପଞ୍ଚ, ଘନଶ୍ୟାମ ଅଗ୍ରୱାଲ ବିଜୟୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅର୍ଥ କମିଟି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ପ୍ରଣାମ କଳାହାଣ୍ଡି ଅଧ୍ୟକ୍ଷ ବିଦ୍ୟାଧର ସାହୁ, କ୍ରୀଡା କମିଟି ଅଧ୍ୟକ୍ଷ ସୋଦନ ନାଏକ, ଲୋକନାଥ ବେହେରା ପ୍ରଚାର କମିଟି ଅଧ୍ୟକ୍ଷ ବିରଞ୍ଚି ଜାଲ, ସହ ଅଧ୍ୟକ୍ଷ ବୈଦ୍ୟନାଥ ବେହେରା, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

**ଭାଗନେଲେ ସବୁ ବର୍ଗର ଲୋକେ**

କୋକସରା,(ଡି.ଏନ.ଏ.)

କୋକସରା ବ୍ଲକରେ ବୁଧବାର ଅନୁଷ୍ଠିତ ହେବାକୁ ଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୯ ଓ ୧୦ତାରିଖ ଦୁଇ ଦିନ ଧରି ପାଳନ କରିବାକୁ କମିଟି ନିଷ୍ପତ୍ତି ନେଇଥିବାବେଳେ ଶେଷ ପର୍ଯ୍ୟାୟରେ କେବଳ ଗୋଟିଏ ଦିନ ୯ତାରିଖ ପାଳନ କରିବାକୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ଲକରେ ଥିବା ପ୍ରାଥମିକ ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ କଲେଜସ୍ତରରେ ମଙ୍ଗଳବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏବଂ ଗୃହିଣୀ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଇରି ନାଶନ ଚିନ୍ଦା, ଅବସରପ୍ରାପ୍ତ ପ୍ରାବଧକ ଡ. ଅଜୟ ମଲ୍ଲିକ, ଅଧ୍ୟାପକ ପୁଷ୍ପରାଜ ମେହେର, ସୁବ୍ରତ ବେହେରା, +୩ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁଣାକାର ପଣ୍ଡା, ଏବିଇଓ ତୋଫାନ ମାଝି, ଖେଳ ଶିକ୍ଷକ ଚନ୍ଦ୍ରଭାନୁ ସୁନା, ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ଦେବାନନ୍ଦ ରାଉତ, ଶିକ୍ଷକ ଅଭୟ ନାଶନ ଚିନ୍ଦା ପ୍ରମୁଖ ପରିଚାଳନା କରିଥିବାବେଳେ ବ୍ଲକ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ ।



ଜୁନାଗଡରେ ଗୋସିଙ୍ଗ ଦଉଙ୍କ କାରୁଣ୍ଡ ମଣ୍ଡପ ।

**ବ୍ୟାଡମିଣ୍ଟନ ପ୍ରତିଯୋଗିତା**

ଜୁନାଗଡ,୮।୧(ସ୍ୱ.ପ୍ର.)

ଜୁନାଗଡ ଇଣ୍ଡୋର ଷ୍ଟାଡିୟମଠାରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ରୁ କମ ବର୍ଗରେ ବାଳକ ବିଭାଗରେ ସୌମିନ ଅଭିଶେଖ, ରନର୍ସ ଅପ ପିୟୁସ ମିଶ୍ର, ଡବଲରେ ପିୟୁସ ଓ ସୌମିନ ଚାମ୍ପିୟନ ଓ ରନର୍ସଅପରେ ସନ୍ଦୀପ ଧଙ୍ଗଡାମାଝୀ, ଜୟ ପ୍ରକାଶ ପାତ୍ର, ୧୭ବର୍ଷରୁ କମ୍ ବାଳକ ବିଭାଗରେ ସୌମିନ ଅଭିଶେଖ ଚାମ୍ପିୟନ, ଦେବଦତ୍ତ ବାଣୁଆ ରନର୍ସ ଅପ, ଡବଲରେ ଚାମ୍ପିୟନ ନିହାଲ ଆଲମ ଓ ଅଭିନବ ଗୋଏଲ, ରନର୍ସଅପ ଦେବେଶ ପଣ୍ଡା ଓ ଦେବଦତ୍ତ ବାଣୁଆ, ମହିଳା ବର୍ଗରେ ଚାମ୍ପିୟନ ଗାୟତ୍ରୀ ମାଝି, ରନର୍ସଅପ ପ୍ରଜ୍ଞା ପରିମିତା ସୋନି ହୋଇଥିଲେ। ବାଳକ ବିଭାଗର ଡବଲ୍ସରେ ସୌରବ ଶାହାଣୀ ଏବଂ ରାକେଶ ଡେମାଲ ଚାମ୍ପିୟନ। ରଜନୀକାନ୍ତ ଦାଶ ଓ ନରେଶ ସୁନାନୀ ରନର୍ସ ଅପ୍। ସମୀର ସାହୁ, ଦୁର୍ଗା ସିଂ, ନରେଶ ସୁନାନୀ, ପରେଶ ପଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

**ଗୋସିଙ୍ଗ ଦଉଙ୍କ କାରୁଣ୍ଡ ମଣ୍ଡପ ମୁଖ୍ୟ ଆକର୍ଷଣ**

ଜୁନାଗଡ,(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ହାଇସ୍କୁଲ ପଡିଆଠାରେ ମା’ ଲଙ୍କେଶ୍ୱରୀ ମଞ୍ଚରେ ବୁଧବାର ଜୁନାଗଡ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହେବ। ୩ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ଦିନରେ ସକାଳୁ ମା’ ଲଙ୍କେଶ୍ୱରୀଙ୍କ ମନ୍ଦିରଠାରୁ ଏକ ଶୋଭାଯାତ୍ରା ଆୟୋଜିତ କରାଯିବ। ଏଥର ରାଜା ଗୋସିଙ୍ଗ ଦଉଙ୍କ କାରୁଣ୍ଡ ମଣ୍ଡପ ନିର୍ମାଣ କରାଯାଇଛି। ୫୫ଟି ଷ୍ଟଲ ନିର୍ମାଣ କରାଯାଇଥିବାବେଳେ ଲୋକଙ୍କ ମନୋରଞ୍ଜନ ପାଇଁ ମୀନାବଜାରର ସୁବିଧା କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ନାନ୍ଦୋଲ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମମତା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ଲୁହା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତଳଜାରିଙ୍ଗ ସରପଞ୍ଚକୁଞ୍ଜ ବିହାରୀ ପ୍ରଧାନ, ଜୟଦୁର୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ଚମରୁ ମହାନନ୍ଦ, ବସ୍ତୁ ଚରଣ ଗଡତିଆ, ବନବାସ ସାହୁ, ନୀଳକଣ୍ଠ କର, ବାଲାଜୀ ଚରଣ ଗଡତିଆ, ସୋମନାଥ କର, ଘାସିରାମ କର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଯତିନ୍ଦ୍ର କର, କୃଷ୍ଣଚନ୍ଦ୍ର ବିଶ୍ୱାଳ, ପଟତେ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦେଦର ପଞ୍ଚାୟତଠାରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ସ୍ଥାନୀୟ ସରପଞ୍ଚ ସାବିତ୍ରୀ ମେହେର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ମୁଖ୍ୟବକ୍ତା ଜୁନାଗଡ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ବିଶମ୍ବର ନାଗ, ନାଏବ ସରପଞ୍ଚ ସୁଶାନ୍ତ ହଂସ ପ୍ରମୁଖ ଯୋଗଦେଇଥିଲେ।






ଧର୍ମଗଡଠାରେ ସାଇକେଲ୍ ଚାଳନା ପ୍ରତିଯୋଗିତା ଅବସରରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ (ବାମ)। କୋକସରାଠାରେ ଘୁମୁରା ଉତ୍ସବ ପାଇଁ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ ଯୋଗଦେଇଛନ୍ତି।



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।

- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଟିଟିଲାଗଡ଼ରେ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ବନ୍ଦ

**ଟିଟିଲାଗଡ଼,୮।୧(ଡି.ଏନ.ଏ):** ଜାତୀୟ ଟ୍ରେଡ ୟୁନିୟନ ପକ୍ଷରୁ ଦୁଇ ଦିନିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବନ୍ଦର ପ୍ରଭାବ ଟିଟିଲାଗଡ଼ରେ ମଧ୍ୟ ଆଂଶିକ ପରିଲକ୍ଷିତ ହୋଇଥିଲା। ସମସ୍ତ ଦୋକାନ ବଜାର ଖୋଲା ରହିଥିବା ବେଳେ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ, ପୋଷ୍ଟ ଅଫିସ ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିବା ବେଳେ ଟିଟିଲାଗଡ଼ ଜିଲ୍ଲା ଦାବି ନେଇ ଚାଲିଥିବା ଆନ୍ଦୋଳନ ଯୋଗୁ ମସସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ଅନ୍ୟପକ୍ଷେ ବନ୍ଦ ସମର୍ଥନରେ କୌଣସି ସଂଗଠନ ରାସ୍ତାକୁ ଓହ୍ଲାଇ ନ ଥିବା ଦେଖିବାକୁ ମିଳିଥିଲା।

### ୬୯ ଦିନରେ ଟିଟିଲାଗଡ ଜିଲ୍ଲା ଆନ୍ଦୋଳନ

**ଟିଟିଲାଗଡ଼, ୮।୧ (ଡି.ଏନ.ଏ.):** ଟିଟିଲାଗଡ ଜିଲ୍ଲା ଦାବି ନେଇ ଦୀର୍ଘ ୬୯ ଦିନ ଧରି ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଆନ୍ଦୋଳନ ନେଇ ପ୍ରତ୍ୟହ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ ଗଣଧାରଣାରେ ସାମିଲ ହୋଇଛନ୍ତି। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ଜିଲ୍ଲା ଦାବିକୁ ନେଇ କର ବା ମର ଡାକରା ଦିଆଯାଇଛି। ଏନେଇ ଉପଖଣ୍ଡ ମୁଖ୍ୟାଳୟ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ଗୋଟି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଛି। ମଙ୍ଗଳବାର ଶଗଡଘାଟ ପଞ୍ଚାୟତ ଅନ୍ତର୍ଗତ ସିକେର ଗ୍ରାମର ଜୟ ଜଗନ୍ନାଥ କମିଟିର ଶତାଧିକ ସଦସ୍ୟ ସଦସ୍ୟା ସଭାପତି ରମେଶ ବଗର୍ତି, ସମ୍ପାଦକ ନନ୍ଦି କିଶୋର ମାଝୀ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣାରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ସରପଞ୍ଚ ଅଲିତା ସାହୁ, ପୂର୍ବତନ ସମିତି ସଭ୍ୟ ଶତୃଘ୍ନ ମାଝୀ, ଦଶରଥ ମାଝୀ, ମେରଖମ କପାଟ, ଯୁବରାଜ ଧରୁଆ, ଶରତ ପୁରୋହିତ, ଶତୃଘ୍ନ ଚିନ୍ଦା, ଯଦୁମଣୀ ଆଚାର୍ଯ୍ୟ, ବିକାଶ ହାତି, ଘାସିରାମ ହରପାଲ ପ୍ରମୁଖ ସାମିଲ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବଲାଙ୍ଗୀରରେ ସର୍ବଭାରତୀୟ ଶ୍ରମିକ ଧର୍ମଘଟ

# ଗାଡ଼ି ଚଳାଚଳ, ଅଫିସ, ସ୍କୁଲ କଲେଜ ବନ୍ଦ

**ବଲାଙ୍ଗୀର ଅଫିସ, ୮।୧**

ଟ୍ରେଡ୍ ୟୁନିୟନ୍ ତରଫରୁ ଦିଆଯାଇଥିବା ସର୍ବଭାରତୀୟ ବନ୍ଦ ଡାକରା ପ୍ରଭାବ ବଲାଙ୍ଗୀରରେ ଦେଖାଯାଇଥିଲା । ୟୁନାଇଟେଡ୍ ଟ୍ରଡ ୟୁନିୟନ ବଲାଙ୍ଗୀର ସଭାପତି ବିଭୁଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ତଥା ଆଇଏନ୍‌ଟିୟୁସିର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ସୋମବାର ବଲାଙ୍ଗୀରର ସମସ୍ତ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ଅଫିସ ରାଷ୍ଟ୍ରୟତ ବ୍ୟାଙ୍କ, ବୀମା,ଔଷଧ ଶିଳ୍ପ, ଡାକ ତଥା ଘରୋଇ ବ୍ୟାଙ୍କଗୁଡିକ ସମ୍ପୂର୍ଣ୍ଣ ବନ୍ଦ କରି ଦୁଇଦିନିଆ ଧର୍ମଘଟରେ ସାମିଲ ହୋଇଥିଲେ । ଶ୍ରମିକ ନେତା ଲଳିତ କୁମାର ନାୟକ, କୃଷ୍ଣଚନ୍ଦ୍ର ସାହୁ, ବିଭୁଦତ୍ତ ମିଶ୍ର, ପୁଲିନ ମିଶ୍ର, ସୁରୁଲାଲ ମଟାରୀ, ଦେବାଶିଷ ମିଶ୍ର, ଅନିରୁଦ୍ଧ ମହାପାତ୍ରଙ୍କ ନେତୃତ୍ୱରେ ସରକାରୀ ବସଷ୍ଟାଣ୍ଡ, ପ୍ରାଇଭେଟ ବସଷ୍ଟାଣ୍ଡ ତଥା ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନମାନଙ୍କ ଆଗରେ ପିକେଟିଂ କରାଯାଇ କାର୍ଯ୍ୟାଳୟଗୁଡିକ ବନ୍ଦ କରାଯାଇଥିଲା । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ବିକ୍ଷୋଭ ସମାବେଶରେ ଜିଲାର ସମସ୍ତ ଶ୍ରମିକ ସଂଗଠନ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ । ଅନାବଶ୍ୟକ ମୂଲ୍ୟବୃଦ୍ଧିକୁ ବନ୍ଦ କରିବା, ଗଣବଣ୍ଟନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା, ନିଯୁକ୍ତି ସୃଷ୍ଟି କରି ତାର ସୁରକ୍ଷା, ସର୍ବନିମ୍ନ ମଜୁରୀ ୧୮ହଜାର ଟଙ୍କା କରିବା, ଶ୍ରମିକ ସ୍ୱାର୍ଥ ବିରୋଧୀ ଶ୍ରମ ଆଇନ ସଂଶୋଧନ ବନ୍ଦ କରିବା, ଶ୍ରମ ଆଇନକୁ କଡାକଡି ଲାଗୁ କରିବା, ଶ୍ରମ ଆଇନ ଖିଲାପ କରି କଡାକଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ଏହା ସହିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା, ଶ୍ରମିକଙ୍କୁ ପେନସନ, ରାଷ୍ଟ୍ରାୟତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ କରିବା, ଠିକା ଶ୍ରମିକ ପ୍ରଥା ବନ୍ଦ କରାଇବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା, ପେନସନ, ଗ୍ରେଚୁଟି, ପ୍ରଭିଡେଣ୍ଟ ଫଣ୍ଡରେ କଟକଣା ଦୂର କରାଇବାକୁ ଦାବି କରାଯାଇଥିଲା । ଶ୍ରମିକ ସଂଗଠନର ରେଜିଷ୍ଟ୍ରୀକରଣକୁ ସରଳ କରିବା, ଶ୍ରମ ଆଇନ ତୁରନ୍ତ ସ୍ୱିକୃତି ଦେବା, ରେଳବାଇ ବୀମା ଓ ପ୍ରତିରକ୍ଷା କ୍ଷେତ୍ରରେ ଏଫ୍‌ଡିଆଇ ବନ୍ଦ କରିବା ଆଦି ୧୨ ଦଫା ଦାବି ନେଇ ଶ୍ରମିକ ନେତାମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଥିଲେ । ଦିନତମାମ ଚାଲିଥିବା ଏହି ଆନ୍ଦୋଳନରେ ଏଆଇଟିୟୁସି ସଭାପତି ଦେବାଶିଷ ବାବୁ, ଚାଷୀ ମୁଲିଆ ସଂଘ ସଭାପତି ପ୍ରେମାନନ୍ଦ ଭୋଇ, ବିଧୁଭୂଷଣ ତ୍ରିପାଠୀ, ପବିତ୍ର ଖୁଣ୍ଟିଆ, ପ୍ରସନ୍ନ ସେଠ, ପ୍ରବୀର କର୍ମ୍ମ, ବନବାସୀ ମଲ୍ଲିକ, ବନ ବିହାରୀ ବେହେରା, ମନୋରଞ୍ଜନ ସାହୁ, ଘନ ପଶାୟତ, ଆଶୁତୋଷ ମିଶ୍ର ଧର୍ମଘଟରେ ସାମିଲ ଥିଲେ । ଧର୍ମଘଟ ଯୋଗୁଁ ସମସ୍ତ ସ୍କୁଲ, କଲେଜ ବନ୍ଦ ରହିଥିଲା ଓ ସରକାରୀ ଅଫିସ ମଧ୍ୟ ବନ୍ଦ ରହିଥିଲା । ବୁଧବାର ମଧ୍ୟ ବନ୍ଦ ପାଳନ ଜାରି ରଖାଯିବ ବୋଲି ଘୋଷଣା କରାଯାଇଛି ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ଟ୍ରେଡ ୟୁନିୟନ ସଦସ୍ୟ ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର**
**ମାଛ ବିକି ବିକି ଦିନ ଯାଉଥିଲା**
**ଲଗାଉଛି ଗନ୍ଧ ଅତର ।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରିବସେ। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି, ତାହା ସେ ମନରୁ ପାସୋରି ନ ଦେବା ଉଚିତ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏଡୁଟିକି ଏଡ଼େଟାଏ**
**ଟେକାଟିକୁ ପଥରଟାଏ ।**

ଯିଏ ଯାହାକୁ ବିପଦରେ ପକାଇବାକୁ ଯେତେ ଚେଷ୍ଟା କରିଥାଏ ତାକୁ ଦିନେ ନା ଦିନେ ତାହାଠୁ ବଡ଼ ବିପଦ ବରଣ କରିବାକୁ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେଇ ନ ଥାନ୍ତି। ବିଳମ୍ବେ ହେଉ ପଛେ କୃତକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ଯିଏ ଯାହାକୁ ଅନ୍ୟାୟରେ କ୍ଷତିରେ ପକାଇବାକୁ ଯେତେ ପେଞ୍ଚ କରିଥାଏ ଈଶ୍ୱର ତା'ପାଇଁ ତହୁଁ ଅଧିକ ପେଞ୍ଚ ପ୍ରସ୍ତୁତ କରି ରଖିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

# ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଠିକା ଓ ଜେଟି କର୍ମଚାରୀଙ୍କ ଧାରଣା।

**ଖପ୍ରାଖୋଲ, ୮।୧ (ଡି.ଏନ.ଏ.)**

ବିଭିନ୍ନ ଟ୍ରେଡ ୟୁନିୟନ ତରଫରୁ କେନ୍ଦ୍ରର ଶ୍ରମିକ ମାରଣ ନୀତି ବିରୋଧରେ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଖପ୍ରାଖୋଲରେ ମଧ୍ୟ ଦେଖିବାକୁ ମିଳିଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ଥିବା ବେଳେ ବ୍ଲକ, ତହସିଲ, କାର୍ଯ୍ୟାଳୟର କାମ ପ୍ରଭାବିତ ହୋଇଥିଲା। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଠିକା ଓ ଜେ.ଟି କର୍ମଚାରୀ ଧାରଣା ଦେଇଥିଲେ। ଧାରଣାରେ ଦୁର୍ଯ୍ୟୋଧନ ସାହୁ, ରାମପ୍ରସାଦ ସାହୁ, ଠଣସୁନ୍ଦର ସାହୁ, ଭଗତରାମ ବାଗ, ଚିନ୍ତାମଣି ବାଗ ପ୍ରମୁଖ କର୍ମଚାରୀ ସାମିଲ ହୋଇଥିଲେ। ଯାତ୍ରୀବାହୀ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

## ଆନ୍ଦୋଳନରେ ସାମିଲ ହେଲା ଡ୍ରାଇଭର ଆସୋସିଏଶନ

**କଣ୍ଟାବାଞ୍ଜି, ୮।୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ଜିଲା ଦାବି ନେଇ ଜିଲ ସଂଘର୍ଷ ସମିତିର ଧାରଣା ମଙ୍ଗଳବାର ୫୩ଦିନରେ ପହଞ୍ଚିଛି । ଏହି ଧାରଣାରେ ବଙ୍ଗୋମୁଣ୍ଡା ବ୍ଲକ ଡ୍ରାଇଭର ଆସୋସିଏଶସନର ସଭାପତି ଅଜିତ ଯୋଷୀଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ଧାରଣାସ୍ଥଳକୁ ଆସି ସାମିଲ ହୋଇଥିଲେ। ଧାରଣାରେ ସାମିଲ ହୋଇ କଣ୍ଟାବାଞ୍ଜିକୁ ସରକାର ସ୍ୱତନ୍ତ୍ର ଜିଲା ଘୋଷଣା ନକଲେ ଆସନ୍ତା ଦିନରେ ପରିସ୍ଥିତି ଭୟାବହ ହେବ ବୋଲି କହିଥିଲେ। ଏହି ସଭାରେ ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରା, ସଂଘର୍ଷ ସମିତି ସଭ୍ୟ ଗୁରୁଦୟାଲ ହଂସ, ସଭାପତି ବ୍ରଜଶ୍ୟାମ ଗୁରୁ, ସହଦେବ ନାଗ, ଦୁଃଖିଶ୍ୟାମ ଗୁରୁ , ନରେନ୍ଦ୍ର ସୁନା, ଜଗବନ୍ଧୁ ଭରାସାଗର, ଖଗେଶ୍ୱର ବାଗ, ମାୟାଧର ସେଠ, ପ୍ରହଲ୍ଲାଦ ଠେଲାଙ୍କ ସହିତ ଡ୍ରାଇଭର ଆଶୋସିଏଶନର କର୍ମକର୍ତ୍ତା ସାମିଲ ହୋଇଥିଲେ।

# କଣ୍ଟାବାଞ୍ଜିରେ ରେଳରୋକୋ

**କଣ୍ଟାବାଞ୍ଜି, ୮।୧(ଡି.ଏନ.ଏ.)**

କେନ୍ଦ୍ରିୟ ଶ୍ରମିକ ସଂଗଠନମାନଙ୍କ ଡାକରାରେ କଣ୍ଟାବାଞ୍ଜିରେ ଧର୍ମଘଟର ପ୍ରଭାବ ଅନୁଭୂତ ହୋଇଥିଲା। କଣ୍ଟାବାଞ୍ଜି-ଟିଟିଲାଗଡ ରେଲ ସେକ୍ସନର କଣ୍ଟାବାଞ୍ଜିସ୍ଥିତ ୧୨୪ ଆର.ଭି. ଫାଟକ ନିକଟ ରେଲ ଧାରଣାରେ ଶତାଧିକ ମହିଳାପୁରୁଷ ବସି ରହିଥିଲେ । ନିଜାମୁଦ୍ଦିନ-ବିଶାଖାପାଟଣା ସମତା ସୁପର ଫାଷ୍ଟ ଏକ୍ସପ୍ରେସ ଅବରୋଧ ଦ୍ୱାରା ଅଧଘଣ୍ଟା ଯାଏ ଅଟକି ରହିଥିଲା । ରେଳ ପୋଲିସ ଏବଂ ଆରପିଏଫ ସହିତ ଟାଉନ ପୋଲିସ ଘଟଣାସ୍ଥଳକୁ ଯାଇ ଅବରୋଧକାରୀଙ୍କୁ ବୁଝାସୁଝା କରିବା ପରେ ଅପରାହ୍ନ ୧.୩୦ରେ ଅବରୋଧ ହଟିଥିଲା। ଧର୍ମଘଟରେ ଏମଡିଏମ ପାଚିକା ସହାୟକ ସଂଘ ସଭାପତି ପାଣ୍ଡବ ଭୋଇ, ସମ୍ପାଦକ ମାଧବୀ ବାରିକ, ନିର୍ମାଣ ଶ୍ରମିକ ସଂଘ ସଭାପତି ଗୋପାଳ ଭୋଇ, ସମ୍ପାଦକ ଅର୍ଜୁନ ଖର୍ସେଲଙ୍କ ନେତୃତ୍ୱରେ ଏହି ଧର୍ମଘଟ କରାଯାଇଛି।



ଆନ୍ଦୋଳନକାରୀ ଟ୍ରେନକୁ ଅଟକାଇଛନ୍ତି।



ସୋମବାର ଅନୁଷ୍ଠିତ ମ୍ୟାଚରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ : ବରଗଡ଼ ସେମିରେ

**ଟିକ୍ରାପଡା, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ପଞ୍ଚମ ଦିବସ । ଅନୁଷ୍ଠିତ ମ୍ୟାଚରେ ଛତିଶଗଡ ଦଳକୁ ୫-୦ ଗୋଲରେ ହରାଇ ବରଗଡ ଦଳ ବିଜୟୀ ହୋଇଥିଲା । ପାଣ୍ଡବ ବିଶି, ରିଙ୍କୁ ବିଶି, ପିଣ୍ଟୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ । ରାହୁଲ ଶର୍ମା, ବସନ୍ତ ବେହେରା, ହେମନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ଭାଜପା ନେତା ଶାନ୍ତନୁ ପଣ୍ଡା, ଯୁବ ସଙ୍ଗଠକ ସୁବ୍ରତ ନାଗ, ବିଜୟ କୁମାର ପାତ୍ର. ସୁବାସ ବେହେରା, ପ୍ୟାକ୍ସ ସଭାପତି ବିକ୍ରମସିଂ ବୁଡେକ ଅତିଥିଭାବେ ଯୋଗ ଦେଇଥିଲେ । ବୁଧବାର ଝାରସୁଗୁଡା ବନାମ ବରଗଡ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅୟୋଜକ କମିଟି ସୂତ୍ରରୁ ପ୍ରକାଶ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋହଢ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ରଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ରଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ରଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ରଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ରଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ରଣ ଏବଂ ସବୁ ରଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ରଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ରଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarak-pur, Mubarakpur, South Delhi, Delhi-110003

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

!!ରଣ ରଣ ରଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ରଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ରଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ରଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ରଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ରଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ରଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

**ପାଟଣାଗଡ, ୮।୧(ଡି.ଏନ୍.ଏ.):** ପାଟଣାଗଡ ଏନଏସି ସଭାଗୃହଠାରେ ଉପଜିଲାପାଳ ସତ୍ୟକ୍ରିଷ୍ଣାନ କେ.ପି.ଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୬ତାରିଖ ସକାଳ ୫ଟାରୁ ରାମଧୁନ, ୬.୩୦ରୁ ସହର ମଧ୍ୟରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ, ସକାଳ ୭ଟାରେ ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ଏବଂ ସକାଳ ୮.୩୦ରେ ଆନୁଷ୍ଠାନିକ ଭାବେ ପରେଡ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିର କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ପରେ ସବଜେଲ, ଉପଖଣ୍ଡ ଚିକିତ୍ସାଳୟ ଏବଂ କୁଷ୍ଠ କଲୋନୀରେ ଫଳ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏହି ବୈଠକରେ ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ, ଥାନା ଅଧିକାରୀ ବାରିଣୀ ଦାସ, ଉପଖଣ୍ଡ ଲୋକ ସମ୍ପର୍କ ଏବଂ ସୂଚନା ଅଧିକାରୀ ରୀତାକାନ୍ତି ବଲିୟାର ସିଂଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

### ରାଜ୍ୟସ୍ତରୀୟ ଫୁଟବଲ: ନୂଆପଡ଼ା ସେମିରେ

**ବେଲପଡା, ୮।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ବେଲପଡା ଟାଉନ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ଦିବସର ଖେଳ ନୂଆପଡା ବନାମ ବେଲପଡା ଟିଏଫଟି ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଶେଷ ବେଳକୁ ନୂଆପଡା ଦଳ ବେଲପଡାକୁ ଗୋଟିଏ ଗୋଲ ଦେଇଥିଲା। କିନ୍ତୁ ବେଲପଡା ଦଳ ନୂଆପଡା ଦଳକୁ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲା। ଶେଷରେ ନୂଆପଡା ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବେଲପଡା ସରପଞ୍ଚ ମହାଦେବ ମେହେର, ସମ୍ମାନିତ ଅତିଥି ପୂର୍ବତନ ପୋଲିସ ଅଫିସର ଲକ୍ଷ୍ମୀନାରାୟଣ ପୁଟେଲ, ଆଟିଆଇ କଲେଜ ଅଧ୍ୟକ୍ଷ ବିଶ୍ୱନାଥ ଦାଶ, ଏମପି ପ୍ରତିନିଧି ମହେଶ୍ୱର ସାହୁ, ନିର୍ବାହୀ ଯନ୍ତ୍ରୀ ଚୂଡାମଣି ବାଗ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ବିଜୟ ଖମାରୀ, କିଶୋର ଧରୁଆ, ଦୋଳଗୋବିନ୍ଦ ମୁଣ୍ଡା, ରମେଶ ଧରୁଆ ପରିଚାଳନା କରିଥିଲେ। ଧାରା ବିବରଣୀରେ ହରିହର ସିଂ, ରଥାଙ୍ଗଧର ପାଢୀ ଦାୟିତ୍ୱ ତୁଲାଇଥିଲେ। ବୁଧବାର ଗ୍ରୁପ ଏର ପ୍ରଥମ ସେମିଫାଇନାଲ ନୂଆପଡା ବନାମ ବରପାଲି ଦଳ ମଧ୍ୟ ରେ ହେବ ବୋଲି କମିଟି ସୂତ୍ର ରୁ ପ୍ରକାଶ।

# ଚନ୍ଦ୍ରପୁର, କୋଲପାଲିରେ ଶୁଲିଆ ଯାତ୍ରା

**ଦେଓଗାଁ, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଓ ଉଡାର ପଞ୍ଚାୟତ କୋଲପାଲିଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳବାର ଆଦିବାସୀ ତଥା କନ୍ଧ ସମ୍ପ୍ରଦାୟର ଆରାଧ୍ୟ ଦେବତା ଶୁଲିଆବୁଢ଼ାଙ୍କ ଶୁଲିଆଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ଓ ଜରାସିଂହା ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଶୁଲିଆ ପୀଠରେ ଏହି ଦିନ ଅପରାହ୍ନରେ ଅନୁଷ୍ଠିତ ଯାତ୍ରାରେ ମୁଖ୍ୟପୂଜକଭାବେ ଗୋବିନ୍ଦ ମାଝୀ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଶୁଲିଆ ଦେହୁରୀ କ୍ଷେତ୍ର ଦଣ୍ଡସେନା, ଝାଙ୍କର କବି ମାଝୀ, ଝାରୁ ମଲ୍ଲିକ କନ୍ଧେନବୁଢ଼ି ଦେହୁରୀ ସାଧୁ ମନହୀରା,ସେବକ ବୁର୍ଲା ମଲ୍ଲିକ ତଥା ହରୀ ନାଗ ବୁଢ଼ିଆଇ ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଗୋଟିଏ ପୋଢ଼ ସମେତ ଶତାଧିକ ଛେଳି, ମେଣ୍ଢା ଓ କୁକୁଡା ବଳିରେ ପୀଠ ରକ୍ତରଞ୍ଜିତ ହୋଇଥିଲା। ପରିଚାଳନା କମିଟି ସଭାପତି ଶେଷଦେବ ନାଗ, ଗଉନ୍ତିଆ ସୁବାଷ ଦଣ୍ଡସେନା, ସଦସ୍ୟ ବଳ ପଶାୟତ, ଯୁଗୀ ବାରିକ, ରାହାସ ଭୋଇ, ପ୍ରସନ୍ନ ମଲ୍ଲିକ, ବିନୋଦବିହାରୀ ଭୋଇ, ଟଙ୍କ ନାଗ, ସୁରୁ ମିଶ୍ର, କୁନୁମିଶ୍ର, ଭୋପାଳ ପଧାନ, ଭିକାରୀ ଭୋଇ, କଷ୍ଟ ଷାଣ୍ଡ, ରବିନ୍ଦ୍ର ଭୋଇ, ସଦା ବନଛୋର ପ୍ରମୁଖଙ୍କ ଆୟୋଜନରେ ଶୁଲିଆ ଯାତ୍ରା ଆୟୋଜନ କରାଯାଇଥିଲା। ସେହିଭଳି ଉଡାର ପଞ୍ଚାୟତ କୋଲପାଲିରେ ମଧ ତଦ୍ରୂପ ଶୁଲିଆଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପରିପେକ୍ଷୀରେ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ନିଜର ମନ କାମନା ମନାସୀ ଶୁଲିଆ ଦେବତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ।



ଚନ୍ଦ୍ରପୁରଠାରେ ଶୁଲିଆ ଯାତ୍ରା ଅବସରରେ ଦେବତା ପାରମ୍ପରିକ ବାଦ୍ୟର ତାଳେତାଳେ ନୃତ୍ୟ କରୁଛନ୍ତି।

# ନୂଆ ଟାର୍ଗେଟ ଅପେକ୍ଷାରେ ଚାଷୀ

**ଖପ୍ରାଖୋଲ, ୮।୧(ଡି.ଏନ.ଏ.)**

**ଧଣ୍ଡାମୁଣ୍ଡା ମଣ୍ଡି**
- ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଥିଲା ୯ ହଜାର କୁଇଣ୍ଟାଲ
- ବିନା ଟୋକନରେ ଧାନ ପକାଇଛନ୍ତି ଚାଷୀ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିର ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଶେଷ ହୋଇଛି। ହେଲେ ଏବେ ବି ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି। ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଥିବା ୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଗତ ଶନିବାରରୁ ଶେଷ ହୋଇଛି। ଇତିମଧ୍ୟରେ ୪ଦିନ ବିତିଯାଇଥିଲେ ବି ଚାଷୀମାନେ ମଣ୍ଡିରେ ଧାନ ପକାଇ ରଖିଛନ୍ତି। ଏପଟେ ନୂଆ ଟାର୍ଗେଟ ଆସି ନ ଥିବାରୁ ଧାନକ୍ରୟ କରାଯାଇ ପାରୁ ନାହିଁ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଉଛି। ସୂଚନା ଅନୁସାରେ ଧଣ୍ଡାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିରେ ୪୬୯ ଜଣ ଚାଷୀ ଧାନ ବିକ୍ରି ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ୩୭୭ ଜଣଙ୍କ ଜିଲା ଯୋଗାଣ କାର୍ଯ୍ୟାଳୟରୁ ବିକିବା ପାଇଁ କ୍ଲିୟରାନ୍ସ ଆସିଛି। ୯୨ଚାଷୀଙ୍କ ବିକ୍ରି ପାଇଁ କ୍ଲିଅରାନ୍ସ ଆସି ନ ଥିବା ଜଣାଯାଇଛି। ଏବେ ଚାଷୀ ସମସ୍ତ ଧାନ ଅମଳ କରିସାରିଥିବା ବେଳେ ବିକ୍ରି ପାଇଁ ଟାର୍ଗେଟ ନ ଆସିବା ଚିନ୍ତାରେ ପକାଇଛି। ଅନେକ ଚାଷୀ ବିନା ଟୋକନରେ ବି ଶହଶହ ବସ୍ତା ଧାନ ଆଣି ମଣ୍ଡିରେ ପକାଇ ରାତିରେ ଜଗୁଛନ୍ତି। ଏ ନେଇ ସମବାୟ ସମିତି ସଭାପତି ଦେବକାନ୍ତ ପାଣିଗ୍ରାହୀଙ୍କୁ ପଚାରିବାରୁ ପୁଣି ଟାର୍ଗେଟକୁ ଅପେକ୍ଷା କରାଯାଇଥିବା କହିଛନ୍ତି। ଏ ନେଇ ପାଟଣାଗଡ ସମବାୟ ସହପ୍ରବନ୍ଧକ ପ୍ରମୋଦ କୁମାର ବରିହାଙ୍କୁ ପଚାରିବାରୁ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଟାର୍ଗେଟ ପାଇଁ ଲେଖା ଯାଇଥିବା ପ୍ରକାଶ କରିଛନ୍ତି। ସେହିପରି ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ରାଜାରାମ ହୋତାଙ୍କୁ ପଚାରିବାରୁ କାର୍ଯ୍ୟାଳୟଗୁଡିକ ଆନ୍ଦୋଳନ ପାଇଁ ପ୍ରଭାବିତ ହେଉଥିବାରୁ ଟାର୍ଗେଟ ପାଇଁ ଏଭଳି ସମସ୍ୟା ହେଉଥିବା କହିଛନ୍ତି।

# ଭୁଲ୍ ଚିକିତ୍ସା, ୧୨ମେଣ୍ଢା ମୃତ

**ଲୋଇସିଂହା, ୮।୧ (ଡି.ଏନ.ଏ.)**

ଘରୋଇ ଭାବେ ପ୍ରାଣୀ ଚିକିତ୍ସା କରୁଥିବା ବ୍ୟକ୍ତିଙ୍କ ଭୁଲ ଚିକିତ୍ସା ଯୋଗୁ ଜଣେ ମେଣ୍ଢା ଚାଷୀଙ୍କ ମଙ୍ଗଳବାର ୧୨ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୮ମେଣ୍ଡା ମଧ୍ୟରୁ ୪ଶାବକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ମେଣ୍ଢା ମାଲିକ ରାଜୁ ଜାଲ କହିଛନ୍ତି। ଅଭିଯୋଗମତେ, ଲୋଇସିଂହା ବ୍ଲକ ବାଦିବାହଲ ପଞ୍ଚାୟତ ଅନ୍ତର୍ଗତ ଅଗଲାପାଲି ଗ୍ରାମର ରାଜୁ ଜାଲ ୨୦ଟି ମେଣ୍ଢା ପାଳନ କରଥିଲେ। କେତେକ ମେଣ୍ଢା ଶାବକ ଅସୁସ୍ଥ ଥିବାରୁ ଯୋଗୀସର୍ଡା ଗ୍ରାମର ଜଣେ ଚିକିତ୍ସକଙ୍କ ପାଖକୁ ଯାଇଥିଲେ ରାଜୁ। ସେହି ଘରୋଇ ଚିକିତ୍ସକଙ୍କ ପାରମର୍ଶ କ୍ରମେ ୨୦ଟି ଯାକ ମେଣ୍ଢାକୁ ୨ଟି ଲେଖାଏ ଇଞ୍ଜେକସନ ଦିଆଯାଇଥିଲେ। ଇଞ୍ଜେକସନ ନେବାର କିଛି ସମୟ ଭିତରେ ଚିକିତ୍ସକଙ୍କ ସାମନାରେ ମେଣ୍ଢାମାନେ ଅଚେତ ହୋଇ ପଡି ଯାଇଥିଲେ। ମେଣ୍ଢା ଚାଷୀ ବ୍ୟସ୍ତ ହୋଇ ପଡିବାରେ ଅସୁବିଧା କିଛି ନାହିଁ, ଅଧ ଘଣ୍ଟା ପରେ ସମସ୍ତେ ଭଲ ହୋଇଯିବେ ବୋଲି କହି ସମ୍ପୃକ୍ତ ଚିକିତ୍ସକ ସେଠାରୁ ଚାଲି ଯାଇଥିଲେ। ଶନିବାର ରତି ସାରା ମେଣ୍ଢାଙ୍କ ଚେତା ନ ଆସିବାରୁ ରବିବାର ସକାଳେ ରାଜୁ ଚିକିତ୍ସକଙ୍କ ଘରକୁ ଯାଇଥିଲେ। ସେ ଆସି ପୁଣି ମେଣ୍ଢାପଲକୁ ଚିକିତ୍ସା କରିଥିଲେ ଓ କିଛି ଔଷଧ ଦେଇ ଖୁଆଇବାକୁ କହିଥିଲେ। ଚିକିତ୍ସା ବାବଦକୁ ଦୁଇ ଦିନରେ ୯ ଶହ ଟଙ୍କା ଖର୍ଚ୍ଚ ବାବଦକୁ ସେ ଦେଇଥିବା କହିଛନ୍ତି। ହେଲେ ଭୁଲ ଚିକିତ୍ସା ଯୋଗୁ ସୋମବାର ରାତିରେ ଗୁହାଳରେ ମେଣ୍ଢାମାନେ ମରିପଡିଥିବା ଚାଷୀ ରାଜୁ ଜାଲ ଅଭିଯୋଗ କରିଛନ୍ତି। ମେଣ୍ଢା ଚାଷ କରି ୬ ପ୍ରାଣୀ କୁଟୁମ୍ବ ଚଳାଉଥିବା ରାଜୁ ଏହି ଘଟଣା ପରେ ଚିନ୍ତିତ ହୋଇ ଭାଙ୍ଗି ପଡିଛନ୍ତି। ଏହି ଘଟଣାରେ ଲୋଇସିଂହା ପ୍ରାଣୀ ବିଭାଗ ପକ୍ଷରୁ ତଦନ୍ତ କରି ଚାଷୀକୁ ସହାୟତା ଯୋଗଇବାକୁ ଗ୍ରମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଯୋଗୀସର୍ଡା ପ୍ରାଣୀ ନିରୀକ୍ଷକ ସାଗରିକା ନାଗକୁ ପଚାରିବାରୁ ଚାଷୀମାନେ ସୁବ ଜାଣି ମଧ ଘରୋଇ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଉଛନ୍ତି। ଗ୍ରାମାଞ୍ଚଳରେ ଏଭଳି ବେଆଇନ ଚିକିତ୍ସା ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।



ମୃତ ମେଣ୍ଢାଙ୍କ ନିକଟରେ ରାଜୁ ଜାଲଙ୍କ ପରିବାର।

# ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

**ଖପ୍ରାଖୋଲ, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ଅନ୍ତର୍ଗତ କପସିପାଲି ଗାଁରେ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଖପ୍ରାଖୋଲ ଥାନା ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଗାଁର ଅଜିତ କୁମ୍ଭାର (୧୯)। ନାବାଳିକାଙ୍କ ପରିବାର ତରଫରୁ ଥାନାରେ କରାଯାଇଥିବା ଅଭିଯୋଗ ଅନୁସାରେ ଯୁବକ ଜଣକ ଗାଁର ଉକ୍ତ ନାବାଳିକାଙ୍କୁ ଗତ ୨୭ ତାରିଖ ରାତିରେ ଅପହରଣ କରି ଫେରାର ହୋଇଯାଇଥିଲେ। ଖୋଜାଖୋଜି ନ ପାଇବା ପରେ ଗତ ୨୯ତାରିଖରେ ସେମାନେ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ବିଭିନ୍ନ ସ୍ଥାନରେ ଛାନଭିନ ପରେ ଖପ୍ରାଖୋଲ ଥାନା ପୋଲିସ ଉଭୟଙ୍କୁ ଗତ ୬ ତାରିଖ ଛତିଶଗଡରୁ ଉଦ୍ଧାର କରିଥିଲା। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୧୬୯/୧୮)ରୁଜୁ କରାଯାଇଥିଲା। ନାବାଳିକାର ୧୬୪ ବୟାନ ରେକର୍ଡ ପରେ ଧାରା ୩୬୩ ଆଇପିସିରେ ଅଜିତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ନାବାଳିକାଙ୍କୁ ବଲାଙ୍ଗୀରସ୍ଥିତ ସ୍ୱାଧାର ଗୃହକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

ବଲାଙ୍ଗୀର ବହିହାଟରେ ଆଲୋଚନାଚକ୍ର

# ହାଇକୋର୍ଟ ବେଞ୍ଚ ନ୍ୟାୟରୁ ବଞ୍ଚିତ କଲେ ପରିଣତି ଭୟାବହ ହେବ

**ବଲାଙ୍ଗୀର ଅଫିସ, ୮।୧**

୧୯୪୦ ମସିହାରେ ପାଟଣା ଷ୍ଟେଟ ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ୧୯୪୫ ମସିହାରେ ଏହା କମନ୍ ହାଇକୋର୍ଟ ଭାବେ ସ୍ୱୀକୃତି ପାଇଥିଲା। ପାଟଣା ହାଇକୋର୍ଟ ଅଧୀନରେ ଏବେକାର ଓଡିଶା, ଛତିଶଗଡ, ଝାରଖଣ୍ଡ ପ୍ରଦେଶର ବିଭିନ୍ନ ପ୍ରିନ୍ସଲି ଷ୍ଟେଟ୍ ନ୍ୟାୟ କାର୍ଯ୍ୟ ପରିଚାଳନା କରୁଥିଲେ। ୧୯୪୮ମସିହାରେ କଟକରେ ଓଡିଶା ହାଇକୋର୍ଟ ପ୍ରତିଷ୍ଠା ପରେ ସେଥିରେ ବଲାଙ୍ଗୀରଠାରେ ଥିବା ପାଟଣା ହାଇକୋର୍ଟ ବିଲୀନ ହୋଇଥିଲା। ତେବେ ସେହିଦିନରୁ ବଲାଙ୍ଗୀରରେ ହାଇକୋର୍ଟର ସର୍କିଟ୍ ବେଞ୍ଚ ଓ ପରବର୍ତ୍ତୀ ସମୟରେ ଓଡିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇ ଆସୁଛି। ଯଶବନ୍ତ ସିଂ କମିଶନ ସୁପାରିଶରେ ସ୍ପଷ୍ଟ ଭାବେ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ଚିହ୍ନଟ ହେବା ସତ୍ତ୍ୱେ ରାଜ୍ୟ ସରକାର କିଛି ବି ପଦକ୍ଷେପ ନ ନେବା ବଲାଙ୍ଗୀରବାସୀଙ୍କ ପ୍ରତି ହେୟଜ୍ଞାନ ଓ ଏହା ଜାରି ରହିଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ବକ୍ତାମାନେ ବହିହାଟ ଚତୁର୍ଥ ସନ୍ଧ୍ୟାର ଆଲୋଚନାଚକ୍ରରେ ମତ ପ୍ରକାଶ କରିଛନ୍ତି। ବହିହାଟ ମୁଖ୍ୟ ସଂଯୋଜକ ଲଳିତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଲୋଚକଭାବେ ଯୋଗଦେଇ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅବତାରଣା କରିଥିଲେ। ୧୯୫୯ ଓ ୧୯୬୧ ମସିହାରେ ହାଇକୋର୍ଟ ବଲାଙ୍ଗୀରରେ ସର୍କିଟ୍ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ସ୍ପଷ୍ଟ ମତ ଦେବା ସତ୍ତ୍ୱେ ରାଜ୍ୟ ସରକାର କାହିଁକି ଏହାକୁ କାର୍ଯ୍ୟକାରୀ କରିନଥିଲେ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ୧୯୯୦ମସିହାରେ ତତ୍କାଳୀନ ରାଜ୍ୟ ସରକାର ବଲାଙ୍ଗୀର କିମ୍ବା ସମ୍ବଲପୁର ଓ ବ୍ରହ୍ମପୁରଠାରେ ହାଇକୋର୍ଟ ସର୍କିଟ୍ ବେଞ୍ଚ ପ୍ରତିଷ୍ଠା କଥା ଉଲ୍ଲେଖ କରି ଜଷ୍ଟିସ ହଂସାରିଆଙ୍କୁ ଚିଠି ଲେଖି ଏଦିଗରେ ବିବାଦ ସୃଷ୍ଟି କରିଥିଲେ। ଏହି କାରଣରୁ ଏବେ ପଶ୍ଚିମ ଓଡିଶା ସମେତ ବିଭିନ୍ନ ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ବିଭେଦ ଦେଖାଦେଉଛି ବୋଲି କହିଥିଲେ। ବଲାଙ୍ଗୀର ସପକ୍ଷରେ ଯେତିକି ଯୁକ୍ତି ରହିଛି ସମ୍ବଲପୁର ଯେତେ ଦାବି କଲେ ମଧ ସେଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ପଣ୍ଡା କହିଥିଲେ। ଅନ୍ୟତମ ଆଲୋଚକ ବଲାଙ୍ଗୀର ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାର ଐତିହାସିକ ଓ ଭୌଗୋଳିକ ଯୁକ୍ତି ଉପସ୍ଥାପନ କରି ଆଉ କ'ଣ କ'ଣ ସମ୍ବଲପୁରରେ ପ୍ରତିଷ୍ଠା ହେଲା ପରେ ଯାଇ ସେମାନେ ଅନ୍ୟ ପଛୁଆ ଅଞ୍ଚଳର ନ୍ୟାଯ୍ୟ ଦାବିକୁ ସମ୍ମାନ ଦେଖାଇବେ ବୋଲି ପ୍ରଶ୍ନ କରିଥିଲେ। ରାଜ୍ୟ ସରକାର ଓ ଜନପ୍ରତିନିଧିଙ୍କ ଭୂମିକାକୁ ସମାଲୋଚନା କରି ଏହା ପୂରଣ ନହେଲେ ଲୋକେ ଉପଯୁକ୍ତ ଜବାବ ଦେବେ ବୋଲି କହିଥିଲେ। ଆଲୋଚକ ଜୟକୃଷ୍ଣ ସାହୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରକ୍ରିୟା, ସାମ୍ବିଧାନିକ ନିୟମ ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀର ସପକ୍ଷରେ ଏତେ ବଳିଷ୍ଠ ଦାବି ସତ୍ତ୍ୱେ ରାଜ୍ୟ ସରକାର ଏ ଦିଗରେ ନିଷ୍ପତ୍ତି ନନେବା ଓ ଏହା ଜାଣିଶୁଣି ଅନ୍ୟ ଅଞ୍ଚଳରେ ଏହି ସମାନ ଦାବି ଉଠାଇବା ନେଇ ସେ ଦୃଢ଼ ସମାଲୋଚନା କରିଥିଲେ। ଶେଷରେ ମୁଖ୍ୟ ଆଲୋଚକ ପ୍ରହ୍ଲାଦ ଅଗ୍ରୱାଲ ବଲାଙ୍ଗୀର ହିଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ନାୟକ ହାଇକୋର୍ଟ ବେଞ୍ଚ ଆନ୍ଦୋଳନରେ ଜନସାଧାରଣଙ୍କ ସମର୍ଥନକୁ ଭୂୟସୀ ପ୍ରଶଂସା କରି ଏହି ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ପରିଷଦର ଅରବିନ୍ଦ ବାଗ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ମଳୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ।




ବଲାଙ୍ଗୀର ବହିହାଟ ଚତୁର୍ଥ ସନ୍ଧ୍ୟାର ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

# ବଡ଼ଟିକାରେ ମୁଁ ହିରୋ କାର୍ଯ୍ୟକ୍ରମ

**ଲୋଇସିଂହା, ୮।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ଗ୍ରାମରେ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ୭୦ଜଣ ଯୁବତୀ ଅଂଶଗ୍ରହଣ କରି ନାଚ,ଗୀତ ପ୍ରଦର୍ଶନ କରିଥିଲେ। ଗୀତରେ ସନ୍ଧ୍ୟାରାଣୀ ପ୍ରଥମ, ପଲ୍ଲବି ସାହୁ ଦ୍ୱିତୀୟ, ପୂଜାରାଣୀ ତୃତୀୟ ହୋଇଥିଲେ। ସେହିପରି ନୃତ୍ୟ ପ୍ରତିଯୋଗିତାରେ ଦୀପିକା ପଧାନ, ସରିତା ନାଏକ ଓ ଅଲିଶା ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ଛନ୍ଦାଚରଣ ପଧାନମଞ୍ଚ ପରିଚାଳନା କରିଥିଲେ। ସଦାନନ୍ଦ ସାହୁ, ସନ୍ତୋଷ କୁମାର ପଶାୟତ, ଅଶୋକ କୁମାର ପଟେଲ ପ୍ରମୁଖ ବିଚାରକଭାବେ ନିୟୋଜିତ ଥିଲେ। କଳାରସିଂ ବାଗ, ମନୋରଞ୍ଜନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବବାହିନୀ ସଭାପତି ସଞ୍ଜିତ କୁମାର ବାଗ, ସମ୍ପାଦକ ଦିଲୀପ କୁମାର ବିଶ୍ୱାଳ, ସୁଶୀଲ ବିଶ୍ୱାଳ, ରାତ୍ର ପଧାନ, ନବୀନ ଭୋଇ, ଛାୟାକାନ୍ତ ବିଶି ତୁଲାରାମ ପଧାନ, ସୁକାନ୍ତ କୁମାର ବାଗ, ରୂପେଶ ସାହୁ, ମନକର ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ବିଚାରକଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କୃତ ହେଉଛନ୍ତି।

ମଉଳିକ୍ ସୁବିଧାରୁ ବଁଚିତ ପତ୍ରାପାଲିବାସୀ

# କାଗଜପତରରେ ସୀମିତ ବିଦ୍ୟୁତ ସଂଯୋଗ

**ଲୋଇସିଂହା, ୮।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ସଦର ପଁଚେତର ପତ୍ରାପାଲି ଗାଁ ପରଶାସନର ନାକତଳେ ଅଛେ। ହେଲେ ଗାଁବାସୀ ନିରମଲ ପିଇଲା ପାଏନ୍‌କୁ ମୂଳ୍ କରି ବିଦ୍ୟୁତ, ରାଶନ କାର୍ଡ, ବିଧବା ଭତା, ବୁଢ଼ାବୁଢ଼ୀ ଭତା, ଆବାସ ଘର ଲେଖେଁ ମଉଳିକ ସୁବିଧା ସୁଯୋଗ୍‌ରୁ ବଁଚିତ ହେଇ ରହିଛନ୍। ସରକାରୀ କାଗଜପତରରେ ଗାଁବାସୀ ୧୦ ବଛରରୁ ଅଧିକା ହେଲା ବିଦ୍ୟୁତ୍ ସେବା ଉପଭୋଗ କରୁଛନ୍। ଗାଁବାସୀ ସମସିଆ ବାବ୍‌ଦେ ବିଧାୟକ, ସରପଁଚ ଆର ବ୍ଲକ୍ ପରଶାସନକେ କହି କହି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଲୋଇସିଂହା ପଁଚେତ୍‌ର ୪ନଂ ୱାର୍ଡର ପତ୍ରାପାଲି ଗାଁରେ ୨ଟା ପଡ଼ା ଅଛେ। ଗାଁର ଉଭଏ ପଡ଼ାର ୬୦ ଲେଖେଁ ପରିବାର୍‌ର ପାଖାପାଖି ୫ଶହ ଲୋକ୍ ବାସ କରୁଛନ୍। ସେନ୍‌ତା ଉପରପଡ଼ାରେ ପ୍ରାଥମିକ ସ୍କୁଲ ଆର ଗୁଟେ ନଲ୍‌ତୁଆଁ ଅଛେ। ସେନ୍‌ତା ତଲିପଡ଼ାରେ ୨ଟା ନଲ୍‌ତୁଆଁ ଥିଲେ ବି ବଛରେ ଉପରେ ହେଲା ଗୁଟେ ଅଚଲ ହେଇପଡ଼ିଛେ। ଗାଁରେ ଗୁଟେ ବଁଧି ଅଛେ, ହେଲେ ମାଏଟ୍ କାମ୍ ଅଭାବୁ ଦିନା ୧୫ ଗଲେ ବଁଧର ପାଏନ୍ ଶୁଖି ଯିବା। ଏନ୍‌ତାଥି ତଲିପଡ଼ାର ୬୦ ପରିବାରର ଲୋକ୍ ଖୁଆପିଆ, ଗଧାମଖା ଲାଗି ଗୁଟେବଲି ସଚଲ ନଲ୍‌ତୁଆଁ ଉପରେ ନିରଭର କରବେ। ପଡ଼ାବାସୀ ପାଏନ୍ ସମସିଆର ସମାଧାନ ଲାଗି ପରଶାସନକେ କହିଆସୁଥିଲେ ବି ନାଇଁ ଶୁନୁଥିବାର ଅଭିଯୋଗ କରିଛନ୍। ସେନ୍‌ତା ଗାଁରେ ବିପିଏଲ ପରିବାରମାନକୁ ବିଦ୍ୟୁତ ସେବା ଯୁଗେଇ ଦେବାର ଲାଗି ୧୦ ବଛର ତଳେ କାମ୍ ମୂଳ ହେଇଥିଲା। ଖୁଁଟ ତୁପାହେଇ ତାର ଟନା ଯାଇଥିଲା, ଘରେ ଘରେ ବୋର୍ଡ ବସା ଯାଇଥିଲା। ହେଲେ ଆଶିରିୟ୍‌ର କଥା ବିଦ୍ୟୁତ ସଂଯୋଗ ଲାଗି ବିଭାଗକେ ଗଲେ ସେମାନେ ଗାଁରେ ବିଦ୍ୟୁତ ସଂଯୋଗ ହେଇଥିବାର କହୁଛନ୍। ଇଆଡ଼େ ଗାଁରେ ଦହନା ପଧାନ, ଦୁଃଖିନି ମିର୍ଦ୍ଧା ବଛର ବଛର ବିତିଗଲାନ ବିଧବା ଭତା ନୁହେପାଆନ। ସେନ୍‌ତା ଗାଁର ପ୍ରସନ୍ନ ପଧାନ(୬୩), ରଇବାରି ପଧାନ(୬୨), ସାଧୁପଧାନ(୬୩), କିଶୋରୀ ପଧାନକଁର ସମେତ ୪୦ ଝନ୍ ବୁଢ଼ାବୁଢ଼ୀ ଭତା ପାଏବାରୁ ବଁଚିତ ହେଇଛନ୍। ଇମାନେ ଭତାର ଲାଗି ପଁଚେତ୍‌ରେ ଅନେକ ଥର ଆବେଦନ କରି ନିରାଶ ହେଇଛନ୍। ସେନ୍‌ତା ଗାଁର ଖୁଦ୍ର ପଧାନକଁର ସମେତ ଆରକେତେ ପରିବାର ରାଶନ କାର୍ଡ ପାଏବାରୁ ବଁଚିତ ରହିଛନ୍। ନିରଞ୍ଜନ ପଧାନକଁର ୪ ପ୍ରାଣୀ କୁଟୁମ୍। ହେଲେ ରାଶନ କାର୍ଡରେ ମାଏଝିମୁନୁଷର ନାଁ ଥିଲାବେଲେ ଦୁଇ ପିଲାକୁ ବାଦ୍ ଦିଆଯାଇଥିବାର ଅଭିଯୋଗ୍ ହେଉଛେ। ଗାଁର ଗୁଟେ ବଡ଼ ସମସିଆ ହେଉଛେ ନଲ୍‌ତୁଆଁ ପାସେ ଥିବାର ଟ୍ରାନ୍ସଫର୍ମର। ସେଠାନେ ଖୁଁଟାରେ ଗୁଟେ ଫ୍ୟୁଜ କଲ ବସାଯାଇଛେ, ତାରମାନେ ବିପଦ ଅବସ୍‌ତାରେ ଝୁଲୁଛେ। ସେ ପାସେ ଗାଁର ଛୋଟ ଛୋଟ ଛୁଆମାନେ ଖେଲାବୁଲା କରୁଛନ୍। ଏନ୍‌ତାଥି କେତେବେଲେ ଦୁରଘଟନାରେ କାହାର ଜୀବନ୍ ପଲେଇ ଯିବା କିଛି କହି ନାଇଁହୁଏ। ଇ ବାବ୍‌ଦେ ବିଭାଗର ଅଧିକାରିମାନକୁ କହେଲେ ବି କେହି ନାଇଁ ଶୁନବାର। ଇ ବାବ୍‌ଦେ ବିଡିଓ ରାମଚନ୍ଦ୍ର ଖାଡ଼ିଆକୁଁ ପଚରାଲାରୁ ଗାଁବାସୀ ଏନ୍‌ତା କିଛି ଅଭିଯୋଗ ନାଇଁକରି। ଅଭିଯୋଗ ପାଏଲେ ନିହାତି ସମସିଆର ସମାଧାନ ଦିଗେ ପଦକ୍ଷେପ ନିଆଯିବ ବଲି କହିଥିଲେ।





ବିପଦ୍ ଅବସ୍‌ତାରେ ବିଦ୍ୟୁତ୍ ତାର ଝୁଲୁଛେ (ବାମ)। ପଡ଼ାବାସୀ ଧରିତ୍ରୀ ପ୍ରତିନିଧିକୁଁ ସମସିଆ ବାବ୍‌ଦେ କହେବାକେ ଠୋଲ ହେଇଛନ୍।

**ଇମାନେ ଯାହା କହିଛନ୍...**

"ପଡ଼ାରେ ଗୁଟେ ନ ନଲ୍‌ତୁଆଁ ଅଛେ। ସେଥିରେ ଗାଧାପଧା ଆରୁ ଖାଏଲା ପାଏନ୍ ହିସାବେ ବେଭାର କରୁଛୁଁ। ଇଥିରଲାଗି ଆମେ ବଡ଼ଭାରି ସମସିଆର ସାମନାକରୁଛୁଁ। ଯାହାକେ କହେଲେ କେହି ଆମର କଥା ନାଇଁ ଶୁନବାର।
-ପ୍ରସନ୍ନ ପଧାନ

"ଏବୁଆ ଭତା ଟିକେକର ଲାଗି କେତଥର କାଗଜପତର କରିଛେଁ। ପଁଚେତ୍ ନ ସରପଁଚ୍‌କେ ବି ଦେଇଛେଁ। ହେଲେ ମୋତେ କେଭେ ଭତା ନିମିଲବାର ପୁତା। ମରିମୁରା ଗଲେ ଭାଏଲ ଭତା ହେବା ବଲି ଦୁଖ୍‌ମନା ହେଇ କହିଥିଲେ। -ରଇବାରି ପଧାନ

ଗାଁର ବିପିଏଲ ପରିବାର ଲୁକେ ଇହାଦେ ବି ଲାଇନ ନିପାଏବାର, ଡିବ୍‌ରି ଜାଲି ରହୁଛନ୍। ୧୦ ବଛର ତଲେ ଲାଇନ ଦେବାର ବେବସ୍‌ତା ହେଇଥିଲା। ଇ ବାବ୍‌ଦେ ଇଲେକ୍ଟ୍ରି ଅଫିସକେ ଗଲେ ଲାଇନ ଦିଆଯାଇଥିବାର କହୁଛନ୍। ଟ୍ରାନ୍ସଫର୍ମର ବସିଥିବାର ଖୁଁଟାନର ଅବସ୍‌ତା କହେଲେ ନିସରୋ। -ରାଜୁ ବାଗ



ଯେଉଁ ଲୋକ ତା'ର କର୍ତ୍ତବ୍ୟ ନିଷ୍ଠାପର ଭାବେ କରିଯାଉଛି, ତାହାର ଅନ୍ୟ ବିରୋଧରେ ଅଭିଯୋଗ ରହି ନ ପାରେ।
- ପିଥାଗୋରାସ୍



## ସଂକ୍ଷେପରେ

### ଦୁଇ ଶିକ୍ଷାବିତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି

ସିନାପାଲି,୮।୧(ଡି.ଏନ.ଏ.)
ବିଶିଷ୍ଟ ଶିକ୍ଷାବିତ୍ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଭଗବାନ ପାତ୍ରଙ୍କ ପରଲୋକରେ ସ୍ଥାନୀୟ ଗଙ୍ଗାଧର ମେହେର ସାରସ୍ୱତ ସମିତି ତରଫରୁ ଏକ ଶୋକସଭା ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ବୈଷ୍ଣବ ମେହେର, ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ଡମ୍ବରୁଧର ମେହେର, ସୁବ୍ରତ ଠାକୁର, ସତ୍ୟବ୍ରତ ଗହୀର, ଅଧାପକ ଧୃବଚରଣ ପଧାନ, ମଧୁକୁମାର ଜୈନ, ତରୁଣ କୁମାର ମେହେର, ତ୍ରିନାଥ ମେହେର, ଲୋଚନ ମେହେର, ଅଜେଶ ଅଗ୍ରୱାଲ, ମୋହନ ଚରଣ ଦାସ, ପ୍ରଦ୍ୟୁମ୍ନ କୁମାର ସିଂ ଚିନ୍ଦା ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଅନ୍ୟମାନଙ୍କ ମଧରେ ଅରୁଣ କୁମାର ଯୋଷୀ, ସୁରଜ ମେହେର, କିଶନଲାଲ ମେହେର, ସରୋଜ ପାଢୀ, ଭୁବନେଶ୍ୱର ଯୋଷୀ, ଚୂଡ଼ାମଣୀ ମେହେର, ଜିତୁ ମେହେର, ଦିବ୍ୟରଞ୍ଜନ ନାଏକ, ପ୍ରଭାତ ମେହେର, ବେଣୁଧର ମେହେର, ଶଶିଶେଖର ମେହେର, ଟିକେ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ସିନାପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଋଷଭ ମେହେରଙ୍କ ସୋମବାର ଆକସ୍ମିକ ଦେହାନ୍ତ ଘଟିଛି। ସିନାପାଲି ଗାୟତ୍ରୀ ପରିବାର ଆନୁକୂଲ୍ୟରେ ଗାୟତ୍ରୀ ଶକ୍ତିପୀଠ ପ୍ରାଙ୍ଗଣରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ନୁନ୍‌କରନ୍ ଅଗ୍ରୱାଲ, ଚୈତନ୍ୟ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରହଲ୍ଲାଦ ମେହେର, ଧନୁର୍ଜ୍ୟ ନାଗ, ଲମ୍ବୋଦର ମେହେର, ତ୍ରିନାଥ ମେହେର, ତରୁଣ ମେହେର, ମୁନେଶ ଅଗ୍ରୱାଲ, ହୀରାଲାଲ ଅଗ୍ରୱାଲ ପ୍ରମୁଖ ସ୍ୱର୍ଗତ ମେହେରଙ୍କ ସ୍ମୃତିଚାରଣ କରିଥିଲେ।

## ବିଜ୍ଞପ୍ତି ଜାରି କଲେ ସରକାର

# ବ୍ୟାଘ୍ର ପ୍ରକଳ୍ପରୁ ୧୦୪ ଗାଁ ବାଦ୍

- ଅନୁଗୋଳ ଜିଲାର ୪୩
- ନରସିଂହପୁର ଅଞ୍ଚଳର ୨୭
- ନୟାଗଡ଼ ଜିଲାର ୨୦
- ବୌଦ୍ଧ ଜିଲାର ୧୪ ଗାମ

ବନ୍ତଲା, ୮।୧ (ଦିନେଶ ଦେହୁରୀ)

ସାତକୋଶିଆ ଅଭୟାରଣ୍ୟ ଘୋଷଣା ପରଠାରୁ ୧୯୭୨ରୁ ଏକପ୍ରକାର ପରାଧୀନ ଜୀବନ ବିତାଉଥିବା ଜଙ୍ଗଲ ସଂଲଗ୍ନ ଅନୁଗୋଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲାର ୧୦୪ ଗ୍ରାମବାସୀ ବନ ବିଭାଗ କଟକଣାରୁ ଏବେ ମୁକ୍ତ ହୋଇଛନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରୁ ଉକ୍ତ ୧୦୪ ଗାଁକୁ ବାଦ୍ ଦିଆଯାଇଥିବା ନେଇ ରାଜ୍ୟ ସରକାର ଗତ ଡିସେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ କରିଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ପ୍ରକାଶ ଯେ, ବନ ବିଭାଗର କଟକଣାକୁ ନେଇ ଅତିଷ୍ଠ ହୋଇପଡ଼ିଥିବା ସମ୍ପୃକ୍ତ ଅଧିବାସୀମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହିତ ବହୁ ପୂର୍ବରୁ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହେଲେ ଅଭୟାରଣ୍ୟରେ ବ୍ୟାଘ୍ର ପ୍ରକଳ୍ପ ସ୍ଥାପନ ପରେ ବନ ବିଭାଗ ଲଗାଇଥିବା କଟକଣା ଅଧିବାସୀଙ୍କ ଜୀବନକୁ ଦୁର୍ବିଷହ କରିଦେଇଥିଲା। ଲୋକମାନେ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଥିଲେ। ତେବେ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ଏହି ବନବାସୀଙ୍କ ଅଧିକାରକୁ ଗୁରୁତ୍ୱ ଦେବା ସହ ସେମାନଙ୍କୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ମୁକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଚିଠି ନଂ. ୨୬୮୬୫, ତା୧୪।୧୨।୨୦୧୮ରିଖରୁ ଏହା ଜଣାପଡ଼ିଛି। ଅଧିବାସୀଙ୍କ ଅସ୍ତିତ୍ୱ, ପ୍ରକୃତି ଓ ବ୍ୟକ୍ତି ଅଧିକାର ସୀମାର ତର୍ଜମା ପରେ ବନ୍ୟପ୍ରାଣୀ ଆଇନ ୧୯ ରୁ ୨୫ ଅନୁଯାୟୀ ଅନୁଗୋଳ, କଟକ, ନୟାଗଡ଼ ଓ ବୌଦ୍ଧ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅନୁମତି ସହ ରାଜ୍ୟ ସରକାର ଏନ୍‌ଟିସିଏଙ୍କୁ ଜଣାଇବା ପରେ ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ ଅବଗତ କରିଥିଲେ। ଏହା ପରେ ସାତକୋଶିଆ ଅଭୟାରଣ୍ୟ ସୀମା ଅଦଳ ବଦଳ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଥିଲା। ଅନୁଗୋଳ ଜିଲାର ଆଠମଲ୍ଲିକ ବନଖଣ୍ଡର ହାତୀବାରି ରିଜର୍ଭ ଜଙ୍ଗଲ ଉତ୍ତର ଓ ଦକ୍ଷିଣ, ଅନୁଗୋଳ ବନଖଣ୍ଡର ନୂଆଖେତା ଓ ବଲଙ୍ଗ ରିଜର୍ଭ ଜଙ୍ଗଲ, ବୌଦ୍ଧ ଜିଲାର ହାତୀଧରା ରିଜର୍ଭ ଜଙ୍ଗଲ, ଢେଙ୍କାନାଳ ଜିଲାର ନନ୍ଦିନୀ ରିଜର୍ଭ ଜଙ୍ଗଲ, କଟକ ଜିଲା ଆଠଗଡ଼ ବନଖଣ୍ଡର ନୂଆଗଡ଼, ଶରଧାପୁର, ବାଲିକିଆରି, ବରଖୋଲ ଓ ବାଲିକିଆରି ପ୍ରୋଟେକ୍ଟ ଜଙ୍ଗଲକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମିଶାଯାଇଛି। ଏଥିସହିତ ବ୍ୟାଘ୍ର ପ୍ରକଳ୍ପରୁ ୧୦୪ଟିଗ୍ରାମକୁବାଦ୍‌ଦିଆଯାଇଛି। ଏଥିରେ ଅନୁଗୋଳ ଜିଲାର କଟରଙ୍ଗ, ହାତୀବାରି, କରଡ଼ାପଡ଼ା, ରାମିମୁଣ୍ଡା, ବଡ଼ଖେତା, ଶାଳର, ପୁରୁଣାକୋଟ, ଗୋପାଳପୁର, ଛୋଟକେଇ, ଟୁଲୁକା, ପମ୍ପାସର, ହିଂସିରିଡ଼ା, ଜଗନ୍ନାଥପୁର, ଟାକରିସିଙ୍ଗା, ଯୋକୁବୁ, କୁଲାଙ୍ଗି, ସାନକଟରଙ୍ଗ, ଗଇନ୍ଦି, ମଝିପଡ଼ା, ବେହେରା ସାହି, ଟିକରପଡ଼ା, ନୂଆଭୂଇଁ, କରଡ଼ାବଣି ଜଙ୍ଗଲ, ମହୁଲିଆ, ବାଘମୁଣ୍ଡା, ତଳସିରା, ଲବଙ୍ଗୀ, ଲୁହାସିଙ୍ଗା, ନୀଳମରା, କଡ଼ାସିଙ୍ଗା, ମାଳିସାହି, ଜାମୁଡୁଳି, ଦୋଳମୁଣ୍ଡି, କରଡ଼ାସିଙ୍ଗ, ନିମ୍ବଡ଼ିହି, ତେନ୍ତୁଳିପଦର, ଦରୁହା, ବଡ଼ଦୋଧିଆ ନାଳି, କୁଶାସିଙ୍ଗା, ତଳବିଜପୁର, କୁଡୁଲୁସିଙ୍ଗା, ନାଜହର, ଝାରପଡ଼ା ଆଦି ୪୩ଟି ଗ୍ରାମ ରହିଛି। ସେହିପରି କଟକ ଜିଲାର ନରସିଂହପୁର ଅଞ୍ଚଳର କାଇଁ ପୋଖରୀ, ରେଗେଡ଼ା, ମନ୍ଦାଣିଆ, ଚିକଣଖଣ୍ଡି, ତଳସାହି, ନୂଆଗାଁ, ସତ୍ୟଜୟପୁର, ଧନୁଜୟପୁର, କୁଞ୍ଜବନପୁର, କମଳାଡ଼ିହ, ବାଲିପୁଟ, ରାଣିଭୂଇଁ, ପାଇକରେଗଡ଼ା, କଇଁତରା, ପଞ୍ଚୁମା, ବସନ୍ତପୁର, ସାନଗାଁ, ଜୟମଙ୍ଗଳପୁର, ଜଗନ୍ନାଥପୁର, ହିଞ୍ଚଲଖାଲ, ଜୟମଙ୍ଗଳପୁର (କ), ମହିଗଡ଼, ଜାନିସାହି, ଶ୍ୟାମପୁର, ଧନଡ଼ିପ, ବଡ଼ଗାଁ, ବଡ଼ିଆ ରେଗଡ଼ା ଆଦି ୨୭ଟି ଗ୍ରାମ ରହିଛି। ନୟାଗଡ଼ ଜିଲାର ମାଳିସାହି, ବଡ଼ମୂଳ, ବେଠିସାହି, ମୁଦୁଲିଗଡ଼ିଆ, କନ୍ଧଜିଲିଣ୍ଡା, ଛାମୁଣ୍ଡିଆ, ହରିପୁର, କାନିପୋଖରୀ, ବେନ୍ତପଡ଼ା, ଈଶ୍ୱରପୁର, ମସ୍କାଖୋଲି, ରାଇଗଡ଼ିଆ, ମହନପଡ଼ା, ଜସିପୁର, ରାଇଙ୍ଗିଲ, ଧୋବାବେରେଇ, କିମ୍ପିରଖଣି, ବଡ଼ମୂଳ ପାଟଣା, ରାଣିଖୋଲ, ବରପାଲି ଆଦି ୨୦ଟି ଗ୍ରାମ ରହିଛି। ବୌଦ୍ଧ ଜିଲାର କୁମାରୀ, ହାତଘର, ଭାବପୁର, ବୁଢାମ୍ବା, ଘୁଞ୍ଚୁରୁପଡ଼ା, ନୂଆପଡ଼ା, ସେମିଗୁଡ଼ା, ଶ୍ରୀପଜୁ, ଗେରେଡ଼ିସାହି, ହିଞ୍ଚଳ, ସାତଖଣ୍ଡ, କୁଟିବାରି, ଅତଲସରା, ବଡ଼ନନ୍ଦଗଡୁ ଆଦି ୧୪ଟି ଗ୍ରାମକୁ ମିଶାଇ ମୋଟ୍ ୧୦୪ଟି ଗାଁକୁ ବ୍ୟାଘ୍ର ପ୍ରକଳ୍ପରୁ ବାଦ୍ ଦିଆଯାଉଛି। ବାଇସିପାଲି ବନ୍ୟପ୍ରାଣୀ ଅଭୟାରଣ୍ୟର ପରିସୀମା ୧୬୮.୩୫ ବର୍ଗ କିଲୋମିଟର ସହିତ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ପରିସୀମା ୯୬୮.୩୫କୁ ମିଶାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ମୋଟ୍ ସୀମା ୧୧୩୬.୭୦ ବର୍ଗ କିଲୋମିଟର କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି।



ପ୍ରକଳ୍ପରୁ ବାଦ୍ ପଡ଼ିଥିବା ଅନୁଗୋଳର ଅସନୁଆଳ ଗାଁ।

# ସାଧାରଣ ନିର୍ବାଚନ ପାଇଁ ୧୪୦୫ଟି ବୁଥ୍

ଭବାନୀପାଟଣା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତ ଅକ୍ଟୋବର ମାସରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ଜିଲାରେ ୧୧ଲକ୍ଷ ୧୦ହଜାର ୯୮୦ଜଣ ଭୋଟରଙ୍କ ନାମ ତାଲିକାଭୁକ୍ତ ହୋଇଥିଲା। ତେବେ ନୂତନ ଭୋଟରଙ୍କ ନାମ ସଂଯୋଗ ଓ ମୃତ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପ୍ରକ୍ରିୟା ଅନୁସାରେ ଜିଲାରେ ଏବେ ସୁଦ୍ଧା ୧ଲକ୍ଷ ୨୧ହଜାର ୩୯୪ଫର୍ମ ପଡ଼ିଛି। ସେଥି ମଧ୍ୟରୁ ଫର୍ମ ୬ରେ ନୂତନ ଭୋଟର ସଂଯୋଗ ପାଇଁ ୫୨ହଜାର ୪୬୦ଆବେଦେନ କରିଥିବାବେଳେ ତାଲିକାରୁ ବାଦ୍ ଦେବା ପାଇଁ ମୃତ ୩୭ହଜାର ୯ଟି ଫର୍ମ, ନାମ ସଂଶୋଧନ ପାଇଁ ୨୮ହଜାର ୨୪୪ ଓ ସ୍ଥାନାନ୍ତର ପାଇଁ ୨୯୧୫ଫର୍ମ ପଡିଛି। ଆସନ୍ତା ଜାନୁୟାରୀ ୨୧ତାରିଖ ଚୁଡାନ୍ତ ଭୋଟର ତାଲିକା ପ୍ରକାଶ କାରାଯିବ ବୋଲି ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଜିଲାପାଳ ତଥା ଜିଲାନିର୍ବାଚନ ଅଧିକାରୀ ଗାଭାଲି ପରାଗ ହର୍ଷଦ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲାରେ ବର୍ତ୍ତମାନ ସୁଦ୍ଧା ସାଧାରଣ ନିର୍ବାଚନ ପାଇଁ ୩ହଜାର ୪୦୦ଭିଭିପିଏଟି ମେସିନ୍, ୩୫୨୦ବେଲଟ୍ ୟୁନିଟ ଓ ୩୫୨୦କଣ୍ଟ୍ରୋଲ ୟୁନିଟ ପହଞ୍ଚିଛି। ସେଥିମଧ୍ୟରୁ କିଛି କିଛି ମେସିନ୍ ଆଖପାଖ ଜିଲାକୁ ଡେମୋ ପାଇଁ ପଠାଯାଇଛି। କଳାହାଣ୍ଡି ଜିଲାରେ ସାଧାରଣ ନିର୍ବାଚନରେ ସମୁଦାୟ ୧୪୦୫ଟି ମତଦାନ କେନ୍ଦ୍ର ହେବ। ସାଧାରଣ ନିର୍ବଚାନ ପାଇଁ ପ୍ରଚଳିତ ଭୋଟ ଦାନ ବ୍ୟବସ୍ଥା ସମ୍ପର୍କରେ ଲୋକମାନଙ୍କୁ ଜିଲାର ସମସ୍ତ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତ୍ୟେକ ବ୍ଲକରେ ୭ଟି ଦଳରେ ୫ଜଣ ଲେଖାଏଁ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ହାଟ, ବଜାର ଓ ସର୍ବସାଧାରଣ ସ୍ଥାନରେ ଇଭିଏମ୍ ମେସିନ୍, ଭିଭିପିଏଟି ମେସିନ୍‌ର କାର୍ଯ୍ୟକାରୀ ସମ୍ପର୍କରେ ପ୍ରଦର୍ଶନ କରି ଲୋକଙ୍କୁ ସଚେତନ କରାଇବେ। ପ୍ରତ୍ୟେକ ଦଳ ଦିନକୁ ୪ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରିବା ସହ ଦୈନିକ ୪ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରିବେ । ପ୍ରାୟ ୧ମାସ ଧରି ଜିଲାରେ ସଚେତନତା କାର୍ଯ୍ୟକ୍ରମ ଚାଲିବ ବୋଲି ଖବରଦାତା ସମ୍ମିଳନୀରେ ଜିଲାପାଳ ପ୍ରକାଶ କରିଥିଲେ।

# ନୂଆପଡ଼ାରେ ଭାରତ ବନ୍ଦ ପ୍ରଭାବ ଶୂନ୍ୟ

**ବୁଧବାର ସ୍କୁଲ କଲେଜ ବନ୍ଦ ରହିବ**

ନୂଆପଡା ଅଫିସ, ୮।୧
ମଙ୍ଗଳବାର ଦେଶସାରା ଭାରତ ବନ୍ଦ ଡାକରା ଦିଆଯାଇଥିବାବେଳେ ନୂଆପଡା ଜିଲାରେ ଏହା ପ୍ରଭାବ ଶୂନ୍ୟ ହୋଇପଡିଥିଲା। ବନ୍ଦରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟସରକାର ସବୁ ସ୍କୁଲ କଲେଜକୁ ବନ୍ଦ କରିବାକୁ ଘୋଷଣା କରିଥିଲେ। ଏସବୁ ବନ୍ଦ ରହିଥିଲା। ହେଲେ ଏଠାରେ ଯାନବାହନ, ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲା ରହିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ମଧ୍ୟ ସ୍କୁଲ କଲେଜକୁ ବନ୍ଦ ରଖାଯିବାକୁ ସ୍ଥିର ହୋଇଥିବା ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ କହିଛନ୍ତି।

# ଶୁଲିଆ ବୁଢ଼ା ଦର୍ଶନ କଲେ ରାଜନେତା

ବଲାଙ୍ଗୀର ଅଫିସ, ୮।୧
ମଙ୍ଗଳବାର ପ୍ରସିଦ୍ଧ ଶୁଲିଆ ଯାତ୍ରା ଅବସରରେ ଖଇରଗୁଡା ବଡଖଲା ପୀଠରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା । ଶ୍ରଦ୍ଧାଳୁମାନେ ନଡିଆ ଭୋଗ ସହ ପଶୁପକ୍ଷୀ ବଳି ଦେଇଥିଲେ । ଆଦିବାସୀ ସଂସ୍କୃତିର ବାର୍ତ୍ତାବହ ଶୁଲିଆ ଯାତ୍ରା ଅବସରରେ ରାଜନେତାମାନେ ମଧ ଶୁଲିଆ ବୁଢ଼ା ଦର୍ଶନ କରିଥିଲେ । ମିଳିତ ଶୁଲିଆ ଯାତ୍ରା କମିଟି ସମ୍ପାଦକ ମୟ ପଧାନୀଙ୍କ ସଂଯୋଜନାକ୍ରମେ ବଡଖଲାଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଶୁଲିଆ ବୁଢ଼ାଙ୍କ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଥିଲେ । ଏହି ଅବସରରେ ସେଠାରେ ସଭାରେ ବକ୍ତବ୍ୟ ରଖି ଆଦିବାସୀଙ୍କ ଧାର୍ମିକ ଆସ୍ଥା, ସଂସ୍କୃତି ଓ ଶୁଲିଆ ପୀଠର ଉନ୍ନତି ଉପରେ କହିଥିଲେ । ପୀଠର ଉନ୍ନତି ପାଇଁ କରିଥିବା କାମ ସମ୍ପର୍କରେ ସୂଚନା ଦେଇ ଆଗକୁ କିଭଳି ଉନ୍ନତି କରାଯିବ କହିଥିଲେ । ଶୁଲିଆ ପୀଠ ସହ ଓତପ୍ରୋତ ଭାବେ ଜଡିତ ବିଡିସିସି ବ୍ୟାଙ୍କ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମଣ କୁମାର ମେହେର ଶୁଲିଆ ପୀଠକୁ ସମନ୍ୱୟର କ୍ଷେତ୍ର ବୋଲି କହି ଆଦିବାସୀଙ୍କ ବିକାଶ ଉପରେ କହିଥିଲେ । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ଯୋଗଦେଇ ପିଲାଦିନରୁ ସେଠାକୁ ଆସି କିଭଳି ଶୁଲିଆ ବୁଢ଼ାଙ୍କ ବିଷୟରେ ଜାଣିବାକୁ ପାଇଥିଲେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଡା ସୁଧୀର କୁମାର ପରିଚ୍ଛା, ପ୍ରମୋଦ ବହିହାର, ବୀରେନ୍ ମିଶ୍ର, ଅସିତ୍ ମିଶ୍ର, ସନ୍ତକ ବହିଦାରେ ଯୋଗଦେଇଥିଲେ । ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ଅନ୍ୟମାନେ ଶୁଲିଆ ବୁଢ଼ାଙ୍କ ଦର୍ଶନ କରିବା ସହ ସେଠାରେ ଅନୁଷ୍ଠିତ ସଭାରେ ବକ୍ତବ୍ୟ ରଖିଥିଲେ ।

**ପୀଠର ଉନ୍ନତି ପାଇଁ ଦେଲେ ପ୍ରତିଶ୍ରୁତି**




ଶୁଲିଆ ପୀଠ ବଡଖଲାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ପୋଷାକ ବଣ୍ଟନ ଅନିଶ୍ଚିତତା ମଧ୍ୟରେ ଛାତ୍ରୀଛାତ୍ର

କୋକସରା,୮।୧(ଡି.ଏନ.ଏ.)

ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ମାଗଣା ପୋଷାକ ସହ ବହି ଓ ମାଗଣାରେ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ହେଲେ ଚଳିତ ଶିକ୍ଷାବର୍ଷ ଶେଷ ହେବାକୁ ୨ ରୁ ୩ମାସ ବାକି ଥିବାବେଳେ ଆଜିଯାଏଁ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ ହୋଇନାହିଁ। ଫଳରେ ସରକାରୀ ପୋଷାକ ପାଇଁ ଦିନ ଗଣୁଥିବା ପିଲାମାନେ ଏବେ ରଙ୍ଗବେରଙ୍ଗର ପୋଷାକ ପିନ୍ଧି ସ୍କୁଲକୁ ଆସୁଥିବା ଦେଖିବାକୁ ମିଳୁଛି । ଏପରି ଘଟଣା ଘଟିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳରେ । ସ୍କୁଲର ଶିକ୍ଷକ କିମ୍ବା ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ପଚାରିଲେ ମଧ ଟଙ୍କା ଆସିନାହିଁ। ଆସିଲେ ପୋଷାକ ବଣ୍ଟନ ହେବ ବୋଲି ବୋଲି କହୁଛନ୍ତି । ତେବେ ରାଜ୍ୟ ଗଣଶିକ୍ଷା ବିଭାଗ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଅନେକ ଯୋଜନାର ଡିଣ୍ଡିମ ପିଟୁଥିବାବେଳେ ଚଳିତ ବର୍ଷ ପୋଷାକ ବଣ୍ଟନରେ ଅହେତୁକ ବିଳମ୍ବ ଶିକ୍ଷା ବିଭାଗର ଅପାରଗତାକୁ ପଦାରେ ପକାଇଛି। ସୁଚନାଯୋଗ୍ୟ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ବିଜ୍ଞପ୍ତି ସଂଖ୍ୟା ୮୭୪୦ଅନୁସାରେ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ସମସ୍ତ ପ୍ରକଳ୍ପ ସଂଯୋଜକ ସମଗ୍ର ସର୍ବଶିକ୍ଷା ଅଭିଯାନକୁ ନିର୍ଦ୍ଦେଶ ଦିଆଯାଇଛି । ଚିଠି ସଂଖ୍ୟା ୮୭୪୦ଅନୁସାରେ ପ୍ରତିବର୍ଷ ଅକ୍ଟୋବର ମାସ ୨ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ପୋଷାକ ବଣ୍ଟନ ପ୍ରକ୍ରିୟା ଶେଷ ହେବା କଥା। ତେବେ ଚଳିତବର୍ଷ କୋକସରା ବ୍ଲକରେ ଥିବା ୧୬୪ବିଦ୍ୟାଳୟର ଅଧ୍ୟୟନରତ ଅନୁସୂଚିତ ଜାତିର ୧୨୦୭, ଜନଜାତିର ୧୯୪୪, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୩୪୫୫ ଓ ସମସ୍ତ ବର୍ଗର ଛାତ୍ରୀ ୭୫୨୨ସର୍ବମୋଟ ୧୪୮୨୮ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ବଣ୍ଟନର ବ୍ୟବସ୍ଥା ଥିବା ସୂଚନା ମିଳିଛି । ତେବେ ଏ ନେଇ କଳାହାଣ୍ଡି ଜିଲା ସର୍ବଶିକ୍ଷା ପ୍ରକଳ୍ପ ଅଧିକାରୀ ଗବାକ୍ଷ ନାଏକଙ୍କୁ ପଚାରିବାରୁ ପ୍ରତ୍ୟେକ ସ୍କୁଲ ଏକାଉଣ୍ଟରେ ପୋଷାକ ବଣ୍ଟନ ପାଇଁ ଟଙ୍କା ଜମା ସରିଛି । ଜାନୁୟାରୀ ୨୬ତାରିଖ ପୂର୍ବରୁ ପୋଷାକ ବଣ୍ଟନ ପକ୍ରିୟା ସରିବ ବୋଲି କହିଛନ୍ତି।

## ସ୍ୱର୍ଗତ ଘାସିରାମଙ୍କ ପ୍ରତିମୂର୍ତ୍ତି ଘୁଞ୍ଚିଲା

### ଠିକାଦାର ହାତୁଡି ଦେଇ ଉଠାଇଦେଲେ

**ସହରବାସୀ ଜାଣିଲେ ନାହିଁ**

ନୂଆପଡା ଅଫିସ, ୮।୧
ନୂଆପଡା ସହରର ମୁଖ୍ୟ ଜାତୀୟ ରାଜପଥ ରାସ୍ତା ପ୍ରଶସ୍ତୀକରଣ ହେଉଥିବାବେଳେ ପ୍ରମୁଖ ଏକତା ଛକ ନିକଟରେ ଅବସ୍ଥାପିତ ଥିବା ସ୍ୱର୍ଗୀୟ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଏହାକୁ କେତେଜଣ ମିସ୍ତ୍ରୀ ଆସି ବଳପୂର୍ବକ ହଟାଇ ଅନ୍ୟତ୍ର ସ୍ଥାପନ କରିଛନ୍ତି। ଏଥିରେ ସ୍ଥାନୀୟ କୌଣସି ନେତୃବର୍ଗ କିମ୍ବା ଅଧିକାରୀଙ୍କୁ ଗୋଚର ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦୀର୍ଘ ୫ଥର ବିଧାୟକ ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରି ରଖିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗୀୟ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା। ଦୀର୍ଘ ଦିନ ଧରି ଏହାକୁ ବିଭିନ୍ନ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରାଯାଉଥିଲା। ବର୍ତ୍ତମାନ ଜାତୀୟ ରାଜପଥ ପ୍ରଶସ୍ତୀକରଣ ହେଉଥିବାରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାର ଯୋଜନା ଥିଲା। ହେଲେ ଏହାକୁ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରି ସ୍ଥାନାନ୍ତର କରିବା କଥା। କେତେଜଣ ମିସ୍ତ୍ରୀ ଦିନ ଦ୍ୱିପ୍ରହରେ ହଠାତ ହାତୁଡିରେ ଖମ୍ବକୁ ଭାଙ୍ଗି ମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଥିବାରୁ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# କୋଶଲୀ ଧନୁଯାତ୍ରା ଉଦ୍‌ଯାପିତ, ପୁରସ୍କାର ପ୍ରଦାନ

- ଶେଷ ଦୃଶ୍ୟହେଲା ଶ୍ରୀକୃଷ୍ଣଙ୍କ ହସ୍ତରେ କଂସ ବଧ
- ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ନୂଆପଡା ଅଫିସ, ୮।୧

ଦୀର୍ଘ ୮ଦିନ ଧରି ସାଂସ୍କୃତିକ ରଙ୍ଗ ମଞ୍ଚରେ କୋଶଲ ଭାଷାର ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଚାଲିଆସିଥିବା କୋଶଲୀ ଧନୁଯାତ୍ରାର ଯବନିକା ପଡିଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଏହା ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଧନୁଯାତ୍ରା ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଏସ୍‌ପି ସ୍ମିତ ପରମାର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ରସରାଜ ଅଚ୍ୟୁତ୍ ପୁରୋହିତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଲୋକ କୁମାର ଶତପଥି, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ମେଡ଼ିକାଲ ଅଫିସର ପିକେବି ପଟ୍ଟନାଏକ, ବରିଷ୍ଠ ଆଇନଜୀବୀ ମୁରଲୀଧର ପଣ୍ଡା ଯୋଗ ଦେଇଥିଲେ। କୋଶଲ ଭାଷାର ଉତ୍‌ଥାନ ସକାଶେ ଏହି ସଙ୍ଗଠନର ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ନୂଆପଡା ଭଳି ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଷା, ସାହିତ୍ୟ ଆନ୍ଦୋଳନ ନିଶ୍ଚିତ ଭାବେ ଫଳପ୍ରସୂ ହେବ ବୋଲି କହିଥିଲେ। ଏହି ଅବସରରେ କଂସାସୁର ଅତିଥିମାନଙ୍କୁ ଜିଲାର ପ୍ରଗତି ସକାଶେ କାମ କରିବା ଦରକାର। ଜିଲାକୁ ବିଶ୍ୱବିଦିତ କରିବାକୁ ପରାମର୍ଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଦୀର୍ଘ ସାତ ଦିନ ଧରି କୁନିକୁନି ପିଲାଙ୍କୁ ନେଇ ଚାଲିଆସିଥିବା ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ନୃତ୍ୟ ପ୍ରତିଯୋଗିତାରେ ହେମ କୁମାର ରଣା ଓ ଗ୍ରୁପ ପ୍ରଥମ, ଦିଗ ବିଜୟ ବାଗ ଦ୍ୱିତୀୟ, ପ୍ରଯୁଜ୍ୟ ମହାପାତ୍ର ତୃତୀୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଥିଲେ। ନୃତ୍ୟ ପ୍ରତିଯୋଗିତାକୁ ଜୟଶ୍ରୀ ଦଣ୍ଡସେନା, ଶିଶୁ ଉପସ୍ଥାପିକା ଆଦ୍ୟାଶା ଭୋଇ, ଆରୁଷି ପାଣି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ଉପସଭାପତି ଶରତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଟିଟୁ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ମଙ୍ଗଳବାର ପୂର୍ବାହ୍ନରେ କଂସ ନିଜ ସୈନ୍ୟସାମନ୍ତଙ୍କୁ ନେଇ ସ୍ଥାନୀୟ ଟାନୱାଟ, ଗୋଡତର, ସାଖାତୋରା ସହ ନୂଆପଡା ସହର ପରିକ୍ରମା କରିଥିଲେ। ଏହି ସମୟରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ। ଶେଷରାତ୍ରିର କାର୍ଯ୍ୟକ୍ରମରେ ଗୋପପୁରରୁ ମାମୁଁ ଅକ୍ରୁର ରଥରେ ଶ୍ରୀକୃଷ୍ଣ ବଳରାମଙ୍କୁ ନେଇଆସିଥିଲେ। ଏଣେ ମଥୁରା ନଗରୀରେ କଂସାସୁର ଦୁହିଁଙ୍କୁ ବଧ କରିବାକୁ ପ୍ରସ୍ତୁତ ହୋଇ ରହିଥିଲେ। ଶେଷରେ ଦୁହିଁଙ୍କ ମଧ୍ୟରେ ଘମାଘୋଟ ଲଢେଇ ହୋଇଥିଲା । ଶ୍ରୀକୃଷ୍ଣଙ୍କ ହାତରେ କଂସଙ୍କର ବଧ ହୋଇଥିଲା। ଏହି ଦୃଶ୍ୟ ବେଶ ଚିତାକର୍ଷକ ଥିଲା। ଏହାକୁ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ହୋଇଥିଲା। ଶେଷରେ ଆୟୋଜକ କମିଟି ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପରିଚାଳନାରେ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ସୁରଜିତ ସିଂ, ମହାରଥା, ଆଶୁତୋଷ ଦାସ, ପ୍ରବୋଧ ହୋତା, ସୁବଳଶ୍ୟାମ ପଣ୍ଡା, ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ, ଅବନୀ ରଞ୍ଜନ ଯୋଷୀ, ସୁବଳଶ୍ୟାମ ପଣ୍ଡା, ଫକୀର ପାଢୀ, ଜୟମାଧବ ହୋତା , ମହେଶ୍ୱର ଦଣ୍ଡସେନା, ଉଜ୍ୱଳ ତିୱାରୀ ପ୍ରମୁଖ ସହ ଯୋଗିତା କରିଥିଲେ।



କୋଶଲୀ ଧନୁଯାତ୍ରାର ଉଦ୍‌ଯାପନୀରେ ମଞ୍ଚରେ ଉପସ୍ଥିତ ଥିବା ଅତିଥିବୃନ୍ଦ।





କୋଶଲୀ ଧନୁଯାତ୍ରାର ଉଦ୍‌ଯାପନୀରେ ମଞ୍ଚରେ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ

## ସଂକ୍ଷେପରେ

### ରେଳବାଇ ଜିଏମ୍‌ଙ୍କ ସହ ଭାଜପା ପ୍ରତିନିଧିଙ୍କ ଆଲୋଚନା

ରାଉରକେଲା ଅଫିସ,୮।୧-ଦକ୍ଷିଣ ପୂର୍ବ ରେଳବାଇ ଜେନେରାଲ ମ୍ୟାନେଜର ଏସ୍ ପୂର୍ଣ୍ଣେନ୍ଦୁ ମିଶ୍ର ରାଉରକେଲା ଦେଇ କୋଲକତା ଯିବା ବେଳେ କିଛି ସମୟ ମଙ୍ଗଳବାର ଅପରାହ୍ନରେ ରାଉରକେଲା ରେଳ ଷ୍ଟେଶନରେ ଅଟକି ରହିଥିଲେ। ଏହି ଅବସରରେ ରେଳ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭାଜପାର ଏକ ପ୍ରତିନିଧି ଦଳ ସାକ୍ଷାତ କରି ଆଲୋଚନା କରିଥିଲେ। ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ ଟିମ୍ବର କଲୋନୀଠାରୁ ବାସନ୍ତୀ ନଗର ପର୍ଯ୍ୟନ୍ତ ରାସ୍ତା ଦୋହରୀକରଣ ନେଇ ରେଳବାଇ ଜମି ପ୍ରତିବନ୍ଧକ ସାଜିଛି। ଏଥିପ୍ରତି ବିଭାଗ ପକ୍ଷରୁ ଦୃଷ୍ଟି ଦିଆଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଜଣାଇଥିଲେ। ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ପ୍ରତ୍ୟହ ଉଭୟ ପଟୁ ଚଳାଚଳ କରବାକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଉରକେଲା-ଭଦ୍ରକ ଇଣ୍ଟରସିଟି କିପରି ଶୀଘ୍ର ଚଳାଚଳ କରିବ ସେ ଦିଗରେ ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା। ପର୍ଯ୍ୟାୟ କ୍ରମେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମିଶ୍ର ପ୍ରତିଶ୍ରୁତି ପ୍ରଦାନ କରିଥିବା ଭାଜପା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପୂର୍ବତନ ନଗରପାଳ ନିହାର ରାୟ, ମୁଖପାତ୍ର ଭଗବାନ ରାଉତ, କେଦାର ମହାନ୍ତି, ଅଂକୁଶ ବର୍ମା, ମାଧୁରୀ ବର୍ମା, ଆଇ ରମେଶ, ଅଶୋକ ମହାତୋ ପ୍ରମୁଖ ଉପସ୍ଥିତ ଥିଲେ।

■ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ପ୍ରସଙ୍ଗ

# ସରକାରଙ୍କ ଅସହଯୋଗକୁ ଦାୟୀ କଲା ଯୁବ ମୋର୍ଚ୍ଚା

ରାଉରକେଲା ଅଫିସ,୮।୧

ବିବାଦୀୟ ପରିସ୍ଥିତିରେ ପାନପୋଷ ସାଂଗଠନିକ ଜିଲା ଯୁବ ମୋର୍ଚ୍ଚା ସଭାପତି ଭାବେ ଅଙ୍କୁଶ ବର୍ମା ଦାୟିତ୍ୱ ନେବା ପରେ ମଙ୍ଗଳବାର ପୂର୍ବାହ୍ନରେ ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏଥିରେ ସେ ତାଙ୍କ ଟିମ୍ କାର୍ଯ୍ୟକର୍ତ୍ତାଙ୍କ ନେଇ ଭୂମି ପୂଜନ କରିଥିଲେ। ବର୍ତ୍ତମାନ ଏହା ସହରବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏପରି ଅବସ୍ଥାରେ ପୂର୍ବତନ ବିଧାୟକ ରାୟ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସରକାରଙ୍କ ବାବଦରେ ମୁହଁ ଖୋଲିବା କେବେ ଶୁଣାଯାଇ ନାହିଁ। ଅନ୍ୟପକ୍ଷେ ବିଧାୟକ ରାୟ ସହରବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା କାହାକୁ ଅଛପା ନାହିଁ ବୋଲି ବର୍ମା ଅଭିଯୋଗ କରିଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

### ନୂଆ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା

ନାମ ଘୋଷଣା କରିବା ଅବସରରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣରେ ରାଜ୍ୟ ସରକାରଙ୍କ ଅସହଯୋଗକୁ ଦାୟୀ କରିଥିଲେ। ସେ କହିଥିଲେ, ଜମି ଅଧିଗ୍ରହଣ ନେଇ ଶାସକ ଦଳ ଇଙ୍ଗିତ କ୍ରମେ ପ୍ରଶାସନିକ ସହାୟତା ମିଳୁନି। ଏଣୁ ସେତୁ କାମ ଆଗେଇ ପାରୁନି। ପୂର୍ବତନ ବିଧାୟକ ଦିଲୀପ ରାୟ ନିଜ ରାଜନୈତିକ ଫାଇଦା ପାଇଁ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଗତ ୫ ବର୍ଷ ପୂର୍ବରୁ ରାଜ୍ୟ ମୁଖ୍ୟମନ୍ତ୍ରୀ କୋଏଲ ବ୍ୟାରେଜ ଓ ୧୦ବର୍ଷ ପୂର୍ବରୁ କୁଁଆରମୁଣ୍ଡାଠାରେ ମେଡିକାଲ କଲେଜ ଏହି ଅବସରରେ ସେ ଜିଲା ଯୁବ ମୋର୍ଚ୍ଚାର ନୂଆ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏଥିରେ ୪ ଉପସଭାପତି ଭାବେ ଅନୁପ ଅଗ୍ରୱାଲ, ଗୌରବ ବଂଶାଲ, ଜଗପାଲ ତନୱାର ଓ ରାଜେନ୍ଦ୍ର ଗୌଡ ରହିଥିବା ବେଳେ ୨ଜଣ ସାଧାରଣ ସମ୍ପାଦକ ଭାବେ ରହିଛନ୍ତି ସୁଶାନ୍ତ ବିଶ୍ୱାଳ ଓ ସୋନୁ କଂସାରୀ। ସେହିପରି ୬ଜଣ ସମ୍ପାଦକ ଭାବେ ପିଣ୍ଟୁ ନାହାକ, ସଞ୍ଜୀବ ମାଇତି, ଅନିଲ ଗୁରୁଙ୍ଗ, ରଞ୍ଜନ ମହାନ୍ତି, ପ୍ରଶାନ୍ତ ତରାଇ ଓ କିଶୋର ଭୁକ୍ତାଙ୍କୁ ସ୍ଥାନ ଦିଆଯାଇଛି। କମିଟି କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତ ତ୍ରିପାଠୀ ରହିଛନ୍ତି। ଏହା ବ୍ୟତୀତ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅନ୍ୟ ୧୯ଜଣଙ୍କୁ କମିଟିରେ ଗ୍ରହଣ କରାଯାଇଛି। ସମ୍ମିଳନୀରେ ୩୦ରୁ ଉର୍ଦ୍ଧ୍ୱ ଯୁବକ ଭାଜପାରେ ଯୋଗଦାନ କରିବା ଘୋଷଣା କରିଥିଲେ ଭାଜପା ଜିଲା ସଭାପତି ଜଗବନ୍ଧୁ ବେହେରା। ସେମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖପାତ୍ର ଭଗବାନ ରାଉତଙ୍କ ସମେତ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ରାଜ୍ୟ କମିଟି ଅନୁମୋଦନ ନ ଥାଇ ବର୍ମା ଯୁବ ମୋର୍ଚ୍ଚ ସଭାପତି କିପରି ହେଲେ ସେନେଇ କିଛିଦିନ ତଳେ ପାଣ୍ଡ ନିବାସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ସମ୍ପାଦକ ଧୀରେନ ସେନାପତି, ପୂର୍ବତନ ବିଧାୟକ ଶଙ୍କର ଓରାମ, ରାଜ୍ୟ କମିଟି ସଦସ୍ୟା ପ୍ରମିଳା ଦାସ ଓ ଯୁବ ମୋର୍ଚ୍ଚା ସଭାପତି ଦେବେନ୍ଦ୍ର ବୀରଗଣ୍ଡିଆ ପ୍ରଶ୍ନ ଉଠାଇଥିଲେ। ଏପରି କି ନୂଆ ସଭାପତି ବର୍ମାଙ୍କ ନିଯୁକ୍ତି ଦଳୀୟ ନୀତିର ବିରୁଦ୍ଧାଚରଣ କରୁଥିବା କହିଥିଲେ। ଏଭଳି ସ୍ଥିତିରେ ନୂତନ ସଭାପତି ବର୍ମା ନୂତନ ଟିମ୍ ଗଠନ କରି କାର୍ଯ୍ୟାରମ୍ଭ କରିବାକୁ ବସିଥିବା ବେଳେ ପୁରୁଣା କାର୍ଯ୍ୟକର୍ତ୍ତା ଚୁପ ରହିଛନ୍ତି। ଏନେଇ ଜଣେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ପଚାରାଯିବାରୁ ସେ କହିଥିଲେ, ଘଟଣା ସଂକ୍ରାନ୍ତରେ ଏନେଇ ରାଜ୍ୟ କମିଟିକୁ ଅବଗତ କରାଇଛୁ। ଫଳାଫଳକୁ ଅପେକ୍ଷା କରାଯାଇଥିବା କହିଛନ୍ତି।

### ଭାରତ ବନ୍ଦ: ସମର୍ଥନରେ ରାଜନୈତିକ ଦଳର ବ୍ୟତିକ୍ରମ

ଝାରସୁଗୁଡା ଅଫିସ,୮।୧

ଟ୍ରେଡ୍ ୟୁନିୟନ୍‌ଗୁଡିକର ଦୁଇ ଦିନିଆ ଭାରତ ବନ୍ଦ ଡାକରାକୁ ଭାଜପା ବ୍ୟତିତ ଅନ୍ୟ ସମସ୍ତ ପ୍ରମୁଖ ରାଜନୈତିକ ଦଳ ସମର୍ଥନ ଘୋଷଣା କରିଥିଲେ। ହେଲେ ମଙ୍ଗଳବାର ବନ୍ଦ ବେଳେ ସମର୍ଥନ ଘୋଷଣା କରିଥିବା ରାଜନୈତିକ ଦଳର ସଦସ୍ୟମାନେ ଘରୁ ବାହାରି ନ ଥିଲେ। ଘରୋଇ ଶିଳ୍ପ ସ୍ୱାର୍ଥହାନୀ ହେବା ପୂର୍ବାନୁମାନ କରି ବନ୍ଦରେ ସାମିଲ ନ ହୋଇ ନୀରବତା ଅବଲମ୍ବନ କରିଥିଲେ। ଶିଳ୍ପରୁ କୋଟି କୋଟି ଟଙ୍କା ଚାନ୍ଦା ନେଉଥିବା ନେତା ସାମୁହିକ ତଥା ଦଳୀୟ ସ୍ୱାର୍ଥକୁ ଭୁଲିଯାଇଥିଲେ। ଗୋଟିଏ ପଟେ ଦଳର ଉପରସ୍ତରରେ ବନ୍ଦକୁ ସମର୍ଥନ ଘୋଷଣା କରାଯାଇଥିବା ସ୍ଥଳେ ଜିଲାସ୍ତରରେ ଏହାର ବ୍ୟତିକ୍ରମ ଟ୍ରେଡ୍ ୟୁନିୟନ ନେତାଙ୍କୁ ଆଚମ୍ବିତ କରିଛି। ଝାରସୁଗୁଡ଼ା ଜିଲାରେ ଏହି ବ୍ୟତିକ୍ରମ ବନ୍ଦ ସମୟରେ ପରିଲକ୍ଷିତ ହୋଇଥିଲା।



ମୁଖ୍ୟ ଡାକଘର ସମ୍ମୁଖରେ କର୍ମଚାରୀମାନେ ଧାରଣାଦେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୪୮ଘଣ୍ଟିଆ ଧର୍ମଘଟରେ ପୋଷ୍ଟାଲ, ବିଏସ୍‌ଏନ୍‌ଏଲ୍ କର୍ମଚାରୀ

ରାଉରକେଲା ଅଫିସ,୮।୧

କେନ୍ଦ୍ରୀୟ ମିଳିତ ଟ୍ରେଡ୍ ୟୁନିୟନ ଡାକରା କ୍ରମେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ୨ ଦିନିଆ ଧର୍ମଘଟ। ଏହି ବନ୍ଦ ପାଳନରେ ଭାରତୀୟ ସଞ୍ଚାର ନିଗମ(ବିଏସ୍‌ଏନ୍‌ଏଲ) ଏବଂ ଡାକସେବା କର୍ମଚାରୀ ସାମିଲ ହୋଇଛନ୍ତି । ଫଳରେ ଜିଲାର ସମସ୍ତ ଶାଖାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜିଲା ସଭାପତି ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଥିଲେ। ଏଥିରେ କ୍ଷୀରୋଦ ଦାସ, ବି.କେ. ନାୟକ, ଏ.କେ. ପଟ୍ଟନାୟକ, ଆର୍.କେ. ସିଂ, ପ୍ରଶାନ୍ତ ରାଉତ, ସୁନୀତା ଲାଲା, ଜ୍ୟୋତି ଟପୋ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବନ୍ଦ ଡାକରାକୁ ଦୁଇ ପୋଷ୍ଟାଲ ୟୁନିୟନ ପକ୍ଷରୁ ମଧ୍ୟ ସମର୍ଥନ କରାଯାଇଛି। ଏନେଇ ମଙ୍ଗଳବାର ଅଲ୍ ଇଣ୍ଡିଆ ପୋଷ୍ଟାଲ ୟୁନିୟନ ସୁନ୍ଦରଗଡ଼ ଶାଖା ପକ୍ଷରୁ ମୁଖ୍ୟ ଡାକଘର ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ସଭାପତି ଭାଗ୍ୟଧର ପଶାୟତ, ଅଜୟ ପାତ୍ର, ଜି.ସି. ପାଲ, ହର୍ଷରାମ ପଟେଲ, ସୁଦାମ ସାହୁ, ରଞ୍ଜନ ରାଉତ, ତ୍ରିଲୋଚନ ପରିଡା, ଯଜ୍ଞେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ପୋଷ୍ଟାଲ କର୍ମଚାରୀ ଗ୍ରୁପ ସି ପକ୍ଷରୁ ଅନାଲ ଚୌଧୁରୀ ଓ ଲମ୍ବୋଦର ରାଉତଙ୍କ ନେତୃତ୍ୱରେ ଆୟୋଜିତ ଧାରଣାରେ ତ୍ରିଲୋଚନ ପଣ୍ଡା, ମନୋଜ ପଣ୍ଡା, ରାଜେନ୍ଦ୍ର ଲେଙ୍କା, ରବି ଦାସ, ରମେଶ ନାୟକ, ସଂଜୀବ ଚୌଧୁରୀ ଓ ଦିବ୍ୟ ଲୋଚନ ରାଉତ ପ୍ରମୁଖ ଧାରଣା ଦେଇ ସରକାର ତୁରନ୍ତ କର୍ମଚାରୀଙ୍କ ଦାବି ମାନି ନେବା ଉଚିତ ବୋଲି କହିଥିଲେ। ରାଉରକେଲା ଆୟକର ଭବନ ସମ୍ମୁଖରେ ମଧ୍ୟ କର୍ମଚାରୀମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସମ୍ପାଦକ ଶ୍ୟାମନନ୍ଦନ କୁମାର, ରାଜୁ ରଜକ, ସୁଶାନ୍ତ ସାହୁ, ସୁଶ୍ରୀ ଅନାମିକା, ଲିଲି ଚକ୍ରବର୍ତ୍ତୀ, ରତ୍ନାକର ସାମଲ, ପ୍ରଭାତ ସହାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଇ-ଫାର୍ମାସୀ ବିରୋଧରେ ସ୍ମାରକପତ୍ର

ଝାରସୁଗୁଡା ଅଫିସ,୮।୧

ଇ-ଫାର୍ମାସୀ ବ୍ୟବସ୍ଥାକୁ ବିରୋଧ କରି ସର୍ବଭାରତୀୟସ୍ତରରେ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏଶନ୍ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏଶନ୍ ପକ୍ଷରୁ ମଙ୍ଗଳବାର ଜିଲାପାଳ, ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡ୍ରଗ୍ ଇନ୍‌ସ୍ପେକ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଇ-ଫାର୍ମାସୀ ବ୍ୟବସ୍ଥାକୁ ବନ୍ଦ କରି ସାଧାରଣ ଲୋକ ଏବଂ ଖୁଚୁରା ଔଷଧ ବ୍ୟବସାୟୀଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲା ସଭାପତି ମନୋଜ ଅଗ୍ରୱାଲ, ସମ୍ପାଦକ ମନ ମହାପାତ୍ର, ତରୁଣ ଶର୍ମା, ଉଦିତ ପଟେଲ, ପ୍ରକାଶ ସାକୁନିଅ. ମୁକେଶ କକ୍କାନି, ପ୍ରଦୀପ ସାକୁନିଆ, ରବି କାଶ୍ୟପ ଏବଂ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }



କାଂଶବାହାଲସ୍ଥିତ ଏଲ୍‌ଏନ୍‌ଟି କାରଖାନା ସମ୍ମୁଖରେ ଯୁବ ଆଇଏନ୍‌ଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଯୁବ ଆଇଏନ୍‌ଟିୟୁସି ପକ୍ଷରୁ ଧର୍ମଘଟ

ରାଉରକେଲା ଅଫିସ,୮।୧

ସୁନ୍ଦରଗଡ଼ ଜିଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ(ୟୁଥ ଆଇଏନ୍‌ଟିୟୁସି) ପକ୍ଷରୁ ମଙ୍ଗଳାବର ଜିଲାର ବିଭିନ୍ନ କଳକାରଖାନା ସମ୍ମୁଖରେ ପିକେଟିଂ କରି ବନ୍ଦ କରାଯାଇଥିଲା। ଏହି ଅବସରରେ କାଂଶବାହାଲଠାରେ ରାଜ୍ୟ ସଂଗଠନ ମୁଖପାତ୍ର କୈଳାସ ସାହୁଙ୍କ ନେତୃତ୍ୱରେ ଏଲ୍‌ଏନ୍‌ଟି କାରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ଏଥିରେ ସଂଗଠନର ମହିଳା ନେତ୍ରୀ ଆଶା ମିଞ୍ଜ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତିର ସମାଲୋଚନା କରିଥିଲେ। ଶତାଧିକ ମହିଳା କାରଖାନା ଗେଟ୍ ସମ୍ମୁଖରେ ପିକେଟିଂ କରିବାରୁ ଶ୍ରମିକମାନେ ଭିତରକୁ ପ୍ରବେଶ କରି ନ ପାରି ଘରକୁ ଫେରିଯିବାକୁ ବାଧ ହୋଇଥିଲେ। ସେହିପରି ସଂଗଠନ ସଭାପତି ଅଜୟ ପାଇକରାୟଙ୍କ ନେତୃତ୍ୱରେ ରାଜଗାଙ୍ଗପୁରଠାରେ ଥିବା ବିଭିନ୍ନ କଳକାରଖାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଗ୍ରିଗୋରି ମିଞ୍ଜଙ୍କ ସମେତ ମାତିଲ ଲାକ୍ରା, ଶାଖୋ ବାର୍ଲା, ଶାନ୍ତି ଖାଲକୋ, ଜିନିତା କୁଜୁର, ପାର୍ବତୀ ଡାଙ୍ଗ, ସୁଶୀଳା ଜୟପୁରିଆ ଓ ଯଶିନ୍ତା ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ବାସଭବନ ନିର୍ମାଣରେ ଅନିୟମିତତା

ରାଉରକେଲା ଅଫିସ,୮।୧

ଉଦିତନଗରଠାରେ ଥିବା ଆର୍‌ଡିଏ ଉପାଧ୍ୟକ୍ଷାଙ୍କ ଆବାସିକ ବାସଭବନ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସୋମବାର ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ରଶ୍ମିରଞ୍ଜନ ପାଢୀ ଏକ ଖବରଦାତା ସମ୍ମିଳନୀରେ ସୋମବାର ଅଭିଯୋଗ କରିଛନ୍ତି। ସେ କହିଥିଲେ, ଉଦିତନଗରଠାରେ ଥିବା ଉପାଧ୍ୟକ୍ଷାଙ୍କ କ୍ୱାଟର୍ସ ୪ଆର୍/୦୧ ନବୀକରଣ ନାଁରେ ଗତ ୬ ମାସ ମଧ୍ୟରେ ୭୦ଲକ୍ଷ ଖର୍ଚ୍ଚ କରାଯାଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସି ପାରିବ ବୋଲି ଦାବି କରିଥିଲେ। ଅନ୍ୟପକ୍ଷେ ସେ ୨ ହଜାର ଦେଇ ଉଦିତନଗର ଆଇଟିଡିଏ ହଲ ବୁକିଂ କରିଥିଲେ ହେଁ ପାଢୀଙ୍କୁ ଏଠାରେ ଖବରଦାତା ସମ୍ମିଳନୀ କରିବାକୁ ଅନୁମତି ମିଳି ନ ଥିଲା। ଫଳରେ ସେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଖବରଦାତାଙ୍କୁ ଏନେଇ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ସୂଚନା ଅଧିକାର ଆଇନ ଅନୁଯାୟୀ ମିଳିଥିବା ତଥ୍ୟ ଅନୁଷାରେ ଉପାଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ନବୀକରଣ ବାବଦକୁ ଯେତିକି ଅର୍ଥ ବ୍ୟୟ କରାଯାଇଛି ସେଥିରେ ଏକ ନୂଆ କୋଠା ନିର୍ମାଣ ହୋଇଥାନ୍ତା। ଏହା କରା ନ ଯାଇ କେଉଁ ଉଦ୍ଦେଶ୍ୟରେ ଜଣେ ଠିକାଦାରଙ୍କୁ ନିୟୋଜିତ କରାଯାଇ ଲକ୍ଷାଧିକ ଟଙ୍କା ବରବାଦ କରାଗଲା ତାହା ଲୋକଲୋଚନକୁ ଆସିବା ଦରକାର। କେବଳ ଏତିକି ନୁହେଁ ଏହି ଗୃହ ନବୀକରଣ ନାଁରେ ଟେଣ୍ଡର ଫିକ୍ସିଂକୁ ପ୍ରୋତ୍ସାହିତ କରାଯାଇଛି। ଖୋଲା ଟେଣ୍ଡର ଆହ୍ୱାନ ପରିବର୍ତ୍ତେ କାମଗୁଡିକୁ ୫ଲକ୍ଷ ବ୍ୟୟରେ ସୀମିତ ରଖାଯାଇ ପର୍ଯ୍ୟାୟ କ୍ରମେ ଚତୁରତା ସହ ପ୍ରକ୍ରିୟାକୁ ଶେଷ କରାଯାଇଛି। ଏହି ସବୁ ଘଟଣା ପରେ ଆର୍‌ଡିଏ ଅଧ୍ୟକ୍ଷଙ୍କ ନିରବତା ନେଇ ସେ ପ୍ରଶ୍ନ ଉଠାଇଥିଲେ। ସମସ୍ତଙ୍କୁ ସୁହାଇବା ଭଳି ବେଆଇନ କାର୍ଯ୍ୟାରେ ଏକ ଟିମ୍ ସମ୍ପୃକ୍ତ ରହି ସରକାରୀ ଅର୍ଥ ଅପବ୍ୟୟ କରାଯାଇଛି ବୋଲି ପାଢୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆର୍‌ଡିଏ ଉପାଧ୍ୟକ୍ଷା ରଶ୍ମିତା ପଣ୍ଡା ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ ଘରର ନବୀକରଣ କରାଯାଇଛି। ଅଯଥା କାହାକୁ ଉପକୃତ କରିବା ପ୍ରଶ୍ନ ଉଠୁନାହିଁ। ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଯିବା ଏକ ବିଡମ୍ବନା।



ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୋମବାର କଂଗ୍ରେସ କମିଟି ସମ୍ପାଦକ ରଶ୍ମିରଞ୍ଜନ ପାଢୀ ସୂଚନା ଦେଉଛନ୍ତି।



ଆନ୍ଦୋଳନକାରୀମାନେ ବିର୍ଶା ଛକରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୪୮ ଘଣ୍ଟିଆ ଧର୍ମଘଟ, ଷ୍ଟିଲ୍‌ସିଟିରେ ଯାତାୟାତ ଠପ୍

ରାଉରକେଲା ଅଫିସ,୮।୧

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଡାକରାରେ ୨ ଦିନିଆ ସର୍ବଭାରତୀୟ ଧର୍ମଘଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହାର ପ୍ରଭାବ ଷ୍ଟିଲ ସିଟିରେ ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳୁ ସିଆଇଟିୟୁ, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ଏସ୍‌ୟୁସିଆଇ, ଆଇଏନ୍‌ଟିୟୁସି, ଗାଙ୍ଗପୁର ମଜଦୁର ମଞ୍ଚ, ଯୁବ ଆଇଏନ୍‌ଟିୟୁସି ଭଳି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ରାସ୍ତାରୋକୋ କରାଯାଇଥିଲା। ଫଳରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କାଁ ଭାଁ ଦୁଇଚକିଆ ଯାନ ଚଳାଚଳ କରୁଥିବା ବେଳେ ସେମାନଙ୍କୁ ମଧ୍ୟ ରୋଶର ଶିକାର ହେବାକୁ ପଡିଥିଲା। ଆନ୍ଦୋଳନରେ ବରିଷ୍ଠ ସିଆଇଟିୟୁ ନେତା ବିଷ୍ଣୁ ମହାନ୍ତି, ଜାଗାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ଆଇଏନ୍‌ଟିୟୁସି ନେତା ପ୍ରଶାନ୍ତ ବେହେରା, ହରିହର ରାତରାୟ, ଅକ୍ଷୟ ଜେନା, ନିହାର ସାମଲ, ଏଆଇଟିୟୁସି ନେତା ପ୍ରଭାତ ମିଶ୍ର, ପ୍ରଦୋଷ ମହାନ୍ତି, ଏଚ୍‌ଏମ୍‌ଏମ୍ ନେତା ଆନନ୍ଦ ମହାନ୍ତି, ଶଶଧର ନାୟକ,ଏସ୍‌ୟୁସିଆଇ ନେତା ସତ୍ୟପ୍ରିୟ ମହାନ୍ତି, ଅଜିତ ନାୟକ, ଗାଙ୍ଗପୁର ମଜଦୁର ମଞ୍ଚ ନେତା ଗୋପାଳ ଦାସ, ସଞ୍ଜୟ ପଣ୍ଡା, ସୁଲେମାନ କାଉଡିଆ ପ୍ରମୁଖ ସାମିଲ ହୋଇଥିଲେ। ଧର୍ମଘଟ ଯୋଗୁ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ଏଟିଏମ୍ କାଉଣ୍ଟର ବନ୍ଦ ରହିଥିବାରୁ ଲୋକେ ଟଙ୍କା ପାଇଁ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଥିଲା। ଧର୍ମଘଟରେ ସାମିଲ ୟୁନିୟନ ନେତା ଓ କର୍ମୀ ସନ୍ଧ୍ୟା ପର୍ଯ୍ୟନ୍ତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ରାସ୍ତା ଅବରୋଧ କରି କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ବିରୋଧରେ ସ୍ଲୋଗାନ ଦେଇ ଆନ୍ଦୋଳନ କରିଥିଲେ। ଏଭଳି ସ୍ଥିତିରେ ଆର୍‌ଏସ୍‌ପି ସମେତ ବିଭିନ୍ନ କଳକାରଖାନାକୁ ଯିବାରେ ଶ୍ରମିକମାନେ ବିରୋଧର ସମ୍ମୁଖୀନ ହୋଇଥିଲେ। ବନ୍ଦ ଯୋଗୁ ସହରତଳି ଅଞ୍ଚଳରେ ପନିପରିବା ଦର ଆକାଶ ଛୁଆଁ ହୋଇଥିବା ବେଳେ ଅଟୋ ଭଡା ଦ୍ୱିଗୁଣା ହୋଇଥିବା ଅଭିଯୋଗ ହୋଇଛି। ଶାନ୍ତିଶୃଙ୍ଖଳା ନେଇ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ

## ସଂକ୍ଷେପରେ

### ଭାରତ ବନ୍ଦ : ଖୋର୍ଦ୍ଧାରୋଡ୍ ଡିଭିଜନରେ ରେଳ ଚଳାଚଳ ପ୍ରଭାବିତ

**କଟଣୀ,୮।୧(ଡି.ଏନ.ଏ.):** ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧାରୋଡ୍ ରେଳ ଡିଭିଜନରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଓ ବିଭିନ୍ନ ରେଳ ଷ୍ଟେଶନରେ ଆନ୍ଦୋଳନକାରୀଙ୍କ ରେଳରୋକୋ ଯୋଗୁ କେତେକ ଟ୍ରେନ୍ର ଚଳାଚଳକୁ ରେଳ କର୍ତ୍ତୃପକ୍ଷ ବାତିଲ କରିଥିଲେ। ଆଉ କେତେଗୋଟିକୁ ଆଂଶିକ ବାତିଲ୍ ସହ ଅନ୍ୟ ଟ୍ରେନ୍କୁ ବିଭିନ୍ନ ସ୍ଥାନରେ ନିୟନ୍ତ୍ରଣ କରି ରଖିଥିଲେ। ଭଦ୍ରକ ଷ୍ଟେଶନରେ ଚେନ୍ନାଇ-ହାଓଡା କରମଣ୍ଡଳ, ଯାଜପୁର-କେନ୍ଦୁଝରରୋଡ୍ରେ ଖଡ଼ଗପୁର ପାସେଞ୍ଜରକୁ ନିୟନ୍ତ୍ରଣ କରି ରଖାଯାଇଥିଲା। ସେହିପରି ଭୁବନେଶ୍ୱର-ହାଓଡା ଜନଶତାବ୍ଦୀ ଏକ୍ସପ୍ରେସ୍, ପୁରୀ-ହାଓଡା ଶତାବ୍ଦୀ, ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି, ପୁରୀ-ଏଲ୍ଟିଟି ଏକ୍ସପ୍ରେସ୍, ଦୁର୍ଗ-ପୁରୀ ଏକ୍ସପ୍ରେସ୍ ଓ ହାଓଡା-ଚେନ୍ନାଇ ମେଲ୍କୁ ଭୁବନେଶ୍ୱର ଷ୍ଟେଶନରେ ରଖାଯାଇଥିଲା। ଖୋର୍ଦ୍ଧାରୋଡ୍ରେ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ୍, ହାଇଦ୍ରାବାଦ-ହାଓଡା ଇଷ୍ଟକୋଷ୍ଟ, ନଗରକୋଏଲ ସାଲିମାର, ମହୀଶୂର-ହାଓଡା ଏକ୍ସପ୍ରେସ୍ ଟ୍ରେନ୍ ରହିଥିଲା। ମଞ୍ଚେଶ୍ୱର ଷ୍ଟେଶନରେ ହାଓଡା-ପୁରୀ ଏକ୍ସପ୍ରେସ୍ ଓ ମୁଜାଫରପୁର-ଯଶୋବନ୍ତପୁର ଏକ୍ସପ୍ରେସ୍ ରହିଥିବା ବେଳେ ରମ୍ଭାରେ ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍, ବ୍ରହ୍ମପୁରରେ ଯଶୋବନ୍ତପୁର- ହାଓଡା, ଇଚ୍ଛାପୁରମ୍ରେ ସିକନ୍ଦରାବାଦ-ହାଓଡା ଫାଲକ୍ନାମା ଏକ୍ସପ୍ରେସ୍, କଟକରେ ବୋକାରୋ ଷ୍ଟିଲ ସିଟି-ପୁରୀ ଗରିବ ରଥ, ନରାଜରେ ବିକାନେର-ପୁରୀ ଓ ଡେଲାଙ୍ଗ ଷ୍ଟେଶନରେ ପୁରୀ-ପାରାଦୀପ ଇଣ୍ଟରସିଟି ଟ୍ରେନ୍କୁ ନିୟନ୍ତ୍ରଣ କରି ରଖାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହି ଟ୍ରେନ୍ଗୁଡିକର ଚଳାଚଳ ଆରମ୍ଭ ହୋଇଥିଲା। ସେହିପରି ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍, ପୁରୀ- କଟକ-ପୁରୀ ପାସେଞ୍ଜର, କଟକ-ବ୍ରହ୍ମପୁର-କଟକ ପାସେଞ୍ଜର, କଟକ-ଭଦ୍ରକ-କଟକ ପାସେଞ୍ଜର, ବ୍ରହ୍ମପୁର-କଟକ ମେମୁ ପାସେଞ୍ଜର, କଟକ-ପାରାଦୀପ ମେମୁ, ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିଲା। ଏହାଛଡ଼ା ପଲାସା-କଟକ ପାସେଞ୍ଜରକୁ ମଞ୍ଚେଶ୍ୱର ଓ କଟକ ମଧ୍ୟରେ, ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜରକୁ ପୁରୀ ଓ ବ୍ରହ୍ମପୁର ଷ୍ଟେଶନ ମଧ୍ୟରେ ରେଳ କର୍ତ୍ତୃପକ୍ଷ ସାମୟିକ ଭାବେ ବାତିଲ କରିଥିଲେ।

### ରାଜ୍ୟସ୍ତରୀୟ ଫୁଟବଲ: ନୂଆପଡ଼ା ସେମିରେ

**ବେଲପଡା, ୮।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ବେଲପଡା ଟାଉନ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ବର୍ଷ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ଦିବସର ଖେଳ ନୂଆପଡା ବନାମ ବେଲପଡା ଟିଏଫଟି ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଶେଷ ବେଳକୁ ନୂଆପଡା ଦଳ ବେଲପଡାକୁ ଗୋଟିଏ ଗୋଲ ଦେଇଥିଲା। କିନ୍ତୁ ବେଲପଡା ଦଳ ନୂଆପଡା ଦଳକୁ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲା।

■ ଅନ୍ଲାଇନ ଔଷଧ ବିକ୍ରୟ ପ୍ରସଙ୍ଗ

# ବ୍ୟବସାୟୀଙ୍କୁ ବାଧ୍ୟ କରାଯାଇ ପାରିବନି

**ରାଉରକେଲା ଅଫିସ,୮।୧**

ଇ ଫାର୍ମାସୀ ନାଁରେ ଅନ୍ଲାଇନ ଔଷଧ ବିକ୍ରୟ ନେଇ ଅଦାଲତଙ୍କ ପ୍ରତିକୂଳ ମନ୍ତବ୍ୟ ପରେ ଅଲ୍ ଇଣ୍ଡିଆ ଅର୍ଗାନାଇଜେଶନ ଅଫ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ(ଏଆଇଓସିଡି), ଉତ୍କଳ କେମିଷ୍ଟସ ଓ ଡ୍ରଗିଷ୍ଟ ଆସୋସିଏଶନ(ୟୁସିଡିଏ) ଏବଂ ସୁନ୍ଦରଗଡ଼ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ(ଏସଡିସିଡିଏ) ରାଉରକେଲା ଶାଖା ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ଏକ ବିବୃତିରେ ସଂଗଠନ ସଭାପତି ରଞ୍ଜିତ ବିଶ୍ୱାଳ କହିଛନ୍ତି ଯେ, ଅନ୍ଲାଇନ ଔଷଧ କାରବାର ନେଇ କେତେକ ରାଜ୍ୟ ଶାଖା ପକ୍ଷରୁ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡିଥିଲା। ଏନେଇ ତାମିଲନାଡୁ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ମାଡ୍ରାସ ହାଇକୋର୍ଟରେ ଏକ ପିଟିସନ୍ ଦାଖଲ କରାଯାଇଥିଲା। ସରକାର ଓ ସଂଗଠନ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ବିଚାରପତି ପୁଷ୍ପା ସତ୍ୟନାରାୟଣ ଏନେଇ ବ୍ୟବସାୟୀଙ୍କ ସପକ୍ଷରେ ଅନୁକୂଳ ମନ୍ତବ୍ୟ ପ୍ରଦାନ କରିଥିବା ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୪ରେ ହେବ। ସମାନ୍ତରାଳ ଭାବେ ଜଣେ ଡାକ୍ତର ଜାହିର ଅହମ୍ମଦଙ୍କ ପକ୍ଷରୁ ଆଗତ ଜନସ୍ୱାର୍ଥ ସମ୍ବଳିତ ମାମଲାର ବିଚାର କରି ଦିଲ୍ଲୀ ହାଇକୋର୍ଟ ବିରାରପତି କାମେଶ୍ୱର ରାଓ ଗତ ଡିସେମ୍ବର ୨ ତାରିଖରେ ଔଷଧ ବିକ୍ରେତାଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିବା କୁହାଯାଇଛି। ସଂଗଠନର ସର୍ବଭାରତୀୟ ସଭାପତି ଜଗନ୍ନାଥ ସିନ୍ଦେ, ସାଧାରଣ ସମ୍ପାଦକ ରାଜୀବ ସିଂଘଲ କହିଛନ୍ତି ଯେ, ସରକାର ଉପରୋକ୍ତ ଆଦେଶକୁ ଗ୍ରହଣ ନ କରନ୍ତି ତେବେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ନେବାକୁ ବାଧ୍ୟ ହେବୁ। ଡ. ଅହମ୍ମଦ ନିଜ ପିଟିସନରେ ଦର୍ଶାଇ ଥିଲେ ଯେ, ଜଣେ ଡାକ୍ତରଙ୍କ ବିନା ସୁପାରିଶରେ ଅନ୍ ଲାଇନ ଔଷଧ ବିକ୍ରୟ ବିପଦକୁ ଆମନ୍ତ୍ରଣ କରିବ। ଅନ୍ ଲାଇନରେ ବିନା ପ୍ରେସକ୍ରିପ୍ସନରେ ଔଷଦ କାରବାର ସମ୍ଭାବନା ରହିଥିବାରୁ ଏହା କୌଣସି ପରିସ୍ଥିତିରେ ଗ୍ରହଣୀୟ ହୋଇ ପାରିବ ନାହିଁ। ଯେଉଁ ଅନ୍ଲାଇନ ବିକ୍ରେତା ଖୁଚୁରା ଔଷଧ ବିକ୍ରୟ ନେଇ ଅନୁମତି ପାଇ ନାହାଁନ୍ତି ସେମାନଙ୍କୁ ଏହି ଦାୟିତ୍ୱ ଦିଆଯାଇ ପାରିବ ନାହିଁ ବୋଲି ଅହମ୍ମଦଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ଶାରୀରିକ ସୁସ୍ଥତା ଦୃଷ୍ଟିରୁ ମାନବ ଜୀବନ ପାଇଁ କେତେକ ଔଷଧ ଅତ୍ୟନ୍ତ ଗୁରୁତ୍ୱବହନ କରୁଥିବା ବେଳେ ଡ୍ରଗ ଓ କସମେଟିକ ଆକ୍ଟ ୧୯୪୦ ଆଇନକୁ ଏହା ସଂପୂର୍ଣ୍ଣ ଉଲ୍ଲଂଘନ କରିବ। ଏହି ଯୁକ୍ତିକୁ ଗ୍ରହଣ କରି ସମ୍ପୃକ୍ତ କୋର୍ଟ ଅନ୍ଲାଇନ ଔଷଧ ବିକ୍ରୟ ନେଇ ରହିତାଦେଶ ଜାରି କରିଥିବା ସୁନ୍ଦରଗଡ ସଂଗଠନ ଶାଖା ସଭାପତି ବିଶ୍ୱାଳ ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ଔଷଧ ବିକେତ୍ରାଙ୍କୁ ସରକାର ଅନ୍ଲାଇନ କାରବାର ନେଇ ବାଧ୍ୟ କରିପାରିବେ ନାହିଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ମହିଳା ସଂରକ୍ଷଣ: ରାହୁଲଙ୍କୁ ଭେଟିଲେ ବିଜେଡି ପ୍ରତିନିଧି

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସଙ୍ଗରେ ମଙ୍ଗଳବାର ବିଜେଡି ପ୍ରତିନିଧି ଦଳ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଢେଙ୍କାନାଳ ଏମ୍ପି ତଥାଗତ ସତପଥୀ, ଭୁବନେଶ୍ୱର ଏମ୍ପି ପ୍ରସନ୍ନ ପାଟ୍ଟଶାଣୀ ଏବଂ ପୁରୀ ଏମ୍ପି ପିନାକୀ ମିଶ୍ର ରହିଥିଲେ। ରାହୁଲଙ୍କୁ ଭେଟିବା ପରେ ତଥାଗତ ସତପଥୀ କହିଛନ୍ତି ଯେ, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନୀତିଗତ ସମର୍ଥନ ଲୋଡି ଲେଖାଯାଇଥିବା ପତ୍ର କଂଗ୍ରେସ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ସଂରକ୍ଷଣ ପ୍ରସଙ୍ଗରେ ତାଙ୍କ ସହ ଆଲୋଚନା ମଧ୍ୟ ହୋଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ କଂଗ୍ରେସ ଶାସିତ ରାଜ୍ୟ ବିଧାନସଭାଗୁଡିକରେ ପ୍ରସ୍ତାବ ଗୃହୀତ ପାଇଁ ପଦକ୍ଷେପ ନେଇଥିଲେ। ସେ କଂଗ୍ରେସ ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ମଧ୍ୟ ଲେଖିଥିଲେ। ଏଥିପାଇଁ ତାଙ୍କୁ ଧନ୍ୟବାଦ ଦିଆଯାଇଥିବା ତଥାଗତ କହିଛନ୍ତି।



କୃଷକ ଅଧିକାର ସମାବେଶରେ ସମବେତ ବିଜୁ କୃଷକ ଜନତା ଦଳର କାର୍ଯ୍ୟକର୍ତ୍ତା, ବିଜେଡି ନେତୃବୃନ୍ଦ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ବୃଦ୍ଧି କରାଯିବା ଦାବି ନେଇ ନୂଆଦିଲ୍ଲୀରେ ମଙ୍ଗଳବାର ବିଜେଡି ପକ୍ଷରୁ କୃଷକ ଅଧିକାର ସମାବେଶ କରାଯାଇଛି। ସମାବେଶ ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ଏଥିସହିତ ସେମାନେ ଏମ୍ଏସ୍ପି ବୃଦ୍ଧି କରିବା ପ୍ରସଙ୍ଗରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ ଏମ୍ଏସ୍ପି ବୃଦ୍ଧି ପ୍ରସଙ୍ଗ ସହ ଓଡ଼ିଶାର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୁଇଣ୍ଟାଲ ପିଛା ଏମ୍ଏସ୍ପି ୧୭୫୦ଟଙ୍କା ରହିଛି। ପୂର୍ବରୁ ଏହି ମୂଲ୍ୟକୁ ୨୯୩୦କୁ ବୃଦ୍ଧି କରିବା ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିବା ବିଷୟ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସିଏସିପି ସୁପାରିସ, କାଳିଆ ଯୋଜନା, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍ଡିଏ ପ୍ରତିଶ୍ରୁତି ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି। ଏହା ପରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀର ଆୟ ବୃଦ୍ଧି କରିବା ପାଇଁ ଏମ୍ଏସ୍ପି ୨୯୩୦ ଟଙ୍କା ହେବା ଆବଶ୍ୟକ। ତେଣୁ କେନ୍ଦ୍ର ନିଜ ପ୍ରତିଶ୍ରୁତି ମୁତାବକ ସ୍ୱାମୀନାଥନ କମିଟି ସୁପାରିସକୁ କାର୍ଯ୍ୟକାରୀ କରୁ। ଏମ୍ଏସ୍ପି ବୃଦ୍ଧି ନେଇ ରାଜ୍ୟ ଓ ଦଳର ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତିଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜୁ କୃଷକ ଜନତା ଦଳର ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମହାସଚିବ ପ୍ରତାପ ଜେନା, ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ, ସଂସଦୀୟ ଦଳ ମୁଖ୍ୟ ସଚେତକ ତଥାଗତ ସତପଥୀ ପ୍ରମୁଖ ଥିଲେ। ସେହିପରି ଏମ୍ପି ରବୀନ୍ଦ୍ର ଜେନା, ଏନ. ଭାସ୍କରରାଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଏବଂ ପୁରସ୍କାରପ୍ରାପ୍ତ ୨ ଚାଷୀ ସ୍ନିଗ୍ଧା ପଟେଲ ଓ ରମଣୀରଞ୍ଜନ ପ୍ରଧାନ ମଧ୍ୟ ରାଷ୍ଟ୍ରପତି ଭବନକୁ ଯାଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏତେ ଚାତର**
**ମାଛ ବିକି ବିକି ଦିନ ଯାଉଥିଲା**
**ଲଗାଉଛି ଗନ୍ଧ ଅତର।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରିବସେ। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି, ତାହା ସେ ମନରୁ ପାସୋରି ନ ଦେବା ଉଚିତ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଏତୁଟିକି ଏଡ଼େଟାଏ**
**ଟେକାଟିକୁ ପଥରଟାଏ।**

ଯିଏ ଯାହାକୁ ବିପଦରେ ପକାଇବାକୁ ଯେତେ ଚେଷ୍ଟା କରିଥାଏ ତାକୁ ଦିନେ ନା ଦିନେ ତାହାଠୁ ବଡ଼ ବିପଦ ବରଣ କରିବାକୁ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେହେଲେ କ୍ଷମା ଦେଇ ନ ଥାନ୍ତି। ବିଳମ୍ବେ ହେଉ ପଛେ କୃତକର୍ମର ଫଳ ଭଗବାନ ତାକୁ ନିଶ୍ଚିତ ଦେଇଥାନ୍ତି। ଯିଏ ଯାହାକୁ ଅନ୍ୟାୟରେ କ୍ଷତିରେ ପକାଇବାକୁ ଯେତେ ପେଞ୍ଚ କରିଥାଏ ଈଶ୍ୱର ତା'ପାଇଁ ତହୁଁ ଅଧିକ ପେଞ୍ଚ ପ୍ରସ୍ତୁତ କରି ରଖିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

## ଛତିଶଗଡକୁ ହରାଇ ବରଗଡ଼ ସେମିରେ

**ଟିକ୍ରାପଡା, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ଅନୁଷ୍ଠିତ ମ୍ୟାଚରେ ଛତିଶଗଡ ଦଳକୁ ୫-୦ ଗୋଲରେ ହରାଇ ବରଗଡ ଦଳ ବିଜୟୀ ହୋଇଥିଲା। ପାଣ୍ଡବ ବିଶି, ରିଙ୍କୁ ବିଶି, ପିଣ୍ଟୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ। ରାହୁଲ ଶର୍ମା, ବସନ୍ତ ବେହେରା, ହେମନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା, ଭାଜପା ନେତା ଶାନ୍ତନୁ ପଣ୍ଡା, ଯୁବ ସଙ୍ଗଠକ ସୁବ୍ରତ ନାଗ, ବିଜୟ କୁମାର ପାତ୍ର. ସୁବାସ ବେହେରା, ପ୍ୟାକ୍ସ ସଭାପତି ବିକ୍ରମସିଂ ବୁଡେକ ଅତିଥିଭାବେ ଯୋଗ ଦେଇଥିଲେ। ବୁଧବାର ଝାରସୁଗୁଡା ବନାମ ବରଗଡ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅୟୋଜକ କମିଟି ସୂତ୍ରରୁ ପ୍ରକାଶ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋହଡ଼ି ଧମାକା
ପ୍ରଥମ 100 କଲର୍ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍ସିଡି। ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ,
ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍



**ସଂକ୍ଷେପରେ**

## ଅଜଗର ସାପ ଉଦ୍ଧାର

**ବଡଗାଁ, ୮।୧ (ଡି.ଏନ.ଏ)**- ବଡଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ଗ୍ରାମରୁ ମଙ୍ଗଳବାର ଗୋଟିଏ ଅଜଗର ସାପକୁ ବଡଗାଁର ଜଣାଶୁଣା ସାପ ଧରାଳି ମହେନ୍ଦ୍ର କୁମାର ନାଏକ ଉଦ୍ଧାର କରି ବଡଗାଁ ଫରେଷ୍ଟ ରେଞ୍ଜର ବିଜୟ କୁମାର ମହାପାତ୍ରଙ୍କଠାରେ ଜିମା ଦେଇଛନ୍ତି। ସୂଚନାନୁଯାଇ, ତୁଡାଲଗା ଗ୍ରାମର ଅମୀୟଙ୍କ ଘର ପଛପଟେ ୩ଫୁଟ ଲମ୍ବର ଅଜଗର ସାପ ଥିବା ନେଇ ସାପ ଧରାଳି ମହେନ୍ଦ୍ରଙ୍କୁ ସୂଚନା ଦିଆଯାଇଥିଲା। ସେ ଅଜଗରକୁ ଉଦ୍ଧାର କରିଥିଲେ। ଅଜଗରକୁ ବନ କର୍ମଚାରୀମାନେ ଜଙ୍ଗଲରେ ଛାଡିଛନ୍ତି।

# ଥମୁନି ହାତୀ ଉପଦ୍ରବ

■ ସାଲେପାଲି ଗାଁରେ ବଳଦ ଭଳି ବୁଲିଲା ଆହତ ଦନ୍ତା
■ ପାଚେରୀ ଭାଙ୍ଗିଲା: ବାଡ଼ିର ପନିପରିବା, ଧାନ ଖାଇଲା

**ବଡଗାଁ, ୮।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳର କେତେକ ଜଙ୍ଗଲ, ପାହାଡ ନିକଟବର୍ତ୍ତି ଗ୍ରାମରେ ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ହାତୀପଲର ଉପଦ୍ରବ ଥମୁନାହିଁ। ୧୭ ରୁ ୧୮ଟି ହାତୀ ଥିବା ପଲ ମଧ୍ୟରେ ଥିବା ଏକ ଆହତ ଦନ୍ତାର ଆତଙ୍କ ସୋମବାର ରାତିରେ ମହାବୀର ପର୍ବତ ତଳି ସାଲେପାଲି ଗ୍ରାମବାସୀ ପ୍ରଥମଥର ପାଇଁ ଦେଖିଲେ। ଦୀର୍ଘ ବର୍ଷ ହେଲା ଅଞ୍ଚଳରେ ହାତୀ ଏହି ପଥ ଦେଇ ଛତିଶଗଡ ଓ ଝାଡଖଣ୍ଡ ରାଜ୍ୟ ଜଙ୍ଗଲକୁ ଯାତାୟତ କଲାବେଳେ ଉପଦ୍ରବ କରୁଛନ୍ତି । ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଯିବା ଆସିବା କରୁଥିବା ହାତୀପଲ ଏତେ ସମୟ ରହି ଉପଦ୍ରବ କରିବା ପୂର୍ବରୁ କେବେ ଦେଖାଯାଇ ନ ଥିଲା। ତେବେ ଉପଦ୍ରବ କରୁଥିବା ପଲରୁ ଆହତ ଦନ୍ତା ବାହାରି ଆସି ଏକାକୀ ମହାବୀର ପର୍ବତରେ ରହୁଛି। ସୋମବାର ରାତି ସାଢ଼େ ୧୦ଟାରେ ଦନ୍ତା ବଳଦ ଭଳି ନିର୍ଭୟରେ ବାଡି ବଗିଚାରେ ପଶି ଓ ଗାଁ ରାସ୍ତା ମଝିରେ ବିଚରଣ କରିଥିଲା। ଗାଁରେ ପ୍ରଥମେ ଗ୍ରାମରକ୍ଷୀ ଡିଳେଶ୍ୱର ନିଖଣ୍ଡିଆଙ୍କ ଘର ସମ୍ମୁଖ ପାଚେରୀ ଭାଙ୍ଗି ବାଡିର ପନିପରିବା ଖାଇ ଗାଁ ମଝି ଦାଣ୍ଡରେ ଗଲାବେଳେ ଲୋକେ ତଡିଥିଲେ। ଏହାପରେ ଦଶରଥ ସାଙ୍କ ଘର ପଛପଟ ଖଳାରେ ରଖାଯାଇଥିବା ଧାନ ଖାଇଲା ପରେ ପାଚେରୀ ଭାଙ୍ଗି ଗାଁ ରାସ୍ତାକୁ ଆସିଥିଲା । ପ୍ରାୟ ଏକଘଣ୍ଟା ଲୋକେ ବିଭିନ୍ନ ପଟୁ ତଡିବାରୁ ଗାଁ ଭିତରେ ହାତୀ ଏପଟ ସେପଟ ହୋଇଥିଲା। ବହୁ କଷ୍ଟରେ ଲୋକେ ଦନ୍ତାକୁ ଗାଁ ଭିତରୁ ତଡି ବାହାର କରିଥିଲେ । ବନ କର୍ମଚାରୀ ପହଞ୍ଚି ଦନ୍ତାକୁ ଜଙ୍ଗଲ ପଟକୁ ତଡିଦେଇଥିଲେ। ଆହତ ଦନ୍ତାର ଶୁଣ୍ଢରେ ଗଭୀର କ୍ଷତ ଯୋଗୁଁ ଗଛ ଡାଳ ଭାଙ୍ଗି, ଛାଲ ଛଡାଇ ଖାଇବାକୁ ସକ୍ଷମ ନୁହେଁ । ତେଣୁ ଏହି ଆହତ ଦନ୍ତା ତଳେ ରଖାଯାଇଥିବା ଖାଦ୍ୟଶସ୍ୟ, ପନିପରିବା ଆଦିକୁ ଖାଇବା ପାଇଁ ଗାଁ ଭିତରକୁ ପଶିଥିଲା । ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଦନ୍ତା ଆଣ୍ଠେଇ ଓ ଶୁଣ୍ଢକୁ ତଳେ ଲମ୍ବାଇ ଆହାର ଗ୍ରହଣ କରୁଥିବାରୁ ଘର ଭାଙ୍ଗି ଧାନ, ଗହନ ଓ ବାଡି ବଗିଚାରୁ ପନିପରିବା ଖାଇବାକୁ ପଶୁଛି। ତେଣୁ ଆହତ ଦନ୍ତାର ଆତଙ୍କ ଗାଁ ଭିତରେ ଦେଖାଗଲା ବୋଲି କୁହାଯାଇଛି ।




ସବ୍‌ଡେଗାରେ ଦୋକାନ ବଜାର ଖୋଲାଅଛି।

## ସବ୍‌ଡେଗାରେ ଭାରତ ବନ୍ଦର ପ୍ରଭାବ ନାହିଁ

**ସବ୍‌ଡେଗା, ୮।୧ (ଡି.ଏନ.ଏ)**

ଟ୍ରେଡ ୟୁନିୟନ ଗୁଡିକ ପକ୍ଷରୁ ମଙ୍ଗଳବାର ଓ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ସୁନ୍ଦରଗଡ ଜିଲା ସବ୍‌ଡେଗାଠାରେ ତାର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା। ମଙ୍ଗଳବାର ସବ୍‌ଡେଗା ଅଞ୍ଚଳରେ ଯାନବାହାନ ଚଳାଚଳ ସହ ସମସ୍ତ ଦୋକାନ ବଜାର ଖୋଲାଥିଲା। ବୁଧବାର ମଧ୍ୟ ସବଡେଗାଠାରେ ସାପ୍ତାହିକ ବଜାର ଥିବାରୁ ବିଶେଷ କିଛି ପ୍ରଭାବ ନ ପଡି ପୁଣି ସମସ୍ତ ଦୋକାନ ବଜାର ସହ ଯାନବାହାନ ଚଳାଚଳ କରିବ ବୋଲି କୁହାଯାଉଛି।

■ ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ

# ସୁନ୍ଦରଗଡ଼ରେ ଜୀବନଯାତ୍ରା ବ୍ୟାହତ




ସୁନ୍ଦରଗଡରେ ବନ୍ଦ ପାଳନ କରାଯାଉଛି।



ଲହୁଣୀପଡ଼ାରେ ବନ୍ଦ ପାଳନ କରାଯାଉଛି।




କୁତ୍ରାରେ ବନ୍ଦ ପାଳନ କରାଯାଉଛି।

**ସୁନ୍ଦରଗଡ, ୮।୧ (ଡି.ଏନ୍.ଏ)**

ବେକାରଙ୍କୁ ନିଯୁକ୍ତି, ଦରଦାମ ବୃଦ୍ଧିବନ୍ଦ, ଶ୍ରମ ଆଇନ ସଂଶୋଧନ ବାତିଲ, ସମାନ କାମକୁ ସମାନ ଦରମା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ, ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନଙ୍କୁ ସ୍ୱେଚ୍ଛାସେବୀ ପରିବର୍ତ୍ତେ ଶ୍ରମିକର ମାନ୍ୟତା ଆଦି ୧୧ଦଫା ଦାବି ନେଇ ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ୨ ଦିନିଆ ଭାରତ ବନ୍ଦ ଯୋଗୁ ସୁନ୍ଦରଗଡ ଜିଲାରେ ଜନଜୀବନ ପ୍ରଭାବିତ ହୋଇଥିଲା। ଏଆଇଟିୟୁସି ସମର୍ଥିତ ବିଭିନ୍ନ ଶ୍ରମିକ ସଙ୍ଗଠନ, ଆଶା, ଅଙ୍ଗନୱାଡି ସଙ୍ଗଠନ ପକ୍ଷରୁ ମଙ୍ଗଳବାର ସୁନ୍ଦରଗଡରେ ଦିଆଯାଇଥିବା ଏହି ବନ୍ଦ ଡାକରା ଯୋଗୁ ବସ୍ ଚଳାଚଳ ଓ ଅନ୍ୟାନ୍ୟ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ ଘୋଷଣା କରିଥିବା ବେଳେ ଏଆଇଟିୟୁସି, ଆଇଏନ୍‌ଟିୟୁସି ସମର୍ଥିତ ଶ୍ରମିକ ସଙ୍ଗଠନ କର୍ମୀମାନେ ଶଙ୍କରାଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସରକାରୀ, ବେସରକାରୀ ଅଫିସ, କୋର୍ଟ କଚେରୀ ଗୁଡିକ ଆଗରେ ପିକେଟିଂ କରି ଅଚଳ କରି ଦେଇଥିଲେ। ପିକେଟିଂ କରି ଦୋକାନ ବଜାର ମଧ୍ୟ ବନ୍ଦ କରିଥିଲେ। ସୁନ୍ଦରଗଡରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ, ଜିଲା ସାଧାରଣ ସମ୍ପାଦକ କମଲ ଷଣ୍ଢ, ଆଇଏନ୍‌ଟିୟୁସିର ଦେବାନନ୍ଦ ଜୟପୁରିଆ, ଜିଲା ପାଚିକା ସଂଘର ସଭାପତି ସାବିତ୍ରୀ ପଟେଲ, ଉଷାବତୀ ଅଡା, ଡୋରେଥିଆ ଏକ୍କା, ପୁଷ୍ପଲତା ପ୍ରଧାନ, କୁମୁଦିନୀ ଏକ୍କା, ହିନ୍ଦ ମଜଦୁର ସଭାର ରଶ୍ମିରଞ୍ଜନ ନାଏକଙ୍କ ନେତୃତ୍ୱରେ ପିକେଟିଂ କରିଥିଲେ। ଟାଙ୍ଗରପାଲି ବ୍ଲକରେ ଜିଲା କେନ୍ଦୁପତ୍ର ଶ୍ରମିକସଂଘ ସଭାପତି ସୁନୀଲ ନାଏକ, ନିଖିଳ ଓଡିଶା ଏମ୍‌ଡିଏମ ପାଚିକା, ସହାୟିକା ସଂଘର ବଲ୍ଲଭୀ ନାଏକଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀ ଓ ପାଚିକାମାନେ ପିକେଟିଂ କରି ବନ୍ଦ କରିଥିଲେ । ହେମଗିର ବ୍ଲକରେ ଏଆଇଟିୟୁସିର ରାଜେନ୍ଦ୍ର ନାଏକ, ଜିଲା ପରିଷଦ ସଭ୍ୟା ପୁରବୀ ନାଏକଙ୍କ ନେତୃତ୍ୱରେ ବସୁନ୍ଧରା କୋଇଲା ଖଣି ଓ ଅନ୍ୟାନ୍ୟ ସ୍ଥାନରେ ପିକେଟିଂ କରାଯାଇଥିଲା। ସେହିପରି ଲେଫ୍ରିପଡା ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକରେ ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ପାଚିକା ସହାୟିକା ମାନେ ପିକେଟିଂ କରିଥିଲେ।

**ରାଜଗାଙ୍ଗପୁର/ କୁତ୍ରା, (ଡି.ଏନ.ଏ)**– ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ବିଭିନ୍ନ ସଙ୍ଗଠନ ଦେଶବ୍ୟାପୀ ଦେଇଥିବା ୨ ଦିନିଆ ଧର୍ମଘଟକୁ ସମର୍ଥନ ଜଣାଇ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ଏହାଛଡା ବିଭିନ୍ନ ରାଜନୈତିକ ଦଳ ମଧ୍ୟ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଥିଲେ। ଏହି ଡାକରାକୁ ସମର୍ଥନ ଜଣାଇ ନିଖିଳ ଓଡିଶା ଏମଡିଏମ ପାଚିକା ସହାୟୀକା ସଂଘ, କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ ନିଖିଳ ଓଡିଶା ଆଶାକର୍ମୀ ସଂଘ ମଙ୍ଗଳବାର କୁତ୍ରାଠାରେ ରାଜ୍ୟ ରାଜପଥ ୧୦କୁ ଅବରୋଧ କରିଦେବା ସାଙ୍ଗକୁ ପିକେଟିଂ କରି କୁତ୍ରା ବଜାରର ଦୋକାନ ଗୁଡିକୁ ବନ୍ଦ କରି ଦେଇଥିଲେ । ଫଳରେ ରାସ୍ତାରେ ବହୁ ସଂଖ୍ୟାରେ ଗାଡି ମୋଟର ଅଟକ ରହିଥିଲା । ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରିଥିବା ବେଳେ ବୁଧବାର ମଧ୍ୟ ବନ୍ଦକୁ ସମର୍ଥନ କରିବେ ବୋଲି ଜଣାଯାଇଛି । ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା।

**ଲହୁଣୀପଡା, (ଡି.ଏନ.ଏ)**– ଦେଶବ୍ୟାପି ୨ ଦିନିଆ ଧର୍ମଘଟ ବଣେଇ ଅଞ୍ଚଳରେ ବସ୍ତୁତ୍ୱ ବନ୍ଦରେ ପରିଣତ ହୋଇଥିଲା । ଆଜିର ସ୍ୱତଃପ୍ରତଃ ବନ୍ଦ, କେନ୍ଦ୍ର ସରକାରଙ୍କ ଗଣଧାରଣ, ଜନବିରୋଧ ନୀତି ବିରୁଦ୍ଧରେ ଭାଜପା ତଥା ମୋଦିଙ୍କ ପୁଞ୍ଜିପତି ପୋଷଣ ନୀତି ବିରୁଦ୍ଧରେ ଜନମତର ପରିପ୍ରକାଶ। ୧୨ ଦଫା ଦାବି ସହ ବଣେଇର ୬ଟି ରେଳୱେ ଲୋଡିଂ ସାଇଡିଂକୁ ପର୍ଯ୍ୟାପ୍ତ ପରିମାଣରେ ର୍ୟାକ୍ ସହ ସର୍ବନିମ୍ନ ମଜୁରୀ, ପ୍ରତିବ୍ଲକରେ ଶୀତଳ ଭଣ୍ଡାର ଆଦି ଦାବିରେ ବଣେଇ ନିର୍ବାଚନ ମଣ୍ଡଳୀରେ ବନ୍ଦ ସର୍ବତୋ ଭାବେ ସଫଳ ହୋଇଛି। ରାଜାମୁଣ୍ଡାଠାରେ ଜାତୀୟ ରାଜପଥ ୧୪୩ ଏବଂ ୨୧୫ ଉପରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପାର୍ଟି ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ସିଟୁ ରାଜ୍ୟ ଉପସଭାପତି ବନମାଳୀ ଧୂପାଳଙ୍କ ନେତୃତ୍ୱରେ ସକାଳ ୬ଟାରୁ ବନ୍ଦ ସଫଳତାର ସହ ଚାଲିଛି । ଦୋକାନ ବଜାର, ସ୍କୁଲ, କଲେଜ, ଲୋଡିଂ ସାଇଡିଂ, ସ୍ପଞ୍ଜ କାରଖାନା, କୋର୍ଟ କଚେରୀ, ବ୍ୟାଙ୍କ, ବୀମା ଆଦି ସରକାରୀ ଦପ୍ତର ବନ୍ଦ ରହିଛି । ବଣେଇ ନିର୍ବାଚନ ମଣ୍ଡଳୀର ୧୫ଟି ସ୍ଥାନରେ ସିପିଆଇଏମ ଏବଂ ସିଆଇଟିୟୁ କର୍ମୀମାନେ ରାସ୍ତା ଅବରୋଧ କରିବା ସହ ବନ୍ଦକୁ ସଫଳ କରିଥିଲେ । ରାଜାମୁଣ୍ଡା ଓ କଲେଇପୋଷରେ ଲାଲବାହାଦୁର ମାହାନ୍ତ, ଶରତ ମାହାନ୍ତ, ଗଗନ ରାଉତ, ଡିଳେଶ୍ୱର ବେହେରା, ଉମାଚରଣ ମାହାନ୍ତ, ନିରଞ୍ଜନ ଦାସ, ପ୍ରଦୀପ ବେହେରା, କମଳିନୀ ମାହାନ୍ତ, ଶିବଶଙ୍କର ପଟେଲ, ଲାଲଚାନ୍ଦ କିସାନ, ବାବୁରାମ ମାହାନ୍ତ, ଡିଳେଶ୍ୱର କିସାନ, ଖୁଣ୍ଟଗାଁରେ ସମିର ନାଏକ, ମନୋଜ ବେହେରା, ମନରଞ୍ଜନ ପ୍ରଧାନ, ଭରତ ମାଝୀ, କେଶବ ପାତ୍ର, ଧରଣୀ ମହାକୁଡ, ଟଙ୍କଧର ମାତ୍ର, ଯଦୁମଣିପାତ୍ର, ଡଲି ସାହୁ, ଜୟକୃଷ୍ଣ ଦଲେଇ ପ୍ରମୁଖ ସାମିଲ ଥିଲେ ।

## ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଫେରାର

### ଥାନାରେ ପୀଡ଼ିତାଙ୍କ ଅଭିଯୋଗ

**ଲହୁଣୀପଡା, ୮।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଖୁଣ୍ଟଗାଁ ପଞ୍ଚାୟତ ଧୁଡି ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରେମ କରିବା ଓ ପରେ ଶାରିରୀକ ସମ୍ପର୍କ ରଖି ଗର୍ଭବତୀ କରାଇବା ଅଭିଯୋଗ ହୋଇଛି। ଗର୍ଭବତୀ ନାବାଳିକା ବିବାହ ପାଇଁ ଜିଦ ଧରିବାରୁ ଯୁବକ ବିବାହ ପାଇଁ ମନା କରିବାରୁ ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଛି। ଯୁବକ ଫେରାର୍ ହୋଇଯାଇଛନ୍ତି। ଧୁଡି ଗ୍ରାମର ଜଣେ ଯୁବକ (୨୧) ସେହି ଗ୍ରାମର ଉକ୍ତ ନାବାଳିକାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। ଯୁବକ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। କୌଣସି ଉପାୟ ନ ପାଇ ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନାବାଳିକାଙ୍କୁ ଡାକ୍ତରୀମାଇନା କରିଛି।

### ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହ

## ରାଜ୍ୟପାଳଙ୍କ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି

**କୁଆଁରମୁଣ୍ଡା, ୮।୧(ଡି.ଏନ.ଏ)**

କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସମାରୋହ ସ୍ଥାନୀୟ ଅଞ୍ଚଳବାସୀ, ପୂର୍ବ ଛାତ୍ରୀ/ଛାତ୍ର, ଅଭିଭାବିକା/ଅଭିଭାବକଙ୍କ ସହ ପରିଚାଳନା ସମିତି ସଦସ୍ୟ ଓ ଗୁରୁମା, ଗୁରୁଜୀଙ୍କ ମଧ୍ୟରେ ବେଶ୍ ତତ୍ପରତା ଓ ଆନନ୍ଦ ଭରି ଦେଇଛି। ବିଶେଷକରି ଏହି କାର୍ଯ୍ୟକ୍ରମର ଶେଷ ଦିନରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗ ଦେବା ପାଇଁ ସମ୍ମତି ପ୍ରଦାନ କରିଥିବାରୁ ସମଗ୍ର କୁଆଁରମୁଣ୍ଡା ଓ ଏହାର ନିକଟବର୍ତ୍ତୀ ରାଉରକେଲା ଅଞ୍ଚଳରେ ବେଶ ଉତ୍ସାହ ବୃଦ୍ଧି ପାଇଛି। ଶିଶୁ ବିଦ୍ୟାମନ୍ଦିର ପରିସରରେ ମଞ୍ଚ ସଜ୍ଜା ଠାରୁ ଆରମ୍ଭ କରି ପଡିଆ ଓ ସିଟି ସ୍କୁଲ ରୋଡ଼ରେ ସୁସଜ୍ଜିତ ତୋରଣ ଓ ଆଲୋକମାଳା ଏହି ସମାରୋହର ଶୋଭାକୁ ବେଶ୍ ବୃଦ୍ଧି କରୁଛି। ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି।

## ଶିକ୍ଷକ, ସଙ୍ଗୀତଜ୍ଞଙ୍କ ପରଲୋକ

**ନୂଆଗାଁ, ୮।୧ (ଡି.ଏନ.ଏ)**

ବିଧିର ବିଧାନ ଆଗରେ ସମସ୍ତେ ସ୍ତବ୍ଧ ଓ ନୀରବ। ଏହି ନୀରବତା ଭିତରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା ସତରେ କଣ ଚାଲିଗଲେ ନିତାଇ ଦାସ। ଆଉ ଶୁଭିବନି ତବ୍‌ଲାର ଧ୍ୱନ୍, ଶୁଣିବାକୁ ମିଳିବନି ସଙ୍ଗୀତର ସୁମଧୁର ସ୍ୱର, ଏଭଳି କିଛି ଅଭୁଲାସ୍ମୃତିକୁ ମନେପକାଇ ନୂଆଗାଁ ପୁରୁଣାପାଣି ତଥା ହାତୀବାରୀ ଅଞ୍ଚଳର ଶତାଧିକ ଲୋକ ଚିରବିଦାୟ ଦେଲେ ନିତାଇଚରଣ ଦାସଙ୍କୁ । ସେ କେବଳ ଜଣେ ସଙ୍ଗୀତଜ୍ଞ ନ ଥିଲେ, ସେଥିଲେ ଜଣେ ଅବସରପ୍ରାପ୍ତ ଶିକ୍ଷକ, ସମାଜସେବୀ । ତାଙ୍କ ସ୍ୱରରେ ଥିଲା ମଧୁରତା, ଲେଖନୀରେ ଥିଲା ଆତ୍ମବିଶ୍ୱାସ ଏବଂ ଲୋକଙ୍କ ପାଇଁ ସବୁବେଳେ ଠିଆ ହେଉଥିଲେ ସେ । କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ମୁଳବାସୀନ୍ଦା ନିତାଇଚରଣ ଦାସ ୧୯୭୨ ମସିହାରେ ନୂଆଗାଁ ବ୍ଲକ ସ୍ଥିତ ପୁରୁଣାପାଣୀ ଅଞ୍ଚଳକୁ ଆସିଥିଲେ। ସେଠାରେ ଥିବା ଇସ୍ପାତ ହାଇସ୍କୁଲରେ ସେ ଶିକ୍ଷକତା ଆରମ୍ଭ କରିଥିଲେ । ଏପରିକି ପୁରୁଣାପାଣୀଠାରେ ଏକ ମ୍ୟୁଜିକ ତାଲିମ କେନ୍ଦ୍ର ଖୋଲି ବହୁ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ ଶିକ୍ଷା ଦେଇଥିଲେ। ନୂଆଗାଁ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାଂସ୍କୃତିକ, ପାରିପାରିକ, ସାମାଜିକ କାର୍ଯ୍ୟରେ ସେ ପରିବାରର ସଦସ୍ୟ ଭଳି ସାମିଲ ହେଉଥିଲେ। ଏହି ବ୍ୟକ୍ତି ଜଣଙ୍କ ସୋମବାର ରାତି ପ୍ରାୟ ସାଢ଼େ ୨ଟାରେ ରାଉରକେଲାସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କ ଏକମାତ୍ର ପୁଅ ପାଞ୍ଚସାରଥି ଦାସ, ୨ ଝିଅ ଓ ସହଧର୍ମିଣୀ ଉପସ୍ଥିତ ଥିଲେ।

## ବଡ଼ଗାଁରେ ଭାରତ ବନ୍ଦର ପ୍ରଭାବ

**ବଡ଼ଗାଁ, ୮।୧ (ଡି.ଏନ.ଏ)**

ବଡଗାଁରେ ଭାରତବନ୍ଦର ପ୍ରଭାବ ଦେଖାଯାଇଛି । ମିଳିତ ଟ୍ରେଡ୍ ୟୁନିୟନର ବନ୍ଦ ଡାକରାକୁ ସମର୍ଥନ ଜଣାଇ ବିଭିନ୍ନ ସଙ୍ଗଠନ ସାମିଲ ହୋଇଥିଲେ। ଗାଁ ସାଥି ସଂଘର ଜିଲା ସଭାପତି ଧନପତି ନାଏକ, ଆଶାକର୍ମୀ ସଂଘର ଜିଲା କର୍ମକର୍ତ୍ତା ମାଦିଲତା କୁଲୁ, ବ୍ଲକ ସଭାନେତ୍ରୀ ବିଦ୍ୟୁତପ୍ରଭା ବେହେରା, ନିର୍ମାଣ ଶ୍ରମିକ ସଂଘର ବ୍ଲକ ସଭାପତି ଦେଓକରଣ ବାଗ, ସର୍ବଭାରତୀୟ ପ୍ରାଥମିକ ଶିକ୍ଷକ ସଙ୍ଗଠନର ଯୁଗ୍ମ ସମ୍ପାଦକ ଧନଞ୍ଜୟ ନାଏକ, ପାଚିକା ସଂଘର ଉପଦେଷ୍ଟା ରେବତୀ ବନଛୁର, ସଭାନେତ୍ରୀ ବଉଳ ରାଉତଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ବଡଗାଁ ବସଷ୍ଟାଣ୍ଡ, ତୁଡାଲଗା ଓ ଜରଙ୍ଗଲୋଇ ବସଷ୍ଟାଣ୍ଡରେ ରାସ୍ତା ଅବରୋଧ କରିଥିଲେ ।



ବଡଗାଁ ବସଷ୍ଟାଣ୍ଡଠାରେ ଆଶାକର୍ମୀ, ପାଚିକା ସଂଘ ପକ୍ଷରୁ ରାସ୍ତା ଅବରୋଧ ।

## ସଡକ ଦୁର୍ଘଟଣାରେ ଯୁବକ ମୃତ

**ରାଜଗାଙ୍ଗପୁର, ୮।୧ (ଡି.ଏନ.ଏ)**

ରାଜଗାଙ୍ଗପୁର ଥାନା ଅଧିନ ବିଜାଖମନ ଗ୍ରାମରେ ଏକ ସଡକ ଦୁର୍ଘଟଣାରେ ସୁମିତ କୁଜୁର (୨୧) ନାମକ ଜଣେ ଯୁବକ ମୃତ୍ୟୁ ହୋଇଯାଇଥିବା ରାଜଗାଙ୍ଗପୁର ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି । ଘଟଣାରୁ ଜଣାଯାଏ ରାଜଗାଙ୍ଗପୁର ଥାନା ଅଧିନ କୁଟୁନିଆ ଗ୍ରାମ ପଞ୍ଚାୟତର ଭିଖାପଡା ଗ୍ରାମର ସୁମିତ କୁଜୁର ଏକ ବାଇକ ନଂ. ଓଆର୍ ୧୬ ବି– ୧୧୪୧ ରେ ମଙ୍ଗଳବାର ଉଦୟ ନାଗ ଓ ପିଣ୍ଟୁ ଲାକରାଙ୍କ ସହିତ ବିଜାଖମନ ଗ୍ରାମକୁ କୌଣସି କାମରେ ଯାଇ ଦିନ ୧୨ଟାରେ ଭିଖାପଡାକୁ ଫେରୁଥିଲେ । କୌଣସି କାରଣ ବସତଃ ସୁମିତ ନିଜ ବାଇକରୁ ନିୟନ୍ତ୍ରଣ ହରାଇବାରୁ କଡରେ ଥିବା ସାଗୁଆନ୍ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ସୁମିତଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ଘଟିବାରେ ସ୍ଥାନୀୟ ଲୋକ ରାଜଗାଙ୍ଗପୁର ପୋଲିସ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକ ସୁମିତଙ୍କ ଶବ ଜବତ କରିବା ସାଙ୍ଗକୁ ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ କରି ଘର ଲୋକଙ୍କୁ ହସ୍ତାନ୍ତରିତ କରିଥିବା ରାଜଗାଙ୍ଗପୁର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି ।

# ଟ୍ରେଡ୍ ୟୁନିୟନ ପକ୍ଷରୁ ବେଦବ୍ୟାସରେ ଧର୍ମଘଟ, ରାଜପଥ ଅବରୋଧ

**ବେଦବ୍ୟାସ, ୮।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଉରକେଲାର ପ୍ରବେଶପଥ କୁହାଯାଉଥିବା ବେଦବ୍ୟାସ ଛକରେ ମଙ୍ଗଳବାର ସକାଳ ୬ଘଟିକା ଠାରୁ ସନ୍ଧ୍ୟା ପ୍ରାୟ ୫ଟା ପର୍ଯ୍ୟନ୍ତ ୧୪୩ନଂ. ଜାତୀୟ ରାଜପଥକୁ ବିଭିନ୍ନ ଟ୍ରେଡ୍ ୟୁନିୟନ ସଙ୍ଗଠନ ପକ୍ଷରୁ ଅବରୋଧ କରାଯାଇଥିଲା। ଫଳରେ ଯାନବାହାନ ଯାତାୟତ ସମ୍ପୂର୍ଣ୍ଣ ଭାବେ ବନ୍ଦଥିବାବେଳେ ଦୋକାନ, ବଜାର, ସ୍କୁଲ କଲେଜ, ଡାକଘର, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ଥିଲା। ସାଧାରଣ ଜନତା ଯାତାୟତ କ୍ଷେତ୍ରରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହୋଇଥିଲେ। ବିଶେଷକରି ଆଇଏନଟିୟୁସି ଓ ସିଆଇଟିୟୁ ସଙ୍ଗଠନ ପକ୍ଷରୁ ବିରାଟ ଶୋଭାଯାତ୍ରା ବେଦବ୍ୟାସ ଛକରୁ ବାହାରି କଲୁଙ୍ଗା ଶିଳ୍ପାଞ୍ଚଳ ସ୍ଥିତ ଥିବା ବିଭିନ୍ନ କାରଖାନା, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଆଦି ପରିକ୍ରମାକରି ପିକେଟିଂ କରିଥିଲେ। ବେଦବ୍ୟାସ ଛକ ସ୍ଥିତ ଆଇଏନଟିୟୁସି ସର୍ବ ଭାରତୀୟ ପରିଷଦର ସଦସ୍ୟ ତଥା ଲାଠିକଟା ବ୍ଲକର ପୂର୍ବତନ ଅଧକ୍ଷ ଅନୀଲ ମିଞ୍ଜଙ୍କ ନେତୃତ୍ୱରେ ଗାଡିମୋଟର ଦୋକାନ ବଜାର ଆଦି ବନ୍ଦ କରାଯାଇଥିଲା । ଏହି ବନ୍ଦ କାର୍ଯ୍ୟକ୍ରମରେ କଂଗ୍ରେସ ଲାଠିକଟା ବ୍ଲକ ସଭାପତି ଚାମ୍ପୁରୁ ତିର୍କୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଯୋସେଫ ଖେସ, ତୁନୀ ଲାକ୍ରା, ଜୋନାଲ ସଭାପତି ମହମ୍ମଦ ରିଙ୍କୁ, ସୁନ୍ଦରଗଡ ମହିଳା କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଙ୍କା, ନରୁତରି କିଷାନ, ମହମ୍ମଦ ଫାରୁକ, ଅରଫତ ଅହମ୍ମଦ, ଫିରୋଜ ଖାନ, ଇଲିସି ମିଞ୍ଜ ଓ ସୁନ୍ଦରଗଡ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଯୁବନେତା ଛବିଲ ପୂଜାରୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କର ବିରୋଧରେ ଗର୍ଜିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ସେହିପରି ବେଦବ୍ୟାସ ଏସିଆଟିକ କାରଖାନା ସମ୍ମୁଖରେ ସିଆଇଟିୟୁ ସଙ୍ଗଠନର ବିଶିଷ୍ଟ ଶ୍ରମିକ ନେତା ଜାହାଙ୍ଗିର ଅଲ୍ଲି, ଯଯାତି କେଶରୀ ସାହୁ, ତେଜମୁନ ମେହେର ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଜାତୀୟ ରାଜପଥ ୧୪୩କୁ ଅବରୋଧ କରିଥିଲେ। କେନ୍ଦ୍ର ସରକାରଙ୍କର ଶ୍ରମିକ ମାରଣନୀତି ଆଦି ୧୨ ଦଫା ଦାବି ଉପରେ ଆଲୋକପାତ କରିଥିଲେ। ବୁଧବାର ମଧ୍ୟ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଯାନବାହାନ, ଦୋକାନ ବଜାର ବନ୍ଦ ରହିବ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା ।



ବେଦବ୍ୟାସ ଛକରେ ଟ୍ରେଡ୍ ୟୁନିୟନ ପକ୍ଷରୁ ରାଜପଥ ଅବରୋଧ କରାଯାଉଛି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ପ୍ରସ୍ତାବିତ ଅବକାରୀ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**କିର୍ମିରା,୮।୧(ଡି.ଏନ.ଏ.)**- ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ଅବକାରୀ କାର୍ଯ୍ୟାଳୟ ସ୍ଥାପନା ହେବାକୁ ଥିବା ବେଳେ ସ୍ଥାନ ନିରୁପଣକୁ ନେଇ ବିବାଦ ଦେଖାଦେଇଛି । କିର୍ମିରାରେ ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ବିଭାଗୀୟ ଅଫିସ ରହିଛି। ଏଠାକୁ ସମସ୍ତ ପଞ୍ଚାୟତର ଲୋକେ ଆସି ଗୋଟିଏ ସ୍ଥାନରେ ତାଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରୁଛନ୍ତି। ହେଲେ ଅବକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ଚକ୍ରାନ୍ତ ଚାଲିଥିବା ଜଣାପଡିବା ପରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଛନ୍ତି। ଏପର କି ହେବାକୁ ଥିବା ଆଦର୍ଶ ବିଦ୍ୟାଳୟକୁ ମଧ ଅନ୍ୟତ୍ର ସ୍ଥାନାନ୍ତର ଚକ୍ରାନ୍ତ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, କିର୍ମିରା ତହସିଲ ପକ୍ଷରୁ ନୂତନ ଅବକାରୀ କାର୍ଯ୍ୟାଳୟ ପାଇଁ ଝାରମୁଣ୍ଡାରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଖବର ଜାଣିବା ପରେ କିର୍ମିରା ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା । ଗ୍ରାମବାସୀ ସଭା କରି ଏହାକୁ ବିରୋଧ କରିବା ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ବଦଳିବ ଝାରସୁଗୁଡା ଷ୍ଟେଶନର ରୂପରେଖ

# ରେଳପଥ ଜମିରେ ରାସ୍ତା ନିର୍ମାଣକୁ ସବୁଜ ସଙ୍କେତ

**ଝାରସୁଗୁଡ଼ା ଅଫିସ,୮।୧**

ସଂକୀର୍ଣ୍ଣ ତଥା ଅଣଓସାରିଆ ରାସ୍ତା ଝାରସୁଗୁଡ଼ା ସହରର ମୁଖ୍ୟ ସମସ୍ୟା। ଏନେଇ ସହରବାସୀ ସମେତ ରାଜନୈତିକ ବ୍ୟକ୍ତିବିଶେଷ ରେଳପଥ ଜମିରେ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରସ୍ତାବ ଦେଇ ଆସିଛନ୍ତି। ହେଲେ ଏହି ଦାବିପ୍ରତି ରେଳ ବିଭାଗ କେବେ ବି ଆନ୍ତରିକତା ଦେଖାଇ ନ ଥିଲା। ମଙ୍ଗଳବାର ଦକ୍ଷିଣ-ପୂର୍ବ ରେଳପଥ ଜିଏମ୍ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର ଝାରସୁଗୁଡା ଗସ୍ତରେ ଆସିଥିବା ବେଳେ ରେଲୱେ ଜମିରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ରାସ୍ତା ନିର୍ମାଣ ଦିଗରେ ଆନ୍ତରିକତା ଦେଖାଇଛନ୍ତି। ବ୍ୟବହୃତ ହେବାକୁ ଥିବା ଜମି ଦକ୍ଷିଣ-ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନ୍ ଏବଂ ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନ୍ ଅଧୀନରେ ରହିଥିବାରୁ ଉଭୟ ଡିଆର୍ଏମ୍ ମିଳିତ ଅନୁଧ୍ୟାନ କରି ଶୀଘ୍ର ପଦକ୍ଷେପ ନେବାକୁ କହିଥିଲେ।



ଦକ୍ଷିଣ-ପୂର୍ବ ରେଳତଟ ଜିଏମ୍ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର ଝାରସୁଗୁଡାଠାରେ ଏକ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

ଜିଏମ୍ ମିଶ୍ର ମଙ୍ଗଳବାର ବାର୍ଷିକ ବୈଷୟିକ ପରିଦର୍ଶନରେ ଝାରସୁଗୁଡା ଆସି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦେଇଥିଲେ। ଆସନ୍ତା ୫ ବର୍ଷ ଭିତରେ ଝାରସୁଗୁଡା ଷ୍ଟେଶନର ସମ୍ପୂର୍ଣ୍ଣ ରୂପରେଖ ବଦଳିଯିବା ନେଇ ମତ ଦେଇଥିଲେ। ରେଳ ବିଭାଗ ପକ୍ଷରୁ ନୂତନ ଓଭରବ୍ରିଜ ନିର୍ମାଣ, ପୁରାତନ କୋଠାର ପୁନରୁଦ୍ଧାର, ଭିତ୍ତିଭୂମି ନିର୍ମାଣ, ଷ୍ଟେଶନରେ ବୈଷୟିକ ଉପକରଣ ବିନିଯୋଗ କରାଯାଇ ବିକଶିତ କରାଯିବ। ସେହିପରି ଝାରସୁଗୁଡ଼ା ଜିଲା ବର୍ତ୍ତମାନ ୩ଟି ଡିଭିଜନ୍ ଅଧୀନରେ ରହିଥିବାରୁ ଏହାକୁ ଗୋଟିଏ ଡିଭିଜନ ଅଧୀନକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ବହୁ ସମୟରେ ଦାବି ଉଠିଛି। ହେଲେ ଏପରି ପଦକ୍ଷେପକୁ ନେବାକୁ ଜିଏମ୍ ମିଶ୍ର ସିଧାସଳଖ ମନା କରିଥିଲେ। ଏହି ଅବସରରେ ଜିଏମ୍ ମିଶ୍ର ଝାରସୁଗୁଡା ରେଲ ଷ୍ଟେଶନ ଏବଂ କଲୋନୀ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

ଜିଏମ୍ ମିଶ୍ରଙ୍କ ଗସ୍ତ ସମୟରେ ଝାରସୁଗୁଡା ବିଧାୟକ ନବ କିଶୋର ଦାସ ୨୨ ଦଫା ଦାବି ନେଇ ଆଲୋଚନା କରିଥିଲେ। ଖେଳପଡ଼ିଆ, ଓଭରବ୍ରିଜ୍, କଲ୍ୟାଣମଣ୍ଡପ, ଏକ୍ସପ୍ରେସ୍ ଏବଂ ସୁପରଫାଷ୍ଟ ଟ୍ରେନ୍ ରହଣି, ଷ୍ଟେଶନର ସୌନ୍ଦର୍ଯ୍ୟକରଣ, କ୍ୱାର୍ଟରର ପୁନରୁଦ୍ଧାର, ରିଫ୍ରେସ୍‌ମେଣ୍ଟ ଭଳି ବହୁ ଦାବି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ଝାରସୁଗୁଡ଼ା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ହୀରାଲାଲ ଲୋକଚନ୍ଦାନୀ, ରଘୁମଣି ପଟେଲ, ରମେଶ ଗାନ୍ଧୀ, ପିଣ୍ଟୁ ପାଢୀ, ସିଦ୍ଧାର୍ଥ ସରକାର, ତେଜରାଜ ସାହୁ, ବାଲଗୋବିନ୍ଦ ମିଶ୍ର, ସରିତା ଅଗ୍ରୱାଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଗଜପତି ନଗରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ବ୍ରଜରାଜନଗର,୮।୧(ଡି.ଏନ.ଏ.)**

ଓରିଏଣ୍ଟ ଥାନା ଅଧୀନ ଗଜପତି ନଗରର ଜଗନ୍ନାଥ ବେହେରାଙ୍କ ଘରୁ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଚୋରି ହୋଇଛି। ଏନେଇ ମଙ୍ଗଳବାର ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଜଗନ୍ନାଥ ବେହେରାଙ୍କ ପରିବାର ଲୋକେ ରାଉରକେଲା ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ପଛପଟେ ଥିବା ପାଇଖାନା ଆଜବେଷ୍ଟସ ଭାଙ୍ଗି ଘରେ ପଶିଥିଲେ। ପରେ ଦୁର୍ବୃତ୍ତମାନେ ଆଲମାରି ଭାଙ୍ଗି ୧୦ ଭରି ଓଜନର ସୁନା ଅଳଙ୍କାର, ୭୦ ହଜାର ଟଙ୍କା ସହିତ ୨ଟି ଏଲ୍ଇଡି ଟିଭି ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି।

### ବ୍ରଜରାଜନଗରରେ ଭାରତ ବନ୍ଦର ପ୍ରଭାବ

**ବ୍ରଜରାଜନଗର, ୮।୧(ଡି.ଏନ.ଏ.)**

ବ୍ରଜରାଜନଗର ଅଞ୍ଚଳରେ ଭାରତ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, କୋଇଲା ଉତ୍ତୋଳନ, ପରିବହନ ଏବଂ ବ୍ୟାଙ୍କ ବନ୍ଦ ରହିଥିଲା। ହେଲେ ଅନ୍ୟ ସମସ୍ତ କାର୍ଯ୍ୟ ସ୍ୱାଭାବିକ ରହିଥିଲା।

ସର୍ବଭାରତୀୟ ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ

# ଏମ୍‌ସିଏଲ୍ ଲଖନପୁର କୋଇଲା କ୍ଷେତ୍ର ଠପ୍



ଖଣି ଅଞ୍ଚଳରେ ଶ୍ରମିକନେତାମାନେ ପିକେଟିଂ କରି ବନ୍ଦ କରୁଛନ୍ତି।

**ଲଖନପୁର,୮।୧(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରି ସର୍ବଭାରତୀୟ ଟ୍ରେଡ୍‌ୟୁନିୟନ୍ ପକ୍ଷରୁ ଦେଶବ୍ୟାପି ୨ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ଧର୍ମଘଟର ମଙ୍ଗଳବାର ପ୍ରଥମ ଦିନରେ ଝାରସୁଗୁଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରରେ ଏହାର ପ୍ରଭାବ ବିଶେଷ ଭାବେପଡିଛି । କମ୍ପାନୀରେ କାର୍ଯ୍ୟରତ ଟ୍ରେଡ୍‌ୟୁନିୟନ୍ ସହବନ୍ଧିତ ଶ୍ରମିକ ସଙ୍ଗଠନମାନେ ଏକତ୍ରହୋଇ କାର୍ଯ୍ୟବନ୍ଦ ଧର୍ମଘଟ ଚଳାଇଥିବା ବେଳେ କୋଇଲା କ୍ଷେତ୍ରରେ ଉତ୍ପାଦନ, ପରିବହନ, ଖଣିସମ୍ପ୍ରସାରଣ ଆଦି କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍‌ହୋଇଯାଇଛି। ଫଳରେ କମ୍ପାନୀର ମୋଟାମୋଟି ଭାବେ ଦୈନିକ ୭କୋଟି ଟଙ୍କା କ୍ଷତି ହୋଇଥିବା ଜଣାପଡିଛି। ଧର୍ମଘଟ ଫଳରେ ଖାଲି କମ୍ପାନୀର ନୁହେଁ ଦେଶ ଓ ରାଜ୍ୟର ମଧ ବ୍ୟାପକ କ୍ଷତି ହୋଇଛି ବୋଲି ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ଗୁପ୍ତା କହିଛନ୍ତି। ଆନ୍ଦୋଳନରେ ଏମ୍‌ସିଏଲ୍‌ରେକାର୍ଯ୍ୟରତଟ୍ରେଡ୍‌ୟୁନିୟନ୍ ସହବନ୍ଧିତ ୪ଶ୍ରମିକ ସଙ୍ଗଠନ ରହିଥିବା ବେଳେ ୩ଶ୍ରମିକ ସଙ୍ଗଠନ ଏଥିରେ ସାମିଲ ହୋଇଛି। ଏଥିରେ ଆଏନ୍‌ଟିୟୁସି ସହବନ୍ଧିତ ଓଡ଼ିଶା କୋଲିଆରୀ ମଜଦୁର୍ ସଂଘ(ଓସିଏମ୍‌ଏସ୍), ଏଚ୍‌ଏମ୍‌ଏସ୍ ସହବନ୍ଧିତ ମହାନଦୀକୋଲ୍ ମଜଦୁର୍ ସଂଘ(ଏମ୍‌ସିଏମ୍‌ଏସ୍), ଏଆଇଟିୟୁସି ସହବନ୍ଧିତ ବ୍ରଜରାଜନଗର କୋଲ୍‌ମାଇନ୍ସ ଓାର୍କରସ୍ ୟୁନିୟନ୍(ବିସିଏମ୍‌ଡବ୍ଲ୍ୟୁ) ରହିଛି। ଏଥିରେ ଭାରତୀୟ ମଜଦୁର୍ ସଂଘ(ବିଏମ୍‌ଏସ୍) ସାମିଲ ହୋଇନାହିଁ । ସାମିଲି ହୋଇଥିବା ୩ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ମଙ୍ଗଳବାର ପୂର୍ବାହ୍ନରେ ବନ୍ଧବାହାଲରେ ଏକତ୍ରିତ ହୋଇ ଦଳୀୟ ପତାକା, ବ୍ୟାନର, ପୋଷ୍ଟର ଆଦି ଧରି କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ଲଖନପୁରକ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ବେଲପାହାଡ଼ ଖୋଲାମୁହଁ, ଲଖନପୁର ଖୋଲାମୁହଁ କୋଇଲାଖଣି ପ୍ରକଳ୍ପ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଏପରି କି ଖଣି ଅଞ୍ଚଳକୁ ଯାଇ ଉବୁଡା ଏମ୍‌ଜିଆର୍ ସାଇଡିଂ, ୟୁଟିଏଲ୍‌ଏସ୍ ସାଇଡିଂ, ଟ୍ରକ୍ ଲୋଡିଂପଏଣ୍ଟ, ଓବି ସାଇଡିଂ ଆଦି ବନ୍ଦ କରିଥିଲେ। ଫଳରେ ଟ୍ରେନ୍ ଓ ଟ୍ରକ୍ ରୋଡ୍‌ସେଲ୍ କୋଇଲା ପରିବହନ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଏହାର ପ୍ରଭାବ ଓପିଜିସି ଉପରେ ପଡିଛି । ଏଥିମଧ୍ୟରେ ଏମ୍‌ସିଏଲ୍‌ରୁ ଓପିଜିସି ପାଓାରପ୍ଲାଣ୍ଟକୁ ଟ୍ରେନ୍ ଯୋଗେ ପରିବହନ ହେଉଥିବା କୋଇଲା ରପ୍ତାନୀ ବନ୍ଦ ହୋଇଯାଇଛି। ଲଖନପୁର କ୍ଷେତ୍ରରୁ ରେଳପଥ ଓ ସଡ଼କପଥରେ ରାଜ୍ୟ ଓ ରାଜ୍ୟ ବାହାରକୁ ରପ୍ତାନୀ ହେଉଥିବା କୋଇଲା ମଧ ବନ୍ଦ ହୋଇଯାଇଛି। ଏପରି କି ଦୈନିକ ଉତ୍ପାଦନ ହେଉଥିବା ଲଖନପୁର ଖୋଲାମୁହଁ ଖଣିରୁ ୮୦ହଜାର ଟନ୍ ଓ ବେଲପାହାଡ଼ ଖୋଲାମୁହଁ ଖଣିରୁ ୨୫ହଜାର ଟନ୍ କୋଇଲା ବନ୍ଦ ରହିଛି। ଏହି ଧର୍ମଘଟ ଦ୍ୱିତୀୟ ଦିବସରେ କମ୍ପାନୀର କ୍ଷତି ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ୍ ପକ୍ଷରୁ ଖଣି ଅଞ୍ଚଳରେ ବ୍ୟପକ ବ୍ୟବସ୍ଥା କରାଯାଇଛି। ଧର୍ମଘଟର ପ୍ରଥମ ଦିନରେ କୌଣସି ସ୍ଥାନରେ ଅଘଟଣ ହୋଇ ନ ଥିବା ଜଣାପଡିଛି। ଏଥିରେ ଓସିଏମ୍‌ଏସ୍ ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମିକନେତା ରବୀନ୍ଦ୍ର ପ୍ରସାଦ, ଗୋପାଳ ଦୂବେ, ଲକ୍ଷ୍ମଣ ଭଞ୍ଜ, ବସନ୍ତ ପାଣିଗ୍ରାହୀ, ପ୍ରମୋଦ ବେହେରା, ଦୟାସାଗର ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଟଙ୍କଧର ପ୍ରଧାନ, ଅମିତ ସିଂହ ପ୍ରମୁଖ ରହିଛନ୍ତି। ସେହିପରି ଏଚ୍‌ଏମ୍‌ଏସ୍ ଶ୍ରମିକ ସଙ୍ଗଠନର ଦେବରାଜ ପ୍ରଧାନ, ସାଗର ପ୍ରଧାନ, ରିଙ୍କୁ ଦୂବେ, ଲଳିତ ମୋହନ କିଷାନ, କେ.ପି. ଜେନା, ଶେଷଦେବ ସାହୁ, ସୁରଜ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ବିସିଏମ୍‌ଡବ୍ଲ୍ୟୁ ଶ୍ରମିକ ସଙ୍ଗଠନର ବାଳକୃଷ୍ଣ ମିଶ୍ର, ଗଣେଶ ସିଂହ, ଏସ୍‌ଏଲ୍ ଟାର୍ଜନ, ଦିଲୀପ ଦାନୀ, ଶଙ୍କର ଗିରି, ସୁରେନ୍ଦ୍ର ପାଣିଗ୍ରାହୀ, ରାମକୃଷ୍ଣ ତିୱାରୀ, ଅଶୋକ ପ୍ରସାଦ, ରମେଶ କର, ଏସ୍.କେ. ଦେ, ଅଶୋକ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଫଟୋରେ ଖବର




ସମ୍ବଲପୁରୀ ଆଲବମ୍ ଅଭିନେତ୍ରୀ ତଥା ସେଲଫି ବେବୋର ନାୟିକା ସିମ୍ରନ୍ ମୌର୍ଯ୍ୟାଙ୍କୁ ସହ କଳାକାରମାନେ ମଙ୍ଗଳବାର ଝାରସୁଗୁଡା ଟାଉନ୍‌ହଲରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ଅଚେତ ଅବସ୍ଥାରେ ବୃଦ୍ଧ ଉଦ୍ଧାର

**ସରଣ୍ଡା, ୮।୧ (ଡି.ଏନ.ଏ)**

ଅତାବିରା ଅଞ୍ଚଳର ଦେବାହାଲ ରାସ୍ତା କଡରେ ଜଣେ ଅଚିହ୍ନା ବୃଦ୍ଧଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଛି । ଅତାବିରାର ପୂର୍ବତନ ଅଧକ୍ଷା ସୁନୀତା ବାଗ ଉକ୍ତ ବୃଦ୍ଧଙ୍କୁ ଉଦ୍ଧାର କରି ପ୍ରଥମେ ଅତାବିରା ଡାକ୍ତରଖାନା ଓ ପରେ ବରଗଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ବୃଦ୍ଧଙ୍କ ନାମ ଶୋତିଲାଲ ଗୁପ୍ତା ଓ ସେ ସରଣ୍ଡା ଶିବ ମନ୍ଦିର ପାଖରେ ରହୁଥିଲେ ବୋଲି ଜଣାପଡିଥିଲା । ତାଙ୍କର କେହି ସମ୍ପର୍କୀୟ ନ ଥିବା ଜଣାପଡିଛି ।

# ସର୍ବଭାରତୀୟ ବନ୍ଦ: ଝାରସୁଗୁଡ଼ାରେ ମିଶ୍ର ପ୍ରଭାବ



ବୀମା ଅଫିସ ସମ୍ମୁଖରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଝାରସୁଗୁଡା ଅଫିସ,୮।୧**

୧୦ଟି ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଦିଆଯାଇଥିବା ଦୁଇ ଦିନିଆ ଭାରତ ବନ୍ଦ ଡାକରାର ପ୍ରଭାବ ଝାରସୁଗୁଡା ଜିଲାରେ ଆଂଶିକ ପରିଲକ୍ଷିତ ହୋଇଛି। ମୋଦି ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରି ଏଆଇଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଆଇଏନ୍‌ଟିୟୁସି, ଏଆଇୟୁଟିୟୁ, ୟୁଟିୟୁସି ଭଳି ୧୦ଟି ଶ୍ରମିକ ସଙ୍ଗଠନ ବନ୍ଦ ଡାକରା ଦେଇଥିଲେ। ସଦସ୍ୟମାନେ ମଙ୍ଗଳବାର ସକାଳୁ ପିକେଟିଂ କରି ଦିନ ତମାମ ଏହା ଜାରି ରଖିଥିଲେ। ସର୍ବଭାରତୀୟ ବନ୍ଦ ପାଇଁ ରାଜ୍ୟ ସରକାର ସ୍କୁଲ କଲେଜକୁ ଦୁଇଦିନିଆ ବନ୍ଦ ଘୋଷଣା କରିଥିବା ବେଳେ ବ୍ୟାଙ୍କ, ବୀମା ଅଫିସ, ବସ୍, ଟ୍ରକ୍, କୋଇଲା ପରିବହନ ବନ୍ଦ ରହିଥିଲା। ଭାରିଯାନ ଚଳାଚଳ ବନ୍ଦ ଯୋଗୁ ରାସ୍ତା କଡରେ ହଜାର ହଜାର ଟ୍ରକ୍ ଧାଡିରେ ଠିଆ ହୋଇଥିଲେ। ଅଟୋ ଏବଂ ଅନ୍ୟାନ୍ୟ ଛୋଟ ଚାରିଚକିଆ ଯାନ ଚଳାଚଳ ସ୍ୱାଭାବିକ ରହିଥିଲା। ଏପରିକି ଦୋକାନବଜାର ଖୋଲା ରହିଥିବା ବେଳେ ଟ୍ରେନ ଚଳାଚଳ ମଧ ସ୍ୱାଭାବିକ ରହିଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି, ଦରବୃଦ୍ଧି, ଶ୍ରମ୍ ଆଇନ୍‌ରେ ସଂଶୋଧର ଭଳି ଦାବିରେ ଏହି ସର୍ବଭାରତୀୟ ବନ୍ଦ ଡାକରା ଦିଆଯାଇଥିଲା। ବୀମା କର୍ମଚାରୀ ସଂଘର ରତ୍ନାକର ପ୍ରଧାନ, ଶଶିଭୂଷଣ ସା, ଗୋପୀନାଥ ମିଶ୍ର, ଦେଓରାମ ଓରାମ, ଢୋଲମଣି ଭଇଁଷା, ତୁଲାରାମ ବେହେରା, କୃଷ୍ଣ ଓରାମ, ଆଶିଷ ଶୁକ୍ଳା, ଅରୁଣ ଚଇନି ପ୍ରମୁଖ ବୀମା ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସୁନ୍ଦରଗଡ଼ ଚାମ୍ପିୟନ

**ଲଖନପୁର,୮।୧(ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ସ୍ଥାନୀୟ ତ୍ରିରଙ୍ଗା କ୍ଲବ ଓ ଟ୍ୟାକ୍ସିଷ୍ଟାଣ୍ଡର ମିଳିତ ଅନୁକୂଲ୍ୟରେ ଚାଲିଥିବା କେଶବ ଭଇଁସାଲ ସ୍ମାରକୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ସୁନ୍ଦରଗଡ଼ ଜେଆର୍‌କେ ଦଳ ଏବଂ ସମ୍ବଲପୁର ରେଙ୍ଗାଲି ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କୌଣସି ଗୋଲ୍ ଦେଇପାରି ନ ଥିଲେ । ଫଳରେ ମ୍ୟାଚ୍ ପରିଚାଳନା କରୁଥିବା ରେଫରିଙ୍କ ନିଷ୍ପତ୍ତି କ୍ରମେ ପେନାଲ୍‌ଟିକ୍ ସୁଟ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ରେଫରି ଭାବେ ମହେନ୍ଦ୍ର ବଗର୍ତ୍ତି, କାର୍ତ୍ତିକେଶ୍ୱର ଦାସ, ରମଣୀ ରଞ୍ଜନ ମାଝି, ବିଦ୍ୟାଧର ବାଦି, କିଷାନ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କିଶୋର ଖରସେଲ୍ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଦସ୍ୟ ସାମଲ ନାୟକ, ଲଖନପୁର ବ୍ଲକ ୩ ନମ୍ବର ଜୋନ୍ ପରିଷଦ ସଭାପତି ସୁବ୍ରତ ପ୍ରଧାନ, ପ୍ରଦୀପ ସେନାପତି, ପ୍ରଫୁଲ ରାୟ, ଶାନ୍ତନୁ ସିଂହ, ଉମାକାନ୍ତ ପଣ୍ଡା, ସଞ୍ଜୟ ସିଂହ, ବନବାସୀ ଗୌଡ, ଦାମୋଦର ବଡ଼େଇ, ପ୍ରଦୀପ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଭୀଷ୍ମଦେବ ପାତ୍ର, ରଣଜିତ୍ କିଷାନ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ଯୁବଖେଳାଳି ସ୍ୱର୍ଗତ କେଶବ ଭଇଁସାଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ତୁତିଚାରଣ କରିଥିଲେ। ପରେ ବିଜେତା ସୁନ୍ଦରଗଡ଼ ଜେଆର୍‌କେ ଦଳକୁ ଚାମ୍ପିୟନ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଉପବିଜେତା ରେଙ୍ଗାଲି ଦଳକୁ ରନର୍ସ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ଗୋଲ୍‌କିପର ଭାବେ ହିତେଶ ବଗର୍ତ୍ତି, ବେଷ୍ଟପ୍ଲେୟାର ଋଷି ଓରାମ, ବେଷ୍ଟଡିଫେନ୍ସ ଚିନ୍ତା ଭୋଇ, ବେଷ୍ଟଡିସିପ୍ଲିନ୍ ବନ୍ଧବାହାଲ ଏକାଦଶ ଦଳକୁ ମନୋନିତ କରାଯାଇଥିଲା। କୃତି ଖେଳାଳିମାନଙ୍କୁ ଆୟୋଜକଙ୍କ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଆୟୋଜକ ତ୍ରିରଙ୍ଗା କ୍ଲବର କେତେଜଣ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆୟୋଜକ କମିଟି ସଭାପତି କିଶୋର ସିଂହ, ଗଣେଶ କର୍ତ୍ତା, କେଶବ ଠାକୁର, ପ୍ରଦୀପ କରାଳୀ, ଡମ୍ବରୁଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।